
କୁବେର ଜ୍ୟୋତି
ସ୍ମରଣୀକା
୨୦୨୨

# ADMISSION OPEN

## 5 Years Integrated Law



# B.A.LL.B

(Recognised by Deptt. of Higher Education, Govt. of Odisha. Afffilated by Sambalpur University)

**Eligibility:** Minimum 45% marks for General & 40% marks for SC/ST students in +2 Arts / Commerce / Science

**Contact:** 9078614700 / 7750915123 / 7325929492
E-mail: milsnuapada@gmail.com

# MAHAMAYA

## Institute of Legal Science, Nuapada

# କୁବେର ଜ୍ୟୋତି



ସ୍ମରଣିକା ୨୦୧୭

## ସାମାଜିକ, ସାଂସ୍କୃତିକ ସାହିତିକ ମୁଖପତ୍ର

(ପ୍ରଥମ ସଂଖ୍ୟା)

## କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼


ମୁଖ୍ୟ କାର୍ଯ୍ୟାଳୟ: କୁବେର ଭବନ, ମହୁଲପାଲି, ପଦ୍ମପୁର, ବରଗଡ଼

ମୋ: ୯୪୩୮୫୩୦୫୮୦

ଇମେଲ୍: kubersamaj@gmail.com / www.kubersamaj.in

# ସମ୍ପାଦନା ମଣ୍ଡଳୀ

| | | |
|---|---|---|
| **ମୁଖ୍ୟ ସମ୍ପାଦକ** | : ଚୁଡ଼ାମଣୀ ସାହୁ, ମହୁଲପାଲି, ପଦ୍ମପୁର, ବରଗଡ଼ | ୯୫୫୬୯୬୦୫୪୭ |
| **ସମ୍ପାଦନା ମଣ୍ଡଳୀ** | : ଡକ୍ଟର ନୃସିଂହ ଚରଣ ସାହୁ, କାଏମା, ଯାଜପୁର | ୯୪୩୭୮୦୮୮୨୪ |
| | ରମେଶ କୁମାର ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୮୫୩୦୫୮୦ |
| **ବିଜ୍ଞାପନ ସଂଗ୍ରହ କମିଟୀ** | : ଲକ୍ଷ୍ମଣ କୁମାର ସାହୁ, ପାଇକମାଲ, ବରଗଡ଼ | ୯୯୩୮୫୪୯୫୬୯ |
| | ସୁଶୀଳ କୁମାର ସାହୁ, ସୁନାମୁଦି, ବଲାଙ୍ଗୀର | ୯୪୩୮୨୧୯୯୨୫ |
| | ସୁରେଶ କୁମାର ସାହୁ, ପାଇକମାଳ, ବରଗଡ଼ | ୯୭୭୬୫୨୮୨୩୩ |
| | ବାସୁଦେବ ସାହୁ, ଧୁମାଭଟା, ବଲାଙ୍ଗୀର | ୯୯୩୭୬୮୨୫୨୬ |
| | ସୋମନାଥ ସାହୁ, ଟିଟିଲାଗଡ଼, ବଲାଙ୍ଗୀର | ୯୮୫୩୭୮୨୯୫୯ |
| | ବିନୋଦ କୁମାର ସାହୁ, ସୋହେଲା, ବରଗଡ଼ | ୯୮୬୧୨୭୩୬୧୧ |
| | ଡ. ଲଳିତ କୁମାର ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୭୩୬୮୦୬୪ |
| | ରମେଶ କୁମାର ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୮୫୩୦୫୮୦ |
| | ଚୁଡ଼ାମଣୀ ସାହୁ, ମହୁଲପାଲି, ପଦ୍ମପୁର, ବରଗଡ଼ | ୯୫୫୬୯୬୦୫୪୭ |
| **ସହାୟତା କମିଟୀ** | : ଡ. ଲଳିତ କୁମାର ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୭୩୬୮୦୬୪ |
| | ନିତ୍ୟାନନ୍ଦ ସାହୁ, ପାଟଣାଗଡ଼, ବଲାଙ୍ଗୀର | ୮୬୫୮୦୬୬୨୫୫ |
| | ପ୍ରହଲ୍ଲାଦ ସାହୁ, ସୁନାମୁଦି, ବଲାଙ୍ଗୀର | ୯୪୩୮୨୮୨୦୬୦ |
| | ତାରାଚନ୍ଦ ସାହୁ, ମହୁଲପାଲି, ବରଗଡ଼ | ୯୪୩୭୪୯୩୭୯୨ |
| | ପ୍ରଦୀପ କୁମାର ସାହୁ, ବଲାଙ୍ଗୀର | ୯୪୩୭୧୫୦୯୬୯ |
| **ଉପଦେଷ୍ଟା ମଣ୍ଡଳୀ** | : ରାମହରି ସାହୁ, ଟିଟିଲାଗଡ଼, ବଲାଙ୍ଗୀର | ୯୯୩୮୩୦୮୫୮୯ |
| | ବସନ୍ତ ଖୁଣ୍ଟିଆ, ମାଣ୍ଡୋସିଲ, ବରଗଡ଼ | ୯୯୩୭୦୨୭୦୯୫ |
| **ପ୍ରଚ୍ଛଦପଟ୍ଟ ଅଲଙ୍କରଣ** | : ହରେକୃଷ୍ଣ ସାହୁ, କୁଡ଼ାସିଂହା, ବଲାଙ୍ଗୀର | ୯୪୩୮୨୮୫୦୧୬ |
| **ପ୍ରଚ୍ଛଦପଟ୍ଟ ସହଯୋଗୀ** | : ସଞ୍ଜୟ ମାଝୀ, କୁଡ଼ାସିଂହା, ବଲାଙ୍ଗୀର | ୮୬୫୮୫୬୧୭୪୬ |


**ଚୁଡ଼ାମଣୀ ସାହୁ**


**ଡ. ନୃସିଂହଚରଣ ସାହୁ**


**ରମେଶ କୁମାର ସାହୁ**


**ରାମହରି ସାହୁ**


**ବସନ୍ତ ଖୁଣ୍ଟିଆ**


କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ତରଫରୁ ସଭାପତିଙ୍କ ଦ୍ୱାରା ପ୍ରକାଶିତ ଓ ମୁଦ୍ରିତ

**// ସହଯୋଗ ରାଶି: ଟ.୨୦/- //**

Typesetting & Layout: Mishra Computech / 7008612232
Printed at: Chakadola Press, Rugudipada, Balangir, 9853089111 / 9438605858

जुएल ओराम
**Juel Oram**



मंत्री
जनजातीय कार्य मंत्रालय
भारत सरकार
शास्त्री भवन, नई दिल्ली-110001

Minister of Tribal Affairs
Government of India
Shastri Bhawan, New Delhi
110001

# MESSAGE

I am delighted to know that **'Kuber Samaj Paschimanchal, Odisha & Chhattishgarh (Mahasabha)'** is organising their 15th Mahasabha at Padampur during 24th December, 2017 to 25th December, 2017. On this occasion, the Kuber Samaj is going to publish a Souvenir **KUBER JYOTI - 2017** which will contain the various activities of the organisation during last few years.

I wish the function as well as the publication a grand success.

**(JUEL ORAM)**

**SHRI NARASINGHA MISHRA**
Leader of Opposition
Odisha Legislative Assembly

सत्यमेव जयते

Phone
Assembly : (0674) 2536913
EPABX :
Res : (0674) 2534426
E-mail: leaderofoppositionolaodisha@gmail.com

D.O. No. **2122** / LOP
BHUBANESWAR
Date: **15.12.2017**



# MESSAGE

I am happy to learn that the Kuber Samaj Paschimanchal, Odisha & Chhatishgarh is organising its 15th Mahasabha at Padampur and a souvenir will also be published on this occasion. It will be appropriate to mention here that the members of the community are active in various fields of service as well as social works and in various capacities they contribute towards the welfare of the society. The Mahasabha will undoubtly be a platform for exchange of ideas keeping alive the rich tradition of the community. From the souvenir the new generation will learn a lot on the struggle and achievement of their forefathers in sustaining and improving on their business acumen simultaniously engaging in philanthropic activities.

**(NARSINGH MISHRA)**

**Smt. Tukuni Sahu** MLA
Titilagarh, Dist. Balangir
Odisha Legislative Assembly

Qrs. No. R-6, MLA Colony
Unit-V, Bhubaneswar
Cell. No. 9437037710
9438281261
E-mail: tukunisahu.tig@gmail.com



# ଶୁଭେଚ୍ଛା ବାର୍ତ୍ତା

କୁବେର ସମାଜର ଅତୀବ ଗୌରବ, ସମୃଦ୍ଧ ପରମ୍ପରା ଓ ଐତିହାସିକ ପଟ୍ଟଭୂମି ସର୍ବଜନବିଦିତ । ନୌବାଣିଜ୍ୟ ତଥା ପାରମ୍ପରିକ ବ୍ୟବସାୟ କ୍ଷେତ୍ରରେ କୁବେର ଜାତିର ପଟୁତା ତତ୍‌କାଳୀନନ ଉତ୍କଳ ପ୍ରଦେଶକୁ ବିତ୍ତଶାଳୀ କରିଥିଲା । ଏଥିସହିତ କୁବେର ଜାତିର ମହାନତା ଓ ସର୍ବଜନ ଆତ୍ମୀୟତା ଗୁଣ ଚତୁର୍ଦ୍ଦିଗରେ ପ୍ରତିଭାତ ହେଉଥିଲା ।

ବିବର୍ତ୍ତନଚକ୍ରରେ ଓଡ଼ିଆର ପ୍ରାଚୀନ ସଂସ୍କୃତି, ପରମ୍ପରା ଓ ଚଳଣୀ ଅବଲୁପ୍ତ ହୋଇ ବସ୍ତୁବାଦୀ ସଭ୍ୟତାର ଅଭ୍ୟୁଦୟ ଘଟିଛି । ଏହି ଆଧୁନିକ ସଭ୍ୟତାର ମହାସ୍ରୋତରେ ସାମିଲ ହୋଇ ସୁଦ୍ଧା କୁବେର ସମାଜ ନିଜର ପ୍ରାଚୀନ ଐତିହ୍ୟ, ସଂସ୍କୃତି ତଥା ପରମ୍ପରାକୁ ଭୁଲିନାହିଁ । ଏହି ପରମ୍ପରାକୁ ବଜାୟ ରଖିବା ନିମନ୍ତେ କୁବେର ସମାଜ ଏକ ମହାସଭାର ଆୟୋଜନ କରୁଥିବାର ତଥା 'କୁବେର ଜ୍ୟୋତି' ନାମରେ ଏକ ପତ୍ରିକା ପ୍ରକାଶ କରୁଥିବା ଶୁଣି ଅତ୍ୟନ୍ତ ଖୁସି ଲାଗିଲା ।

କୁବେର ସମାଜର ଏହି ମହତ୍ କାର୍ଯ୍ୟକ୍ରମକୁ ମୁଁ ସାଧୁବାଦ ଜଣାଇବା ସହ ଏହି ଅନୁଷ୍ଠାନର ସମସ୍ତ ସଦସ୍ୟ, ସଦସ୍ୟା ତଥା ଉଦ୍ୟୋକ୍ତାମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ପ୍ରକାଶ ପାଇବାକୁ ଥିବା ପତ୍ରିକାର ସର୍ବସଫଳତା କାମନା କରୁଛି ।

Tukuni Sahu
(ଟୁକୁନୀ ସାହୁ)

**Satyabhusan Sahu**
Ex-MLA, Padampur

Res.: Mandosil
Dist. Bargarh
Phone: 9437019577



# ଶୁଭେଚ୍ଛା ବାର୍ତ୍ତା

କୁବେର ସମାଜ ମହାସଭାର ପଞ୍ଚଦଶ ବାର୍ଷିକ ଅଧିବେଶନର ସୁଅବସରରେ ମହାସଭା ତରଫରୁ "କୁବେର ଜ୍ୟୋତି" ପତ୍ରିକା ପ୍ରକାଶିତ ହେଉଥିବାର ଜାଣି ଅତ୍ୟନ୍ତ ଆନନ୍ଦିତ ହେଲି । ଦୀର୍ଘ ପନ୍ଦର ବର୍ଷ ହେଲା କୁବେର ସମାଜର କେତେକ ଜ୍ଞାନୀ, ଗୁଣୀ ତଥା ଅଭିଜ୍ଞ ବ୍ୟକ୍ତି ତଥା ସମାଜପ୍ରେମୀ ଉଦୟୀମାନ ଯୁବକମାନେ ସମାଜର ଉନ୍ନତିକଳ୍ପେ ବିଭିନ୍ନ କାର୍ଯ୍ୟକ୍ରମାନ କରି ଆସୁଛନ୍ତି । ଏହାଦ୍ୱାରା ସାମାଜିକ ସଂଗଠନ ଦୃଢ଼ ହେବା ସଙ୍ଗେ ସଙ୍ଗେ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ଅଞ୍ଚଳରେ ବସବାସ କରୁଥିବା ଜାତିଭାଇମାନଙ୍କ ମଧ୍ୟରେ ସଦ୍‌ଭାବ ବୃଦ୍ଧି ପାଉଛି । ପରସ୍ପର ମଧ୍ୟରେ ବନ୍ଧୁତ୍ୱ ଓ ଭାଇଚାରା ବୃଦ୍ଧି ପାଉଛି । ଏ ଜାତିକୁ ଆଗାମୀ ପୀଢ଼ି ଏକ ମହାଜ୍ ଜାତିରେ ପରିଣତ କରିପାରିବେ ବୋଲି ମୋର ଦୃଢ଼ ଆଶା । ଏହି ମହାନ କାର୍ଯ୍ୟରେ ସେମାନେ ସଫଳ ହୁଅନ୍ତୁ ଏହାହିଁ ଭଗବାନଙ୍କ ନିକଟରେ ମୋର ପ୍ରାର୍ଥନା ।

(ସତ୍ୟଭୂଷଣ ସାହୁ)

**Raghunath Sahu**
Ex-M.L.A., Chilika
Flat No. 201, 2nd Floor,
Keshari Palace Apartment
Paiknagar, Unit-8, Bhubaneswar, 751 003

Phone: 94370716000
9937004534
Tel/Fax: 0674-2561314
E-mail: rns_chilika@yahoo.in



# ବାର୍ତ୍ତା

ମୁଁ ଜାଣି ଅତୀବ ଆନନ୍ଦିତ ଯେ କୁବେର ସମାଜ, ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ସାମାଜିକ ସଂଗଠନ ତା'ରର ପଞ୍ଚଦଶ ବାର୍ଷିକ ଅଧିବେସନ ସୁଅବସରରେ "କୁବେର ଜ୍ୟୋତି" ନାମକ ଏକ ମୁଖପତ୍ର ପ୍ରକାଶିତ କରିବାକୁ ଯାଉଛି । ଏହି ସାମାଜିକ ସଂଗଠନଟି ଅଳ୍ପଦିନ ମଧ୍ୟରେ ସମଗ୍ର ପଶ୍ଚିମ ଓଡ଼ିଶା ତଥା ଛତିଶଗଡ଼ର କେତେକ ଜିଲ୍ଲାରେ ତା'ର ସଂଗଠନକୁ ସଫଳ ବିସ୍ତାର କରି ଯୁବାଶକ୍ତି ଓ ମାତୃଶକ୍ତିର ଉତ୍ଥାନ ପାଇଁ ଯୁବାମଞ୍ଚ ଓ ମାତୃମଞ୍ଚ ଗଠନ କରି ବହୁ ସେବାମୂଳକ, ସଂସ୍କାରଧର୍ମୀ କାର୍ଯ୍ୟକ୍ରମମାନ କରିଆସୁଅଛି । ଏକ ଆଦର୍ଶ ସାମାଜିକ ନିୟମାବଳୀ ମଧ୍ୟ ପ୍ରକାଶ କରି ତଦନୁଯାୟୀ ସଂଗଠନଟି ପରିଚାଳିତ ହେଉଛି । ଏହି ସଂଗଠନ ନିଶ୍ଚିତ ଭାବରେ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ । ଏହି ନବପ୍ରକାଶିତ ମୁଖପତ୍ରଟି ତା'ର ସଫଳତାର ତାଲିକାରେ ଅ ।ଉ ଏକ ଉଜ୍ଜ୍ୱଳ ମାଇଲଖୁଣ୍ଟ ଭାବରେ ଯୋଡ଼ିହୋଇ ସଂଗଠନକୁ ନବଦିଗନ୍ତ ପ୍ରଦାନ କରିବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ମୁଁ ଆଜିର ଏଇ ଶୁଭଅବସରରେ କୁବେର ସମାଜର ଏ ନବପ୍ରୟାସର ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ରହୁଛି ।

(ରଘୁନାଥ ସାହୁ)
ପୂର୍ବତନ ବିଧାୟକ, ଚିଲିକା ଓ ସଭାପତି,
ନିଖିଳ ଉତ୍କଳ ତୈଳିକ ବୈଶ୍ୟ ମହାସଭା

# ସୂଚୀପତ୍ର


| କ୍ର.ନଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ସମ୍ପାଦକୀୟ | | ୧୦ |
| ୨. | ସଭାପତିଙ୍କ କଲମରୁ ... | | ୧୨ |
| ୩. | ଯୁଗ୍ମ ସମ୍ପାଦକଙ୍କ କଲମରୁ | | ୧୪ |
| ୪. | ମହାସଭା ସମ୍ପାଦକ ଉଦ୍ଦେଶ୍ୟ ଜ୍ଞାପନ ଓ ବିବରଣୀ | | ୧୭ |
| ୫. | ଜିଲ୍ଲା ଯୁବମଞ୍ଚ: ଏକ ସିଂହାବଲୋକନ | ସୁଶୀଳ କୁମାର ସାହୁ | ୨୦ |
| ୬. | କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ଓ ଅପରାଧ ପ୍ରବଣତା ... | ପ୍ରୀତମ କୁମାର ସାହୁ | ୨୭ |
| ୭. | ତେଲିଆପଦର ଓ ତେଲିଗଡ଼ର ବିସ୍ମୃତ ଗୌରବ ... | ଡକ୍ଟର ନୃସିଂହ ଚରଣ ସାହୁ | ୩୦ |
| ୮. | ମହାନ ଏ ଜାତି | ନିତ୍ୟାନନ୍ଦ ସାହୁ | ୩୮ |
| ୯. | ତେଲି ଭାଗବତର ଇତିବୃତ୍ତି | ରାମକୃଷ୍ଣ ସାହୁ (ଖୁସିରାମ) | ୪୧ |
| ୧୦. | ସଂକଳ୍ପ | ଲକ୍ଷ୍ମଣ ସାହୁ | ୪୭ |
| ୧୧. | ଯୋଗାଯୋଗ ବନାମ ପରିବେଶ ... | ଡା. ଲଳିତ କୁମାର ସାହୁ | ୫୦ |
| ୧୨. | ସମାଜର ଉତ୍ଥାନରେ ଯୁବସମାଜର ଭୂମିକା | ମନୋଜ କୁମାର ସାହୁ | ୫୪ |
| ୧୩. | ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ତିନିଟି ଭୁଲ୍ | ପ୍ରଦୀପ କୁମାର ସାହୁ | ୫୭ |
| ୧୪. | ପିଲାଙ୍କ ଯତ୍ନ | ସୋମନାଥ ସାହୁ | ୬୦ |
| ୧୫. | ଶିଶୁର ସାମଗ୍ରିକ ବିକାଶରେ ମାତାର ଭୂମିକା | ଶ୍ରୀମତୀ ଲକ୍ଷ୍ମୀ ସାହୁ | ୬୩ |
| ୧୬. | ଆଦର୍ଶ ଗୃହିଣୀ ଦ୍ରୌପଦୀ | ଶ୍ରୀମତୀ ତୃପ୍ତିମୟୀ ସାହୁ | ୬୭ |
| ୧୭. | ଯମ ବିଜୟିନୀ ସାବିତ୍ରୀ | ଶ୍ରୀମତୀ ଲକ୍ଷ୍ମୀ ସାହୁ | ୭୦ |
| ୧୮. | ନାରୀ ନିର୍ଯ୍ୟାତନାକୁ ପରିଣାମ | ଶ୍ରୀମତୀ ମୀନତୀ ସାହୁ | ୭୪ |
| ୧୯. | ସମାଜରେ ନାରୀର ସ୍ଥାନ | ଶ୍ରୀମତୀ ସୁପ୍ରଭା ସାହୁ | ୭୭ |
| ୨୦. | ନାରୀ ଓ ସମାଜ | ଶ୍ରୀମତୀ ଜ୍ୟୋତିର୍ମୟୀ | ୮୦ |
| ୨୧. | ଭୂତ୍‌ପେତେନ୍ କେତେ ସତ୍ କେତେ ମିଛ୍ | ସୁଶ୍ରୀ ଅନିତା ସାହୁ | ୮୩ |
| ୨୨. | ବୁଢ଼ା ଦଦା ଚଲିଗଲା | ସେବାରାମ ସାହୁ | ୮୭ |
| ୨୩. | ଜୀବନ | ଦିନେଶ କୁମାର ସାହୁ | ୯୦ |
| ୨୪. | ଦାରୁବ୍ରହ୍ମ ମହିମା | ମିଲନ କୁମାର ସାହୁ | ୯୦ |
| ୨୫. | କୁବେର ଐତିହ୍ୟର ସିଂହାବଲୋକନ | ଚୂଡ଼ାମଣୀ ସାହୁ | ୯୧ |
| ୨୬. | ସମାଜର ଖେଦ | ଲିଙ୍ଗରାଜ ସାହୁ | ୯୨ |

# ସୂଚୀପତ୍ର


| କ୍ର.ନଂ. | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୨୭. | ମାତୃମଞ୍ଚ | ଶ୍ରୀମତୀ ପିଙ୍କି ସାହୁ | ୯୩ |
| ୨୮. | ଯୁବାମଞ୍ଚ | ଦିଲିପ କୁମାର ସାହୁ | ୯୩ |
| ୨୯. | ଆହ୍ୱାନ | ଦୀପକ କୁମାର ସାହୁ | ୯୪ |
| ୩୦ | ମୋହର ଶପଥ ଯେତେ | ସୁଶ୍ରୀ ନିକିତା ରୋଜାଲିନ ସାହୁ | ୯୫ |
| ୩୧. | ଭାରତବର୍ଷ | ଅମ୍ରିତା ଅବନ୍ତିକା ସାହୁ | ୯୫ |
| ୩୨. | Teacher(ଶିକ୍ଷକ) ଶବ୍ଦର ପରିଭାଷା | ସୁଶ୍ରୀ ସିମ୍ରନ୍ ସାହୁ | ୯୭ |
| ୩୩. | ମାଗୁଣୀ ମୋହର ଘେନ | ଶ୍ରୀମତୀ ସୁଷମା ସାହୁ (ଝିଲି) | ୯୮ |
| ୩୪. | କାଳିଆର ବେଶ | ସୌଦାମିନୀ ସାହୁ | ୯୮ |
| ୩୫. | ସ୍ୱଜାତି ସ୍ମରଣେ | ବିଜୟ କୁମାର ସାହୁ | ୧୦୦ |
| ୩୬. | ବିଚରା ଲୋକଟେ | ଶ୍ରୀମତୀ ନିରୂପମା ସାହୁ | ୧୦୪ |
| ୩୭. | ଗାଆଁ ବଦଳିବ | ହରେକୃଷ୍ଣ ସାହୁ | ୧୦୬ |
| ୩୮. | Struggle for life before death | Geetanjali Sahu | 110 |
| ୩୯. | Be a leader | Prahallad Sahu | 112 |
| ୪୦. | Humanity | Truptimayee Sahu | 113 |
| ୪୧. | Word Description | Adwet Narayan Sahu | 113 |
| ୪୨. | ସମାଜର ପୃଷ୍ଠପୋଷକ ଓ ଆଜୀବନ ସଭ୍ୟ | | ୧୨୮ |
| ୪୩. | List of Executive Elected and Nomimated for 2017-2021 | | 129 |
| ୪୪. | Office bearer of Kuber Yuvamanch, Dhumabhata | | 131 |
| ୪୫. | ଚତୁର୍ଦ୍ଦଶ ମହାସଭା ବିବରଣୀ | | ୧୩୨ |
| ୪୬. | କୁବେର ସମାଜ ଟିଟିଲାଗଡ଼ ସାହି ୨୦୧୭ର ବାର୍ଷିକ ରିପୋର୍ଟ | | ୧୩୪ |
| ୪୭. | କୁବେର ସମାଜ ପଦ୍ମପୁର ସାହି ୨୦୧୭ର ବାର୍ଷିକ ରିପୋର୍ଟ | | ୧୩୫ |
| ୪୮. | କୁବେର ସମାଜ ପାଇକମାଳ ସାହି ୨୦୧୭ର ବାର୍ଷିକ ରିପୋର୍ଟ | | ୧୩୬ |


☆☆☆☆☆



ଅଗ୍ରଲେଖ...

## ଓଁ ଶ୍ରୀ କୁବେରାୟ ନମଃ

କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ସମାଜିକ ସଂଗଠନର ପଞ୍ଚଦଶ ସାଧାରଣ ଅଧିବେଶନ ଅବସରରେ ସଂଗଠନର ବାର୍ଷିକ ମୁଖପତ୍ର "କୁବେର ଜ୍ୟୋତି" ଉନ୍ମୋଚିତ ହୋଇପାରିବା ବଡ଼ ସୌଭାଗ୍ୟର ବିଷୟ । ଇତ୍ୟବସରରେ ସଂଗଠନର ସଂପାଦକ ତଥା ମୁଖପତ୍ରର ମୁଖ୍ୟ ସମ୍ପାଦକ ହିସାବରେ ଦୁଇପଦ ଲେଖିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । ପୂର୍ବେ ସଂଗଠନର ସାଧାରଣସଭାର ବିବରଣୀ ପୁସ୍ତିକା ଆକାରରେ ସମସ୍ତଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ଥିଲା । ମାତ୍ର ଲୋକଙ୍କ ମନର ଭାବ, ତାଙ୍କ ଅନ୍ତରର ଭାବାବେଗ ପ୍ରକାଶ କରିବାର ସୁବିଧା ନଥିଲା । ମୌଖିକ ଭାବରେ ନିଜମନର କଥା ପ୍ରକାଶ କରିବାର ସୁଯୋଗ ସହଜରେ ମିଳେନାହିଁ । ଅନେକ ଲୋକ ପ୍ରକାଶ୍ୟରେ ନିଜମନ ଗହନର କଥା ପ୍ରକାଶ କରିବାକୁ ପ୍ରସ୍ତୁତ ହୁଅନ୍ତି ନାହିଁ । ଯାହାଫଳରେ ସମାଜରେ ରହୁଥିବା ବହୁ ଜ୍ଞାନୀଗୁଣୀ ବିଭିନ୍ନ ଦିଗରୁ ପ୍ରତିଭାସମ୍ପନ୍ନ ବ୍ୟକ୍ତିଙ୍କଠାରୁ ଅନ୍ୟମାନେ ତାଙ୍କର ଜ୍ଞାନକୁ ନିଜକ୍ଷେତ୍ରରେ ସଦୁପଯୋଗ କରିବାର ସୁଯୋଗ ପାଇପାରନ୍ତି ନାହିଁ । ଯାହାଫଳରେ ତାଙ୍କର ପ୍ରତିଭା ଲୋକସେବାରେ ନ ଲାଗି ବଣର ମାଳତୀ ବଣରେ ଫୁଟି ଝଡ଼ିଗଲା ପରି ହୋଇଥାଏ । ଏହାକୁ ଉପଲକ୍ଷ କରି ଆଜିଠାରୁ ୪/୫ବର୍ଷ ପୂର୍ବେ ସମାଜ ତରଫରୁ ଏକ ସ୍ମରଣିକା ପ୍ରକାଶନର ପରିକଳ୍ପନା କରାଯାଇଥିଲା, ଯଦ୍ୱାରା ସମାଜର ବିଭିନ୍ନ ବର୍ଗର, ପେଶାର ତଥା ବିଭିନ୍ନସ୍ତରର ସଦସ୍ୟସଦସ୍ୟାମାନଙ୍କ ମନରେ ଉଙ୍କି ମାରୁଥିବା କୌତୁହଳ, ଅନୁସନ୍ଧିତ୍ସା, ଉତ୍କଣ୍ଠା ଆଦିର ସମାଧାନ ହୋଇପାରିବା ଏବଂ ଉଭୟ ଲେଖକ ଓ ପାଠକଙ୍କ ମନକୁ ଆତ୍ମଶାନ୍ତି ପ୍ରଦାନ କରିବ । ଆପଣ ଜାଣି ନ ହସି ରହିପାରିବେ ନାହିଁ ଯେ ଜନ୍ମ ହେବା ପୂର୍ବରୁ ଉକ୍ତ ସାରସ୍ୱତ ମାନସ ସନ୍ତାନର ନାମକରଣ ମଧ୍ୟ ହୋଇସାରିଥିଲା । ଯାହାହେଉ ସମାଜର ଏହି ମାନସ ସନ୍ତାନ ଆଜି ଭୂମିଷ୍ଠ ହୋଇ ସମାଜର ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ ସଞ୍ଚାର କରିବାରେ ସକ୍ଷମ ହୋଇଛି । ସେହି ବହୁ ପ୍ରତୀକ୍ଷିତ ସାରସ୍ୱତ ମାନସ ସନ୍ତାନଟି ଆଉ କେହି ନୁହେଁ ସିଏ ହେଉଛି କୁବେର ଭଗବାନଙ୍କ ଆଶୀର୍ବାଦ ସୃଷ୍ଟ "କୁବେର ଜ୍ୟୋତି" ଯାହାକି ଆଗାମୀ ଦିନରେ ଏ ସମାଜକୁ ତା'ର ଜ୍ୟୋତିରେ ଉଦ୍ଭାସିତ କରିବ ଏବଂ ସମାଜିକ ସଂଗଠନର ପ୍ରତିଛବିକୁ ଦର୍ପଣ ରୂପେ ସମସ୍ତଙ୍କ ସମକ୍ଷରେ ସ୍ଥାପନ କରିବାକୁ ସମର୍ଥ ହେବ । ନିଜ ସମାଜ ସଂଗଠନକୁ ଅଧିକ ସଚେତନ ଓ ସଂଗଠିତ କରିବାରେ ସହାୟକ ହେବ । ମାତୃଜାତି ଓ ଯୁବସମାଜକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବ, ଏଥିରେ ସନ୍ଦେହର ଅବକାଶ ନାହିଁ ।

ଏହି ସମାଜରେ ରହିଥିବା ଜ୍ଞାନୀଗୁଣୀ, ଅନୁଭବୀ, ଶିକ୍ଷକ, ଶିକ୍ଷାବିତ, ଚିକିତ୍ସକ, ନ୍ୟାୟଶସ୍ତ୍ରୀ, କଳାପ୍ରେମୀ, ବ୍ୟବସାୟୀ ତଥା ଶିଳ୍ପୋଦ୍ୟୋଗୀ ଏବଂ ବୈଜ୍ଞାନିକ ଓ ବୈଷୟିକ ଜ୍ଞାନସମ୍ପନ୍ନ ବ୍ୟକ୍ତିବିଶେଷ ତାଙ୍କର ବହୁମୂଲ୍ୟ ଜ୍ଞାନବୁଦ୍ଧି ଓ ବୈଷୟକ ଜ୍ଞାନକୁ ଲେଖନୀ ମାଧ୍ୟମରେ ପ୍ରଦାନ କଲେ ଏହି ମୁଖପତ୍ର ମାଧ୍ୟମରେ ତାହା ପ୍ରକାଶିତ ହୋଇ ଜନମାନସ ପର୍ଯ୍ୟନ୍ତ ପହଞ୍ଚି ନିଶ୍ଚିତ

ଭାବରେ ସମାଜ ଉପକୃତ ହୋଇ ସମାଜର ସାମଗ୍ରିକ ବିକାଶ ସମ୍ଭବ ହେବ । ଯେଉଁ ଲେଖକଲେଖିକାମାନେ ନିଜର ବହୁ ମୂଲ୍ୟ ସମୟ ଓ ଶକ୍ତି ଖଟାଇ ନିଜର ଲେଖାଦ୍ୱାରା ଏ ମୁଖପତ୍ରକୁ ଋଦ୍ଧିମନ୍ତ କରିଛନ୍ତି ସେ ସମସ୍ତଙ୍କୁ ମୁଁ ସଂଗଠନ ତରଫରୁ ସାଧୁବାଦ ଜଣାଉଛି । ଯେଉଁ ସମାଜପ୍ରେମୀ ସଜ୍ଜନବୃନ୍ଦ ଆର୍ଥିକ ସହାୟକ ପ୍ରଦାନ କରି ବିଜ୍ଞାପନ ଦେଇ ପତ୍ରିକାର ପ୍ରକାଶନରେ ସଦୟ ସାହାଯ୍ୟ ସହଯୋଗ ପ୍ରଦାନ କରିଛନ୍ତି ତାଙ୍କୁ ମଧ୍ୟ ବିଶେଷ ଧନ୍ୟବାଦ ଜଣାଉଛି । ଅନ୍ୟ ଯେଉଁ ଅଭିଜ୍ଞ ବ୍ୟକ୍ତିଗଣ ଏହି ପତ୍ରିକା ପ୍ରକାଶନରେ ବିଭିନ୍ନ ଭାବରେ ସହାୟତା ପ୍ରଦାନ ପୂର୍ବକ ସହଯୋଗ କରିଛନ୍ତି, ବିଶେଷକରି ଆମ୍ଭର ପ୍ରାକ୍ତନ ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ଖୁଣ୍ଟିଆ ନିଜ ଦାୟିତ୍ୱରୁ ଅବସର ନେଇମଧ୍ୟ ଉତ୍ସାହ ଉଦ୍ଦିପନାର ସହିତ ବିଜ୍ଞାପନ ଆଦି ସଂଗ୍ରହ ତଥା ଆମ୍ଭକୁ ବିଶେଷ ଉତ୍ସାହ ପ୍ରଦାନ କରିଛନ୍ତି ତାହା ଭୁଲି ହେବନାହିଁ ।

ବର୍ତ୍ତମାନ ସଭାପତି ବରେଣ୍ୟ ରାମହରି ସାହୁ । ତାଙ୍କର ପରିଣତ ବୟସରେ ମଧ୍ୟ Retired but not tired ରୀତିରେ ଲାଗିପଡ଼ିଛନ୍ତି, ତାହା ଅବିସ୍ମରଣୀୟ । କହିବାକୁ ଗଲେ ତାଙ୍କର ସାହାଯ୍ୟ ସହଯୋଗ ଓ ଦିଗ୍‌ଦର୍ଶନ ବିନା ଏ ସ୍ମରଣିକା ପ୍ରକାଶନ ସମ୍ଭବ ହୋଇନଥାନ୍ତା । ତାଙ୍କୁ ବା କେଉଁ ଭାଷାରେ କୃତଜ୍ଞତା ଜଣାଇବି କହିବାକୁ ଭାଷା ପାଉନି । ମୋର ସହକର୍ମୀ ଯୁବକାର୍ଯ୍ୟକର୍ତ୍ତା ଶ୍ରୀମାନ ରମେଶ କୁମାର ସାହୁ ଓ ଶ୍ରୀଯୁକ୍ତ ଲକ୍ଷ୍ମଣ ସାହୁଙ୍କ ଭୂମିକା ଏ କ୍ଷେତ୍ରରେ ଯାହା ତାହା ଲେଖନୀ ମୂନରେ ପ୍ରକାଶ କରି ହେଉନାହିଁ । ଉଭୟେ ଦିନରାତିକୁ ଏକ କରି ଅହର୍ନିଶ ଏ କାମରେ ଲାଗିପଡ଼ିଛନ୍ତି । ପଦ୍ମପୁର ସାଇ ସଭାପତି ତାରାଚାନ୍ଦ ସାହୁ ଓ ମହାସଭା କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ନିତ୍ୟାନନ୍ଦ ସାହୁଙ୍କୁ ମଧ୍ୟ ତାଙ୍କର ସମୟପୋଯୋଗୀ ସହଯୋଗ ପାଇଁ କୃତଜ୍ଞତା ଜଣାଉଛି । ମହାସଭାର ଅନ୍ୟ ଅନେକ ଯୁବକ କର୍ମକର୍ତ୍ତା ମଧ୍ୟ ଏ କ୍ଷେତ୍ରରେ ବିଶେଷ ସାହାଯ୍ୟ ସହଯୋଗ କରିଛନ୍ତି ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଉଛି । Last but not the list – ସମାଜର ଯେଉଁ ସହୃଦୟ ପାଠକପାଠିକାମାନେ ଉତ୍ସୁକତାର ସହିତ ପତ୍ରିକାକୁ ଅନାଇ ରହିଛନ୍ତି ତାଙ୍କୁ ମଧ୍ୟ ଧନ୍ୟବାଦ ଜଣାଇ ରହୁଛି ।

ଭବଦୀୟ

**ଚୂଡ଼ାମଣି ସାହୁ**

ସାଧାରଣ ସମ୍ପାଦକ

☆☆☆☆☆

# ସଭାପତିଙ୍କ କଲମରୁ ...



**ଓଁ ଶ୍ରୀ ଶ୍ରୀ କୁବେରାୟ ନମଃ**

ଭଗବାନଙ୍କ ସୃଷ୍ଟିରେ ଉଦ୍ଭବ ସମଗ୍ର ଜୀବଜଗତ ମଧ୍ୟରେ ମନୁଷ୍ୟ ହେଉଛି, ସର୍ବୋତ୍ତମ ଓ ଶ୍ରେଷ୍ଠ ଜୀବ । ତାକୁ ଏଇଥିପାଇଁ ଶ୍ରେଷ୍ଠ ବୋଲି କୁହାଯାଉଛି, କାରଣ ତା'ଠାରେ ରହିଛି ବୁଦ୍ଧି, ବିବେକ ଓ ଜ୍ଞାନ । ସେ ତା'ର ବୁଦ୍ଧି ବଳରେ କ'ଣ କରଣୀୟ କ'ଣ ଅକରଣୀୟ ତାହା ଜାଣିପାରେ ଓ ତଦନୁଯାୟୀ କାର୍ଯ୍ୟରେ ଅଗ୍ରସରହୁଏ । କାର୍ଯ୍ୟକରୁଁ କରୁଁ ଭୁଲ ହୋଇଗଲେ ତାର ସଂଶୋଧନ କରିବାର କ୍ଷମତା ମଣିଷର ରହିଛି । ମାତ୍ର ଅନ୍ୟ ଇତର ଜୀବମାନଙ୍କଠାରେ ତାହା ନାହିଁ । ନିଜର ବହୁଜନ୍ମର କର୍ମଫଳର ପ୍ରଭାବରେ ଆମକୁ ମଣିଷ ଜନ୍ମ ମିଳିଥାଏ । ମଣିଷ ନିଜର ଜ୍ଞାନବଳରେ ସତ୍‌କର୍ମ କରି ପୁଣ୍ୟ ଅର୍ଜନ କରିଥାଏ ଓ ସ୍ୱର୍ଗଗାମୀ ହୁଏ । ଯିଏ ମଣିଷ ଜନ୍ମ ହୋଇ ସତ୍‌କର୍ମ ନକରି କୁକର୍ମ କରେ ସେ ପାପଭାଗୀ ହୋଇ ନର୍କଗାମୀ ହୁଏ । ମାତ୍ର ସ୍ୱର୍ଗବାସ ବା ନର୍କବାସ ସ୍ଥାୟୀ ନୁହେଁ । କୁହାଯାଇଛି କ୍ଷୀଣେ ପୁଣ୍ୟେ ମର୍ତ୍ତ୍ୟଲୋକେ ବିଶନ୍ତି । ମଣିଷର ପୁଣ୍ୟକ୍ଷୟ ହେଲେ ସେ ପୁଣି ମର୍ତ୍ତ୍ୟରେ ଜନ୍ମହୁଏ । ଯାହାର ନର୍କଭୋଗ ସରିଯାଏ ସେ ମଧ୍ୟ ପୁନର୍ବାର ମର୍ତ୍ତ୍ୟରେ ଜନ୍ମନିଏ । ସ୍ୱର୍ଗ ଓ ନର୍କରୁ ମୁକ୍ତି ପାଇବା ହେଉଛି ମଣିଷ ଜୀବନର ପରମ ଓ ଚରମ ଲକ୍ଷ୍ୟ । ଏଥିରୁ ମୁକ୍ତି ପାଇଲେ ମଣିଷର ବାରମ୍ବାର ପୁନର୍ଜନ୍ମ ହୁଏନାହିଁ ।

ମଣିଷ ହେଉଛି ଏକ ସାମାଜିକ ପ୍ରାଣୀ । ଯେହେତୁ ସେ ସମାଜରେ ରହୁଛି । କେବଳ ନିଜକଥା ନ ଭାବି ସମାଜର ଅନ୍ୟମାନଙ୍କ କଥା ମଧ୍ୟ ଭାବିଥାଏ । ସେ ମୁଁ ରୁ ଆମେ ଆଡ଼କୁ ଏବଂ ମୋରରୁ ଆମର ଆଡ଼କୁ ଗତିକରେ । ସେ ତାର ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ସ୍ୱାର୍ଥ୍ୟତ୍ୟାଗ ପୂର୍ବକ ପରୋପକାରାୟ ସ୍ୱର୍ଗୀୟରେ ରତ ହୋଇଥାଏ । ପରୋପକାର ପାଇଁ ତ୍ୟାଗ ଓ ସେବାକୁ ଜୀବନର ଧ୍ୟେୟ ଭାବରେ ଗ୍ରହଣ କରେ । ସେ ଧୀରେ ଧୀରେ ନିଜର ବ୍ୟକ୍ତିଗତ ସ୍ୱାର୍ଥ୍ୟକୁ ତ୍ୟାଗ କରିବସେ । ସମୂହ ସ୍ୱାର୍ଥକୁ ନିଜର ସ୍ୱାର୍ଥ ବୋଲି ଭାବେ । ବ୍ୟକ୍ତିରୁ ଗୋଷ୍ଠୀ ଆଡ଼କୁ ଚଳାୟମାନ ହୁଏ । ଏ କ୍ଷେତ୍ରରେ ଅନ୍ଧକବି ଭୀମଭୋଇଙ୍କ ପ୍ରଦର୍ଶିତ ମାର୍ଗ ପ୍ରଣିଧାନ ଯୋଗ୍ୟ, ତାଙ୍କ ଭାଷାରେ ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଁ ଦେଖୁଁ କେ ବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ । ବିବେକାନନ୍ଦ ମଧ୍ୟ ସେ ଦର୍ଶନରେ ଅନୁପ୍ରାଣିତ ହୋଇ ଆଧ୍ୟାତ୍ମିକ ମାର୍ଗରେ ପରିଚାଳିତ ହୋଇ ମୋକ୍ଷ ଲାଭ ଅପେକ୍ଷା ଦରିଦ୍ର, ଦୁଃସ୍ଥ, ନିରନ୍ନ, ନିରକ୍ଷର ପତିତ ଲୋକଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଥିଲେ । ସେ ଚାହିଁଥିଲେ ହିମାଳୟକୁ ଯାଇ ତପସ୍ୟା କରି ଭଗବତ୍ ଦର୍ଶନ ବା ମୋକ୍ଷଲାଭ କରିଥାନ୍ତେ । ମାତ୍ର ତାହା ସେ ପ୍ରତ୍ୟାଖ୍ୟାନ କରିଥିଲେ । ଜନସେବାକୁ ନିଜ ଜୀବନର ବ୍ରତ ଭାବରେ ଗ୍ରହଣ କରି ସେବା ଦିଗରେ ଆଗେଇ ଯିବାକୁ ଦୃପ୍ତ ଆହ୍ୱାନ ଦେଇ କହିଥିଲେ - ଉତ୍ତିଷ୍ଠିତ, ଜାଗ୍ରତ, ପ୍ରାପ୍ୟ ବରାନ୍ ନିବୋଧତ ।

ଆମେ ଯେହେତୁ ମଣିଷରୂପୀ ସାମାଜୀକ ପ୍ରାଣୀ ଏବଂ ଆମେ ସମାଜସେବା ପାଇଁ ସଂଗଠିତ ହୋଇଛୁଁ । ଆମକୁ ମଧ୍ୟ ସମାଜପ୍ରେମରେ ଉଦ୍‌ବୁଦ୍ଧ ହୋଇ ନିଜ ସମାଜର ସେବା କରିବାକୁ ପଡ଼ିବ । ଆମ କୁବେର ସମାଜ ସଂଗଠନରେ ଏହି ଉଦ୍ଦେଶ୍ୟରେ ଯୁବାମଂଚ ଗଠନ କରାଯାଇ ନାନା ପ୍ରକାର ସେବାମୂଳକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ସମାଜର ଆଉ ଏକ

ଘଟକ ନାରୀ ଜାତିକୁ ମଧ୍ୟ ସଂଗଠନରେ ସାମିଲ କରାଯାଇ ସମାଜରେ ଶାନ୍ତି ଓ ସଦ୍‌ଭାବ ପ୍ରତିଷ୍ଠା ପାଇଁ ମାତୃଜାତିକୁ ଜାଗ୍ରତ କରାଯାଉଛି । ଉଭୟ ଗୋଷ୍ଠୀର ସହଯୋଗରେ ଆମ ସାମାଜିକ ସଂଗଠନରେ ଜାଗରଣ ସୃଷ୍ଟି ହୋଇ ଆବଶ୍ୟକ ପରିବର୍ତ୍ତନ ହୋଇପାରୁଛି ।

ଆଜିକାର ଶୁଭ ଅବସରରେ କୁବେର ସମାଜ ମହାସଭାର ପଞ୍ଚଦଶ ଅଧିବେଶନର ଅବ୍ୟବହତି ପୂର୍ବରୁ ସମାଜ ସଂଗଠନ ଦ୍ୱାରା ବହୁ ପ୍ରତିକ୍ଷୀତ ସାରସ୍ୱତ ସାଧନାରୂପୀ ମୁଖପତ୍ର ''କୁବେର ଜ୍ୟୋତି'' ଉନ୍ମେଚିତ ହୋଇପାରିବା ଅତୀବ ଆନନ୍ଦର ବିଷୟ । ଏହି ସାରସ୍ୱତ କୃତିଟି ନିଶ୍ଚିତ ଭାବରେ ସଂଗଠନର ସୁଷମ ବିକାଶରେ ସାହାଯ୍ୟ କରିବ । ସମାଜରେ ଜ୍ଞାନୀଗୁଣୀ ଅଭିଜ୍ଞ ଲୋକମାନେ ନିଜର ଜ୍ଞାନ ଭଣ୍ଡାରରେ ସଞ୍ଚିତ ଜ୍ଞାନକୁ ଏହି ପତ୍ରିକା ମାଧ୍ୟମରେ ସମାଜର ହିତରେ ଦାନ କରିବାର ସୁଯୋଗ ପାଇବେ ଏବଂ ଏହି ସୁଯୋଗରେ ସମାଜର ଆଗ୍ରହୀ ବ୍ୟକ୍ତିମାନେ ସେଥିରୁ ଉପଯୁକ୍ତ ଦିଗ୍‌ଦର୍ଶନ ଲାଭ କରିପାରିବେ । ଏହି ସ୍ମରଣିକାଟି ଯେ ସଂଖ୍ୟାତ୍ମକ ଏବଂ ଗୁଣାତ୍ମକ ଦୃଷ୍ଟିରୁ ଶତପ୍ରତିଶତ ସଫଳ ହୋଇଛି ତାହା ନୁହେଁ । ମାତ୍ର, ହଁ, ଏହାର ପ୍ରକାଶନରେ ଆମେ ନିଶ୍ଚିତ ଭାବରେ ଶତପ୍ରତିଶତ ସଫଳ ହୋଇଛୁଁ । ଅଳ୍ପ ସମୟ ମଧ୍ୟରେ ଏହାର ପ୍ରକାଶନ କାର୍ଯ୍ୟ କରାଯାଇଥିବାରୁ ଏଥିରେ ଅନେକ ପ୍ରକାର ଦୋଷ ତୃଟି ରହିଯାଇଥିବ । ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଓ ଆଗାମୀ ଦିନରେ ଏତାଦୃଶ ତୃଟିବିଚ୍ୟୁତିର ନିରାକରଣ ପାଇଁ ଚେଷ୍ଟା କରିବୁ । ଏହାର ପ୍ରକାଶନରେ ସଂଗଠନର ସମର୍ପିତ କାର୍ଯ୍ୟକର୍ତ୍ତାମାନେ ଯେଉଁଭଳି ଭାବରେ ଦିନରାତି ଏକ କରି କାର୍ଯ୍ୟକରିଛନ୍ତି ଓ ଅନ୍ୟ ଯେଉଁମାନେ ସାହାଯ୍ୟ ସହଯୋଗ ତଥା ଦିଗ୍‌ଦର୍ଶନ ଦେଇଛନ୍ତି ସମସ୍ତଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜଣାଇ ରହୁଛି ।

ଭବଦୀୟ

**ରାମହରି ସାହୁ**

ଅବସରପ୍ରାପ୍ତ ଅଧକ୍ଷ

ତଥା

ସଭାପତି, କୁବେର ସମାଜ

☆☆☆☆☆



# ଯୁଗ୍ମ ସମ୍ପାଦକଙ୍କ କଲମରୁ ...

ଏକଦା ଦେଢ ଦଶନ୍ଧି ତଳେ ଜନ୍ମ ନେଇଥିବା ଏଇ ସମାଜ ସଂଗଠନ ଆଜି ଶୈଶବ ଅତିକ୍ରମ କରିବାକୁ ଯାଉଛି । ଏହାର ସ୍ରଷ୍ଟାଙ୍କର ସଠିକ ଉଦ୍ଦେଶ୍ୟ ଯଦିଓ ଆମେ କହିପାରିବା ନାହିଁ, ଆମ ବିଚାରରେ ଏତିକି ନିଶ୍ଚିତ କହିବା ଯେ ସ୍ଥାନାନ୍ତରଗାମୀ ବହୁଧା ବିଭକ୍ତ ସଂଖ୍ୟାଲଘୁ ଏକ ଜାତି ବା ସମ୍ପ୍ରଦାୟକୁ ସୁସଙ୍ଗଠିତ କରିବା, କର୍ମ ପରିଚୟ ଅବକ୍ଷୟମୁଖୀ ହୋଇ କେବଳ ଜନ୍ମ ପରିଚୟ ଧାରିତ ଏଇ ଜାତିକୁ କର୍ମଭିତ୍ତିକ ପରିଚିତି ପ୍ରଦାନ କରିବା, ଏକ ବ୍ୟବସ୍ଥିତ ସାମାଜିକ ଚଳଣୀ କଳ୍ପେ ବ୍ୟବସ୍ଥାପକ ଗଠନ କରି ପ୍ରଗତିକାମୀ, ସଂସ୍କାରଧର୍ମୀ, ସମୟୋପଯୋଗୀ, ପରିବର୍ତ୍ତନ ଓ ପରିବର୍ଦ୍ଧନଶୀଳ ବ୍ୟବସ୍ଥାର ପ୍ରଚଳନ କରିବା ତଥା ପରିଚାଳନା କରିବା । ବ୍ୟବସ୍ଥା ଭିତରେ ରହି ବ୍ୟବସ୍ଥାକୁ ଆନ୍ତରିକତାର ସହିତ ସସମ୍ମାନେ ପାଳନ କରିବା ଆମର ଐତିହ୍ୟ, ସଂସ୍କୃତି ତଥା ପରମ୍ପରାକୁ ଉଜ୍ଜୀବିତ ରଖି ସେହି ଆଦର୍ଶରେ ଅନୁପ୍ରାଣିତ ହେବା । ସର୍ବାଦୌ ଯୁବଶକ୍ତିର ବିକାଶ ଓ ସୁବିନିଯୋଗ ଏବଂ ମାତୃଶକ୍ତିର ଦୃଢ଼ ସଂଶ୍ଳିଷ୍ଟତା (ବୈପ୍ଳବିକ) ପାଇଁ ଚେଷ୍ଟିତ ହେବା ଇତ୍ୟାଦି ଇତ୍ୟାଦି ।

ଆମେ ଉପରୋକ୍ତ ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ଓ ସଫଳ ରୂପାୟିତ କରିପାରିନାହୁଁ ଏହା ନିଶ୍ଚିତ କିନ୍ତୁ ଏହା ମଧ୍ୟ ସତ୍ୟ ଯେ ସଂଘର୍ଷ ଓ ପ୍ରୟାସ ଜାରି ରହିଛି ନିରବଚ୍ଛିନ୍ନ ଭାବରେ । କେଉଁଠି କେତେବେଳେ ଭୁଲ ହେଉଥିବ, କେତେବେଳେ କ୍ଷୀପ୍ର ଗତିଶୀଳ ଓ କେତେବେଳେ ମନ୍ଥର ଗତିରେ ଚାଲିଥିବ ଆମେ ମାନୁଛୁ, କିନ୍ତୁ ଚାଲିଛି .... । ଶନୈଇପନ୍ଥା.... ଶନୈଇପନ୍ଥା ଶନେଇ ପର୍ବତ ଲଂଘନମ୍ ।

ଅନେକ ସମୟରେ କେହି ନା କେହି ପ୍ରଶ୍ନ କରନ୍ତି ଆମେ ମଧ୍ୟ ତା'ର ବିତର୍କର ବଳୟକୁ ଚାଲିଯାଉ ଯେ ସମାଜ କ'ଣ କରୁଛି । ଏଠାରେ କ'ଣର ଅର୍ଥ ସାମାନ୍ୟ କି ବ୍ୟାପକ ପ୍ରଶ୍ନକର୍ତ୍ତା ହିଁ କେବଳ କହିପାରିବେ । ଆମର ଆଲୋଚନାର ବିଷୟ ଏହା ଯେ କୌଣସି ବିଷୟ ହେଉ ବା ସଂସ୍ଥା ବା ସଂଗଠନ ହେଉ ତା'ର ଉପଲବ୍ଧି କେବଳ ସେତେବେଳେ ଆସେ, ଆମେ ଯେତେବେଳେ ତା'ରି ଭିତରେ ଦୈହିକ ବା ମାନସିକ ପ୍ରବେଶ କରି ସଂଶ୍ଳିଷ୍ଟ ହୋଇଯାଉ । ସଂଶ୍ଳିଷ୍ଟତା, ନିବିଡ଼ତା ବଢ଼ି ବଢ଼ି ଚାଲେ ଓ କ୍ରମବର୍ଦ୍ଧିଷ୍ଣୁ ଆନ୍ତରିକତାରୁ ଅନୁଭୂତିସମ୍ପନ୍ନ ହେଉ ଓ ଉପଲବ୍ଧି ସେତେବେଳେ ଆସେ ଆଉ ଆମର ଉତ୍ତରଦାୟିତ୍ୱବୋଧ ଜନ୍ମ ନେଇ ବଢ଼ି ବଢ଼ି ଚାଲେ । ସେହି ସ୍ଥିତିରେ କ'ଣ ଶବ୍ଦର ପ୍ରାସଙ୍ଗିକତା ଆଉ ରହେନାହିଁ । ଯଥା ଗୋଟିଏ ଛାତ୍ରର ପାଠ୍ୟଖସଡ଼ା ବା ସିଲାବସ୍‌ର ଉତ୍ସୁକତା ପାଠ୍ୟକ୍ରମ ଆରମ୍ଭ ପୂର୍ବରୁ ଥିଲାବେଳେ ପାଠ୍ୟକ୍ରମ ଶେଷରେ ପରୀକ୍ଷା ପରେ ଯାହା ତା'ପାଇଁ କୌଣସି ଗୁରୁତ୍ୱବହନ କରେନାହିଁ । ତେଣୁ ଏସବୁ ନିରର୍ଥକ ବିତର୍କ ଅପେକ୍ଷା  ଆମେ ଏକ ମାଧ୍ୟାକର୍ଷଣ ବଳୟ ସୃଷ୍ଟି କରିବା ଯାହା ଏହି ଦୂରଦର୍ଶୀଙ୍କୁ ଆପଣେଇ ନେବ । କେନ୍ଦ୍ର ବିମୁଖତା (Centrifugal) ପରିବର୍ତ୍ତେ କେନ୍ଦ୍ରାଭିମୁଖୀ (Centripetal) କରିବ ।

ଆମେ ଏକ ବିଶାଳ ଯୁବଶକ୍ତି ସମ୍ପନ୍ନ ସମାଜ । ଯୁବଶକ୍ତି ଆମ୍ଭର ମୂଲ୍ୟବାନ ସମ୍ପତ୍ତି (Asset) ତଥା ମୂଳପୁଞ୍ଜି (Capital) ଅଟେ । ଯୁବଶକ୍ତିର ସୁବିନିଯୋଗ ଆମକୁ ଇପ୍ସିତ ଲକ୍ଷ୍ୟ ପ୍ରଦାନ କରିବ । ଏକଦା ଭାରତୀୟ ସଂସ୍କୃତି, ଐତିହ୍ୟ, ଅଗାଧ ଜ୍ଞାନ ଭଣ୍ଡାର, ସାମର୍ଥ୍ୟ ପାରଦର୍ଶିତା ଓ ମହାନତା ଲର୍ଡ଼ ମେକଲେଙ୍କୁ ଆଶ୍ଚର୍ଯ୍ୟ ଓ ବିଚଳିତ କରିଦେଲା । ସେ ବ୍ରିଟିଶ୍ ପାର୍ଲ୍ୟାମେଣ୍ଟରେ

ପ୍ରସ୍ତାବ ଦେଲେ ଏଇ ମହାନ ଜାତିକୁ ଅଧୀନସ୍ଥ କରି ରଖିବାକୁ ହେଲେ, ଶାସନ କରିବାକୁ ହେଲେ, ପ୍ରଭୁତ୍ୱ ବିସ୍ତାର କରିବାକୁ ହେଲେ ଏମାନଙ୍କ ଦୃଢ଼ ଇଚ୍ଛାଶକ୍ତି, ଆତ୍ମପ୍ରତ୍ୟୟ, ସ୍ୱାଭିମାନକୁ ଧ୍ୱଂସ କରିବାକୁ ହେବ । ହୀନମାନ୍ୟତାର ଶିକାର କରି ମାନସିକ ଦୁର୍ବଳ କରିଦେବାକୁ ହେବ । ସେଇଆ ହେଲା । ଶିକ୍ଷା ନାମରେ ଏକ ବିଷମଞ୍ଜି ବୁଣି ଦିଆଗଲା, ଆମେ ଆମର ଆତ୍ମପ୍ରତ୍ୟୟ ହରାଇ ବସିଲେ, ହୀନମାନ୍ୟତାର ଶିକାର ହୋଇଗଲେ ଆମ ବିଚାରରେ ତାହା ବୋଧେ ଆଜିବି ଆମକୁ, ଆମର ଯୁବପିଢ଼ିକୁ କବଳିତ କରି ରଖିଛି । ଆମକୁ ସେହି ମାନସିକତାରୁ ମୁକୁଳିବାକୁ ହେବ, ଆମ ଆଗରେ ଅନେକ ଆହ୍ୱାନ ବିଦ୍ୟମାନ । ଅନେକ ବିଚାରବୁଦ୍ଧି ସମ୍ପନ୍ନ ବ୍ୟକ୍ତି ଆମ ସାଥିରେ, ଆମ ଗହଣରେ ଅଛନ୍ତି, କିନ୍ତୁ ସାମାଜିକ ଦୃଷ୍ଟିକୋଣ ନେଇ ନୁହେଁ, ଯାହା ଏକ ବ୍ୟତିକ୍ରମ ଆମପାଇଁ ।

ଆମ ଭିତରେ ଅନେକେ ବିକଶିତ ତାହାବୋଲି କ'ଣ ଯେ ଆମେ କହିପାରିବା ଆମେ ଏକ ବିକଶିତ ସମାଜର ଅଂଶବିଶେଷ ବୋଲି । ଅନେକେ ଆମ ଭିତରୁ ହୁଏତ ପୂର୍ଣ୍ଣତାପ୍ରାପ୍ତ ହୋଇଥିବେ, ତା'ର ଅର୍ଥ କ'ଣ ଆମର ସାମାଜିକ ଆହ୍ୱାନ କିଛି ନାହିଁ । ଆମ ଭିତରେ ଅନେକ ବ୍ୟକ୍ତିଗତ କ୍ଷେତ୍ରରେ ଉନ୍ନତ ଓ ପ୍ରଗତିଶୀଳ ନିଶ୍ଚିତ, କିନ୍ତୁ ସାମଗ୍ରିକଭାବେ ସମାଜିକସ୍ତରରେ ଏହା ଯେ କେଉଁଠି ଲୁଚିଯାଏ ଜଣାପଡ଼େନା । ହୁଏତ କେହି କେହି ଖୁସି ବି ହେଉଥିବେ ନିଜର ପାରିବା ପଣିଆ ପାଇଁ, ଅନ୍ୟକୁ ପଛରେ ପକାଇ ଆଗେଇ ପାରୁଥିବା ପାଇଁ । ଆମେ ଇର୍ଷା କରୁନାହୁଁ, ଆମେ ମଧ୍ୟ ଖୁସି । ଆମକୁ ମନେ ରଖିବାକୁ ପଡ଼ିବ ଏସବୁର ଦୀର୍ଘ ସ୍ଥାୟୀତ୍ୱ ଓ ସୁଫଳ ସେତେବେଳେ ସମ୍ଭବ ହୁଏ ଯେତେବେଳେ ଏହା ବ୍ୟକ୍ତିଗତରୁ ଗୋଷ୍ଠୀଗତ ହୋଇଯାଏ ।

ଆମେ ଅନେକ ସାମାଜିକ ସମସ୍ୟା ଭିତରେ ଗତି କରୁଛୁ ଯଥା - ଯୌତୁକ ସମସ୍ୟା, ବଧୂହତ୍ୟା, ଭ୍ରୂଣହତ୍ୟା, ସାମାଜିକ ଅସୁରକ୍ଷା, ବେରୋଜଗାରୀ ଓ ସଂରକ୍ଷଣଗତ ସମସ୍ୟା ଇତ୍ୟାଦି ଇତ୍ୟାଦି । ସମାଧାନ ବି ଆମରି ହାତରେ କିନ୍ତୁ ଆମେ ଚାହୁଁନାହୁଁ । ଆମର ରକ୍ଷଣଶୀଳତା ଯେ ଆମପାଇଁ ଏକ ବିରାଟ ସମସ୍ୟା ଯାହା ଆମେ ଉପଲବ୍ଧି କରିପାରୁନାହୁଁ । ଏହା ଆମର ପ୍ରଗତିର ବାଟ ଓଗାଳି ବସିଛି । ପରିବର୍ତ୍ତନଶୀଳ ଦୁନିଆଁରେ ପରିବର୍ତ୍ତିତ ନ ହେଲେ ପାଦ ମିଳାଇ ଚାଲିବା ଏକ କଷ୍ଟକର ବ୍ୟାପାର ହୋଇପଡ଼େ । ଡାଇନୋସର ପରି ବିଶାଳକାୟ ଜୀବସତ୍ତା ବି ଲୋପ ପାଇଯାଏ । ଯେତେବେଳେ ସାମ୍ପ୍ରତିକ ପରିସ୍ଥିତି ଓ ଆବଶ୍ୟକତାକ୍ରମେ ସମ୍ବିଧାନ ସଂଶୋଧନ ହୋଇପାରୁଛି, ପୁରୁଣା ଆଇନଧାରାରେ ପରିବର୍ତ୍ତନ କରାଯାଉଛି, ଯେତେବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଦୈନନ୍ଦିନ ଜୀବନଶୈଳୀ ଇତ୍ୟାଦି ସବୁ ପରିବର୍ତ୍ତିତ ସେତେବେଳେ ଉପଚାର ସଦୃଶ ଆମେ ଆମର ବହୁ ପୁରାତନ ବିଚାରଧାରା ଓ ଆଧାରିତ ଚଳଣୀ ଯାହାକି ସମୟ ଉପଯୋଗୀ ନୁହେଁ ତାକୁ ଜାବୁଡ଼ି ଧରି ବସିବା ସୀମାଚୀନ କି ? ଆମେ କିଛି ପରିବର୍ତ୍ତନମୁଖୀ ହେଉଥିବାବେଳେ ଆଉକିଛି ରକ୍ଷଣଶୀଳତାକୁ ପ୍ରାଧାନ୍ୟ ଦେବା ଅର୍ଥ ଆମ ଭିତରେ ବିଭାଜନମୁଖୀ ବର୍ଗୀକରଣକୁ ସ୍ୱାଗତ କରିବା, ଐକୀ ପରିବର୍ତ୍ତେ ବିଭିନ୍ନତାର ଦ୍ୱାର ଉନ୍ମୁକ୍ତ କରିବା । ଅନ୍ୟାନ୍ୟ ମୌଳିକ ସମସ୍ୟାର ସମାଧାନ ବା ମୁକାବିଲା କରିବାର ଶକ୍ତି ଓ ସାମର୍ଥ୍ୟକୁ ଖଣ୍ଡବିଖଣ୍ଡିତ କରି ଧରାଶାୟୀ କରିଦେବା ।

କେବଳ କାର୍ଯ୍ୟନିର୍ବାହୀ ପରିବର୍ତ୍ତନରେ ଯଥୋଚିତ ପରିବର୍ତ୍ତନ ହୁଏନାହିଁ, ଏଥିପାଇଁ ବ୍ୟବସ୍ଥାରେ ପରିବର୍ତ୍ତନ ଓ ଦୃଢ଼ ନିଷ୍ଠାପର ଉତ୍ତରଦାୟୀତ୍ୱର ଆବଶ୍ୟକ ହୁଏ । ଯାହାହେଉ ଏକ ସୁସମୟର ଆଗମନର ସଂକେତ ଆମେ ପାଉଛୁ ଆମର ଯୁବଶକ୍ତିର କ୍ରମବର୍ଦ୍ଧିଷ୍ଣୁ ଦାୟିତ୍ୱ ସଚେତନତା ଓ ସଂଶ୍ଳିଷ୍ଟତାରୁ । ଏଇଥିପାଇଁ ଆସନ୍ନ ମହାସଭାର ଦ୍ୱିଦିବସ ମଧ୍ୟରୁ ପ୍ରଥମ ଦିବସକୁ  ଯୁବଗୋଷ୍ଠୀର କାର୍ଯ୍ୟକ୍ରମ ପାଇଁ ସମର୍ପିତ କରାଯାଇଛି । ଆମ ଭିତରେ, ଆମ ଯୁବଶକ୍ତି ମଧ୍ୟରେ ଅନେକ ପ୍ରତିଭାବାନ ବିଜ୍ଞ, ଗୁଣୀ, ବାଗ୍ମୀ, ବିଚକ୍ଷଣଶୀଳ, ପ୍ରଚଣ୍ଡ ବୋଧଶକ୍ତି ଓ ଗଭୀର ଅନ୍ତର୍ଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଅଛନ୍ତି, କିନ୍ତୁ ସେମାନଙ୍କର ସ୍ୱର କ୍ଷୀଣ । ଆମେ ଅଣଦେଖା କରୁଛୁ କିମ୍ବା ତାଙ୍କ ଭିତରେ ଥିବା ସମ୍ଭାବନାର ଅଙ୍କୁର ଆମ ଦୃଷ୍ଟିର ଅନ୍ତରାଳରେ ରହିଯାଉଛି । କାହିଁକିନା ଆମେ ସବୁବେଳେ ପ୍ରତିଷ୍ଠିତ ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କୁ ହିଁ ପ୍ରାଧାନ୍ୟ ଦେଇଆସିଛୁ । ଏଣୁ ଏଣିକି ଆମର ଆଭିମୁଖ୍ୟରେ ପରିବର୍ତ୍ତନ କରିବାକୁ ହେବ । ଆମେ ଆଉ ଆମର ସେ ଚିରାଚରିତ ଧାରା ପ୍ରତିଷ୍ଠା ଓ ପ୍ରତିପତ୍ତି ବା ସମ୍ଭାଷଣ ତୀକ୍ଷ୍ଣ ସ୍ୱରଧାରୀ ବ୍ୟକ୍ତିଙ୍କୁ ପ୍ରାଧାନ୍ୟ ଦେବା ପରିବର୍ତ୍ତେ ଏଇମାନଙ୍କୁ ଦାୟିତ୍ୱଯୁକ୍ତ କରିବାକୁ ହେବ । କାମର ପ୍ରଯତ୍ନ

କରିବା ଆବଶ୍ୟକ, ଭାଷଣର ନୁହେଁ । ଆମେ ବର୍ତ୍ତମାନ ଅନୁଭୂତିସମ୍ପନ୍ନ ଯେ ଲମ୍ବା ଲମ୍ବା ସଂଭାଷଣ ମଞ୍ଚରେ ବ୍ୟକ୍ତି ପ୍ରତିଷ୍ଠା ବଢ଼େଇପାରେ କିନ୍ତୁ ଆମର ଦୈନନ୍ଦିନ ସାମାଜିକ ଅଭିବୃଦ୍ଧି ପାଇଁ ସହାୟ ହୋଇପାରେନାହିଁ । ଏଥିପାଇଁ ଆମକୁ ଭାଷଣସର୍ବସ୍ୱ ତଥା ପ୍ରଶଂସାକାମୀ ବ୍ୟକ୍ତିଙ୍କ ବଦଳରେ ଅନୁଭୂତିସମ୍ପନ୍ନ ବ୍ୟକ୍ତି ଯେଉଁମାନେ ସମାଜିକ ସଂଗଠନର ଅବିବୃଦ୍ଧି ପାଇଁ ସହାୟ ସେମାନଙ୍କୁ ଆଗକୁ ଆଣିବାକୁ ପଡ଼ିବ । ମଞ୍ଚ ଉପରେ ଯେଉଁମାନେ ଏଇଆ କରିବାକୁ ପଡ଼ିବ, ସେଇଆ କରିବାକୁ ହେବର ଲମ୍ବା ତାଲିକା ପ୍ରଦାନ କରନ୍ତି ବାସ୍ତବ କ୍ଷେତ୍ରରେ ସେମାନେ ତାହାର ପ୍ରୟାସ ବି କରିବାର କୌଣସି ସୂଚନା ଆମର ଦୃଷ୍ଟିଗୋଚର ହୁଏନାହିଁ । ଆମକୁ ସମନ୍ୱୟ ଆଣିବାକୁ ପଡ଼ିବ ଆମର ବକ୍ତବ୍ୟ, ପ୍ରତିଶ୍ରୁତି, ଚେତନା ଓ କର୍ମ ମଧ୍ୟରେ ନଚେତ ଆଗକୁ ବଢ଼ିପାରିବା ନାହିଁ । ଦୁର୍ବଳତା ସବୁଠି ଥାଏ, ଆମ ଭିତରେ ବି ଥିବ, ଦୁର୍ବଳତା ରହିବା ବଡ଼କଥା ନୁହେଁ, ବଡ଼କଥା ତାକୁ ଚିହ୍ନିବା, ସ୍ୱୀକାର କରିବା ଏବଂ ଅତିକ୍ରମ କରିବା । ଅତିକ୍ରମ କରିପାରିଲେ ଏ ସମାଜ ହସିଉଠିବ, ଆମକୁ ହସାଇବ । ଆମେ ପ୍ରାୟକ ସୁଶିକ୍ଷିତ, ସୁସଂସ୍କୃତ ଓ ସଭ୍ୟ । ଏସବୁ ଉପାଧିଉତ୍ତର ବ୍ୟକ୍ତି ବାସ୍ତବ ଧର୍ମ ବିଷୟରେ ଆମେ କେତେ ଅଭିଜ୍ଞ ଓ ଅନୁଭୂତିସମ୍ପନ୍ନ ଭାବି ଦେଖିଛେ କି ? ଆମର ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗାତ୍ମକ ବିଶ୍ଳେଷଣ କରିଛୁ କି ? ଉନ୍‌ବିଂଶ ଶତାବ୍ଦୀର ମଧ୍ୟାହ୍ନରେ ଜଣେ ଅଛବ, ଅବହେଳିତ, ନିଷ୍ପେସିତ, ଦୁସ୍ଥ ଓ ଶିକ୍ଷାୟତନର ବହୁଦୂରରେ ଶିକ୍ଷାରହିତ ଜଣେ ଅନ୍ଧ ମଣିଷ ଯଦି ସଂସାରର ଦୀନ ଦୁଃଖି ପୀଡ଼ିତଠୁ ଆରମ୍ଭ କରି ସମସ୍ତ ଜୀବସତ୍ତା ପାଇଁ ସମଭାବାପନ୍ନ ହୋଇପାରିଲା, ନିଜ ଜୀବନକୁ ନର୍କ ଯନ୍ତ୍ରଣାକ୍ଲିଷ୍ଟ କରିବାର ବିନିମୟରେ ସମସ୍ତ ପ୍ରାଣୀସମୂହର ପରିତ୍ରାଣ ପାଇଁ ପରମଙ୍କୁ ପ୍ରାର୍ଥନା କରିପାରିଲା । ନିଜେ ଆଲୋକର ଅନୁଭୂତି ପାଇ ନ ଥିବା ସତ୍ତ୍ୱେ ଆଲୋକିତ ଜଗତର କାମନା କରିପାରିଲା ଆମେ ଆମର ଶିକ୍ଷା, ସଂସ୍କୃତି ଓ ପ୍ରାଚୁର୍ଯ୍ୟ ସତ୍ତ୍ୱେ କ'ଣ କରିଛେ ତାହାର ଆତ୍ମାନୁଶୀଳନ କରିବାର ଦରକାର ନୁହେଁକି ? ପରୋପକାରାୟ ସ୍ୱର୍ଗାୟ ପାପାୟା ପରପୀଡନମ୍ ।

ଏମିତି ଅନେକ ପଂକ୍ତି ଓ ଉକ୍ତି ଆମ୍ଭର ମୁଖସ୍ଥ ହୋଇଛି, ଆମେ ସୁନ୍ଦର ବିଶ୍ଳେଷଣ ବି କରିପାରୁ, ସଭାସମିତିରେ ଧର୍ମାନୁଷ୍ଠାନମାନଙ୍କରେ ଲୋକଙ୍କ ମନୋରଞ୍ଜନ ପାଇଁ । କିନ୍ତୁ ବାସ୍ତବତାଠାରୁ ତାହା ଅନେକ ଦୂରରେ । ଏହା କେବଳ ଆମ ମୁଖନିସୃତ ସାହିତ୍ୟର ଭାଷା ହୋଇଯାଇଛି, ହୃଦୟର ନୁହେଁ । ଏଥିରେ ହୃଦୟର ଆବେଗ ନିହିତ କି ? ? ? ଆମକୁ ଆମର ଐତିହ୍ୟ, ସଂସ୍କୃତି, ପରମ୍ପରା, ଧର୍ମଗ୍ରନ୍ଥ ଓ ଭାଗବତର କେବଳ ଅବଲୋକନ, ଅନୁପଠନ ନୁହେଁ, ଅନୁଶୀଳନ କରିବାକୁ ହେବ, ମନନ କରିବାକୁ ହେବ, ଏହାହିଁ କାମନା ।

କଥାରେ କହନ୍ତି କଲମ ଖଣ୍ଡାଠାରୁ ବି ଶକ୍ତିଶାଳୀ । ଖଣ୍ଡା ଥରେ ପ୍ରୟୋଗରେ ଜଣଙ୍କୁ କ୍ଷତାକ୍ତ କରୁଥିବାବେଳେ କଲମ ଏକା ସାଙ୍ଗରେ ଲକ୍ଷ ଲକ୍ଷ ଲୋକଙ୍କୁ ଉତ୍ପ୍ରେରିତ କରିପାରେ । ବୈଦିକ ଯୁଗରେ କଲମ ନ ଥିବାବେଳେ ଗୁରୁ ଶିଷ୍ୟଠାରୁ ଶୁଣି ଶୁଣି ମନେ ରଖୁଥିବାରୁ ବେଦର ଅନ୍ୟନାମ ଶ୍ରୁତି । ଠିକ୍ ସେହିପରି ଉପନିଷଦ ଅର୍ଥ ପାଖରେ ବସିବା । ଗୁରୁ ପାଖରେ ବସି ଶିଷ୍ୟ ଗୁଢ଼ ମନ୍ତ୍ରଗୁଡ଼ିକର ରହସ୍ୟ ଓ ପ୍ରୟୋଗବିଧି ଆଦି ଶିକ୍ଷା କରୁଥିବାରୁ ତାହା ହେଲା ଉପନିଷଦ ।

କଲମର ସୃଷ୍ଟି ପରେ ଏହା ବିବିଧ ସଂଗଠନମୂଳକ କାର୍ଯ୍ୟ ସହିତ ସାଂସ୍କୃତିକ ପରିବର୍ତ୍ତନ ଆଣିବାର ପ୍ରମୁଖ ଭୂମିକା ଗ୍ରହଣ କରୁଛି । ସେଇ କଲମକୁ ପାଥେୟ କରି ଆଜି ଜନ୍ମନେବାକୁ ଯାଉଛି 'କୁବେର ଜ୍ୟୋତି' ଏକ ସାଂସ୍କୃତିକ ପରିବର୍ତ୍ତନର ବାର୍ତ୍ତା ନେଇ । ଜଗନ୍ନାଥସ୍ୱାମୀ ନୟନପଥଗାମୀ ଭବତୁମେ


ରମେଶ କୁମାର ସାହୁ
ଯୁଗ୍ମ ସମ୍ପାଦକ ଏବଂ ଆବାହକ ବିଚାରମଞ୍ଚ
କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼

# ମହାସଭା ସମ୍ପାଦକଙ୍କ ଉଦ୍ଦେଶ୍ୟ ଜ୍ଞାପନ ଓ ବିବରଣୀ

**ଶ୍ରୀ ଶ୍ରୀ କୁବେରାୟ ନମଃ**

ଏକ ମହତ ଉଦ୍ଦେଶ୍ୟରେ ଓ ମହାସଭାର ପଞ୍ଚଦଶ ଅଧିବେଶନର ପାବନ ଅବସରରେ ଆମର ବହୁ ପ୍ରତିକ୍ଷିତ ସ୍ମରଣିକା 'କୁବେର ଜ୍ୟୋତି' ପ୍ରକାଶିତ ହେବା ବଡ଼ ଆନନ୍ଦର କଥା । ମହାସଭାର ସାଧାରଣ ସମ୍ପାଦକ ହିସାବରେ ମହାସଭାର ଇତିବୃତ୍ତିରୁ କିଛି ଅବତାରଣ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି । ଏହି ସମାଜିକ ସଂଗଠନ ଆଜିକୁ ୧୭ ବର୍ଷ ହେଲା ଅନେକ ଖଟାମିଠା ଅନୁଭୂତିକୁ ପାଥେୟ କରି ଆଗେଇଚାଲିଛି, ସେଥିମଧ୍ୟରୁ ସଂଗଠନର କିଛି ସକରାତ୍ମକ ଉପଲବ୍ଧି ପ୍ରତି ମୁଁ ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

ସଂଗଠନର ମୂଳ ଆଧାର ହେଉଛି ଲୋକବଳ । ଏହି ସଂଗଠନରେ ଲୋକଙ୍କ ସଂପୃକ୍ତି ଦିନକୁ ଦିନ ସଂଖ୍ୟାତ୍ମକ ତଥା ଗୁଣାତ୍ମକ, ଉଭୟଦିଗରୁ ବୃଦ୍ଧିପ୍ରାପ୍ତ ହେବାରେ ଲାଗିଛି । ଆରମ୍ଭ ସମୟରେ ସଂଗଠନଟି ସୀମିତ ଲୋକଙ୍କୁ ନେଇ ତଥା ସୀମିତ ସାଇଙ୍କୁ ନେଇ ଆରମ୍ଭ ହୋଇଥିଲା । ସଂଗଠନରେ ସମାଜର ମହିଳା ବା ଯୁବକମାନେ ଯୋଗ ଦେଉନଥିଲେ ।

ଆଜି ମହାସଭା ଅଧିବେଶନମାନଙ୍କରେ ଶହେ ଭାଗ ମହିଳା ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । ଯୁବକମାନେ ମଧ୍ୟ ଧୀରେ ଧୀରେ ସଂଗଠନରେ ସାମିଲ ହୋଇ ସାମାଜିକ କାର୍ଯ୍ୟକ୍ରମମାନଙ୍କରେ ସକ୍ରିୟ ଅଂଶଗ୍ରହଣ କରୁଛନ୍ତି । ଅନେକ ସାଇରେ ଯୁବାମଞ୍ଚ ଗଠିତ ହୋଇ ବିଭିନ୍ନ ପ୍ରକାର ସେବାମୂଳକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ କରିଚାଲିଛନ୍ତି । ଅନେକ ସାଇରେ ମାତୃମଞ୍ଚ ଗଠିତ ହୋଇ ମହିଳାମାନେ ମଧ୍ୟ ଜାଗ୍ରତ ଓ ସଂଗଠିତ ହୋଇ କାର୍ଯ୍ୟକ୍ରମମାନ ହାତକୁ ନେଉଛନ୍ତି ।

ବର୍ତ୍ତମାନ ମହାସଭାରେ ସାଇ ସଂଖ୍ୟା ୪୫ରେ ପହଞ୍ଚିପାରିଛି ଓ ୧୦ଟି ସାଇରେ ଯୁବାମଞ୍ଚ ତଥା ୪ଟି ସାଇରେ ମାତୃମଞ୍ଚ ଗଠିତ ହୋଇପାରିଛି । ନୂତନ ସଭାପତିଙ୍କ ଉଦ୍ୟମକ୍ରମେ ସଂଗଠନକୁ ଅଧିକ ଦୃଢ଼ କରିବା ନିମନ୍ତେ ଏଇ ବର୍ଷ ମଧ୍ୟରେ ୪ଟି ଜୋନ୍‌ରେ ୪ଟି କାର୍ଯ୍ୟକାରୀ କମିଟୀ ବୈଠକ କରି ସଂଗଠନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇପାରିଛି । କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ତଥା ବ୍ୟବସ୍ଥିତ କରିବା ପାଇଁ କେନ୍ଦ୍ରୀୟ କୋର କମିଟୀର ବୈଠକମାନ ମଝିରେ ମଝିରେ କରାଯାଉଛି ।

ବିଚାର ମଞ୍ଚ ପୁନଃର୍ଗଠନ କରାଯାଇ ମହାସଭା ଅବ୍ୟବହତି ପୂର୍ବରୁ ଏକଯୋଡ଼ି ଦମ୍ପତି ମଧ୍ୟରେ ସୃଷ୍ଟି ହୋଇଥିବା ବିଚ୍ଛେଦର ପୁନଃମିଳନ ବ୍ୟବସ୍ଥା କରାଯାଇପାରିଛି । ଉକ୍ତ ଦମ୍ପତି ଆଜି ଆନନ୍ଦ ଓ ଶାନ୍ତିରେ ଅବସ୍ଥାନ କରୁଛନ୍ତି । ସଂଗଠନର ସୁପରିଚାଳନା ପାଇଁ ଆର୍ଥିକ ଶକ୍ତି ଅପରିହାର୍ଯ୍ୟ ଅଟେ, ଅବଶ୍ୟ ଆମ ସଂଗଠନଟି ଆର୍ଥିକ ଦିଗରୁ ସ୍ୱାବଲମ୍ବୀ ହୋଇପାରିନାହିଁ । ଯାହା ଆମସମସ୍ତଙ୍କର ଚିନ୍ତାର ବିଷୟ ଅଟେ । ସଂଗଠନକୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ନୂତନ ସଭାପତି ଶ୍ରୀଯୁକ୍ତ ରାମହରି ସାହୁ ନୂତନ ସଦସ୍ୟତା ଅଭିଯାନ ଆରମ୍ଭକରି ସାଇ ସଦସ୍ୟମାନେ ୩ ପ୍ରକାର ସଦସ୍ୟତା ଶୁଳ୍କ ମଧ୍ୟରୁ ଯେକୌଣସି ଗୋଟିଏ ସାଧ୍ୟମତେ ଦେଇ ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧିରେ ସହାୟ ହେବାକୁ ଅନୁରୋଧ କରିଛନ୍ତି । ସାଧାରଣ ସଦସ୍ୟ ଟ.୧୩୦, ଆଜୀବନ ସଦସ୍ୟ ଟ.୧୦୩୦/- ଓ ପୃଷ୍ଠପୋଷକ ଟ.୧୦୦୩୦/- । ସେ ମହାଶୟ ତାଙ୍କରି ଟିଟିଲାଗଡ଼ ସାଇରେ ଏହା ଶତ ପ୍ରତିଶତ କାର୍ଯ୍ୟକାରୀ କରି ଉଦାହରଣ ସୃଷ୍ଟି କରିଛନ୍ତି । ଅନ୍ୟାନ୍ୟ ସାଇରେ ଏହା କାର୍ଯ୍ୟକାରୀ କରି ସହଯୋଗ ପ୍ରଦାନ କଲେ ମହାସଭା ଆର୍ଥିକ ସ୍ୱାବଲମ୍ବୀ ହୋଇପାରନ୍ତା ଏଥିପ୍ରତି ବିହିତ ଦୃଷ୍ଟିଦେବାକୁ ସାଇ ସଭାପତିମାନଙ୍କୁ ବିନମ୍ର ନିବେଦନ ।

ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ମହୁଲପାଲିଠାରେ ମହାସଭାର ବହୁ ପ୍ରତିକ୍ଷୀତ କାର୍ଯ୍ୟାଳୟ ଓ ସଭାଗୃହ ନିର୍ମିତ ହୋଇ ସାରିଛି ଓ ଗତ ତା:୪.୧୧.୨୦୧୭, ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଦିନ ଏହା ଉଦ୍‌ଘାଟିତ ହୋଇସାରିଛି । ଯାହା କେବଳ କୁବେର ସମାଜର ସଦସ୍ୟସଦସ୍ୟାଙ୍କ ଅନୁଦାନରେ ଓ ସମାଜପ୍ରେମୀ ଶ୍ରୀଯୁକ୍ତ ତାରାଚନ୍ଦ ସାହୁଙ୍କ ପ୍ରଦତ୍ତ ଜମିରେ ହିଁ ନିର୍ମିତ ହୋଇଛି । ସମାଜ ବାହାରୁ କାହାରିଠାରୁ ପଇସାଟିଏ ବି ନିଆଯାଇନାହିଁ ।

ଅଫିସ୍ ଗୃହର ଆବଶ୍ୟକତା ତଥା ଅଫିସ ପରିଚାଳନା ପାଇଁ ଆବଶ୍ୟକ ବିଭିନ୍ନ ଆସବାବପତ୍ର ଆମ୍ଭର ଯୁବାମଂଚ ତରଫରୁ ପ୍ରଦାନ କରାଯାଉଥିବା ବଡ଼ ଆନନ୍ଦର ବିଷୟ । (୧) ମାଣ୍ଡେସିଲ ସାଇ ଯୁବାମଂଚ ଅଫିସ୍ ପାଇଁ ଏକ ଟେବୁଲ ଓ ଗୋଟିଏ ଚେୟାର, (୨) ପାଇକମାଳ ଯୁବାମଂଚ ୫୦ଟି ଚୌକି, (୩) ଟିଟିଲାଗଡ଼ ଯୁବାମଂଚ ୨ଟି ସତରଞ୍ଜି (ଦରି) ଦେଇଛନ୍ତି । ବଲାଙ୍ଗିର ନିବାସୀ ଶ୍ରୀମାନ୍ ପ୍ରଦୀପ କୁମାର ସାହୁ ତାଙ୍କ ବାପା ୪ ରୂପାଧର ସାହୁଙ୍କ ସ୍ମୃତିରେ ଏକ ଷ୍ଟିଲ୍ ଆଲ୍‌ମାରୀ ଦେବାର ପ୍ରତିଶୃତି ଦେଇଛନ୍ତି । ଅନ୍ୟାନ୍ୟ ସାଇର ଯୁବକମାନେ ମଧ୍ୟ ଆବଶ୍ୟକ ଦ୍ରବ୍ୟମାନ ଦେବାର ସୂଚନା ଦେଇଛନ୍ତି । ପାଇକମାଳର ଡାକ୍ତର ଦମ୍ପତି ଡାକ୍ତର ପ୍ରଦୀପ କୁମାର ସାହୁ ଓ ଡାକ୍ତର ଜୟନ୍ତୀ ସାହୁ ୫ଟି ବିଜୁଳିପଙ୍ଖା ଦେବାର ପ୍ରତିଶୃତି ଦେଇଛନ୍ତି ।

ପ୍ରତ୍ୟେକ ସାମାଜିକ ସଂଗଠନର ଆତ୍ମପରିଚୟ ପାଇଁ ଏକ ଲିଖିତ ସଂବିଧାନ ବା ନିୟମାବଳୀ ଅପରିହାର୍ଯ୍ୟ ଅଟେ । ଯାହାର ଆବର୍ତ୍ତମାନରେ ସଂଗଠନର ସ୍ଥିତିରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ । ଆନନ୍ଦର ବିଷୟ ଯେ ଏ ଦିଗରେ ମଧ୍ୟ ଆମ୍ଭର ସଂଗଠନଟି ପଛରେ ପଡ଼ିନାହିଁ । ଗତ ୨୦୧୦ ମସିହାରୁ କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ସାମାଜିକ ନିୟମାବଳୀ ୨୦୧୦ ପ୍ରଣୀତ ତଥା ଗୃହୀତ ହୋଇ ତଦ୍‌ନୁଯାୟୀ ଏ ସଂଗଠନଟି ପରିଚାଳିତ ହେଉଛି ।

ସାମାଜିକ ସଂଗଠନର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି ସରକାରୀସ୍ତରରେ ତା'ର ସାମାଜିକ ପଞ୍ଜିକରଣ । ବହୁଦିନରୁ ଏହା ଉପଲବ୍ଧି କରାଯାଇ ସେ ଦିଗରେ ଆଲୋଚନା ସମାଲୋଚନା କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ହୋଇପାରିନାହିଁ । ମାତ୍ର ବଡ଼ ଆନନ୍ଦର ବିଷୟ ଯେ, ବର୍ତ୍ତମାନର ସଭାପତି ତାଙ୍କର ଦାୟିତ୍ୱ ଗ୍ରହଣ ଦିନ ହିଁ ଯେକୌଣସି ପ୍ରକାରେ ପଞ୍ଜିକରଣ କରାଇବେ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇ ତାଙ୍କର ଏ ପରିଣତ ବୟସରେ ବାରମ୍ବାର କଟକକୁ ଦୌଡ଼ି ଏ ଦିଗରେ କାର୍ଯ୍ୟବଜାୟ ରଖିଛନ୍ତି । ଅତି ନିକଟରେ ଆମ୍ଭର ସଂଗଠନଟି ସରକାରୀ ପଞ୍ଜିକରଣଭୁକ୍ତ ହୋଇଯିବାର ଉଜ୍ଜ୍ୱଳ ସମ୍ଭାବନା ଦେଖା ଦେଇଛି । ବୋଧହୁଏ ଆଉ ମାସେ ଦେଢ଼ ମାସ ଭିତରେ ତାହା ସଂପୂର୍ଣ୍ଣ ହୋଇଯାଇଥିବ ।

ଉପରବର୍ଣ୍ଣିତମତେ ଏହି ସଂଗଠନଟି ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଚାଲିଛି । ଦୁଃଖର ବିଷୟ ଯେ ସଂଗଠନର କେତେକ ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଦାୟିତ୍ୱବାନ ସଦସ୍ୟମାନେ ମଧ୍ୟ ମହାସଭା କିଛି କରୁନାହିଁ ବୋଲି ନିଜ ଅର୍ନ୍ତମନର ହତାଶା ତଥା ନିରାଶାବ୍ୟକ୍ତ କରୁଛନ୍ତି । ସଂଗଠନ ତରଫରୁ ଆମେ ସେମାନଙ୍କୁ ବିନମ୍ରତାର ସହିତ ନିବେଦନ କରୁଛୁ ଯେ ମହାସଭା ଆଉ କ'ଣ କ'ଣ କରିବା ଉଚିତ୍ ବୋଲି ଭାବୁଛନ୍ତି ତାହା ମହାସଭା ଅଧିବେଶନରେ ମୌଖିକ ବା ଲିଖିତ ଆକାରରେ ଉପସ୍ଥାପିତ କରନ୍ତୁ । ତାଙ୍କର ପ୍ରସ୍ତାବ ଯେପରି ସୁରୁଖୁରୁରେ କାର୍ଯ୍ୟକାରୀ ହୋଇପାରିବ ସେଥିପାଇଁ ଆବଶ୍ୟକ ଭିତ୍ତିଭୂମିର ସୂଚନା ମଧ୍ୟ ପ୍ରସ୍ତାବ ଆକାରରେ ପେଶ୍ କରନ୍ତୁ । ତାହା ମହାସଭା କାର୍ଯ୍ୟକାରିଣୀରେ ବିଚାର କରାଯାଇ ସମ୍ଭବ ହେଲେ କାର୍ଯ୍ୟକାରୀ କରାଯିବ ।

ବିଶେଷକରି ସଂଗଠନର ଦେବଦୁର୍ଲଭ କାର୍ଯ୍ୟକର୍ତ୍ତାମାନଙ୍କୁ ଅନୁରୋଧ ସେମାନେ ହତାଶାବାଦୀ ନହୋଇ ଆଶାବାଦୀ ହୁଅନ୍ତୁ । ପରିଶେଷରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ମାଧ୍ୟମକରି ଆମମାନଙ୍କ ପାଇଁ ଦେଇଥିବା ସନ୍ଦେଶ ଶ୍ରବଣ ପୂର୍ବକ 'କ୍ଲେବ୍ୟଂମା ସ୍ମରମଃ, ପାର୍ଥନେତତ୍ୱର୍ଯ୍ୟୁପପଦଗତେ କ୍ଷୁଦ୍ରଂ ହୃଦୟ ଦୌବ୍ୟଲ୍ୟଂତ୍ୟକ୍ତୋଷ୍ଟିତ ପରଂତପ' ହୃଦୟଙ୍ଗମ କରି ମନ ମଧ୍ୟରେ ରହିଥିବା ହତାଶା ଓ ନିରାଶାଭାବ ତ୍ୟାଗପୂର୍ବକ କର୍ତ୍ତବ୍ୟ ପଥରେ ଦୃଢ଼ତାର ସହିତ ଆଗେଇ ଯାଆନ୍ତୁ । ମହାମନାସ୍ୱାମୀ ବିବେକାନନ୍ଦଙ୍କ ସେହି ବିବେକ ବାଣୀ 'ଉତ୍ତିଷ୍ଠତ ଜାଗ୍ରତ, ପ୍ରାପ୍ୟ ବରାନ ନିବୋଧତ ।' ଉଠ ଜାଗ ଲକ୍ଷ୍ୟପ୍ରାପ୍ତି ପର୍ଯ୍ୟନ୍ତ ଆଗେଇଚାଲ । ଏହା ଆମ୍ଭ ସମସ୍ତଙ୍କ ଧ୍ୟେୟ ହେଉ । ସମସ୍ତ ଜାତିଭାଇ ମନ ମଧ୍ୟରୁ ସଂକିର୍ଣ୍ଣତା, ଭେଦଭାବ ତଥା ଗର୍ବ ଅହଙ୍କାର ତ୍ୟାଗ ପୂର୍ବକ ତନମନଧନ ପ୍ରଦାନ କରି ସମାଜଗଙ୍ଗାର ଚରଣ ସେବାରେ ନିଜ ନିଜକୁ ଉତ୍ସର୍ଗ କରିବା । ଆଜିକାର ଏହି ଶୁଭ ଅବସରରେ କୁଳ ଦେବତା କୁବେର ଏହି ଆଶୀର୍ବାଦ ଦିଅନ୍ତୁ ।

ସଂଗବୃଧ୍ୱଂୟସଂଦେହଂୟସଂବୋମଦାନ ସୁରିଜନପମ୍ୟଦେବାଭାଗଂ ଯଥାପୂର୍ବେ ସଂଜାନାନା ଘୋସତେ ।

ଭବଦୀୟ

ଚୂଡ଼ାମଣି ସାହୁ, ସାଧାରଣ ସମ୍ପାଦକ

*With best compliments from*





# SANTOSHI STORE

Deals in: All kinds of Brassware, Bel Metalware, Alumnium & Steel Utensils, Iron, Hardware Goods, Plywood, Laminates etc.

**Hatpada, Titilagarh - 767033, Balangir**

Cell. 9437637819

**Sanjaya Kumar Sahu**

General & Govt. Order Supplier



# ଜିଲ୍ଲା ଯୁବାମଞ୍ଚ: ଏକ ସିଂହାବଲୋକନ

**ସୁଶୀଳ କୁମାର ସାହୁ**

ମହାସଭାସ୍ତରରେ ଯୁବାମଞ୍ଚ ଗଠିତ ହୋଇଥିଲେ ହେଁ ଏହା ଜିଲ୍ଲା କିମ୍ବା ସାଇସ୍ତରକୁ ସମ୍ପ୍ରସାରିତ ହୋଇ ନ ଥିଲା । କାର୍ଯ୍ୟକ୍ରମବିହୀନ କେବଳ ଏହା ମଞ୍ଚମଣ୍ଡନ ହିଁ କରୁଥିଲା । କ୍ରିୟାଶୀଳ ଯୁବାମଞ୍ଚର ଆବଶ୍ୟକତା ଯଦିଓ ସମସ୍ତେ ଅନୁଭବ କରୁଥିଲେ ତଥାପି ଏଥିପାଇଁ ଆବଶ୍ୟକ ଉଦ୍ୟମ ନ ଥିଲା କିମ୍ବା ଉଦ୍ୟୋକ୍ତା ନ ଥିଲେ । ଆମେବି ଅନେକ ସମୟରେ ଯଦିଓ ଆଲୋଚନା କରୁଥିଲୁ କିନ୍ତୁ ପଦକ୍ଷେପ ନେଇପାରି ନ ଥିଲୁ । ବୋଧହୁଏ ସାହସ ପାଉ ନ ଥିଲା କିମ୍ବା ନେତୃତ୍ୱର ଅଭାବ ରହିଯାଉଥିଲା । ରମେଶ ଭାଇଙ୍କ ଆହ୍ୱାନ ଓ ପ୍ରେରଣାରେ ଆମେ ଦୃଢ଼ ହୋଇଗଲୁ । ମୁଁ, ପ୍ରହଲ୍ଲାଦ ଭାଇ ଏବଂ ମହେଶ ଭାଇ ସଂକଳିତ ହୋଇଗଲୁ ଏକ ସକ୍ରିୟ ଯୁବାମଞ୍ଚ ଗଠନ ପାଇଁ । ପ୍ରଥମେ ଆମ ଗାଁ ସୁନାମୁଦିର ଉଭୟ ସାଇର ଯୁବକମାନଙ୍କ ସହ ବିଚାରବିମର୍ଷ କଲୁ, ମତାମତ ନେଲୁ । ସମସ୍ତଙ୍କ ମନକୁ ଛୁଇଁଲା ପ୍ରସ୍ତାବଟା । ସେମାନଙ୍କ ସହଯୋଗିତାର ନିର୍ଭର ପ୍ରତିଶୃତି ଆମକୁ ଆହୁରି ତତ୍ପରତାର ସହ ଆଗକୁ ଆଗେଇ ନେଲା । ଆମେ ଏକ ଜିଲ୍ଲାସ୍ତରୀୟ ଯୁବାମଞ୍ଚ ସ୍ୱପ୍ନରେ ବିଭୋର ହୋଇଗଲୁ । ଯଥାସମ୍ଭବ ଜିଲ୍ଲାର ଅନ୍ୟାନ୍ୟ ସାଇର ଯୁବବନ୍ଧୁମାନଙ୍କ ସହ ଯୋଗାଯୋଗ କରି ସକାରାତ୍ମକ ଅଭିମତ ପାଇଲୁ ।

ଗାଁ'ରେ ଉଭୟ ସାଇର ଏକ ମିଳିତ ବୈଠକରେ ସର୍ବସମକ୍ଷରେ ଦିନ ଓ ସ୍ଥାନ ନିର୍ଦ୍ଧାରିତ ହେଲା ଯୁବାମଞ୍ଚ ଗଠନ ପାଇଁ । ଅନ୍ୟାନ୍ୟ ସାଇର ଯୁବବନ୍ଧୁଙ୍କୁ ଅନୁରୋଧ କରାଗଲା ନିର୍ଦ୍ଧାରିତ ସ୍ଥାନ ଓ ସମୟରେ ଉପସ୍ଥିତ ହୋଇ ଲକ୍ଷପଥରେ ସହାୟକ ହେବାକୁ । ତା:୧୫.୦୧.୨୦୧୨, ରବିବାର ଦିନ ସୁନାମୁଦି ସ୍ଥିତ ଏକ ଆମ୍ର ଉଦ୍ୟାନର ନିରୋଳା ପରିବେଶରେ ନିରାଡ଼ମ୍ବର ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା । ସଭାରେ ସୁନାମୁଦିର ଉଭୟ ସାଇର ଯୁବକ ତଥା ସାଇ ସଦସ୍ୟ, କୁଡ଼ାସିଂହା, ଧୁମାଭଟା, ଘସିଏନ, ଶାନ୍ତିପୁର, ଧୁବଲପଡ଼ା ଇତ୍ୟାଦି ଅନେକ ସାଇର ଯୁବ ପ୍ରତିନିଧି ଓ ମହାସଭାର ତତ୍କାଳୀନ ସମ୍ପାଦକ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ଭୂତପୂର୍ବ ସଭାପତି ଶ୍ରୀଯୁକ୍ତ ଭରତ ଚନ୍ଦ୍ର ପୃଷ୍ଟି, ସୁଦୁର ଛତିଶଗଡ଼ରୁ ଉକ୍ତ ଜୋନ୍‌ର ଉପସଭାପତି ଶ୍ରୀଯୁକ୍ତ ମଧୁସୂଦନ ସାହୁ, ସୁଦୂର ଫୁଲବାଣୀରୁ ଅନ୍ୟତମ ପ୍ରେରଣାଦାତା ଶ୍ରୀଯୁକ୍ତ ବିଚିତ୍ର ସାହୁ ଉପସ୍ଥିତ ହୋଇ ଆମର ସ୍ୱପ୍ନକୁ ସାକାର କରିବାରେ ସହାୟତା କରିଥିଲେ । ଏତାଦୃଶ ମହତ ଲକ୍ଷ୍ୟର ଉଦ୍ୟୋକ୍ତା ରମେଶ ଭାଇଙ୍କୁ ଉଭୟ ସାଇ ତରଫରୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇ ସଭାରେ ସଭାପତିତ୍ୱ କରିବାକୁ ଅନୁରୋଧ କରାଯାଇଥିଲା । ଅସୀମ ଆନନ୍ଦ ଉଦ୍ଦୀପନା ସହ ଏକ ସକ୍ରିୟ ଯୁବାମଞ୍ଚ ଗଠନ ହୋଇ ଅନ୍ତତଃ ବାର୍ଷିକ ଗୋଟାଏ ଦୁଇଟି ସେବାମୂଳକ କାର୍ଯ୍ୟକ୍ରମ ହାତକୁ ନେବାର ସିଦ୍ଧାନ୍ତ ଓ ପ୍ରତିଶ୍ରୁତି ସହ କାର୍ଯ୍ୟକ୍ରମ ହୋଇଥିଲା । ତା:୧୫.୦୪.୨୦୧୨ରେ ଛତିଶଗଡ଼ ଭାଇମାନଙ୍କ ଦ୍ୱାରା ଚନ୍ଦରପୁରଠାରେ ଏକ ଯୁବା ଓ ମାତୃ ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଇଟା ବୋଧେ

ଏକ ସୁଯୋଗ ଥିଲା ଆମର ଲକ୍ଷ୍ୟ ଚରିତାର୍ଥ କରିବାରେ । ଆମେ ଚାହୁଁଥିଲୁ ଆମ ଜିଲ୍ଲାରୁ ବହୁଳ ଉପସ୍ଥିତି ଯାହାର ସକାରାତ୍ମକ ପ୍ରଭାବ ଆମଲୋକଙ୍କୁ ସଂଗଠିତ ଓ ସମର୍ପିତ କରିବ । ରମେଶ ଭାଇଙ୍କ ବିଶେଷ ଯୋଗାଯୋଗ ଓ ଅନୁରୋଧ, ପ୍ରହଲ୍ଲାଦ ଭାଇ ଏବଂ ମୋର ପ୍ରଚେଷ୍ଟାର ଫଳସ୍ୱରୂପ ଉକ୍ତ ସମ୍ମିଳନୀର ଅର୍ଦ୍ଧାଧିକ ସଦସ୍ୟସଦସ୍ୟା ବଲାଙ୍ଗୀର ଜିଲ୍ଲାରୁ ହିଁ ସହଭାଗିତା କରି ଆମକୁ ସଫଳତାର ପ୍ରଥମ ସ୍ୱାଦ ବାଣ୍ଟିଥିଲେ ।

ବସନା ଠାରେ ଅନୁଷ୍ଠିତ ଦଶମ ମହାସଭାର ଅନ୍ତିମ ସମୟ, ଯୁବାମଞ୍ଚ ଉପରେ ଆଲୋଚନା ଚାଲିଥାଏ । ୨୦୧୨ ମସିହା ଶୁଭ ବିଦାୟକୁ ଅଳ୍ପସମୟ ବାକି । ୨୦୧୩ ମସିହାକୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତି । ରମେଶ ଭାଇ ମଞ୍ଚରେ ଉଦ୍‌ବୋଧନ ଦେଉଥାନ୍ତି ଯୁବକମାନଙ୍କୁ, ଆଉ ଅଳ୍ପ ସମୟ ପରେ ଆମେ ପଦାର୍ପଣ କରୁଥିବା ନୂତନ ବର୍ଷ ଏକ ବିଶେଷ ସମ୍ଭାବନାର ବର୍ଷ । ସ୍ୱାମୀ ବିବେକାନନ୍ଦଙ୍କର ଜନ୍ମର ୧୫୦ତମ ପୂର୍ତ୍ତି (ବିବେକାନନ୍ଦ ଶ୍ରାଦ୍ଧ ଶତି) ଉପଲକ୍ଷେ ତମାମ ବର୍ଷକୁ ଯୁବବର୍ଷ ରୂପେ ପାଳନ କରାଯିବାର ସିଦ୍ଧାନ୍ତ ଜାତୀୟସ୍ତରରେ ନିଆଯାଇଥାଏ । ଏହା ମଧ୍ୟ ଆଶା କରାଯାଉଛି ଯେ ସମସ୍ତ ସରକାରୀ, ବେସରକାରୀ ତଥା ସଂଗଠନିକ କ୍ଷେତ୍ରରେ ଅନେକ ଆନନ୍ଦ ଉଦ୍ଦୀପନାର ସହ ଯୁବସୁଲଭ ସାଂସ୍କୃତିକ ସେବାଧର୍ମୀ କାର୍ଯ୍ୟକ୍ରମ ଜରିଆରେ ପାଳିତ ହେବ । ଏଣୁ ଯୁବକଭାଇମାନଙ୍କୁ ନିବେଦନ ଆମେ ମଧ୍ୟ ସାମାଜିକ ସ୍ତରରେ କିଛି ନା କିଛି କାର୍ଯ୍ୟକ୍ରମ ହାତକୁ ନେଇ ଜାତୀୟ ଭାବଧାରାରେ ଅନୁପ୍ରଣିତ, ଅନୁଧାବିତ ହେବା ସହ ଏକ ସାମାଜିକ ପରିଚୟ ସୃଷ୍ଟି କରିବା । ଶୁଣୁ ଶୁଣୁ ମୋର ମନ ଉତ୍କଣ୍ଠିତ ହୋଇଗଲା । ଏକ ଦୃଢ଼ ଆତ୍ମପ୍ରତ୍ୟୟ ମୋ ମସ୍ତିଷ୍କରେ ବସା ବାନ୍ଧି ସାରିଥିଲା । ମୁଁ ସେଇଠି ପ୍ରହଲ୍ଲାଦ ଭାଇ ସାଙ୍ଗରେ କଥାହେଲି, ଆଶ୍ଚର୍ଯ୍ୟ ଲାଗିଲା ପ୍ରହଲ୍ଲାଦ ବାବୁ ମଧ୍ୟ ମୋଠୁ ବହୁଗୁଣରେ ପ୍ରଭାବିତ ହୋଇସାରିଥିଲେ । ସେଠି ହିଁ ନିର୍ଣ୍ଣୟ ନେଲୁ ଆସନ୍ତା ଜାନୁୟାରୀ ୧୩ ତାରିଖ ନିଶ୍ଚିତ ଭାବରେ ପ୍ରଥମ କାର୍ଯ୍ୟକ୍ରମ ଏକ ବହୁମୁଖୀ ସ୍ୱାସ୍ଥ୍ୟଶିବିର ଓ ରକ୍ତଦାନ ଶିବିର ସୁନାମୁଦି ଗ୍ରାମରେ କରି ସମାଜ ସେବାରେ ଅନୁପ୍ରାଣିତ ହେବାର ସୁଯୋଗ ପାଇବୁ । ସେଇଠି ହିଁ ମହାସଭାର କାର୍ଯ୍ୟକର୍ତ୍ତା ତଥା ସମସ୍ତ ଯୁବାବର୍ଗଙ୍କୁ ଉପସ୍ଥିତ ଓ ସହଯୋଗ ପାଇଁ ଆମନ୍ତ୍ରଣ କଲୁ । ଜାନୁୟାରୀ ୧୨ ତାରିଖ ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଦିବସ । ଯେଉଁଦିନ କି ଆମେ ଜାତୀୟ ଯୁବ ଦିବସ ରୂପେ ପାଳନ କରୁ କିନ୍ତୁ ସେହିଦିନ ରମେଶ ଭାଇ ଓ ଆମେମାନେ ଅନ୍ୟାନ୍ୟ ସଂଗଠନ ସହ ଜଡ଼ିତ ଥିବାରୁ ଏବଂ ବିଭିନ୍ନ କାର୍ଯ୍ୟକ୍ରମର ଖସଡ଼ା ପ୍ରସ୍ତୁତ ହୋଇସାରିଥିବାରୁ ୧୩ ତାରିଖକୁ ପରିବର୍ତ୍ତନ କଲୁଁ ।

ଜାନୁୟାରୀ ୧୩ ତାରିଖ ଲୋକାରଣ୍ୟ ହୋଇଉଠିଲା ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସର । ବହୁ ପ୍ରତୀକ୍ଷିତ ଶିବିରରର ସୁରରୁ ପରିଚାଳନାରତ ମୋର ଯୁବବନ୍ଧୁ ସମୂହ । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଶ୍ରୀଯୁକ୍ତ ରବିନାରାୟଣ ତ୍ରିପାଠୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମହୋଦୟ, ଅନ୍ୟତମ ଅତିଥି ଶ୍ରୀଯୁକ୍ତ ବସନ୍ତ ଖୁଣ୍ଟିଆ ସଭାପତି, ଶ୍ରୀଯୁକ୍ତ ବିଜୟ ସାହୁ ସମ୍ପାଦକ, ଶ୍ରୀଯୁକ୍ତ ଚୁଡ଼ାମଣି ସାହୁ ଉପସଭାପତି, ଶ୍ରୀଯୁକ୍ତ ବିନନ୍ଦ ସାହୁ କୋଷାଧକ୍ଷ ତଥା ଅନେକ କର୍ମକର୍ତ୍ତା ଓ ଯୁବବନ୍ଧୁଙ୍କ ତତ୍ତ୍ୱାବଧାନ ଓ ପ୍ରେରଣା ଆଜି ବି ମନେପଡ଼େ । କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ସଭାର ସଭାପତି ରମେଶ ଭାଇଙ୍କ ଧ୍ୟାନଆକର୍ଷଣକାରୀ ପ୍ରସ୍ତାବ ଆଜିବି ମନେପଡ଼େ । ଦୁଃଖ ଲାଗେ ସମ୍ପୂର୍ଣ୍ଣ ବାସ୍ତବ ରୂପାୟନରେ ଆମେ ଏଯାଏଁ ଅକ୍ଷମ । ଶ୍ରୀଯୁକ୍ତ ବସନ୍ତ ଖୁଣ୍ଟିଆ, ଶ୍ରୀଯୁକ୍ତ ବିରସେନ ସାହୁ, ଶ୍ରୀଯୁକ୍ତ ବାସୁଦେବ ସାହୁ ଓ ଡାକ୍ତର ଅମିତାଭ ପୃଷ୍ଟି ବହୁମୂଲ୍ୟ ଔଷଧ ଆମକୁ ନିଃଶୁଳ୍କ ବିତରଣ ସକାଶେ ଆମକୁ ପ୍ରଦାନ କରିଥିଲେ । ଡାକ୍ତର ଲଳିତ ସାହୁ ଓ ଡାକ୍ତର ଜ୍ୟୋତିପ୍ରକାଶ ସାହୁ ଏବଂ ବାସୁଦେବ ସାହୁଙ୍କୁ ସଫଳତାର ଅନେକ ଶ୍ରେୟ ଦେଇଛି, ଦେଉଛି ।

ପ୍ରାୟ ୧୫୦୦ଜଣଙ୍କ ଉପସ୍ଥାନ । ୭୦୦ଜଣଙ୍କୁ ନିଃଶୁଳ୍କ ଚିକିତ୍ସା କରାଯାଇ ଔଷଧ ପ୍ରଦାନ, ୨୫୦ଜଣଙ୍କ ଦାନ୍ତ ଚିକିତ୍ସା, ୩୩୫ ଜଣଙ୍କ ରକ୍ତବର୍ଗ ଚିହ୍ନଟ, ୪୯ଜଣ ମଧୁମେହ ରୋଗୀଙ୍କୁ ଚିକିତ୍ସା ପରାମର୍ଶ ପ୍ରଦାନ କରାଯାଇଥିଲା । ଏକବିଂଶ ଶତାବ୍ଦୀର ସମୃଦ୍ଧ ବିଜ୍ଞାନ ଯାହାର କୃତ୍ରିମ ସୃଷ୍ଟି

କରାଯାଇପାରିନାହିଁ କିମ୍ବା ବିକଳ୍ପ ଆବିଷ୍କାର କରିପାରିନାହିଁ ସେହି ଅମୂଲ୍ୟ ସମ୍ପଦର ଅଧିକାରୀ ମୋର ନମସ୍ୟ ସେଇ ଦାତାବୃନ୍ଦ ଯେଉଁମାନଙ୍କ ଠାରୁ ସ୍ୱେଚ୍ଛାକୃତ ଭାବେ ୬୫ ୟୁନିଟ୍ ରକ୍ତ ସଂଗୃହିତ ହୋଇ ଉପଖଣ୍ଡ ଚିକିତ୍ସାଳୟ ପାଟଣାଗଡ଼କୁ ପ୍ରଦାନ କରାଯାଇଥିଲା । (୨୦୧୨ ମସିହା ବିବରଣୀ ପୃଷ୍ଠା ୬୬) ।

କିଏ କହୁଥିଲେ ଏହା କୁବେର ସମାଜ ଇତିହାସରେ ସ୍ୱର୍ଣ୍ଣମାକ୍ଷର ମଣ୍ଡନ କରିବ ତ କିଏ କହେ ଏହା ହେବ କୁବେର ଇତିହାସରେ ଏକ ମାଇଲଖୁଣ୍ଟ । କିଏ କିଏ ଯୁଗାନ୍ତକାରୀ ପଦକ୍ଷେପ କହୁଥିଲାବେଳେ, ମୁଁ ଓ ମୋର ଯୁବସାଥୀ ଏତିକି କହିବୁ ଏହା ତ ଆମର ସାମାଜିକ କର୍ତ୍ତବ୍ୟବୋଧ ମାତ୍ର ଏବଂ ସମ୍ପାଦନାରେ ପ୍ରାପ୍ତ ଆନନ୍ଦ ତୁଳନାରେ ଅନ୍ୟସବୁ ଗୌଣ ବୋଲି ।

ସେହିବର୍ଷ ଆମ ସମାଜକୁ ଏକ ଅପୂରଣୀୟ କ୍ଷତି ସହ ଏକ ଦାରୁଣ ଦୁଃଖ ସାମନା କରିବାକୁ ପଡ଼େ, ସ୍ୱର୍ଗତ ଅଭିମନ୍ୟୁ ସାହୁ ଟିଟିଲାଗଡ଼ଙ୍କ ବର୍ବୋରଚିତ ହତ୍ୟାକାଣ୍ଡ ଯୋଗୁଁ । ପ୍ରଶାସନର ସ୍ଥାଣୁତା, ପୋଲିସର ନିଷ୍କ୍ରିୟତା ଓ ଅନୁସନ୍ଧାନରେ ଶିଥିଳତା ପାଇଁ ଦୋଷୀ ଧରା ପଡୁ ନ ଥାଏ । ଆମେ ଜିଲ୍ଲା ଯୁବାମଞ୍ଚ ତରଫରୁ ପ୍ରହଲ୍ଲାଦ ବାବୁଙ୍କ ନେତୃତ୍ୱରେ ଲୋକନାଥ ମନ୍ଦିର ଠାରୁ ଏକ ପ୍ରତିବାଦ ଶୋଭାଯାତ୍ରାରେ ଯାଇ ଜିଲ୍ଲାଧୀଶଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପଥପ୍ରାନ୍ତ ସଭା ସହିତ ଆମର ଦାବୀପତ୍ର ପ୍ରଶାସନ ତଥା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲୁ ଯାହାର ଅନେକ ପ୍ରଭାବ ପ୍ରଶାସନ ତଥା ଅନୁସନ୍ଧାନକାରୀଙ୍କ ଉପରେ ପଡ଼ିଥିବାର ମନେହୁଏ ।

ଧୂମାଭଟା ହେଉଛି ସଂଖ୍ୟାଧିକ ସ୍ୱଜାତୀୟ ପରିବାର ବାସ କରୁଥିବା ଏକ ଉନ୍ନତ ଗ୍ରାମ । କିନ୍ତୁ ଅସଙ୍ଗଠିତ, ଅବ୍ୟବସ୍ଥିତ ସାମାଜିକ (ସାଇ) ବ୍ୟବସ୍ଥା । କିଛି କର୍ମକର୍ତ୍ତାଙ୍କୁ ଦେଇ ସଂଗଠିତ କରିବାର ଅନେକ ପ୍ରୟାସ ଫଳବତୀ ହୋଇ ନ ଥାଏ । ଏଇ ପରିସ୍ଥିତିରେ ଏକ ଶୀତୁଆ ସନ୍ଧ୍ୟାରେ ସନ୍ଦେହୀ ମନରେ ବାହାରିଥାଉଁ ମୁଁ ଓ ମହେଶ ସାହୁ, ରମେଶ ଭାଇ ସହିତ ଧୁମାଭଟା ଅଭିମୁଖେ ସେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ । ବୋଧହୁଏ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି କରୁଥିବା କୌଣସି ବି ପ୍ରୟାସ ବିଫଳ ହୁଏନାହିଁ । ପ୍ରମାଣିତ ହୋଇଗଲା, ଯେତେବେଳେ ଦେଖିଲୁ ସ୍ୱଚକ୍ଷୁରେ, ଆଶ୍ଚର୍ଯ୍ୟ ହୋଇଗଲୁ । ବାସୁଦେବ ସାହୁ, ଜୟକିଶୋର ସାହୁ, ଶ୍ୟାମସୁନ୍ଦର ସାହୁଙ୍କ ନେତୃତ୍ୱରେ ଗ୍ରାମର ସମସ୍ତ କୁବେର ଯୁବାଭାଇ ଏକ ଯୁବାମଞ୍ଚ ଗଠନର ସମସ୍ତ ସୁବ୍ୟବସ୍ଥା ସହ ଏନ୍ତୁଡ଼ିଶାଳରେ ଆମକୁ ଅପେକ୍ଷାରତ । ଅସୀମ ଆନନ୍ଦ ଉଦ୍ଦୀପନାରେ ଜନ୍ମନେଲା ଧୁମାଭଟା ଯୁବାମଞ୍ଚ । ଉତ୍‌ଫୁଲ୍ଲିତ ପରିବାର ଲାଗିପଡ଼ିଲେ ନାମଯଜ୍ଞ ପର୍ବର ପ୍ରସ୍ତୁତିରେ । ଖୋଲାମନ ଓ ଖାଲି ହାତରେ ଯାଇଥିଲୁ ସିନା, ଫେରିଲୁ ପୂର୍ଣ୍ଣ ହସ୍ତରେ ଆଉ ଏକ ବହୁମୁଖୀ ସ୍ୱାସ୍ଥ୍ୟଶିବିର ଆୟୋଜନର ନିର୍ଭର ପ୍ରତିଶୃତି ସାଉଁଟି ।

ନିର୍ଦ୍ଧାରିତ ଦିନ ତା:୦୨.୦୨.୨୦୧୪ ବାଣୀଶ୍ରୀ ଉଚ୍ଚ ବିଦ୍ୟାଳୟର ଲୋକାରଣ୍ୟ ପରିବେଶରେ କାର୍ଯ୍ୟକ୍ରମ ଆଗେଇ ଚାଲିଥାଏ ଶୃଙ୍ଖଳା ସହିତ । ମୁଁ ସିନେମା ଦେଖିଥିଲି 'ଦୋ ଆଖେଁ ବାରହ ହାଥ୍', ଏଇଠି ଦୋ ଆଖେଁ ଶୌ ହାଥ୍ – ପ୍ରତ୍ୟକ୍ଷ ଦେଖୁଥାଏ, ବାସୁଭାଇ ଓ ସହଯୋଗୀଙ୍କ ଦକ୍ଷ ପରିଚାଳନା ଯୋଗୁଁ । ମୁଁ ଓ ରମେଶ ଭାଇ ଗୋଟିଏ ଦିନ ପୂର୍ବରୁ ଆସିଥିଲୁ ତତ୍ତ୍ୱାବଧାନ ପାଇଁ, ହେଲେ ଏମାନଙ୍କ ଦକ୍ଷ ପରିଚାଳନା ଆମର ଦାୟିତ୍ୱ ହ୍ରାସ କରିଦେଇଥାଏ । ମୁଖ୍ୟ ଅତିଥି ଡାକ୍ତର ବିକ୍ରମ କିଣ୍ଡୋ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଉପସ୍ଥିତ ଥାନ୍ତି । ପ୍ରବଳ ଜନସମାଗମ ଦେଖି ତତ୍ପର ହେଉଥାନ୍ତି, ସମସ୍ତ ଚିକିତ୍ସକଙ୍କୁ ସଯତ୍ନ ପରିଚାଳନା ପୂର୍ବକ ଶୃଙ୍ଖଳିତ ସମାପନ ପାଇଁ ପରାମର୍ଶ ଦେଉଥାନ୍ତି । ଅନୁରୋଧ ରକ୍ଷା କରି ମହାସଭାର କର୍ମକର୍ତ୍ତା ଶ୍ରୀଯୁକ୍ତ ବସନ୍ତ ଖୁଣ୍ଟିଆ, ବିଜୟ ସାହୁ, ଚୂଡ଼ାମଣୀ ସାହୁ, ଲକ୍ଷ୍ମଣ ସାହୁ, ପ୍ରଫୁଲ୍ଲ ସାହୁ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ହୋଇ ପ୍ରେରଣାର ଉତ୍ସ ହୋଇଥାନ୍ତି । ପ୍ରହଲ୍ଲାଦ ସାହୁ, ମହେଶ ସାହୁ, ଡାକ୍ତର ଲଳିତ ସାହୁ, ଡାକ୍ତର ଜ୍ୟୋତିପ୍ରକାଶ ସାହୁ ମନପ୍ରାଣ ଢ଼ାଳି ପ୍ରୟାସରତ ଥାନ୍ତି ଶିବିରର ସଫଳତା ପାଇଁ ।

ପ୍ରାୟ ଦୁଇ ହଜାର ସରିକି ଜନସମାଗମ, ଏକହଜାର ଲୋକଙ୍କ ଭୋଜନ ବ୍ୟବସ୍ଥା, ୯୮୧ ଜଣଙ୍କୁ ଚିକିତ୍ସା ସହ ନିଃଶୁଳ୍କ ଔଷଧ ବିତରଣ, ୧୧୦ଜଣଙ୍କ ରକ୍ତଶର୍କରା

ପରୀକ୍ଷଣ ଓ ଉତ୍ତମ ପରାମର୍ଶ ପ୍ରଦାନ ଏବଂ ୪୫ ଏକକ ରକ୍ତ ରକ୍ତଦାତାଙ୍କ ଠାରୁ ସଂଗୃହୀତ ହୋଇ ଉପଖଣ୍ଡ ଚିକିତ୍ସାଳୟ ପାଟଣାଗଡ଼କୁ ପ୍ରଦାନ କରାଯାଇଥିଲା । ଶ୍ରୀଯୁକ୍ତ ବସନ୍ତ ଖୁଣ୍ଟିଆ, ଶ୍ରୀଯୁକ୍ତ ବିରସେନ ସାହୁ, ଡାକ୍ତର ଜ୍ୟୋତିପ୍ରକାଶ ସାହୁ, ବାସୁଦେବ ସାହୁ, ମହେଶ ସାହୁଙ୍କ ଠାରୁ ବିତରଣ ନିମିତ୍ତ ବହୁମୂଲ୍ୟ ଔଷଧ ପାଇଁ ଏବଂ ଧୁମାଭଟା ଯୁବସମୂହଙ୍କ ଅକ୍ଳାନ୍ତ ପରିଶ୍ରମ ଓ ନିଃସ୍ୱାର୍ଥପର ସେବା ପାଇଁ ଧନ୍ୟବାଦ ଦେବାକୁ ଆମ ପାଖରେ ଭାଷା ନ ଥିଲା । (ମହାସଭା ବିବରଣୀ ୨୦୧୩, ପୃଷ୍ଠା ୬୯) ।

ଶୀତ ଆସିଲେ ବୋଧହୁଏ ବଲାଙ୍ଗୀର ଯୁବାମଞ୍ଚ ରକ୍ତରେ ଉତ୍ତେଜନା ଭରିଦିଏ, ଆଉ ଯୁବାମଞ୍ଚ ତା'ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ରକ୍ତଦାନ ଶିବିର ପାଇଁ ଆଗେଇ ଆସେ । ପୂର୍ବ କାର୍ଯ୍ୟକ୍ରମରେ ଅନୁପ୍ରାଣୀତ ନୁନହାଡ଼ ଯୁବକ ଭାଇ ଦ୍ୱାରା ଗଠିତ ନୁନହାଡ଼ ଯୁବାମଞ୍ଚ ଏବର୍ଷ ଅଣ୍ଟା ଭିଡ଼ି ବାହାରିଥିଲା ଏବର୍ଷର କାର୍ଯ୍ୟକ୍ରମ ପାଇଁ । ତା:୧୧.୦୧.୧୫ ନୁନହାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉତ୍ସବମୁଖର, ବାହାରେ ସୁସଜ୍ଜିତ ତୋରଣ । ପ୍ରବଳ ଜନସମାଗମ । ଭ୍ରମ ସୃଷ୍ଟି କରୁଥାଏ ଗଜଲକ୍ଷ୍ମୀ ପୂଜାର । ଶୃଙ୍ଖଳାର ସହ ଆଗେଇ ଚାଲିଥାଏ ରୋଗୀ ଚିକିତ୍ସା, ରକ୍ତ ସଂଗ୍ରହ ଇତ୍ୟାଦି କାର୍ଯ୍ୟକ୍ରମ । ଯୁବାମଞ୍ଚ ମଉଡ଼ମଣି ଢୁଲୁଭାଇ, କୁନାଭାଇ, ଜିତୁଭାଇଙ୍କ ନେତୃତ୍ୱରେ ଓ ସମସ୍ତ ଯୁବବନ୍ଧୁଙ୍କ ଅପ୍ରାଣ ଉଦ୍ୟମରେ । ଜିଲ୍ଲା ସଭାପତି ଭାବରେ ମୁଁ ତତ୍ତ୍ୱାବଧାରକ । ରମେଶ ଭାଇ, ବିଜୟ ସାହୁ, ଭଗବାନ ସାହୁ ଉପସ୍ଥିତ ହୋଇ ଉତ୍ସାହିତ କରୁଥାନ୍ତି । ଅନ୍ୟୁନ ଦୁଇହଜାର ଲୋକଙ୍କ ସମାଗମ, ପାଖାପାଖି ହଜାରେ ଲୋକଙ୍କ ଚିକିତ୍ସା, ଦୁଇଶତ ଲୋକଙ୍କ ରକ୍ତବର୍ଗ ନିରୂପଣ, ୪୩ଜଣଙ୍କ ଠାରୁ ରକ୍ତ ସଂଗୃହୀତ ହୋଇ ପାଟଣାଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପ୍ରଦାନ କରାଯାଇଥିଲା । ସୁଚାରୁରୂପେ ସମ୍ପାଦନ କରି ସମାଜକୁ ଏକ ନୂତନ ପରିଚୟରେ ଦିକ୍ଷାନ୍ତ କରିଥିବା ନୁନହାଡ଼ ଯୁବାମଞ୍ଚକୁ ମୋର ଆନ୍ତରିକ ଶୁଭେଚ୍ଛା ।

ଜିଲ୍ଲା ଯୁବାମଞ୍ଚର କ୍ରମବର୍ଦ୍ଧିଷ୍ଣୁ ରୂପରେଖ ଓ ଲୋକପ୍ରିୟତା ଆମକୁ ଏହାର ତତ୍କାଳୀନ ଜୋନ୍ ସ୍ତରକୁ ସମ୍ପ୍ରସାରଣ ପାଇଁ ଉତ୍ସୁକତା ପ୍ରଦାନ କରିଥିଲା ଓ ଆମେ ବି ଅନୁପ୍ରାଣିତ ହୋଇଥିଲୁ । ରମେଶ ଭାଇ ବେଣୁଧର ସାହୁଙ୍କ ସହାୟତାରେ ପ୍ରଚ୍ଛନ୍ନ ଯୋଗାଯୋଗ ରଖିଥିଲେ ଜୁନାଗଡ଼ର କିଛି ସ୍ୱଜାତୀୟ ଉଦୟୀମାନ ଯୁବକମାନଙ୍କ ସହିତ । ଯାହାର ଫଳସ୍ୱରୂପ ତାଙ୍କ ମନରେ ଉଙ୍କି ମାରୁଥିବା, ସଂଗଠିତ ହେବା ଓ ସମାଜ ସେବାର ସ୍ୱପ୍ନ ବହୁଗୁଣରେ ତ୍ୱରାନ୍ୱିତ ହୋଇଥିଲା । ରମେଶ ଭାଇଙ୍କ ଯୋଗାଯୋଗ ଓ ଅନୁରୋଧକ୍ରମେ ଶ୍ରୀଯୁକ୍ତ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଯୁବ ପ୍ରତିନିଧି ଦଳ ଆସି ବରଗଡ଼ ମହାସଭାରେ ଯୋଗଦାନ କରିଥିଲେ । ତା:୨୭.୧୨.୨୦୧୪ ବିଳମ୍ବିତ ରାତ୍ରିରେ ପ୍ରାୟ ଭୋର ସମୟରେ ଏକ ଦୀର୍ଘ ଯାତ୍ରାରେ ଆସି ପହଞ୍ଚିଥିଲେ ସୁଦ୍ଧା ବଡ଼ି ସକାଳୁ ଆମର ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସର୍ବାଗ୍ରେ ରହି ତାଙ୍କର ସାଂଗଠନିକ ଦକ୍ଷତା ଓ ପରାକାଷ୍ଠାର ପରିଚୟ ଦେଇଥିଲେ । ସେଦିନର ଯୁବାମଞ୍ଚ କାର୍ଯ୍ୟକ୍ରମରେ ସକ୍ରିୟ ସହଭାଗିତା ଓ ଆମମାନଙ୍କ ସହିତ ଭାବ ବିନିମୟ ପରେ ଅବିଳମ୍ବେ ଏକ ସକ୍ରିୟ ଯୁବାମଞ୍ଚ ଗଠନ ପାଇଁ ଦୃଢ଼ ପରିକର ହୋଇଗଲେ । ଯାହାଫଳରେ ସ୍ୱଳ୍ପ ସମୟରେ ଯୁବାମଞ୍ଚ ଗଠନ କରି ତା:୧୮.୦୧.୧୫ରେ ତା'ର ପ୍ରତିଷ୍ଠା ଦିବସ ପାଳନ କରିଥିଲେ । ସୌଭାଗ୍ୟକ୍ରମେ ତାଙ୍କ ଅନୁରୋଧ ରକ୍ଷା ପୂର୍ବକ ମୁଁ, ରମେଶ ଭାଇ ଓ ମହାସଭା କର୍ମକର୍ତ୍ତାଙ୍କ ଗହଣରେ ସହଭାଗିତାର ସୁଯୋଗ ପାଇଥିଲି । ସେଇ ଉଚ୍ଚମନା ଯୁବଗୋଷ୍ଠୀ ପ୍ରତିଷ୍ଠା ଦିବସର ସ୍ମାରକୀ ନିମନ୍ତେ ଉକ୍ତ ଉତ୍ସବର ମୁଖ୍ୟ ଅତିଥି ସ୍ଥାନୀୟ ବିଧାୟକଙ୍କ ସହଯୋଗକ୍ରମେ ଏକ ଯାତ୍ରୀ ପ୍ରତୀକ୍ଷାଳୟ ନିର୍ମାଣ କରି ସମାଜସେବା ତଥା ଯୁବଶକ୍ତିର ନିଦର୍ଶନ ଦେଖାଇଛନ୍ତି ।

୨୦୧୫ ମସିହା ସେଇ ଜୁନାଗଡ଼ରେ ମହାସଭା ଅଧିବେଶନ ଥାଏ । ରମେଶ ଭାଇ ସାଙ୍ଗରେ ଟିଟିଲାଗଡ଼ରୁ ସେଠିକାର ଭାଇମାନଙ୍କ ସାଙ୍ଗରେ ଗଲୁ । ଟିଟିଲାଗଡ଼ ଯୁବବନ୍ଧୁଗଣଙ୍କ ସହ ରାସ୍ତାରେ ଓ ମହାସଭାଠାରେ ଆଲୋଚନା କଲାପରେ ୨୦୧୬ର ଜିଲ୍ଲା ଯୁବମଞ୍ଚ କାର୍ଯ୍ୟକ୍ରମ ସେବର୍ଷ ଟିଟିଲାଗଡ଼ ଠାରେ କରାଯିବାର ସିଦ୍ଧାନ୍ତ ହେଲା । ଗତାନୁଗତିକ ରୀତିରେ ଶୀତ ଆସି ଚାଲିଗଲା ସିନା

ସାକାର ହୋଇପାରିଲା ନାହିଁ ଆମର କଳ୍ପିତ ଚତୁର୍ଥ କାର୍ଯ୍ୟକ୍ରମ । ବିଧିର ବିଚିତ୍ର ବିଧାନ । ରମେଶ ଭାଇ ପିତାଙ୍କର ଦୀର୍ଘ ଅସୁସ୍ଥତା, ଚିକିତ୍ସା ବ୍ୟବସ୍ଥା ଓ ସର୍ବୋପରି ବିୟୋଗଜନିତ ଅସୁବିଧା ଆମର ପ୍ରତିବନ୍ଧକ ହୋଇଗଲା । ଆମର ଧାରାବାହିକ କାର୍ଯ୍ୟକ୍ରମ ପରୋକ୍ଷରେ ଆମକୁ ଅନେକ ଅଭିଜ୍ଞତା ଓ ଅନୁଭୂତିସମ୍ପନ୍ନ କରୁଥିଲା । ଆମେ ଜାଣି ସାରିଥିଲୁ ଶୀତ ଦିନେ ରକ୍ତଭଣ୍ଡାରରେ ରକ୍ତର ଚାହିଦା ଠାରୁ ଅଧିକ ମହଜୁଦ ରହୁଥିବାବେଳେ ଗ୍ରୀଷ୍ମ ସମୟରେ ନିଅଣ୍ଟିଆ ହୋଇଯାଏ । ଏଣୁ ଆମେ ଜୁନ ଶେଷଭାଗକୁ କାର୍ଯ୍ୟକ୍ରମ କରିବାକୁ ବିଚାର କରୁଥିଲୁ । ଦୈବାତ ମଇ ମାସ ଶେଷ ଆଡ଼କୁ ଜିଲ୍ଲାର ସମସ୍ତ ରକ୍ତଭଣ୍ଡାରରେ ରକ୍ତର ଘୋର ଅଭାବ ହେଲା । ଜିଲ୍ଲାବ୍ୟାପୀ ଆଲୋଡ଼ନ ସୃଷ୍ଟି ହେଲା । ଜିଲ୍ଲା ପ୍ରଶାସନ ସରକାରୀ କଳ ମଧ୍ୟରେ ଆବଶ୍ୟକୀୟ ରକ୍ତ ସଂଗ୍ରହ ପାଇଁ ପ୍ରୟାସ କରିବା ସହ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନକୁ ସଂକଟର ମୁକାବିଲା ପାଇଁ ଅନୁରୋଧ କରାଯାଇଥିଲା । ତା:୨୯.୦୫.୨୦୧୬ ଜିଲ୍ଲା ମୁଖ୍ୟ ରକ୍ତଭଣ୍ଡାରର ଅନୁରୋଧକ୍ରମେ ଆମେ ସ୍ୱାସ୍ଥ୍ୟ ଶିବିର ପାଇଁ ଆଉ ପ୍ରଯତ୍ନ ନ କରି ଅବିଳମ୍ବେ ଏକ ରକ୍ତଦାନ ଶିବିର ପାଇଁ ଚିନ୍ତିତ ହେଲୁ । ରମେଶ ଭାଇ ଓ ପ୍ରହଲ୍ଲାଦ ବାବୁ କୁଡ଼ାସିଂହା ଯାଇ ଯୁବାମଞ୍ଚ ବୈଠକ ଡାକି ଆଲୋଚନା କରି ଦୁଇଦିନ ମଧ୍ୟରେ ଶିବିର କରାଯିବାର ପ୍ରତିଶୃତି ସହ ଫେରିଲେ । ଡାକ୍ତର ଲଳିତ କୁମାର ସାହୁ, ବେଣୁଧର ସାହୁ, ସଞ୍ଜୟ ସାହୁ, ପ୍ରଦୀପ ସାହୁ, ଶମ୍ଭୁ ପ୍ରସାଦ ସାହୁ ତଥା ଯୁବାମଞ୍ଚ ସଦସ୍ୟ ସମୂହଙ୍କ ଦକ୍ଷ ପରିଚାଳନାରେ ତା:୦୨.୦୬.୨୦୧୬ ସ୍ଥାନୀୟ ପର୍ଶୁରାମ ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିବିର ଅନୁଷ୍ଠିତ ହୋଇ ୫୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । କାର୍ଯ୍ୟକ୍ରମର ସୁଅବସରରେ ଅନୁଷ୍ଠିତ ସଭାରେ ଶ୍ରୀଯୁକ୍ତ ରବିନାରାୟଣ ତ୍ରିପାଠୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ମୁଖ୍ୟଅତଥି ଭାବେ, ଜିଲ୍ଲା ଉପମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀମତୀ ପୁଷ୍ପାଞ୍ଜଳୀ ମିଶ୍ର, ଗ୍ରାମର ଗୌନ୍ତିଆ ଶ୍ରୀଯୁକ୍ତ ସୁଶୀଳ ଝାଙ୍କର ଅନ୍ୟତମ ଅତିଥି ଭାବେ ଯୋଗଦେଇ ଅତୀବ ପ୍ରେରଣାଦାୟୀ ହୋଇଥିଲେ । ଡାକ୍ତର ଜ୍ୟୋତିପ୍ରକାଶ ସାହୁ, ବାସୁଦେବ ସାହୁ, ଡୁଲୁ ଭାଇ, ଜିତୁଭାଇ, ପ୍ରହଲ୍ଲାଦ ଭାଇ, ରମେଶଭାଇ ଓ ମୁଁ କାର୍ଯ୍ୟକ୍ରମ ତତ୍ତ୍ୱାବଧାନ କରିବା ସଙ୍ଗେ ସଙ୍ଗେ କିଛି ନୂତନତ୍ୱର ଅନ୍ୱେଷଣ କରୁଥିଲୁ । ପ୍ରକାଶ କୁମାର ସାହୁ ସୁନାମୁଦି ଯିଏ ଘସିଏନରେ ଅବସ୍ଥାପିତ ସ୍ୱପ୍ରଚେଷ୍ଟାରେ ସୁଦୂର ଘସିଏନରୁ କିଛି ରକ୍ତଦାତାଙ୍କୁ ସାଙ୍ଗରେ ଆଣି (ଘସିଏନ ମହାବିଦ୍ୟାଳୟରେ ପାଟଣାଗଡ଼ ଉପ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଆମ ଓଡ଼ିଶା ଆନୁକୂଲ୍ୟରେ ସମାନ ସମୟରେ ଏକ ରକ୍ତଦାନ ଚାଲିଥିବା ବେଳେ) ଆମକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ନିଜ ଜାତିପ୍ରୀତି ଓ ସଂଗଠନ ପ୍ରତି ସମର୍ପିତ ମନୋଭାବର ପରିଚୟ ଦେଇଥିଲେ ।

ୟା' ଭିତରେ ମୋର ସହକର୍ମୀଗଣ ଏକ ନୂତନ ପରମ୍ପରା ସୃଷ୍ଟିର ବୀଜ ବୁଣି ସାରିଥିଲେ । ଯାହା ଥିଲା ଯୁବ ଓ କିଶୋର ପ୍ରତିଭା ଅନ୍ୱେଷଣ କରି ପ୍ରତିଭାକୁ ସମ୍ମାନିତ କରିବା । ଯାହା ପରୋକ୍ଷରେ ପ୍ରତିଭା ବିକାଶ କରିବାର ଏକ କୌଶଳ ମାତ୍ର । ଏକ ଅନନ୍ୟ ପ୍ରତିଭା ଶ୍ରୀମାନ ରୋଶନ କୁମାର ସହୁ, ପିତା ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ ବଲାଙ୍ଗୀରଙ୍କୁ ଗତ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାରେ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ସମଗ୍ର ଓଡ଼ିଶାରେ ଚତୁର୍ଥ ସ୍ଥାନ ଅଧିକାର କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁବେର ସମାଜ ଆକାଶରେ ୨୦୧୭ ମସିହାର ଆଦ୍ୟ ପ୍ରଭାତ ପ୍ରବେଶ କରେ ସାଙ୍ଗରେ ଧରି ଏକ ପରିବର୍ତ୍ତନର ସୂତ୍ରଧର ଶ୍ରୀଯୁକ୍ତ ରାମହରି ମହାଶୟଙ୍କୁ, ଯାହାଙ୍କ ହସ୍ତରେ ନେତୃତ୍ୱର ଡୋରୀ । ଟିଟିଲାଗଡ଼ର ମଉଡ଼ମଣୀ, ଯୁବାନୁରାଗୀ, ନ ହେବେ ବା କେମିତି ! ଜୀବନର ଅର୍ଦ୍ଧାଧିକ ଓ ଯୌବନର ପ୍ରାୟେକ ସମୟ ଅତିବାହିତ କରିଛନ୍ତି ଏହି ଯୁବକଯୁବତୀମାନଙ୍କ ସାଥିରେ, ସେବାରେ, ଗଠନରେ, ବ୍ୟକ୍ତିର ପୂର୍ଣ୍ଣତାପ୍ରାପ୍ତିର ପ୍ରୟାସରେ । କର୍ମତତ୍ପରତା ଆରମ୍ଭ ହୋଇଗଲା । ମୂଳଦୁଆ ପଡ଼ିଲା ଟିଟିଲାଗଡ଼ ଯୁବାମଞ୍ଚର ତାଙ୍କରି ଉଦ୍ୟମରେ, ନିର୍ମାଣ ଚାଲିଲା .... ସମ୍ପୂର୍ଣ୍ଣ ହେଲା । ପ୍ରାଣପ୍ରତିଷ୍ଠା ପାଇଁ ଦିନ ଧାର୍ଯ୍ୟ ହେଲା ତା:୧୯.୦୩.୨୦୧୭ । ରକ୍ତଦାନ ବିନିମୟରେ ହେଲା ପ୍ରତିଷ୍ଠା ଉତ୍ସବ ।

ରାମମନ୍ଦିରର ପ୍ରଥମ ତଳରେ ଚାଲିଥାଏ ରକ୍ତଦାନ ଶିବିର ଯୁବାମଞ୍ଚର ତତ୍ତ୍ୱାବଧାନରେ । ରମେଶଭାଇ, ନିତ୍ୟାଭାଇଙ୍କ ସହ ମୁଁ ସେଠାରେ ଉପସ୍ଥିତ ରହି ନିଜକୁ ଧନ୍ୟ ମଣୁଥାଏ । ରାମହରି ସାର୍ ଇସାରା କଲେ ଆମକୁ ତଳକୁ ଯିବାକୁ ତାଙ୍କୁ ଅନୁଧାବନ କରି । ଆଶ୍ଚର୍ଯ୍ୟ ଲାଗୁଥାଏ, କାର୍ଯ୍ୟକ୍ରମ ତ ଉପରେ ଆମେ ତଳେ କ'ଣ କରିବା । ଆମର ଶଙ୍କା ଦୂର ହୋଇଗଲା ଯେତେବେଳ ତଳେ ଠାକୁରଙ୍କ ସମ୍ମୁଖରେ ମୁଖଶାଳା ଭିତରେ ଦେଖିଲୁ ମହିଳାମାନେ ସନ୍ନିବେଶିତ । ଜାଣିଲି ସାର୍‌ଙ୍କ ଦ୍ୱୈତ ଯୋଜନା । ଆମେ ସବୁ ଉପବେଶନ କଲୁ ତାଙ୍କ ଗହଣରେ, ଛୋଟ ସଭାଟିଏ, କିଛି ଭାବବିନିମୟ । ଗଠନ ହେଲା ଟିଟିଲାଗଡ଼ ମାତୃମଞ୍ଚ । ଚୟନ ହେଲେ କର୍ମକର୍ତ୍ତା, ଗ୍ରହଣ ହେଲା ପ୍ରତିନିଧି ଦେୟ ଉତ୍ତରଦାୟିତ୍ୱ ନିର୍ବାହର ଅୟମାରମ୍ଭ ସହ । ଉପରେ ୬୨ ୟୁନିଟ୍ ସଂଗୃହୀତ ରକ୍ତଦାନ କରି ଯୁବାମଞ୍ଚ ସଫଳତାର ଶ୍ରେୟ ବାଣ୍ଟୁଥିବା ବେଳେ ତଳେ ନବଗଠିତ ମାତୃମଞ୍ଚ ଆଗାମୀ କାର୍ଯ୍ୟକ୍ରମର ରୂପରେଖର କଳ୍ପନାରେ ବିଭୋର ଥାଏ ।

କଳ୍ପନାର ଅନ୍ତ ଘଟାଇ ମାତୃମଞ୍ଚ ସଫଳତାର ସହ ସମାପନ କରିଚାଲିଛି ଗୋଟାଏ ପରେ ଗୋଟାଏ କାର୍ଯ୍ୟକ୍ରମ - ପଣାବଣ୍ଟନ, ଜଳଛତ୍ର, ଭାଗବତ ସପ୍ତାହ ପାରାୟଣ ଇତ୍ୟାଦି ମାଇଲଖୁଣ୍ଟ ପୋତି ପୋତି ଚାଲିଛି ସମାଜର ଇତିହାସ ପୃଷ୍ଠାରେ ।

ଚତୁର୍ଦ୍ଦଶ ମହାସଭା ପାଟଣାଗଡ଼ରେ ଆୟୋଜିତ ହୋଇ ସମ୍ପୂର୍ଣ୍ଣ ହେବାରେ ମଧ୍ୟ ଯୁବାମଞ୍ଚର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ବରଗଡ଼ ଜିଲ୍ଲା ପାଇକମାଳ ଯୁବାମଞ୍ଚର ନୃସିଂହନାଥ ମନ୍ଦିର ପାର୍ଶ୍ୱସ୍ଥଳ ସଫେଇ କାର୍ଯ୍ୟକ୍ରମ, ମାଣ୍ଡୋସିଲ ଯୁବାମଞ୍ଚର ଜଳଛତ୍ର ଓ ନାମଯଜ୍ଞ ସ୍ଥଳରେ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅତୀବ ପ୍ରଶଂସନୀୟ ଏବଂ ଆମେ ସେଥିପାଇଁ ବିଶେଷ ଭାବରେ କୃତଜ୍ଞ । ମହଦା ନବଗଠିତ ଯୁବାମଞ୍ଚର ସ୍ୱଚ୍ଛତା କାର୍ଯ୍ୟକ୍ରମ ଏକ ବିଶେଷ ବାର୍ତ୍ତାବହ ଅଟେ, ଯାହାକି ଅପ୍ରକାଶ୍ୟ ରହିଯାଉଛି ।

ମହଦା ଯୁବାମଞ୍ଚର ଯୁବକମାନଙ୍କ ଅଦମ୍ୟ ଚେଷ୍ଟାରେ ବହୁଦା ବିଭକ୍ତ ମହଦା ଗ୍ରାମର ୬୨ ପରିବାରଙ୍କୁ ନେଇ ଏକାଠି ପାଳିତ ହୋଇପାରିଛି ନବାନ୍ନ ଭକ୍ଷଣ ପର୍ବ ଯାହାକି କୁବେର ସମାଜ ଇତିହାସରେ ଏକ ଉଜ୍ଜଳ ମାଇଲଖୁଣ୍ଟ । ପଦ୍ମପୁର ଯୁବାମଞ୍ଚର ଧାରାବାହିକ କାର୍ଯ୍ୟକ୍ରମ ବୋଇତ ବନ୍ଦାଣ ଆମର ଐତିହ୍ୟ, ସଂସ୍କୃତି, ପରମ୍ପରାର ଉଚ୍ଚତର ମୂଲ୍ୟବୋଧ ବହନକାରୀ । ଏଣୁ ଏହି କାର୍ଯ୍ୟକ୍ରମର ଉଦ୍ୟୋକ୍ତାମାନଙ୍କୁ ଆମେ ଭକ୍ତିପୂତ ପ୍ରଣାମ କରୁଛୁ । କୃତଜ୍ଞତା ଜ୍ଞାପନ ହୁଏତ ଧୃଷ୍ଟତା ହୋଇପାରେ । ଆଶା କରୁଛୁ ସମସ୍ତ କୁବେର ଯୁବାମଞ୍ଚର ମିଳିତ ପ୍ରୟାସ ଓ ଉତ୍ତରଦାୟିତ୍ୱରେ ନିଶ୍ଚିତ ଦିନେ ଏହା ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ପର୍ବ ହେବ ।

କିଛିଦିନ ପରେ ୨୦୧୭ ଚାଲିଯିବ, ୨୦୧୮ର ସୁଆଗମନରେ । ମୁଁ ବି ମୋର ଦାୟିତ୍ୱ ହସ୍ତାନ୍ତର କରିବି ନିକଟରେ ନବ ମନୋନୀତ ମୋର ଉତ୍ତରାଧିକାରୀଙ୍କୁ । ଶୀତ ବି ଆସିଯାଇଛି ଦିନେ ଛାଡ଼ି ଚାଲିଯିବ । ମୁଁ ଜାଣିପାରୁନି ଆମର କେଉଁ ଯୁବାମଞ୍ଚର ଶିଥିଳ ରକ୍ତ ଉତ୍ତେଜିତ ହେଉଛି ଧରମା ହୋଇ ଏ ବର୍ଷର କାର୍ଯ୍ୟକ୍ରମର ମୁଣ୍ଡି ମାରିବାକୁ ।

ଶେଷକୁ ଏତିକି କହିବି, ଏକ ସୁସମୟ ଆସନ୍ନ ପ୍ରାୟ । ଦ୍ୱୈତ ଶବ୍ଦ ସଂଯୋଜନାରେ ଗୋଟିଏ ନାମ । ଅବତାରି ପୁରୁଷ ରାମ ଓ ହରିଙ୍କର ନାମଧାରୀ ରାମହରି ମହାଶୟଙ୍କ ସମାଜ ମଙ୍ଗ ଧାରଣ ଏକ ବିଶେଷ ଭୂମିକା ବହନ କରେ । ରାମ ତ୍ୟାଗର ନିଦର୍ଶନ ହୋଇଥିବାବେଳେ ହରି ପ୍ରେମର ପ୍ରତୀକ । ତ୍ୟାଗ ଓ ପ୍ରେମର ସମନ୍ୱୟ ହିଁ ତ ସାଧାରଣ ଜୀବନ ତଥା ସାମାଜିକ ଜୀବନକୁ ବିକଶିତ କରେ । ଦେବତ୍ୱର ପ୍ରକାଶ ଫଳରେ ଧରା ସ୍ୱର୍ଗରେ ପରିଣତ ହୁଏ । ଆମର ସମାଜତନ୍ତ୍ରରେ ଯୁବାମଞ୍ଚ ଓ ମାତୃମଞ୍ଚ ଦୁଇଟି ମୁଖ୍ୟ ସ୍ତମ୍ଭ । ଯୁବାମଞ୍ଚ ତ୍ୟାଗର ଯଥାର୍ଥ ପ୍ରତିନିଧିତ୍ୱ କରିପାରିଲେ ଓ ମାତୃମଞ୍ଚ ପ୍ରେମର ସାଗର ହୋଇ ପ୍ରେମବାରୀ ବର୍ଷଣ କଲେ ମୋର ଶୋଣିତରୁ ଜନ୍ମନେବ ଏକ ସାର୍ଥକ ସମାଜ ।

ଜୟ ଜଗନ୍ନାଥ ! ଜୟ କୁବେର !

**ଜିଲ୍ଲା ସଭାପତି କୁବେର ଯୁବାମଞ୍ଚ, ବଲାଙ୍ଗୀର**
**ଓ ଜୋନାଲ୍ ସମ୍ପାଦକ, ବଲାଙ୍ଗୀର**



*With best compliments from*



# GAYATRI

## CYCLE & ELECTRICALS

**Sunamudi Chowk, Sarmuhan**

Tel. 9938271970 / 9438219925

*Also contact for*

**Sushila Kumar Sahu**

Advisor: Aditya Birla Sunlife Insurance

**Saudamini Sahu**

Agent: India Post (Postal Deposit)

ADITYA BIRLA CAPITAL

PROTECTING INVESTING FINANCING ADVISING

भारतीय डाक
Indian Post



# କ୍ରମବର୍ଦ୍ଧିଷ୍ଣୁ ଆତ୍ମହତ୍ୟା ଓ ଅପରାଧ ପ୍ରବଣତାଃ ଏକ ବିଶ୍ଳେଷଣ

ପ୍ରୀତମ କୁମାର ସାହୁ

ପରିବାର ହେଉଛି ସମାଜର ପ୍ରାଚୀନତମ ଅନୁଷ୍ଠାନ । ସମାଜରେ ପରିଦୃଷ୍ଟ ସକଳ ପ୍ରକାର ଅନୁଷ୍ଠାନ ଭିତରେ ଏହା ଅନନ୍ୟ ଓ ବିଶ୍ୱବ୍ୟାପୀ । ଆମେ ସମସ୍ତେ କୌଣସି ନା କୌଣସି ପରିବାରର ସଦସ୍ୟ । ଶିଶୁର ଅଭିବୃଦ୍ଧି, ସାମାଜିକ ଜୀବନ, ବ୍ୟକ୍ତିତ୍ୱ ପ୍ରତିଭା ସବୁ ବିକଶିତ ହୁଏ ପାରିବାରିକ ପରିବେଷ୍ଟନୀ ମଧ୍ୟରେ । ମାନବିକ ଆବେଗ ହିଁ ପରିବାରର ମୂଳ ଉତ୍ସ । ଶାସ୍ତ୍ର କହେ ନାରୀ ପୁରୁଷ ପୃଥକ ଭାବେ ଅସମ୍ପୂର୍ଣ୍ଣ, ମାତ୍ର ସଂଯୁକ୍ତ ଭାବେ ସମ୍ପୂର୍ଣ୍ଣ । ନାରୀ ପୁରୁଷର ବନ୍ଧନରେ ହିଁ ପୂର୍ଣ୍ଣତା ପ୍ରାପ୍ତି ହୁଏ ଏବଂ ଏହାର ଅନୁଶୃତ ବିଧାନ ହିଁ ବିବାହ । ଯାହା ଆମ ସଂସ୍କୃତିରେ ସ୍ୱର୍ଗୀୟ ଅନୁବନ୍ଧନର ଏକ ଆତ୍ମିକ ସନନ୍ଦ । ପାଶ୍ଚାତ୍ୟ ଦେଶରେ ଏହା ଭିନ୍ନ, ବିବାହର ଅର୍ଥ ଦାମ୍ପତ୍ୟ ବୁଝାମଣା କେବଳ । ଏହାର ଆବେଗିକ ବିସ୍ତାର ହେଉଛି ପରିବାର । ଏହା ସମ୍ପ୍ରସାରିତ ହୋଇ ସମୁଦାୟର ସୃଷ୍ଟି ହୁଏ ଏବଂ ସମୁଦାୟର ସମଷ୍ଟିରେ ସମାଜ ପ୍ରତିଷ୍ଠା ହୁଏ । ସୁଖ, ଶାନ୍ତି, ସଫଳତା ପ୍ରାପ୍ତ ହୋଇଥାଏ ପାରିବାରିକ ସହବସ୍ଥାନରୁ ଓ ଉତ୍ସର୍ଗୀକୃତ ସାଧନା ଦ୍ୱାରା । ଚତୁରାଶ୍ରମ ବିଧିରେ ମୁଖ୍ୟ ଆଶ୍ରମ ଗୃହସ୍ଥାଶ୍ରମ ଯାହାକି ପରିବାର । କର୍ତ୍ତବ୍ୟପରାୟଣତା ଓ ପରସ୍ପର ସମ୍ବେଦନଶୀଳତାରୁ ସ୍ନେହ ଶ୍ରଦ୍ଧା ଜନ୍ମ ନେଇ ପରିବାର ସ୍ୱର୍ଗୀୟ ପ୍ରତୀୟମାନ ହୁଏ । ଏକାନ୍ନବର୍ତ୍ତୀ ଯୌଥ ପରିବାର ଥିଲା ଭାରତୀୟ ସଂସ୍କୃତିର ଏକ ବୈଶିଷ୍ଟ୍ୟ । ଏହି ପରମ୍ପରାକୁ ପରିପୁଷ୍ଟ କରୁଥିଲା ଏକତା, ବୁଝାମଣା, ସହନଶୀଳତା, ତ୍ୟାଗ । ବଡ଼ ସାନ ଭିତ୍ତିରେ ଭକ୍ତି, ସମ୍ମାନ ଓ ସ୍ନେହର ବିନିମୟ ଇତ୍ୟାଦି । ଯୌଥ ପରିବାରରେ ଏକାଠି ପିତାମାତା, ଦାଦାଖୁଡ଼ି, ବଡ଼ବାପା, ବଡ଼ମା, ଜେଜେ, ଜେଜେମା ଓ ସାନବଡ଼ ଭାଇଭଉଣୀ ସନ୍ତାନ ସନ୍ତତି ଗହଣରେ ଜୀବନ ଅତିବାହିତ ହେଉଥିଲା ।

ଜେଜେ ଓ ଜେଜେମାଆ ଥିଲେ ପରିବାରର ନୈତିକତାର ପ୍ରହରୀ । ଗପ କହିବା ଛଳରେ ବଖାଣୁଥିଲେ ଆଦର୍ଶ ଓ ଚରିତ୍ରବତ୍ତାର ଉଦାହରଣ । 'ବୃଦ୍ଧସ୍ୟ ବଚନମ ଗ୍ରାହ୍ୟ' ନୀତିରେ ପରିବାରର ସମସ୍ତେ ସବୁକଥାରେ ଲୋଡୁଥିଲେ ତାଙ୍କର ପରାମର୍ଶ । ଆଜିକିନ୍ତୁ ସାମାଜିକ ମୂଲ୍ୟବୋଧର ଅବକ୍ଷୟ ଯୋଗୁଁ ସବୁଠି ଅବିଶ୍ୱାସର ବାତାବରଣ । କ୍ରମଶଃ ବଢ଼ିଚାଲିଛି ପାରିବାରିକ ହିଂସା ଓ ହିଂସ୍ର ଆଚରଣ । ଉଗ୍ର ଆଧୁନିକତା ଓ ପ୍ରତିଯୋଗିତା ଭରା ସାମାଜିକ ଚଳଣୀ (Status of living) ଆମର ଯୌଥ ପରିବାରକୁ ଭାଙ୍ଗି ଅଣୁ ପରିବାର ସୃଷ୍ଟି କରିଛି । ଅଣୁ ପରିବାରରେ ବି ଆଜି ଶାନ୍ତି ସହବସ୍ଥାନର ଅଭାବ ଦେଖାଦେଇଛି । ଆଦର୍ଶର ସଂକଟ ବଢ଼ି ବଢ଼ି ଚାଲିଛି । ଅର୍ଥ ଉପାର୍ଜନ କରି ସମ୍ପତ୍ତି ଠୁଳ କରିବାର ନିଶା, ପାଶ୍ଚାତ୍ୟଭିମୁଖୀ ବିଶୃଙ୍ଖଳିତ ଜୀବନଚର୍ଯ୍ୟା, ଅନ୍ୟ ପାଖରେ ଦେଖେଇ ହେବାର ପ୍ରକୃତି ଓ ପରକୀୟାପ୍ରୀତି ଇତ୍ୟାଦି ଅନେକ କାରଣ ଯୋଗୁଁ । ଶୃଙ୍ଖଳା ଓ ଅନୁଶାସନହୀନ ମୁରବୀବିହୀନ ଦମ୍ପତି ନିଜ ହାତରେ ନିଜେ ଚଉଦ ପା । ପାରସ୍ପରିକ ଅନୁମୋଦନ ଅଭାବ, ଶିଥିଳ ବନ୍ଧନ, ଏଣୁ ଯେଉଁ ସମାଜରେ ହଜାରେ ମତାନ୍ତର ପରେ ବି ଛାଡ଼ପତ୍ର କଳ୍ପନା ନ ଥିଲା ସେଇଠି ବିବାହ ବିଚ୍ଛେଦ ଆଜି ଏକ

ସାମାଜିକ ବିଧାନରେ ପରିଣତ । ସର୍ବତ୍ର ଆଜି ଅପରାଧ ଓ ଆତ୍ମହତ୍ୟା ପ୍ରବଣତା ବଢ଼ି ବଢ଼ି ଚାଲିଛି । କାହିଁକି ? କ'ଣ ପାଇଁ ଭାବି ଦେଖିଛେ କି ? ଟିକିଏ ସୂକ୍ଷ୍ମ ପର୍ଯ୍ୟାଲୋଚନା କଲେ ଜାଣିବା ଏହାର ମୁଖ୍ୟ କାରଣ । ଏଇ ଏକକ ବା ଅଣୁ ପରିବାର ସଂରଚନା ହିଁ ମନର ଭାବକୁ ଦୁଃଖ ବା ଅନୁଶୋଚନାର ଗ୍ଲାନିକୁ ନିଜ ଲୋକଙ୍କ ଭିତରେ ବାଣ୍ଟି ନ ପାରି; ଅସହାୟତାକୁ ଆଉଜଣଙ୍କ କାନ୍ଧରେ ଆଉଜେଇ ଦେଇ ନ ପାରିବାରୁ ହିଁ ଜଣେ ଆତ୍ମହତ୍ୟାର ରାସ୍ତା ଖୋଜିନିଏ । ଠିକ୍ ସେହିପରି ସମ୍ବେଦନହୀନ ବିଶୃଙ୍ଖଳିତ ଜୀବନଚର୍ଯ୍ୟା ଭିତରେ ଗତି କରୁଥିବା ପିଲାଟି ଯଦି ନିଜ ଲୋକଙ୍କ ଠାରୁ ଆଦର ଶ୍ରଦ୍ଧା ଟିକିଏ, ସ୍ନେହଭରା ସାନ୍ତ୍ୱନା ପଦୁଟିଏ ପାଇ ନ ପାରିଲେ ଜନ୍ମ ନିଏ ଅପରାଧପ୍ରବଣତା ।

ଯଦି ଆଉ ଟିକିଏ ଭିତରକୁ ଚାହିଁବା ହୃଦୟହୀନ ଅର୍ଥ ଅନ୍ୱେଷଣ ଓ ସହରାଭିମୁଖୀ ଜୀବନ ହିଁ ଏହାର ମୂଳ କାରଣ । ଶିଶୁଟିଏ ବଡ଼ ହୋଇ ଉତ୍ତମ ନାଗରିକରେ ପରିଣତ ହେବାରେ ପରିବାରର ଭୂମିକା ସର୍ବାଧିକ । ଶିଶୁ ଉପରେ ତା'ର ପାରିବାରିକ ପରିବେଶିକ ଶିକ୍ଷା ଯେପରି ପ୍ରଭାବ ପକାଏ ଅନ୍ୟ କୌଣସି ଶିକ୍ଷା ତା' ପାଇଁ ହୋଇପାରେନାହିଁ ସେତେ ପ୍ରଭାବଶାଳୀ । ଯାହାକୁ ପାରିବାରିକ ସଂସ୍କାର ବୋଲି କୁହାଯାଏ । ପ୍ରତ୍ୟେକ ଶିଶୁ ସଂସ୍କାରିତ ହୋଇ ପରିବାର ପାଇଁ, ସମାଜ ପାଇଁ ସମର୍ପିତ ହେଉ, ଏହାଥିଲା ଯୌଥ ପରିବାରର ତଥା ସମାଜର ଆବଶ୍ୟକତା । ସେ ଭାବ ଆଉ ନାହିଁ । ସମୟର ପରିବର୍ତ୍ତନ ଓ ପରିବର୍ତ୍ତିତ ଚିନ୍ତାଧାରା ଶିଶୁକୁ ଭବିଷ୍ୟତରେ ଟଙ୍କାଗଛରେ ପରିଣତ କରିବା ନିମନ୍ତେ ଅଣୁ ପରିବାର ଭିତରେ ବଢ଼ିଚାଲିଛି ପ୍ରତିଯୋଗିତା । ତ୍ୟାଗ ବଦଳରେ ତାକୁ ଶିଖେଇ ଦିଆଯାଉଛି ଲାଭ ଓ ଭୋଗବାଦର ମନ୍ତ୍ର । ପାଶ୍ଚାତ୍ୟ ପ୍ରଭାବରେ ବଦଳିଗଲାଣି ଶିକ୍ଷାର ପରିଭାଷା । ସତ୍ୟର ସନ୍ଧାନ କରିବା ପରିବର୍ତ୍ତେ ଉପାର୍ଜନର ଉପାୟ ଅନ୍ୱେଷଣ ଯଦି ଶିକ୍ଷାର ମୂଳ ଲକ୍ଷ୍ୟ ହୁଏ ତେବେ କେମିତି ସଂସ୍କାରିତ ହେବ ଶିଶୁର ଜୀବନ ? ବାସ୍ତବରେ ଶିକ୍ଷା ଆଜି ଧନ ଅପହରଣର ପଥ ପ୍ରଦର୍ଶକ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଶିକ୍ଷା ଶିଶୁକୁ ଭବିଷ୍ୟତରେ ଉପାର୍ଜନକ୍ଷମ କରିପାରେ ସିନା କିନ୍ତୁ ଚରିତ୍ରବାନ କରିପାରେନାହିଁ । ସେଇଥିପାଇଁ ଅଧିକାଂଶ ଯୁବକଯୁବତୀ ଏବେ ଆତ୍ମକୈନ୍ଦ୍ରିକ । ସେମାନଙ୍କ ଭୋଗବାଦୀ ମାନସିକତା ଆଗରେ କୌଣସି ମୂଲ୍ୟ ବହନ କରେନି ପାରିବାରିକ ଓ ସାମାଜିକ ସୌହାର୍ଦ୍ଦ୍ୟ । ସିନେମାର ଏକ ଭାବୋଦ୍ଦିପକ ଗୀତ ମନେପଡ଼େ - 'ଜାନେବାଲେ ଜରା, ମୁଡ଼କେ ଦେଖୋ ଇଧର; ଏକ୍ ଇନ୍‌ସାନ୍ ହୁଁ, ମେ ତୁମ୍‌ହାରି ତରହା' । ଆଜି କିନ୍ତୁ କେହି ମୁହଁ ବୁଲେଇ ଆଖପାଖର ମଣିଷଟିକୁ ଚାହୁଁନାହିଁ କିମ୍ବା ମଣିଷ ଭଳି ଭାବୁନାହିଁ । ସୋସିଆଲ୍ ମିଡ଼ିଆରେ ଆମେ ଦେଖୁଛେ ଶିକ୍ଷିତ ବାପାକୁ ଶିଶୁଟି ପଚାରୁଛି 'ହେଇ ଦେଖ ବାପା ସେ ଲୋକଟି କେମିତି ରାସ୍ତାରେ ଗଡୁଛି ବିକଳ ହୋଇ' । ବାପା ପୁଅକୁ ନୀତିଶିକ୍ଷା ଦେଉଛି 'ମାଇଣ୍ଡ୍ ଇଓର ଓନ୍ ବିଜନେସ୍' । ସେଇ ପିଲା ଭବିଷ୍ୟତରେ ସାମାଜିକ ସମ୍ବେଦନଶୀଳ ହେବତ ? ? ସେ ପିଲା କିନ୍ତୁ ସ୍କୁଲ୍‌ରେ 'ମୋରାଲ୍ ସାଇନ୍ସ' ପାଠରେ ଶହେରୁ ନବେ ନମ୍ବର ରଖି ଏ ଗ୍ରେଡ଼ ପାଇବ । ଆଉ ଆଜି ସେପରି ଅନେକ ଶିକ୍ଷିତ ଅଭିଭାବକ ବିଦ୍ୟାଳୟରେ ନୀତିଶିକ୍ଷା ପାଇଁ ଓକିଲାତି କରୁଛନ୍ତି । ଏମିତି ନମ୍ବର ରଖିବା ପିଲା ଉତାରିବାକୁ । ଏଇ ପିଲାମାନେ କାହିଁକି ପ୍ରଶ୍ନ ନ କରିବେ 'ସମାଜ କ'ଣ, କ'ଣ ମିଳିବ ଏ ସମାଜ ଫମାଜରୁ ?'

ଭୌତିକ ଉନ୍ନତି ଫଳରେ ସାରା ପୃଥିବୀ ଆଜି ଲାଗୁଛି ଗୋଟିଏ ଗାଁ ପରି । କଳ୍ପନା ଚାଲିଛି ବିଶ୍ୱଗ୍ରାମ ଯୋଜନାର । ଇଲେକ୍ଟ୍ରୋନିକ୍ସ ମିଡିଆରେ କେତେ ଅଚିହ୍ନା ମଣିଷଙ୍କ ସହ ସମ୍ପର୍କ ଯୋଡ଼ିହେଉଛି । ଦୂର କିଛି ନାହିଁ, ସମସ୍ତେ ହାତପାଆନ୍ତାରେ । ଏଣେ କିନ୍ତୁ ଆତ୍ମିକ ଉନ୍ନତି ଅଭାବରୁ ପିତାମାତା, ଭାଇଭଉଣୀଙ୍କ ଠି ସମ୍ପର୍କ ଶିଥିଳ । କେବଳ ଔପଚାରିକ, ଦାୟୀତ୍ୱବୋଧ ବା କର୍ତ୍ତବ୍ୟପରାୟଣତା ନାହିଁ । ପଡ଼ୋଶୀ ସାଙ୍ଗରେ ଅହୀନକୁଳ ସମ୍ପର୍କ, ମୁହଁ ଦେଖାଦେଖି ନାହିଁ । ତେବେ କ'ଣ ହେବ ଅବସ୍ଥା । ମନର ପୁଞ୍ଜିଭୂତ ଦୁଃଖ, ଅସହାୟତା ଓ ଅନୁଶୋଚନାର ଗ୍ଲାନିକୁ ବାଣ୍ଟିବା କାହାକୁ ? ବାଣ୍ଟି ନ ପାରି ତ ଆଜି ସିଏ ବିକଳ୍ପ ପଥର ଯାତ୍ରୀ । ଏଇଥିପାଇଁ ଆଜି ବୃଦ୍ଧି ପାଉଛି ଅପରାଧ ଓ ଆତ୍ମହତ୍ୟା ପ୍ରବଣତା । କେବଳ ସେତିକି ନୁହେଁ ବୃଦ୍ଧି ପାଉଛଛି ଜରାନିବାସ ଓ ସ୍ୱଧାର ଗୃହ (ନିଃସହାୟ ମହିଳା ନିବାସ) ଆଜି ଆମ ଦେଶରେ ପ୍ରତ୍ୟେକ ସହରାଞ୍ଚଳରେ ।

**କୁଡ଼ାସିଂହା, ବଲାଙ୍ଗୀର**

*With best compliments from*

Cell. 9861559151
9438132651

# Maa Bilasini Agency

**Deals in Cement, Rod, Asbestos**
**& all types of building materials**

## Ashok Sahu (Bunu)

Near Reliance JIO Tower, Saipali Road, Bijepur
Dist. Bargarh - 768 032 (Odisha)
E-mail: maabilasiniagency@gmail.com

CHARMINAR
On top of the world
FIBRE CEMENT SHEETS

BANGUR CEMENT
सस्ता नहीं, सबसे अच्छा

emami DOUBLE BULL CEMENT

Dalmia Bharat Limited

VISAKA

BIRLA GOLD
PREMIUM CEMENT
BUILD WITH GOLD

ACC TRUSTED QUALITY
ACC cement
Cementing Relationships



# ତେଲିଆପଦର ଓ ତେଲିଗଡ଼ର ବିସ୍ମୃତ ଗୌରବ - ଏକ ଅନୁଶୀଳନ

ଡକ୍ଟର ନୃସିଂହ ଚରଣ ସାହୁ

ଓଡ଼ିଶାରେ ବିଧିବଦ୍ଧ ଇତିହାସ ଲେଖା ଆଜିକୁ ଦୁଇଶହ ବର୍ଷତଳେ ଆରମ୍ଭ ହୋଇଥିଲା । ଯେଉଁ ଦେଶରେ ରାଜା ନିଜକୁ ଆରାଧ୍ୟ ଦେବତାର ସେବକ ଭାବେ ପରିଚୟ ଦିଏ, ଯେଉଁଠି ପୁରୀ ମନ୍ଦିର ଭଳି କାଳଜୟୀ କୀର୍ତ୍ତୀ ସ୍ଥାପନ ପରେ ମଧ୍ୟ ରାଷ୍ଟ୍ରମୁଖ୍ୟ ଭବିଷ୍ୟତ ବଂଶଧର ସେ କୀର୍ତ୍ତିର ଦାବୀଦାର ହେବା ଆଶଙ୍କାରେ ନିଃସନ୍ତାନ ହେବା କାମନା କରେ; ସେଇ ଦେଶର ଏକ ଜାତି ଠାରୁ ସଭ୍ୟତା, ସଂସ୍କୃତି ଆଦିର ଏକ ଧାରାବାହିକ ବିବରଣୀ ଆଶା କରିବା ବିଡ଼ମ୍ବନା ନୁହେଁ କି ? ବସ୍ତୁତଃ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶା ଅଧିକାର ପରେ ହିଁ ଓଡ଼ିଶାରେ ଇତିହାସ ଅନୁରକ୍ତି ଓ ଅନୁସଂଧାନର ଉଦ୍ୟମ ଆରମ୍ଭ ହେଲା କହିଲେ ଅତ୍ୟୁକ୍ତି ହେବନାହିଁ । ଗବେଷକ ମାନେ ଇତିହାସ ରଚନା ନିମନ୍ତେ ପୁରୀ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ମାଦଳାପାଂଜି, ବିଭିନ୍ନ ଅଞ୍ଚଳର କିମ୍ବଦନ୍ତୀ ଓ ଜନଶ୍ରୁତି, ଆଦିକୁ ପ୍ରାଥମିକ ଉପାଦାନ ଭାବେ ଗ୍ରହଣ କରି, ପରେ ଶିଳଲେଖ, ତାମ୍ରଶାସନ ପର୍ଯ୍ୟଟକମାନଙ୍କ ଭ୍ରମଣ ବୃତ୍ତାନ୍ତ ଆଦିପ୍ରତି ବିଶ୍ୱାସ ଆରୋପ କଲେ । ତେବେ କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟର ଶୀକାର ହେବା ସଂଗେ ସଂଗେ ଭୂମି ମାଲିକାନାରୁ ବଞ୍ଚିତ ନାଗରିକମାନଙ୍କର ବାରମ୍ବାର ବାସସ୍ଥାନ ପରିବର୍ତ୍ତନ ହେତୁ ଅନେକ ଅଞ୍ଚଳରେ ଜୀବନଯାପନ ସଂପର୍କିତ ଉଲ୍ଲେଖନୀୟ କାହାଣୀ, କୃତି ଓ କୀର୍ତ୍ତୀ ଅତୀତର ଅନ୍ଧାରି ଇଲାକାରେ ବିସ୍ମୃତ ହୋଇରହିଗଲା । କେତେକ ମଧ୍ୟ ମତାନ୍ଧ ଶାସକମାନଙ୍କର ବିଦ୍ୱେଷ ଓ ଅଂହକାରର ଶୀକାର କ୍ରମେ ଧ୍ୱଂସସ୍ତୁପରେ ପରିଣତ ହୋଇ କ୍ରମଶଃ ଦୀର୍ଘଦିନ ପରିତ୍ୟକ୍ତ ଫଳରେ ଅଖୋଜା, ଅଲୋଡ଼ା ହୋଇଗଲା । ସୁତରାଂ ଏକ ସଭ୍ୟତା ବା ସଂସ୍କୃତି ବା ଶାସନର ବିକାଶ ଓ ବିଲୟରେ ସମୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ମନେହୁଏ । ଏସଂପର୍କରେ ଜଣେ ବିଶିଷ୍ଟ ଐତିହାସିକଙ୍କ ମତ ପ୍ରଣିଧାନଯୋଗ୍ୟ । ତାଙ୍କ ଭାଷାରେ–Time runs very fast. In that swift flow, it plays the role of a mighty destroyer Not only that it wipes out many places of human creativity but also creats havoc on established traditions, local beliefs and popular legends. As a result, the past accounts of many places and people remain shrouded in mystery[୧] ଇତିହାସ ଆଢୁଆଳରେ ଉପେକ୍ଷିତ ହୋଇଯାଇଥିବା ସେଇଭଳି ଦୁଇଟି ରାଜଧାନୀ (ଦୁର୍ଗ) ତେଲିଆପଦର ଓ ତେଲିଗଡ଼ ଏବଂ ସେମାନଙ୍କର ଅଧିପତିମାନଙ୍କ ସଂପର୍କରେ ଏ ପ୍ରବଂଧରେ ଆଲୋକପାତ କରାଯାଇଛି ।

**ତେଲିଆପଦର:** ଆଳି ଥାନା ଅନ୍ତର୍ଗତ ତରପଦା ନାମକ ଏକ ସ୍ଥାନର ପ୍ରାଚୀନ ନାମ ଥିଲା ତେଲିଆପଦର । ଦ୍ୱାଦଶ ଶତାବ୍ଦୀରେ ଓଡ଼ିଶାରେ ଗଙ୍ଗାଶାସନ କାଳରେ ଏହା ତତ୍‌କାଳୀନ କନିକା ରାଜ୍ୟର ରାଜଧାନୀ ଥିଲା । କନିକାର ଶେଷ ସ୍ୱାଧୀନ ରାଜା କୁବେର ସାହୁ ମୟୁରଭଞ୍ଜ ରାଜ୍ୟର ଭଂଜ ବଂଶର ଭୁଜବଳ ଭଂଜଙ୍କ ଦ୍ୱାରା ଯୁଦ୍ଧରେ ପରାସ୍ତ ହେବା ପରେ ରାଜଧାନୀ ତେଲିଆପଦରର ମଧ୍ୟ ଗୌରବ ରବି ଅସ୍ତମିତ ହୋଇଥିଲା । ଭୁଜବଳ ସୁରକ୍ଷା ଦୃଷ୍ଟିରୁ

ତେଲିଆଦର ପରିବର୍ତ୍ତେ ନଦୀନାଳ ବେଷ୍ଟିତ ବ୍ରଜପୁରଠାରେ ନୂତନ, ରାଜଧାନୀ ନିର୍ମାଣ କରିଥିଲେ ।

ଓଡ଼ିଶା ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ ଅତୀତରେ କନିକା ବହୁ କ୍ଷୁଦ୍ର କ୍ଷୁଦ୍ର ଖଣ୍ଡରେ ବିଭକ୍ତ ଥିଲା ଏବଂ ପ୍ରତ୍ୟେକ ଖଣ୍ଡରେ ଜଣେ ଜଣେ ରାଜା ଥିଲେ । ଭଂଜ ବଂଶୀୟ ରାଜାମାନେ ସେମାନଙ୍କୁ ପରାଜିତ କରି କନିକା ରାଜ୍ୟ ଗଠନ କରିଥିଲେ[୨] । ମାତ୍ର ସେହି କ୍ଷୁଦ୍ର ରାଜ୍ୟ ଏବଂ ଶାସକଙ୍କ ସବିଶେଷ ପରିଚିତି ସେଥିରୁ ଖୋଜିଲେ ନିରାଶ ହେବାକୁ ପଡ଼େ । ଏକ ସରକାରୀ ବିବରଣୀରୁ ଏ ସଂପର୍କିତ କିଛିଟା ତଥ୍ୟ ଆଭାସିତ ହେଲେ ହେଁ ସେଥିରୁ ମଧ୍ୟ ବିବରଣୀ ପ୍ରସ୍ତୁତକର୍ତ୍ତା ଇଂରେଜ କର୍ମଚାରୀଙ୍କର ଓଡ଼ିଶାର ତତ୍କାଳୀନ ସାମାଜିକ ଜାତି ଓ ସଂପ୍ରଦାୟ ସଂପର୍କରେ ବାସ୍ତବ ଅନୁଶୀଳନର ଅଭାବକୁ ସୂଚିତ କରିଥାଏ । ବିବରଣୀ ବର୍ଣ୍ଣନା ଅନୁଯାୟୀ- From a brochure published by the late guardian of the late Raja in 1884 and from traditions in the late estate it appears that sometimesabout 1200 A.D. a brother of these chiefs of Mayurbhanja by name Bhujabal Bhanja owing to fraternal querrel, left home and acquired counquest asmall territory in what is now know as Kanika. The place at the time was peopled by obriginal tribes and ruled by a Raja of low caste and Bhujbal Bhanja having subdued the Raja, set up a region of his own and thus founded the Bhanja Raj in this Killah, the status of which was recognized by the Vishnuvite or Gajapait (Gangetic) dynestly of Orissa in the middle of the 13th century of the Christin era[୩].

୧୮୮୪ ଖ୍ରୀଷ୍ଟାବ୍ଦରେ ପୂର୍ବତନ ରାଜାଙ୍କର ଅଭିଭାବକଙ୍କ ଦ୍ୱାରା ପ୍ରକାଶିତ ଏକ ପରିପତ୍ର ଏବଂ ଏହି ରାଜ୍ୟର ପରଂପରାରୁ ଜଣାଯାଏ ଯେ ପ୍ରାୟ ୧୨୦୦ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ମୟୁରଭଂଜ ରାଜାଙ୍କର ଜନୈକ ଭ୍ରାତା ଭୁଜବଳ ଭଂଜ ପାରିବାରିକ କଳହ ଯୋଗୁଁ ଗୃହତ୍ୟାଗ କରିଥିଲେ ଏବଂ ଆଜିକାଲି କନିକା ବୋଲି କୁହାଯାଉଥିବା ଅଞ୍ଚଳଟିକୁ ଯୁଦ୍ଧ କରି ଦଖଲ କରିଥିଲେ । ସେ ଯୁଗର ଉକ୍ତ ସ୍ଥାନରେ ଆଦିବାସୀମାନେ ବାସ କରୁଥିଲେ ଏବଂ ଅନୁନ୍ନତ ସଂପ୍ରଦାୟର ଜଣେ ରାଜା ରାଜତ୍ୱ କରୁଥିଲେ । ଭୁଜବଳ ଭଂଜ ଉକ୍ତ ରାଜ୍ୟକୁ ମୂଳଦୂଆ ପକାଇଲେ । ଏହି ରାଜାଙ୍କୁ ତ୍ରୟୋଦଶ ଶତାବ୍ଦୀର ମଧ୍ୟ ଭାଗରେ ଓଡ଼ିଶାର ଗଙ୍ଗବଂଶୀୟ ଗଜପତି ସ୍ୱୀକୃତି ପ୍ରଦାନ କରିଥିଲେ ।

ମାତ୍ର ସ୍ଥାନୀୟ କିମ୍ବଦନ୍ତୀ ଅନୁସାରେ କନିକାର ଶେଷ ସ୍ୱାଧୀନ ରାଜା କୁବେର ସାହୁ  ଜାତିରେ ତେଲି ଥିଲେ । ସେ ମଲ୍ଲଯୁଦ୍ଧ ଓ ଅଶୀ ଚାଳନାରେ ବିଶେଷ ଦକ୍ଷ ଥିଲେ । ତାଙ୍କର ଅନମନୀୟ ମନୋଭାବ ଯୋଗୁଁ ତାଙ୍କ ବିରୁଦ୍ଧରେ ଜନ ଅସନ୍ତୋଷ ସୃଷ୍ଟି କ୍ରମେ ସେ ରାଜପଦରୁ ବିତାଡ଼ିତ ହୋଇଥିଲେ । କନିକାର ଇତିହାସ ଲେଖକ ଏ ତଥ୍ୟର ସମର୍ଥକ ଏବଂ ଇଂରେଜ ବିବରଣୀକାରଙ୍କ ସମାଲୋଚନା କରି ଲେଖିଛନ୍ତି-

"କୁବେର  ସାହୁ ତୈଳିକ ଥିଲେ- ଭୁଜବଳ ଥିଲେ- କୈବର୍ତ୍ତ ସୁତରାଂ ହିନ୍ଦୁ ବର୍ଣ୍ଣଭେଦ  ନୀତି ଅନୁସାରେ କେହି ତଥା କଥିତ ଉଚ୍ଚବର୍ଣ୍ଣ-ସମ୍ଭୁତ ନଥିଲେ । କିନ୍ତୁ ଇଂରେଜ ସରକାରଙ୍କ ବନ୍ଦୋବସ୍ତ ରେର୍କଡ଼ରେ କୁବେର ସାହୁଙ୍କୁ କୁହାଗଲା ନୀଚ୍ଚ ସଂପ୍ରଦାୟ ବା ଆଦିବାସୀ । ଅଥଚ ଭଂଜ ବଂଶ ହେଲେ "ରାଜା" - ଇଂରେଜ ହାକିମଙ୍କ ଲେଖନୀ ମନୁରେ ଯେପରି କି ସ୍ୱର୍ଗରୁ ଓହ୍ଲାଇ ଆସିଥିବା ରାଜବଂଶରୁ ଜଣେ । ମୋଗଲ ସମ୍ରାଟ ଆକବରଙ୍କ ଅମଳରେ ରାଜପୁତମାନେ ମୋଗଲ ଦରବାରରେ ସମ୍ମାନଜନକ ସ୍ଥାନ ଲାଭ କରୁଥିବାରୁ ଭାରତବର୍ଷର ସମସ୍ତ ରାଜା ମହାରାଜାମାନେ ଯେ ନିଜକୁ "ରାଜପୁତ" ବୋଲି ପ୍ରମାଣ କରୁଥିଲେ- ଏହି ଐତିହାସିକ ସତ୍ୟ ଇଂରେଜ ହାକିମମାନଙ୍କୁ ମାଲୁମ୍ ଥିଲେ ସେମାନେ କନିକାର ଭଂଜ ବଂଶୀୟ ରାଜାମାନଙ୍କୁ କି ଜାତି ବୋଲି କହିଥାନ୍ତେ ତାହା ଚିନ୍ତା କରିବାର କଥା । କୁବେର ସାହୁ ତେଲି ହୁଅନ୍ତୁ ବା ଅନ୍ୟଜ ହୁଅନ୍ତୁ ଭଂଜ ରାଜାଙ୍କ "ରାଜା" ଜାତିର ନିଶ୍ଚୟ ନ ଥିଲେ । କାରଣ  ରାଜାମାନଙ୍କ ଭଳି ତାଙ୍କର ବହୁରାଣୀ ଶୋଭିତ "ହାରେମ" ନଥିଲା । ତାଙ୍କର ପିଅନ, ପିଆଦା, ଗାଁ ଗାଁ  ଖେଦି ଆତଙ୍କ କରୁନଥିଲେ

କିମ୍ବା ଦୁନିଆ ଫିସାଦି କଥା କହି ଓ "ରାଜା ନର ରୂପରେ ଦେବତା" ବୋଲିପ୍ରଜାଙ୍କୁ ଭାଲୁ ଧରେଇବାର କାଏଦା କଟକଣା ତାଙ୍କୁ ମାଲୁମ୍ ନଥିଲା । ସେ ରାଜକଳା ନେଇ ଜନ୍ମ ହୋଇ ନଥିଲେ । ତେଣୁ କୁବେର ସାହୁ ବିଚାର ସବୁଦିନ ପାଇଁ ଆଦିବାସୀ ହୋଇ ରହିଗଲା । ଆଉ କନିକାର ରାଜା ହେଲେ "ମୋଷ୍ଟ ଫେଥ୍‌ଫୁଲ୍‌ଆଲୀ ଅଫ୍ ଦି ବ୍ରିଟିଶ ଏମ୍ପାୟର" ।[୪]

ଉପରୋକ୍ତ ବିବରଣୀରୁ ଦ୍ୱାଦଶ ଶତାବ୍ଦୀରେ ନିଜ ବାହୁବଳ ଏବଂ ପ୍ରଖର ଧୀମତ୍ତା ବଳରେ ରାଜା ବା ଦଳପତି ଭାବେ ଗାଦିସୀନ ହୋଇ ରାଜଧାନୀ ତେଲିଆପଦରରୁ କନିକାର ଶାସନ ପରିଚାଳନା କରୁଥିବା ବୈଶ୍ୟ ସଂପ୍ରଦାୟର କୁବେର ସାହୁ ଯେ ତେଲି ଜାତିର ଜଣେ ଅଗ୍ରଣୀ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ ତାହା ଅଭାସିତ ହୋଇଥାଏ । ତେଲିଆପଦର ସ୍ଥାନ ନାମକରଣ ମଧ୍ୟ ଜାତି ଭିତ୍ତିକ ହୋଇଥିବା ଏ ଧାରଣାକୁ ଦୃଢ଼ୀଭୂତ କରେ ।

ମାଦଳା ପାଞ୍ଜିରେ ଆଳି ନାମକ ଏକ ଦଣ୍ଡପାଟର ବର୍ଣ୍ଣନା ରହିଛି । ଏହି ଆଳି ଆଇନ-ଆକବରୀରେ ଆଲ୍ ଭାବେ ସୂଚୀତ । ୧୫୬୮ ମସିହାରେ ଓଡ଼ିଶାରେ ଶେଷ ସ୍ୱାଧିନ ରାଜା ମୁକୁନ୍ଦଦେବଙ୍କ ନିଧନ ପରେ ଓଡ଼ିଶା ପ୍ରଥମେ ଆଫଗାନଙ୍କ ଅଧିନରେ ଗୋଟିଏମାତ୍ର କିଲ୍ଲା ଥିଲା ଏବଂ ଆଳି ଅଧିନସ୍ଥ ଅନ୍ୟାନ୍ୟ ଅଞ୍ଚଳରେ ସଦାରମାନେ ଥିଲେ । ପରେ ସେମାନେ ପୁଣି ଆଳିରୁ ପୃଥକ୍ ହୋଇ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରାଜ୍ୟରେ ପରିଣତ ହେଲେ । ସର୍ଦ୍ଦାର ଶାସିତ ସେହି ରାଜ୍ୟଗୁଡ଼ିକ ହେଲେ - କନିକା, ଦର୍ପଣୀ, ରାଇନ୍ତା, କୁଜଙ୍ଗ, କାକିଳଦ୍ୱୀପ, ହରିଶପୁର, ମରିଚପୁର, ବିଷନପୁର, ଜାମାକରେରା ଓ ଚେଦ୍ରା । ସୁତରାଂ ତ୍ରୟୋଦଶ ଶତାବ୍ଦୀ ପୂର୍ବରୁ ସ୍ୱାଧିନ ରାଜ୍ୟ ଭାବେ ପ୍ରତିଷ୍ଠିତ କନିକା ରାଜ୍ୟ କୁବେର ସାହୁଙ୍କ ଶାସନର ଅବସାନ ପରେ ବୈଦେଶିକ ଭଂଜ ଶାସନର ଅନ୍ତର୍ଭୁକ୍ତ ହେବା ସଂଗେ ସଂଗେ ସମୟର ପ୍ରବାହରେ କିପରି ଷୋଡ଼ଶ ଶତାବ୍ଦୀର ମୋଗଲ ଶାସନରେ ପୁନର୍ବାର ଆଳିର କରଦ ରାଜ୍ୟ ହୋଇଛି ତାହା ଉପଲବ୍ଧ ହୁଏ ।

**ତେଲିଗଡ଼:** କନିକା ପରି ଆଳି ରାଜ୍ୟର ଅନ୍ତର୍ଭୁକ୍ତ ଥିବା "ଦର୍ପଣୀ" ରାଜ୍ୟର ପ୍ରାଚୀନ ରାଜଧାନୀର ନାମଥିଲା "ତେଲିଗଡ଼" । ଷୋହଳ ନମ୍ବର ଜାତୀୟ ରାଜପଥରେ ଚଣ୍ଡୀଖୋଲ ଛକଠାରୁ ଦ୍ରୁତ ଉଚ୍ଚପଥ (Express High Way)ରେ ଦର୍ପଣୀ ଗଡ଼ ଦେଇ ଦଶ କିଲୋମିଟର ପଥ ଅତିକ୍ରମ କଲେ ବରୁଣେଇ (ମହାବିନାୟକ) ପାହାଡ଼ର ଦକ୍ଷିଣ ପାର୍ଶ୍ୱ ତଥା ତିନିଭାଇଆ ପାହାଡ଼ର ମଧ୍ୟବର୍ତ୍ତୀ ଅଞ୍ଚଳରେ ଜଙ୍ଗଲାବୃତ୍ତ ଏହି ଗଡ଼ଟିର ଭଗ୍ନାବଶେଷ ପରିଦୃଷ୍ଟ । ଏହାର ନିର୍ମାଣ କାଳ ତଥା ଗଡ଼ ଅଧୀଶ୍ୱରଙ୍କ ସଂପର୍କରେ କିଛି ସଠିକ୍ ତଥ୍ୟ ନମିଳିଲେ ମଧ୍ୟ ଜନଶ୍ରୁତି, କିମ୍ବଦନ୍ତୀ ତଥା କେତେକ ସରକାରୀ ପଥିପତ୍ରରୁ ଏହାର ଗୌରବମୟ ଅତୀତ ସଂପର୍କରେ ସୂଚନା ମିଳିଥାଏ ।

କିମ୍ବଦନ୍ତୀ ଅନୁସାରେ ପାଣ୍ଡବମାନଙ୍କ ଅଜ୍ଞାତବାସ କାଳରେ ସେମାନେ ଏହି ଗଡ଼ରେ କିଛି ଦିନ ଅବସ୍ଥାନ କରିଥିଲେ । କଳିଯୁଗର ପ୍ରାକ୍ କାଳରେ ସେମାନେ ଗଡ଼ ପରିତ୍ୟାଗ କରିବା ଦିନ ପ୍ରତ୍ୟୁଷରେ ଯାହାଙ୍କୁ ପ୍ରଥମେ ସାକ୍ଷାତ କରିବେ, ତାଙ୍କୁ ଗଡ଼ର ଦାୟିତ୍ୱ ଅର୍ପଣ କରିବାକୁ ସିଦ୍ଧାନ୍ତ ନେଇଥିଲେ । ଏହି ସମୟରେ ଜଣେ ତୈଳିକ ବୈଶ୍ୟ ବ୍ୟକ୍ତି ନିଜର ସୌଭାଗ୍ୟ ବଶତଃ ପାଣ୍ଡବମାନଙ୍କର ପ୍ରଥମ ଦର୍ଶନରେ ଆସି ଗଡ଼ପ୍ରାପ୍ତିର ଗୌରବ ଲାଭ କରିଥିଲେ । ଏକଦା ଜଣେ ଶବରୀ ତେଲିଗଡ଼ ସନ୍ନିକଟ ପାହାଡ଼ରୁ କନ୍ଦା ଖୋଳି ଆଣି ଗଡ଼ରେ ଅନତି ଦୂରରେ ପ୍ରବାହମାନ ଝରଣାର ଏକ ସ୍ଥାନରେ ଲୌହନିର୍ମିତ ଖନନ ଯନ୍ତ୍ରଟି ଧୌତ କରିବା ସମୟରେ ତାହା ସୁବର୍ଣ୍ଣରେ ପରିଣତ ହୋଇଗଲା । ଶବରୀଟି ଆଶ୍ଚର୍ଯ୍ୟ ଚକିତ ହୋଇ ଝରଣାର ମାଲିକ ଭାବେ ରାଜାଙ୍କୁ ଉକ୍ତ ସୁବର୍ଣ୍ଣ ଖନନ ଯନ୍ତ୍ରଟି ପ୍ରଦାନ କଲା । ବିସ୍ମିତ ରାଜା ନିଜର ପାରିଷଦବର୍ଗ ସହ କାରଣ ଅନୁଧ୍ୟାନ ନିମନ୍ତେ ଝରଣାର ଉଦ୍ଦିଷ୍ଟ ସ୍ଥାନକୁ ଯାତ୍ରା କଲେ । ଝରଣା ଜଳରେ ପାଦ ଦେବାମାତ୍ରେ ରାଜା ସ୍ୱୟଂ ଏକ ସୁବର୍ଣ୍ଣ ପ୍ରତିମାରେ ପରିଣତ ହୋଇଗଲେ ଏବଂ ହଠାତ୍ ଏକ ରହସ୍ୟମୟ ବିକଟାଳ ଶବ୍ଦ ସହ ସଂଲଗ୍ନ ପାହାଡ଼ର କିଛି ଅଂଶ ଧସ୍‌କି ଆସି ତାଙ୍କୁ ଆବୃତ୍ତ କରିଦେଲା । ସେହି ଦିନଠାରୁ ଉକ୍ତ ପାହାଡ଼ର ନାମ ସୁନାଝରି ପାହାଡ଼ ହେଲା । ତାହାର ନିମ୍ନାଂଶରେ ଥିବା ଜଳପୂର୍ଣ୍ଣ ଏକ ସ୍ଥାନକୁ ସ୍ଥାନୀୟ ଅଧିବାସୀଗଣ ଏବେ ମଧ୍ୟ ରାଜାଙ୍କ ସମାଧି ଅଞ୍ଚଳ ଭାବେ

ଚିହ୍ନିତ କରିଥାନ୍ତି ।

କିମ୍ବଦନ୍ତୀର ତଥ୍ୟକୁ ଆଧାର କରି ଓଡ଼ିଶା ଇତିହାସର ଅନେକ ସ୍ଥଳୀ, ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କର ଗୌରବମୟ କାହାଣି ନିରୂପିତ । ଯଦିଓ ଏହା ସଂପୂର୍ଣ୍ଣ ତଥ୍ୟଭିତ୍ତିକ ଇତିହାସ ନୁହେଁ । ତେବେ ଆଲୋଚ୍ୟ କିମ୍ବଦନ୍ତି ସହ ପାଣ୍ଡବମାନଙ୍କ ବନବାସ, ସତ୍ୟଯୁଗର ଶେଷ ଓ କଳି ପ୍ରବେଶ ଆଦି କାହାଣୀ ସଂଶ୍ଲିଷ୍ଟ ଥିବା ଅନୁମିତ ହୁଏ । ପଞ୍ଚଦଶ ଶତାବ୍ଦୀର ମହାକବି ସାରଳାଦାସ ତାଙ୍କ ଦ୍ୱାରା ରଚିତ୍ ମହାଭାରତର ବନପର୍ବ, ସ୍ୱର୍ଗାରୋହଣ ପର୍ବ ଆଦିରେ ପାଣ୍ଡବମାନଙ୍କୁ ଉତ୍କଳର ବିଭିନ୍ନ ତୀର୍ଥସ୍ଥାନ ଦର୍ଶନ, ବିଭିନ୍ନସ୍ଥାନରୁ ବାସ, ଏପରିକି ଯୁଧିଷ୍ଠିରଙ୍କ ଯାଜପୁରର ବୈଶ୍ୟକନ୍ୟା ସୁହାଣୀଙ୍କୁ ବିବାହ ପ୍ରସଙ୍ଗ ବର୍ଣ୍ଣନା କରିଛନ୍ତି । ଷୋଡ଼ଶ ଶତାବ୍ଦୀର ସନ୍ଥ କବି ଅଚ୍ୟୁତାନନ୍ଦ ଦାସ ମଧ୍ୟ ତାଙ୍କର ମାଳିକାମାନଙ୍କରେ ଯାଜପୁର ଜିଲ୍ଲାର କେତେକ ସ୍ଥାନ ସହ ପାଣ୍ଡବଙ୍କୁ ସଂପୃକ୍ତ କରି ବର୍ଣ୍ଣନା କରିଛନ୍ତି ଯେ:-

ମହାବିନାୟକ ଠାବରୁ ଧନିଆଗିରି ଯାଏ
ତେରଟି ମଣ୍ଡଳେ ରହିଛି ଧନରତ୍ନ ଥୋକାଏ
ଚିତ୍ରବିଲ ମାତା ମଠରୁ ଚଣ୍ଡୀଖୋଲ ନିକଟ
ପାଞ୍ଚଟି ସୁଡ଼ଙ୍ଗ ରହିଛି ଯୁଧିଷ୍ଠିର ଆକଟ[୫]

କେବଳ ସାରଳା କିମ୍ବା ଅଚ୍ୟୁତାନନ୍ଦ ନୁହନ୍ତି ଓଡ଼ିଶାର ଅନେକ ପ୍ରାଚୀନ କାବ୍ୟ କବିତାରେ ଓଡ଼ିଶାକୁ ପାଣ୍ଡବଙ୍କ ଆଗମନ ଓ ଅବସ୍ଥାନର ଚିତ୍ର ବର୍ଣ୍ଣିତ ହେବାର ପରିଲକ୍ଷିତ ହୁଏ । ଏତଦ୍‌ଭିନ୍ନ ଆଲୋଚ୍ୟ ତେଲିଗଡ଼ ନିକଟବର୍ତ୍ତୀ ଅନେକ ପାହାଡ଼ ଓ ଜନବସତିରେ ପାଣ୍ଡବଙ୍କ ସ୍ମୃତି ଉଜ୍ଜୀବିତ ରହିଛି । ସେସବୁ ମଧ୍ୟରେ ମହାବିନାୟକ ପାହାଡ଼କୁ ଲୋକ ମୁଖରେ ବାରୁଣାବନ୍ତ, କାଏମା ପାହାଡ଼କୁ ହସ୍ତୀନା ପାହାଡ଼ ଭାବେ ସମ୍ବୋଧିତ କରିବା, ବୃଦ୍ଧଲିଙ୍ଗ ପାହାଡ଼ର ଏକ ସ୍ଥାନକୁ ଭୀମଶିଆର, ଲାଙ୍ଗୁଡ଼ି ପାହାଡ଼ର ପଞ୍ଚଧ୍ୟାନୀ ବୁଦ୍ଧ ମୂର୍ତ୍ତିଙ୍କୁ ପଞ୍ଚୁପାଣ୍ଡବ ଭାବେ ଚିହ୍ନିତ କରିବା, ଜଳୌକା ପାହାଡ଼ର ପଞ୍ଚୁପାଣ୍ଡବ ମନ୍ଦିର, ପଞ୍ଚୁପାଣ୍ଡବ ଭାବେ ଏକ ଜନବସତି, ବ୍ୟାସ ସରୋବର ଭାବେ ଅନ୍ୟ ଏକ ସ୍ଥାନର ନାମକରଣ ଏସବୁ ମଧ୍ୟରେ ଉଲ୍ଲେଖଯୋଗ୍ୟ ।

ତେବେ ତେଲିଗଡ଼ର ପାଣ୍ଡବ ସ୍ମୃତି କିମ୍ବଦନ୍ତୀ ସହ ଅନ୍ୟାନ୍ୟ କବି ବର୍ଣ୍ଣନାର ତୁଳନାତ୍ମକ ଅଧ୍ୟୟନ କଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ପ୍ରତିଷ୍ଠା ଓ ପ୍ରସିଦ୍ଧି ଦୃଷ୍ଟିରୁ ତେଲିଗଡ଼ ନିର୍ମାତା ସାରଳାଙ୍କ ପରବର୍ତ୍ତୀ ସମୟର କାରଣ ସାରଳାଙ୍କ ବର୍ଣ୍ଣନାରେ "ତେଲିଗଡ଼"ର ମାତ୍ର ଦଶ କିଲୋମିଟର ଦୂରତା ମଧ୍ୟରେ ନିର୍ମିତ ଅମରାବତୀ ଓ କଳକଳା ନାମକ ଦୁର୍ଗ ଦୁଇଟିର ନାମୋଲ୍ଲେଖ ଥିବା ବେଳେ ଆଲୋଚ୍ୟ ଦୁର୍ଗଟିର ନାହିଁ । ସାରଳାଙ୍କ ବର୍ଣ୍ଣନାରେ-

"ଶୁଣ ବୈବସ୍ୱତ ମନୁ ବଦନ୍ତି ଅଗସ୍ତି
ପାଣ୍ଡବମାନେ ରହିଲେ ଯେ ଅମରାବତୀ
ସୁହାଣୀ କନ୍ୟାକୁ ବିଭାହେଲେ ଧର୍ମସୂତ
ରହିଲେ ଯେ ପଞ୍ଚସ୍ତରୀ ବର୍ଷ ପରିଯନ୍ତ" ।[୬]

ପୁନଶ୍ଚ ସହଦେବ କଳିଯୁଗକୁ କଳକଳା ଗଡ଼ଠାରେ ବାନ୍ଧି ରଖିବା ପ୍ରସଙ୍ଗରେ ସେ ଅନ୍ୟତ୍ର ଲେଖିଛନ୍ତି -

''କଳିଯୁଗ ବାନ୍ଧିଥିଲେ ଯେଉଁ ବନସ୍ତରେ
କଳକଳା ଗଡ଼ ବୋଲି ହୋଇଲା ସେଠାରେ'' [୭]

ବୋଧହୁଏ ସାରଳାଙ୍କ ଏହି ବର୍ଣ୍ଣନାର ପ୍ରଭାବରେ ସ୍ଥାନୀୟ କିମ୍ବଦନ୍ତୀ କଳିଯୁଗ ପ୍ରାରମ୍ଭରେ ପାଣ୍ଡବମାନେ ତେଲିଗଡ଼ ଅଞ୍ଚଳ ପରିତ୍ୟାଗ ସମୟରେ ତୈଳିକ ସଂପ୍ରଦାୟର କୌଣସି ବ୍ୟକ୍ତିଙ୍କୁ ଗଡ଼ଦାୟିତ୍ୱ ଅର୍ପଣ କରିଥିବା ପ୍ରସଙ୍ଗ ପ୍ରସାରିତ କରିଛି । ଏପରି ଅନୁମାନ ମଧ୍ୟ ଅସୀମାଚିନ ନୁହେଁ ।

ଏ ପ୍ରସଙ୍ଗରେ ଅନ୍ୟ ଏକ ବିଷୟ ଲକ୍ଷ୍ୟ କରାଯାଇପାରେ ଯେ, ଦକ୍ଷିଣରେ ପାଣ୍ଡବଂଶୀୟ ରାଜାମାନେ ଉତ୍ତର ଭାରତରୁ ଆସିଥିଲେ ଓ ନିଜ ବଂଶକୁ ପାଣ୍ଡୁବଂଶ ବା ପାଣ୍ଡବବଂଶ ବୋଲି ପରିଚୟ ଦେଉଥିଲେ । ଅତୀତରେ ଅନେକବାର ଦକ୍ଷିଣତ୍ୟର ବହୁଳାଂଶ ଉତ୍କଳ ସାମ୍ରାଜ୍ୟର ଅଧିନସ୍ଥ ହୋଇଥିବାରୁ ଉକ୍ତ ପାଣ୍ଡବ ବଂଶୀୟ ରାଜାମାନଙ୍କର କାହାଣୀ ଜନମାନସରେ ସ୍ଥାନ ପାଇ ବ୍ୟାସକୃତ ମହାଭାରତର ପାଣ୍ଡବମାନଙ୍କ କିମ୍ବଦନ୍ତୀ ଭାବେ ରୂପାନ୍ତରିତ ହେବାପରେ ସାରଳା ମହାଭାରତ ଏବଂ ପରେ ପରେ ଅନ୍ୟ କବିମାନଙ୍କୁ ଆଞ୍ଚଳିକ ଭିତ୍ତିରେ ପ୍ରଭାବିତ କରିଥିବା ମନେହୁଏ ।[୮]

କିମ୍ବଦନ୍ତି ଓ କବି ବର୍ଣ୍ଣନା ବ୍ୟତୀତ ଭୌଗୋଳିକ ଅବସ୍ଥିତି, ନିର୍ମାଣଶୈଳୀ ଏବଂ କଳାସ୍ଥାପତ୍ୟ ଦୃଷ୍ଟିରୁ ତେଲିଗଡ଼ର ସମୟ ନିରୂପଣ କରାଯାଇପାରେ । ମନୁଙ୍କ ଧର୍ମଶାସ୍ତ୍ରରେ ପ୍ରାଚୀନ ଭାରତର ଦୁର୍ଗମାନଙ୍କ ସଂପର୍କରେ

ବର୍ଣ୍ଣନା ପରିଲକ୍ଷିତ ହୋଇଥାଏ । ଯଥା–

''ଧନ୍ୱ ଦୁର୍ଗଂ ମହୀ ଦୁର୍ଗମଦ୍ଦୁର୍ଗଂ ବୀର୍ଯ୍ୟମେବଚ
ନ ଦୁର୍ଗଂ ଗିରି ଦୁର୍ଗଂ ଚ ସମାଶ୍ରିତ୍ୟା ବସେତ ପୁରମ୍ ।।''

ଅର୍ଥାତ୍ ଧନୁ ଆକାରରେ ନିର୍ମିତ ଦୁର୍ଗକୁ 'ଧନୁଦୁର୍ଗ' କୁହାଯାଏ । ଭୂମିତଳେ ସୁଡ଼ଙ୍ଗ କରି ସେଥିରେ ନିର୍ମାଣ କରାଯାଇଥିବା ଦୁର୍ଗ ''ମହିଦୁର୍ଗ'' ନାମରେ ଆଖ୍ୟାତ ହୁଏ । ଚତୁର୍ଦ୍ଦିଗରେ ଜନବେଷ୍ଟିତ ଦୁର୍ଗ ''ଅବଦୁର୍ଗ'' ନାମରେ ପରିଚିତ । ଉଚ୍ଚତମ ପ୍ରଦେଶରେ ଯେଉଁ ଦୁର୍ଗ ଥାଏ, ତାହାର ନାମ ଅକ୍ଷଦୁର୍ଗ, ଘନ ଜନବସତିର କେନ୍ଦ୍ରରେ ନୃଦୁର୍ଗ ରହେ, ପର୍ବତ ପାହାଡ଼କୁ ଆଶ୍ରୟ କରି ଯେଉଁ ଦୁର୍ଗ ଗଠିତ ହୋଇଥାଏ ତାହା ଗିରିଦୁର୍ଗ ନାମଧାରଣ କରେ । ସେପରି ଦୁର୍ଗମାନଙ୍କୁ ରାଜାମାନେ ଆଶ୍ରୟ କରି ରହିବା ଆବଶ୍ୟକ ।

ଓଡ଼ିଶାରେ କେତେକ ସ୍ଥାନରେ ଦୁର୍ଗମାଳା ପରସ୍ପର ସଂଲଗ୍ନ ହୋଇ ପ୍ରତିଷ୍ଠିତ ହୋଇଥିବାର ମଧ୍ୟ ଦେଖାଯାଏ ସେଗୁଡ଼ିକର ଅବସ୍ଥିତି ସମ୍ବନ୍ଧରେ ଅଦ୍ୟାପି ବିଶେଷ କିଛି ତଥ୍ୟ ଉଦ୍‌ଘାଟିତ ହୋଇପାରି ନଥିବା ବିଷୟ ଐତିହାସିକମାନେ ସ୍ୱୀକାର କରିଥାନ୍ତି ।[୯] ଆଲୋଚ୍ୟ 'ତେଲିଗଡ଼' ଏକ ଗିରିଦୁର୍ଗ ଏବଂ ଏହାକୁ କଳକଳାଗଡ଼, ଅମରାବତୀଗଡ଼ ଏବଂ ପରବର୍ତ୍ତୀ କାଳରେ ନିର୍ମିତ ଦର୍ପଣୀଗଡ଼, କମାଗଡ଼, ତଳଗଡ଼, ଅଞ୍ଜିରାଗଡ଼, ବଳରାମପୁରଗଡ଼, ମଧୁପୁରଗଡ଼ ଆଦି ଧର୍ମଶାଳା ଓ ବଡ଼ଚଣା ଥାନା ଅଂଚଳରେ ନିର୍ମିତ ଦୁର୍ଗମାଳାର ଅଂଶବିଶେଷ ଭାବେ ଗ୍ରହଣ କରାଯାଇପାରେ ।

ନିର୍ମାଣ କୌଶଳ ଦୃଷ୍ଟିରୁ ଅନୁଧ୍ୟାନ କଲେ ଜଣାଯାଏ ଉକ୍ତ ଗଡ଼କୁ ଦୁଇଟି ପଥ, ପୂର୍ବ ଓ ପଶ୍ଚିମ ଦିଗରେ ରହିଥିଲା । ଗଡ଼ ସଂଲଗ୍ନ ଦକ୍ଷିଣାଞ୍ଚଳରେ ଏକ ବିରାଟ ଜଳାଶୟ ଖନନ କରାଯାଇଥିଲା । ଗଡ଼ର ଚତୁଃପାର୍ଶ୍ୱରେ ମାଙ୍କଡ଼ା ପଥରର ଏକ ସୁଦୃଢ଼ ମନ୍ଦିର, ଆଖଡ଼ାଶାଳ ଆଦି ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ଗଭୀର କୂପ ଓ କେତୋଟି ସୁଡ଼ଙ୍ଗ ଖନନ କରାଯାଇଥିଲା । ଗଡ଼ ପରିସୀମା ମଧ୍ୟରେ ଏବେ ମଧ୍ୟ ଅନେକ କୋଠରୀ ଓ ଏକ ମନ୍ଦିରର ଭଗ୍ନାଂଶ, ଚାରିଗୋଟି କୂପ ତଥା ଏକ ସୁଡ଼ଙ୍ଗ ପରିଦୃଷ୍ଟ ହୁଏ । ଗଡ଼ର ଅଧିଷ୍ଠାତ୍ରୀ ଦେବୀ ସ୍ଥାନୀୟ ଜନସାଧାରଣଙ୍କ ଦ୍ୱାରା ସ୍ଥାନାନ୍ତରିତ ହୋଇ ନିକଟସ୍ଥ ଅଞ୍ଚଳର ଏକ ନବନିର୍ମିତ କ୍ଷୁଦ୍ର ମନ୍ଦିରରେ ପୂଜା ପାଉଛନ୍ତି । ଗଡ଼ ମନ୍ଦିରର ଅନେକ କାରୁକାର୍ଯ୍ୟପୂର୍ଣ୍ଣ ପାର୍ଶ୍ୱଦେବୀ କାଳକ୍ରମେ ଅନ୍ୟତ୍ର ସ୍ଥାନୀତ ହୋଇଛନ୍ତି । ତନ୍ମଧ୍ୟରୁ ଦୁଇଗୋଟି କମନୀୟ ମିଥୁନ ମୂର୍ତ୍ତି ଦର୍ପଣୀ ନିକଟସ୍ଥ ପାଟଣା ଉ.ପ୍ରା. ବିଦ୍ୟାଳୟର ପ୍ରବେଶ ଦ୍ୱାର ଦୁଇ ପାର୍ଶ୍ୱରେ ସଂସ୍ଥାପିତ ହୋଇଥିବାର ପରିଲକ୍ଷିତ ହୁଏ । ବନଲତିକା ସହ ଉକ୍ତ ମୂର୍ତ୍ତିମାନଙ୍କର ଗଠନ ଚାତୁରୀ ଓ କାରୁକାର୍ଯ୍ୟରେ ଗଙ୍ଗ ବଂଶୀୟ କାରୁକଳାର ମୁଦ୍ରାଙ୍କ ବେଶ୍ ଲକ୍ଷଣୀୟ । ତେବେ ଦ୍ୱାଦଶ-ତ୍ରୟୋଦଶ ଶତାବ୍ଦୀରେ ଓଡ଼ିଶା ଶାସନ କରୁଥିବା ଗଙ୍ଗବଂଶୀୟମାନଙ୍କ ସ୍ଥାପତ୍ୟର ନିଦର୍ଶନ ଥିଲେହେଁ ଏହା ସାରଳା ମହାଭାରତ ସୃଷ୍ଟିର ପରବର୍ତ୍ତୀକାଳ ଅର୍ଥାତ୍ ଷୋଡ଼ଶ ଶତାବ୍ଦୀରେ ନିର୍ମିତ ଗଙ୍ଗ ସ୍ଥାପତ୍ୟର ଏକ ଅବକ୍ଷୟକାଳୀନ କୃତି ଭାବେ ପ୍ରତିପାଦନ କରାଯାଇପାରେ ।

ଏକ ସରକାରୀ ବିବରଣୀରୁ ମଧ୍ୟ ଉପରୋକ୍ତ ବିଚାର ସମର୍ଥିତ ବର୍ଣ୍ଣନାର ପରିଚୟ ମିଳେ । ଦର୍ପଣୀ କିଲ୍ଲାର Settlement reportରୁ ଜଣାଯାଏ – "There are besides the above, several tanks and hill spring in the western part of estate, the water of which could be with nominal cost regulated for store against seasons of draught, and executors should include them in their budget of repairs. Important and of sure success is big tank existing in the jungle of "Teligarh" in Darpan. It was probably the tank in the capital of "Teli (Oilman) Raja", who reigned here, it is said, in the sixteenth century.[୧୦].

ଇତିହାସରୁ ଜଣାଯାଏ ଯେ ଅନଙ୍ଗଭୀମଦେବ ୧୬ଜଣ ସାମନ୍ତରାଜ୍ୟ ସୃଷ୍ଟି କରିଥିଲେ । ସେହି ସାମନ୍ତରାଜାମାନଙ୍କର କାର୍ଯ୍ୟ ଥିଲା ନିଜ ନିଜ ରାଜ୍ୟରେ ଶାନ୍ତି ଶୃଙ୍ଖଳାରେ ଶାସନ ଚଳାଇବା । ବୈଦେଶିକ ଆକ୍ରମଣରୁ ଦେଶରକ୍ଷା କରିବା ଏବଂ ଗଜପତିଙ୍କ ଆଦେଶକ୍ରମେ ସୈନ୍ୟ ସାମନ୍ତ ଧରି ଯୁଦ୍ଧ କ୍ଷେତ୍ରରେ ଉପସ୍ଥିତ ହେବା ।[୧୧]

ତେଲିଗଡ଼ର ରାଜା ଏହିପରି ଜଣେ ସାମନ୍ତ ରାଜା ହୋଇଥିବା ସମ୍ଭବପର । ମାତ୍ର ତାଙ୍କର ଅଭ୍ୟୁତ୍‌ଥାନ, ଶାସନ

ତଥା ନିଧନ ସଂପର୍କିତ ଘଟଣାବଳୀ ଏବେ ମଧ୍ୟ ଅନ୍ଧକାରାଛନ୍ନ ଏବଂ ରହସ୍ୟାବୃତ । ହାତୀ ସୁନାକଳସ ଢ଼ାଳି ରାଜା ନିର୍ବାଚନ କରିବା ପରମ୍ପରା ଥିବା ରାଜ୍ୟର କିମ୍ବଦନ୍ତୀ ଅନୁଯାୟୀ ଅନ୍ୟର ଅନୁଗ୍ରହରୁ ତୈଳିକ ସଂପ୍ରଦାୟର ସାଧାରଣ ବ୍ୟକ୍ତିଜଣକ ଆକସ୍ମିକ ଭାବେ ରାଜ୍ୟପ୍ରାପ୍ତି ହେବା ଅସମ୍ଭବ ମନେ – ହୋଇନପାରେ; ମାତ୍ର ସୁବର୍ଣ୍ଣ ପ୍ରତିମାରେ ପରିଣତ ହୋଇ ପାହାଡ଼ ତଳେ ସମାଧିସ୍ଥ ହେବା କାହାଣୀ ସତ୍ୟର ଅପଳାପ ନିଶ୍ଚୟ । ଇତିହାସ ପୃଷ୍ଠାରେ ଜଣେ ସାଧାରଣ ବ୍ୟକ୍ତି ନିଜ ବ୍ୟକ୍ତିତ୍ୱର ପରାକାଷ୍ଠା ଫଳରେ ସର୍ବସାଧାରଣଙ୍କ ନେତୃତ୍ୱ ନେଇ ଐତିହାସିକ ଗୌରବସଂପନ୍ନ ହେବାର ଉଦାହରଣ ମଧ୍ୟ ବିରଳ ନୁହେଁ । ଏହି ପ୍ରସଙ୍ଗରେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହେରୁଙ୍କ ମନ୍ତବ୍ୟ ପ୍ରଣିଧାନ ଯୋଗ୍ୟ –

Ordinary men and women are not usually heroic. They think of their bread and butter, of their children, of their household worries and the like. But a time come when a whole people become full of faith for a great cause and then even simple, ordinary men and women become heroes and history becomes stirring and epoch making. [୧୨]

ଏତଦ୍‌ଭିନ୍ନ ମଧ୍ୟ ଯୁଗୀୟ ଓଡ଼ିଶାର ସାମନ୍ତରାଜାମାନଙ୍କ କାର୍ଯ୍ୟକଳାପ ସଂପର୍କିତ ବିବରଣୀକୁ ମଧ୍ୟ ବିଚାର ପରିସରଭୁକ୍ତ କରାଯାଇପାରେ । ଏକ ବିବରଣୀ ଅନୁଯାୟୀ ସେମାନଙ୍କୁ କେନ୍ଦ୍ର କର୍ତ୍ତୃପକ୍ଷ କେତେକ ଶାସନଗତ କ୍ଷମତା ହସ୍ତାନ୍ତର କରିଥିଲେ । ରାଜ୍ୟର ସଦର ମହକୁମାଠାରୁ ଏମାନେ ଦୂରରେ ରହୁଥିବାରୁ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ପ୍ରଭୁତ୍ୱ ସ୍ୱୀକାର ନକରି ବାସ୍ତବ କ୍ଷେତ୍ରରେ ସେମାନେ ନିଜ ନିଜକୁ ସେମାନଙ୍କ ପରିସର ମଧ୍ୟରେ ସର୍ବେସର୍ବା ମନେ କରୁଥିଲେ । [୧୩]

ବୋଧହୁଏ ତେଲିଗଡ଼ରେ ଅବସ୍ଥାପିତ ସାମନ୍ତରାଜାଙ୍କର କୌଣସି ସ୍ୱାଧୀନ ମନୋବୃତ୍ତିର ପରିଚୟ ପାଇ ତାଙ୍କୁ ଚିହ୍ନିତ ସୁନାଝରେ ନିର୍ଦ୍ଦିଷ୍ଟ ସ୍ଥାନରେ ହତ୍ୟା କରାଯାଇଥିଲା । ଅଥବା କୌଣସି ଗୁପ୍ତ ଷଡ଼ଯନ୍ତ୍ର ଜରିଆରେ ରାଜାଙ୍କୁ ଅନ୍ୟାୟଭାବେ ହତ୍ୟା କରାଯାଇ ଗୋପନରେ ଶବସଂସ୍କାର ସହ ଜନସାଧାରଣରେ ଉପରୋକ୍ତ କିମ୍ବଦନ୍ତୀ ପ୍ରଚାର କରାଯାଇଥିଲା । ତେବେ ସେ ଯାହାହେଉନା କାହିଁକି ଆଲୋଚ୍ୟ ଭଗ୍ନଗଡ଼ର ଅଧୀଶ୍ୱର ସେ ସମୟ କାଳରେ ନିଜର ବ୍ୟକ୍ତିତ୍ୱ ବଳରେ ପ୍ରତିଷ୍ଠା ଲାଭ ସହ ସାମାଜିକ ନେତୃତ୍ୱ ନେଇଥିବା ତୈଳିକ ବୈଶ୍ୟ ଜାତିର ଜଣେ ଅଗ୍ରଣୀ ପୁରୁଷ ଥିଲେ, ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । କେବଳ ସେତିକି ନୁହେଁ, ଓଡ଼ିଶା ଇତିହାସରେ ବର୍ଣ୍ଣିତ ଗଡ଼ମାନଙ୍କ ମଧ୍ୟରେ ଏକ ଜାତିର ନାମାନୁସାରେ ନାମକରଣ ବିରଳ ହେଲେ ମଧ୍ୟ 'ତେଲିଗଡ଼' ଏ ଦୃଷ୍ଟିରୁ ଏକ ସ୍ୱତନ୍ତ୍ର ଗୌରବର ଅଧିକାରୀ । ଭିନ୍ନଦୃଷ୍ଟିରୁ ତତ୍କାଳୀନ ସମାଜରେ ଆଧିପତ୍ୟ ବିସ୍ତାର କରିଥିବା ତଥାକଥିତ ଉଚ୍ଚ ସଂପ୍ରଦାୟ ମାନଙ୍କର ରାଜପଦପ୍ରାପ୍ତ ଜଣେ ବୈଶ୍ୟ ବ୍ୟକ୍ତିର କୃତିତ୍ୱରେ ଈର୍ଷା ପ୍ରଣୋଦିତ ସଂକୀର୍ଣ୍ଣ ମନୋଭାବ ତଥା ଚରମ ଅସହିଷ୍ଣୁତାର ପରୋକ୍ଷ ସୂଚନା ପ୍ରଦାନ କରେ । ଯେଉଁ ସମାଜରେ ସାରଳାଙ୍କ ପରି ପ୍ରତିଭାବାନ କବିଙ୍କୁ 'ଶୁଦ୍ରମୁନି' ଆଖ୍ୟା ଦିଆଯାଇପାରେ ଏବଂ ଯେଉଁଠି ଜଗନ୍ନାଥ ଦାସଙ୍କ ଭାଗବତକୁ 'ତେଲି ଭାଗବତ' ଭାବେ ଅଭିହିତ କରାଯାଏ , ସେହି ମଧ୍ୟଯୁଗୀୟ ଓଡ଼ିଆ ସମାଜରେ ରାଜାଙ୍କ ନାମ ଓ ଗୌରବକୁ ଗୁରୁତ୍ୱ ପ୍ରଦାନ ନକରି ଜାତି ଭିତ୍ତିରେ 'ତେଲିଗଡ଼' ରୂପେ ପରିଚିତ କରାଇବାରେ ବିଚିତ୍ରତା କେଉଁଠି ?

ପରିଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ତେଲିଆପଦରର କୁବେର ସାହୁ କିମ୍ବା ତେଲିଗଡ଼ର ତୈଳିକ ରାଜାଙ୍କ କୃତି ଓ କୀର୍ତ୍ତିର ଯଥାର୍ଥ ମୂଲ୍ୟାୟନ ଅଦ୍ୟାବଧି ହୋଇନାହିଁ । ଉପଯୁକ୍ତ ଅନୁସନ୍ଧାନ, ନିରପେକ୍ଷ ଗବେଷଣା ଏବଂ ଏଥିନିମନ୍ତେ ସରକାରୀ ପ୍ରୋତ୍ସାହନ ଯେ ଅନ୍ଧାର ମଧ୍ୟରେ ଛପି ରହିଥବା ଏହି ଦୁଇଟି ଗଡ଼, ସେଗୁଡ଼ିକର ଶାସକ ଓ ଶାସନ ସଂପର୍କିତ ବାସ୍ତବ ତଥ୍ୟକୁ ଆଲୋକକୁ ଆଣିବାରେ ସହାୟକ ହୋଇପାରିବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

କବିଙ୍କର ଭାଷାରେ –

*ପୁଣ୍ୟ ଜନ୍ମଭୂମି ପୁଣ୍ୟ ଦେବାଳୟ, ଉଦ୍ଧରିବା ପାଇଁ ତନୁ କଲେ କ୍ଷୟ*
*ମାନବ ଜୀବନ ନୁହଇ ସଫଳ, ଏ ମହାଦୀକ୍ଷାକି ବୁଝିବ ଉତ୍କଳ ?*

ସହାୟତା :-

୧. Cultural Heritage of Jajpur - Forward Prof. M.N.Das, Publisher - Vyasakabi Fakir Mohan Smruti Sansad, Bhubaneswar.
୨. ପ୍ରାଚୀନ ଉତ୍କଳ - କୃପାସିନ୍ଧୁ ମିଶ୍ର
୩. Survery Settlement completlion report ୧୯୮୯-୯୪
୪. କନିକା ପ୍ରଜା ଆନ୍ଦୋଳନର ଇତିହାସ ଓ ଶହୀଦ ବସି ବାସୁନୀ, ଲେଖା-ପ୍ରଫୁଲ୍ଲ କୁମାର ଦାସ - ପୃ-୧୪,୧୫
୫. ଶିବକଳ୍ପ ଓ ନବଖଣ୍ଡ ନିର୍ଘଣ୍ଟ, ପୃ.୩୪-୩୫, ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଗୋସ୍ୱାମୀ ପ୍ରକାଶକ - ଗୋଲକ ଚନ୍ଦ୍ର ନାଥ, ପ୍ରଭାତି ପୁସ୍ତକାଳୟ, କଟକ-୩.
୬. ସାରଳା ଦାସ କୃତ ମହାଭାରତ
୭. ଇତିହାସ ଓ କିମ୍ବଦନ୍ତୀ, ପୃ-୨୦, ଲେଖକ - ଡ଼କ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ
୮. ଓଡ଼ିଶା ଇତିହାସ, ପୃ-୫୭୬, ଲେଖକ - ଡ଼କ୍ଟର ସତ୍ୟନାରାୟଣ ରାଜଗୁରୁ
୯. Final Report on the Settlement of Killa Darpan, Cuttack-1901, P-30, by Harekrishna Mohanty
୧୦. ଉତ୍କଳ ଇତିହାସ - ପୃ-୧୧୩, କୃପାସିନ୍ଧୁ ମିଶ୍ର ।
୧୧. Glimpses of World History, Page-2, Oxford University Press, by- Sj. Jawaharlal Nehru.
୧୨. ଓଡ଼ିଶାର ସାମରିକ ସଂସ୍କୃତି - ପୃ-୩୯ (ଗଙ୍ଗ ଓ ଗଜପତି ରାଜତ୍ୱର ସାମରିକ ଗୌରବ, ଲେଖା- ଅଧ୍ୟାପକ ଡ଼ଃ ଲକ୍ଷ୍ମଣ କୁମାର ପଣ୍ଡା)

**ଅବସରପ୍ରାପ୍ତ ଅଧ୍ୟକ୍ଷ, ଧର୍ମଶାଳା ମହାବିଦ୍ୟାଳୟ, ଯାଜପୁର**
**(ଉପଦେଷ୍ଟା, ଚଉଦସାହି କୈଳିକ ବୈଶ୍ୟ ସଂଘ, ବ୍ରହ୍ମ ବରଦା, ଯାଜପୁର)**
**ଭ୍ରାମ୍ୟଭାଷ୍ୟ: ୯୪୩୭୮୦୮୮୨୪**

*With best compliments from*



*ପଞ୍ଚଦଶ କୁବେର ମହାସଭାରେ ସମସ୍ତ ପଶ୍ଚିମ ଓଡ଼ିଶା ଓ ଛତିଶଗଡ଼ ଭାଇଭଉଣୀଙ୍କୁ ମୋର ହାର୍ଦ୍ଦିକ ଶୁଭକାମନା । ଉଲ୍ଲାସର ସହିତ ଶୁଭେଚ୍ଛା ଜଣାଉଛି*

**GUNU FANCY**

**C/o. Somanath Sahu, Padmanavpur, Titilagarh**

Cell. 9853782959

**ADITYA JEWELLERS**

**C/o. Biswanath Sahu, Padmanavpur, Titilagarh**

Cell. 9437240385

*With best compliments from*







Indane
SAFE.RELIABLE.CONVENIENT

# BRUNDABAN

## DURGAM KSHETRIYA VITRAK

## INDANE GAS

**AMPANI, KALAHANDI**

Prop. *Suresh Kumar Sahoo*

Cell. **8917451869**



# ମହାନ ଏ ଜାତି

ନିତ୍ୟାନନ୍ଦ ସାହୁ

ଜାତିପ୍ରଥାର ସୃଷ୍ଟି ଓ ଆରମ୍ଭକୁ ନେଇ ଶାସ୍ତ୍ର ପୁରାଣ ଓ ଇତିହାସରେ କୌଣସି ସମୟସୀମା ନିରୂପଣ ହୋଇପାରିନାହିଁ । ସାମାଜିକ ଶୃଙ୍ଖଳା ରକ୍ଷା ନିମିତ୍ତ କେଉଁ ଆଦିମ କାଳରୁ ମାନବ ସମାଜରେ ଜାତିପ୍ରଥା ପ୍ରଚଳିତ ହୋଇଆସୁଅଛି । ଆମେ ନିଜକୁ ଧନ୍ୟ ମନେ କରିବା ଯେ ଆମେ ସମସ୍ତେ କୁବେର ବା ସାଧବ କୁଳ ପରି ଏକ ସମାଜରେ ଜନ୍ମଲାଭ କରିଛେ । କୁବେର ସମାଜର ଆରାଧ ଦେବତା ହେଉଛନ୍ତି ଦେବ ଭଣ୍ଡାରର ରକ୍ଷକ ଧନର ଦେବତା କୁବେର । ତାଙ୍କର କର୍ତ୍ତବ୍ୟନିଷ୍ଠା, ସାଧୁତା ଓ କଠୋର ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମଦେବ ତାଙ୍କୁ ଲୋକପାଳ ପଦ ଅର୍ପଣ ପୂର୍ବକ ମାତା ଲକ୍ଷ୍ମୀଙ୍କ ସହିତ ସଂସାର ପାଳନ ଦାୟିତ୍ୱ ଅର୍ପଣ କରିଥିଲେ । ସ୍ଥାନ ବିଶେଷରେ ଏ ଜାତି ତେଲି, ସାଧବ, ବୈଶ୍ୟ, ସୌଦାଗର, ସାହୁ, ସାହୁକାର, ମହାଜନ ଭାବରେ ପରିଚିତ ହେଲେ ମଧ୍ୟ ବାସ୍ତବତଃ ଏମାନେ ସମସ୍ତେ ହେଉଛନ୍ତି ଗୋଟିଏ ସମ୍ପ୍ରଦାୟର ।

ପ୍ରାଚୀନ ନୌବାଣିଜ୍ୟିକ ପରମ୍ପରାପ୍ଳୁତ ଗାରିମାମୟ ଇତିହାସର ପୃଷ୍ଠା ଲେଉଟାଇଲେ ସାଧବ ପୁଅର ପୂର୍ବକାଳର ସୁଦୂର ଜାଭା, ସୁମାତ୍ରା, ବାଲି, ବର୍ଣ୍ଣିଓ, ସିଂହଳାଦି ଦେଶକୁ ଯାଇ ବାଣିଜ୍ୟ ବ୍ୟବସାୟ କରି ଅକଳନ ଧନ ସମ୍ପତ୍ତି ଧରି ଫେରିବାର ଗାଥା ଜଣାପଡ଼େ । ଏଣୁ ଯଥାର୍ଥରେ ପ୍ରବାଦ ରହିଆସିଛି – 'ବାଣିଜ୍ୟେ ବସତେ ଲକ୍ଷ୍ମୀ

ନିଜର ଆର୍ଥିକ ଉନ୍ନତି ସଙ୍ଗେ ସମାଜ ତଥା ଦେଶର ଆର୍ଥିକ ଅଭିବୃଦ୍ଧିରେ ମଧ୍ୟ ଏମାନେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ । ତତ୍ ସଙ୍ଗେ ସଙ୍ଗେ ଆମର ମହାନ ସଂସ୍କୃତିର ପ୍ରଚାର ପ୍ରସାର ଓ ଶାନ୍ତିମୈତ୍ରୀର ଭାବ ପ୍ରତିଷ୍ଠା ଦିଗରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ ।

ଜଗନ୍ନାଥ ସଂସ୍କୃତିରେ ଧନେଶ୍ୱର ସାଧବ ଉପାଖ୍ୟାନ, ମାଣିକ ସହରର ଧନୀ ସୌଦାଗରର ପୁତ୍ର ଭ୍ରମରବର ଉପାଖ୍ୟାନ, ଏ ଜାତିର ସୁଯୋଗ୍ୟ କନ୍ୟା ତଅପୋଇର ମା' ମଙ୍ଗଳାଙ୍କ କୃପାଭିକ୍ଷା କରି ଖୁଦୁରୁକୁଣୀ ଓଷାର ସୃଷ୍ଟି । ଏ ଜାତିର ମହିୟସୀ ମହିଳା ମାତା କରମାବାଇ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଭକ୍ତି ବଳରେ ବାଇହାଣ୍ଡି ଭୋଗ ଲଗାଇବା ଓ ଆଉ ଜଣେ ସାଧବ ବୋହୂ ପତିବ୍ରତା ନାରୀ ହିସାବରେ ଏବଂ ତା'ର ସତୀତ୍ୱ ବଳରେ ସ୍ୱାମୀ ଓ ସାତ ଦେଢ଼ଶୁରଙ୍କୁ ଜୀବନଦାନ କରାଇ ପବିତ୍ର କାର୍ତ୍ତିକ ମାସରେ ନାଗଚତୁର୍ଥୀ (ନାଗଲ ଚତୁର୍ଥୀ)ର ସୃଷ୍ଟି । ଭକ୍ତକବି ଜଗନ୍ନାଥ ଦାସଙ୍କର ଭାଗବତଗ୍ରନ୍ଥ ସଂସ୍କାରରେ ଏ ଜାତିର ସୁଯୋଗ୍ୟ ସନ୍ତାନ ମନେଇ ସାହୁଙ୍କର ସଂଶ୍ଳିଷ୍ଟତା ଓ ତେଲି ଭାଗବତ ଉପାଖ୍ୟାନ ଆଦି ଏ ଜାତିର ମହିମାମଣ୍ଡନ କରେ । କର୍ପୂର ଉଡ଼ିଯାଇଛି ମାତ୍ର କନା ଖଣ୍ଡିକ ପଡ଼ିରହିଛି ।

ଜଳ ପଥେ କାହିଁ ବିଦେଶ ଗମନ  
କାହିଁ ପୂର୍ବଖ୍ୟାତି କାହିଁ ପୂର୍ବଧନ

ସମୟ ଚକ୍ରରେ ଦେଶ ବିଦେଶମାନଙ୍କର କବଳିତ ହେବା ବିଜ୍ଞାନର ଅଗ୍ରଗତି ଆଦି ଫଳରେ ନୌବାଣିଜ୍ୟ ଓ ବର୍ହିବାଣିଜ୍ୟ

ପ୍ରାୟତଃ ଲୋପ ପାଇଯାଇଛି । ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ଅନୁପ୍ରବେଶ ଆମ ସାମାଜିକ ଜୀବନକୁ ସଂକ୍ରମିତ ଓ କଳୁଷିତ କରିଚାଲିଛି ।

ଏଣୁ ସମାଜର ହୃତ ଗୌରବ ଫେରାଇ ଆଣିବାକୁ ହେଲେ ଆମକୁ ପୂର୍ବ ଐତିହ୍ୟ, ପରମ୍ପରାର ପୁନଃ ଜାଗରଣ, ହୀନମନ୍ୟତା ପରିହାର, ସଂସ୍କାରଭାବାପନ୍ନ, ସୁସଂଗଠିତ, ସଂକଳ୍ପବଦ୍ଧ, ପାରସ୍ପରିକ ସହଯୋଗ, ବ୍ୟକ୍ତିଗତ ସ୍ୱାର୍ଥରହିତ ଓ ଦେଶର ପ୍ରଗତି ଧାରାରେ ସାହାଯ୍ୟ ପୂର୍ବକ ଏକ ସୁସ୍ଥ, ସାଧୁ, ସଭ୍ୟ ସମାଜ ଭାବରେ ଗଢ଼ି ତୋଳିବାକୁ ହେବ ।

**କୋଷାଧ୍ୟକ୍ଷ**

**କୁବେର ସମାଜ ପଶ୍ଚିମାଞ୍ଚଳ, ଓଡ଼ିଶା**





ଶୁଭେଚ୍ଛା ସହ



# ମହେନ୍ଦ୍ର କୁମାର ଖୁଣ୍ଟିଆ

ବି. କ୍ଲାସ୍ କଣ୍ଟ୍ରାକ୍ଟର (ପିଏଚଡ଼ି ସ୍ପେଶାଲିଷ୍ଟ୍)

**ମାଣ୍ଡୋସିଲ, ବରଗଡ଼**

ମୋ: ୯୭୭୭୭୦୭୧୧୦

*With best compliments from*







# SAHU BARTAN BHANDAR

**Near Axis Bank, Dist. Nuapada**

Prop. *Roshan Kumar Sahu*

**Call - 9937379279**



# ତେଲି ଭାଗବତର ଇତିବୃତ୍ତି

ରାମକୃଷ୍ଣ ସାହୁ (ଖୁସିରାମ)

ଏକଦା ବୈଦିକ ସାହିତ୍ୟ କ୍ରମାନ୍ୱୟରେ ପତନାଭିମୁଖୀ ହେବାରେ ଲାଗିଲା ବୌଦ୍ଧ ଓ ଜୈନ ଧର୍ମର ପ୍ରସାର ଫଳରେ ତଥା ବିଶ୍ଳେଷଣ ବା ଚର୍ଚ୍ଚା ଅଭାବରୁ । ଏହାର ପୁନଃନରୁତ୍ଥାନ ପାଇଁ ଆଖ୍ୟାନ, ଉପାଖ୍ୟାନ ସମ୍ବଳିତ ଗ୍ରନ୍ଥ ରଚନା ହେଲା ଯାହା ପୁରାଣ ସାହିତ୍ୟ । ଏହି କ୍ରମରେ ଖ୍ରୀଷ୍ଟୀୟ ଦଶମ ଶତାବ୍ଦୀ ବେଳକୁ ସରଳ ସଂସ୍କୃତ ଭାଷାରେ ଭାଗବତ ଗ୍ରନ୍ଥର ରଚନା ହେଲା ବ୍ୟାସଦେବଙ୍କ ଦ୍ୱାରା । ଏହି ସତ୍ୱଗୁଣ ବିଶିଷ୍ଟ ବୈଷ୍ଣବ ପୁରାଣ ଯାହା ମହାପୁରାଣର ଅର୍ନ୍ତଗତ । ସାରଳାଦାସ ଓ ବଳରାମ ଦାସ ମହାଭାରତ ଓ ରାମାୟଣ ଲେଖିବା ପରେ ଓଡ଼ିଆରେ ପୁରାଣ ଲେଖାର ଅଗ୍ରଗତି ହୋଇଥିଲା ଏବଂ ଜଗନ୍ନାଥ ଦାସଙ୍କ ଦ୍ୱାରା ଓଡ଼ିଆରେ ଭାଗବତ ରଚନା ହେଲା । ଯାହା ଶାସନର ବ୍ରାହ୍ମଣମାନଙ୍କ ଚକ୍ଷୁଶୀଳ ହୋଇ 'ତେଲି ଭାଗବତ' ଆଖ୍ୟା ପାଇଥିଲା, ଯଦିଓ ଜଗନ୍ନାଥ ଦାସ ଜଣେ ନୈଷ୍ଠିକ ବ୍ରାହ୍ମଣ ଥିଲେ । ଏଣୁ ଏହା ଏକ ଆଲୋଚନାର ଅବକାଶ ରଖେ ।

ପ୍ରଭୁ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଯୋଗୁ ଭାଗବତର ରଚୟିତା ଜଗନ୍ନାଥ ଦାସ ମନେଇ ସାହୁଙ୍କ ପାଖକୁ ଭାଗବତର ତୃଟି ସଂଶୋଧନ ତଥା ସଂପାଦନା କରିବାକୁ ଯାଇଥିଲେ । କାରଣ ସେ ସମୟରେ ମନେଇସାହୁ ଥିଲେ ଜଣେ ପରମ ବୈଷ୍ଣବ, ଜଗନ୍ନାଥଙ୍କ ଭକ୍ତ ଜ୍ଞାନି ଗୁଣି ବ୍ୟକ୍ତି । ତାଙ୍କର ସଂସ୍କୃତ ସାହିତ୍ୟ ଦର୍ଶନ, ବ୍ୟାକରଣ ପୁରାଣ ଶାସ୍ତ୍ର ସମ୍ବନ୍ଧରେ ଥିଲା ଅଗାଧ ପାଣ୍ଡିତ୍ୟ । ଭାଗବତ ସଂପୂର୍ଣ୍ଣ ହେବାପରେ ଜଗନ୍ନାଥ ଦାସ ପ୍ରଥମେ ତାଙ୍କ ମା'ଙ୍କୁ ଓ ମନେଇ ସାହୁଙ୍କୁ ପାଠକରି ଶୁଣାଇଥିଲେ । ପାଠକରି ଶୁଣାଇବା ପରେ ଜଗନ୍ନାଥ ଦାସ ମା'ଙ୍କୁ ପଚାରିଲେ ମା' ଏ ଭାଗବତ ଶୁଣିବାକୁ କେମିତି ଲାଗୁଛି ? ତତ୍‌କ୍ଷଣାତ ମା'ଙ୍କ ପାଟିରୁ ବାହାରି ଆସିଥିଲା ''ଯେତେ ଶୁଣିଲେ ଭାଗବତ ତୋଷ ନୋହିଲା ମୋର ଚିତ୍ତ'' ଅର୍ଥାତ୍ ଭାଗବତ ଏମିତି ରସାଳ ହୋଇଛି ଯେ ଥରେ ଶୁଣିଲେ ବାରମ୍ବାର ଶୁଣିବାକୁ ଏ ଚିତ୍ତ ଓ ମନ ଲାଳାୟିତ ଓ ବ୍ୟାକୁଳ ହୋଇଉଠୁଛି ।

ଜଗନ୍ନାଥ ଦାସ ଭାଗବତ ରଚନା କରିବାକୁ ତାଙ୍କ ମା'ଙ୍କ ଠାରୁ ହିଁ ପ୍ରେରଣା ପାଇଥିଲେ । ପୁରୀରେ ପୂର୍ବରୁ ଏବଂ ବର୍ତ୍ତମାନ ବି ଏକ ପ୍ରଥା ପ୍ରଚଳିତ ଅଛି ଯେ, କାର୍ତ୍ତିକ ମାସରେ ମାସ ସାରା ହବିସ କରିବା ପାଇଁ ବିଭିନ୍ନ ଜାଗାରୁ ବିଧବା ବ୍ରାହ୍ମଣୀମାନେ ସମବେତ ହୁଅନ୍ତି । ବାଇଶି ପାବଚ୍ଛରେ ପୁରାଣ ପଣ୍ଡାମାନଙ୍କ ଠାରୁ ସଂସ୍କୃତ ଭାଗବତ ଶୁଣନ୍ତି । ଜଗନ୍ନାଥ ଦାସଙ୍କ ପିତାଙ୍କ ବିୟୋଗ ଯୋଗୁଁ ତାଙ୍କ ମା' ପ୍ରତିବର୍ଷ ହବିସ କରିବାକୁ ପୁରୀ ଆସୁଥିଲେ । ଥରେ ମା'ଙ୍କ ସହ ଜଗନ୍ନାଥ ଦାସ ବି ପୁରୀ ଆସିଥିଲେ । ଜଗନ୍ନାଥ ଦାସଙ୍କ ମା' ପଦ୍ମାବତି କୌଣସି ଏକ ବାକ୍ୟ ବା ଶବ୍ଦ ବୁଝି ନପାରି ପୁରାଣ ପଣ୍ଡାଙ୍କୁ ପ୍ରଶ୍ନ କରନ୍ତେ ସେ ମୁଦ୍ରାନାରୀ ସଂବୋଧନ କରି ବୁଝେଇ ଦେଲେ ଯେ.. 'ରୁଚୁ ନରୁଚୁ ଖା ପିତା – ବୁଝ ନବୁଝ ଶୁଣ ଗୀତା' । ବୁଝିବାରେ କ'ଣ ଅଛି କର୍ଣ୍ଣରେ ଶୁଣିଲେ ବି ପୁଣ୍ୟ ଫଳ ଲାଭକରିବ । ମା'ଙ୍କ ଠାରୁ ଏ କଥା ଶୁଣିବାପରେ

ଜଗନ୍ନାଥ ଦାସଙ୍କ ମନରେ ଏକ ଆଲୋଡ଼ନ ସୃଷ୍ଟି ହେଲା, ଏହା କେବଳ ତାଙ୍କ ମା'ଙ୍କର ନୁହେଁ ସମଗ୍ର ମାତୃଜାତିର ମନୋବ୍ୟଥା ବୋଲି । ମା'ଙ୍କୁ କହିଲେ ମା' ମୁଁ ଓଡ଼ିଆରେ ଭାଗବତ ଲେଖି ଶୁଣାଇବି । ଜଗନ୍ନାଥ ଦାସ ବି ଥିଲେ ଜ୍ଞାନୀ ଓ ମେଧାବୀ । ତାଙ୍କର ସଂସ୍କୃତ ଓ ସାହିତ୍ୟରେ ଗଭୀର ଜ୍ଞାନଥିଲା । ତା'ପରଠାରୁ ସେ ଭାଗବତ ରଚନାରେ ବ୍ରତୀ ହେଲେ । ଭାଗବତ ରଚନା କରି ପ୍ରଭୁ ଜଗନ୍ନାଥଙ୍କ ନିର୍ଦ୍ଦେଶକ୍ରମେ ମନେଇ ସାହୁଙ୍କ ଠାରୁ ତା'ର ସଂଶୋଧନ ଓ ସମ୍ପାଦନା କରାଇ ପ୍ରଥମେ ମା'ଙ୍କୁ ଶୁଣେଇଥିଲେ ।

ଦିନେ ଜଗନ୍ନାଥ ଦାସ ଶ୍ରୀ ମନ୍ଦିରର ବାଇଶି ପାହାଚରେ ଉପସ୍ଥିତ ହୋଇ ବାମ ପାର୍ଶ୍ୱରେ ଥିବା ନୃସିଂହ ଠାକୁରଙ୍କ ସନ୍ନିକଟରେ ସୁଲଳିତ କଣ୍ଠରେ ନବାକ୍ଷରୀ ଛାନ୍ଦରେ ଓଡ଼ିଆ ଭାଗବତ ପାଠକଲେ । ଭାଗବତ ରଚନା ପ୍ରାରମ୍ଭରୁ ନୃସିଂହ ଠାକୁରଙ୍କୁ ସେ ନିଜର ପ୍ରଭୁ ବୋଲି ଗ୍ରହଣ କରିଥିଲେ । ଏଣୁ ଭାଗବତ ଆଦ୍ୟରେ ଲେଖାଅଛି – ''ନମଇଁ ନୃସିଂହ ଚରଣ – ଅନାଦି ପରମ କାରଣ'' ।

ତାଙ୍କ ସୁଲଳିତ କଣ୍ଠସ୍ୱର ଲୋକଙ୍କୁ ଆକୃଷ୍ଟ କଲା । ଏଣୁ ତାଙ୍କ ନିକଟରେ ଓଡ଼ିଆ ଭାଗବତ ଶୁଣିବାକୁ ଜନସମାଗମ ହେଲା । ଏହାକୁ ପଣ୍ଡାମାନେ ସହ୍ୟ କରି ନପାରି ଈର୍ଷାନ୍ୱିତ ହୋଇ ଜଗନ୍ନାଥ ଦାସଙ୍କୁ ଗାଳି ଗୁଲଜ ସହ ମାଡ଼ ମାରିଲେ । ତା'ପରେ ରାଜଦରବାରରେ ଅଭିଯୋଗ କଲେ ଯେ ଏ ବ୍ରାହ୍ମଣ ହୋଇ ମନ୍ଦିରରେ ତେଲି ଭାଗବତ ପାଠ କରି ମନ୍ଦିର ପବିତ୍ରତା ନଷ୍ଟ କରିଛି । ଏଣୁ ମହାରାଜା ଜଗନ୍ନାଥ ଦାସ ତଥା ମନେଇ ସାହୁ ଉଭୟଙ୍କୁ କଟୁଆଳ ପଠାଇ ଧରିଆଣି କାରାଗାରରେ ରଖିଲେ । ଏବଂ ପରେ ତାଙ୍କ ବିଚାର ହେବ ବୋଲି କହିଲେ । ଉକ୍ତଦିନ ବଡ଼ପଣ୍ଡା ପ୍ରଭୁ ଜଗନ୍ନାଥଙ୍କୁ ନୈବେଦ୍ୟ ଦିଅନ୍ତେ ପ୍ରଭୁ ତାହା ଗ୍ରହଣ କଲେନି । ଏହାକୁ ପଣ୍ଡାମାନେ ବଢ଼ାଇ ଚଢ଼ାଇ କହିଲେ ଯେ ମନ୍ଦିରରେ ତେଲି ଭାଗବତ ପାଠ ଯୋଗୁଁ ପ୍ରଭୁ ରାଗିଛନ୍ତି ଏଣୁ ନୈବେଦ୍ୟ ଗ୍ରହଣ କରିନାହାନ୍ତି । ରାଜାଙ୍କ କାନକୁ ବି ଏକଥା ଗଲା । ତହିଁ ପରଦିନ ଜଗନ୍ନାଥ ଦାସ ତଥା ମନେଇ ସାହୁଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ପାଇଁ ରାଜା ଚିନ୍ତା କଲେ । ରାତ୍ରିରେ ରାଜା ଭୋଜନ ସାରି ରାତିର ତୃତୀୟ ପ୍ରହରକୁ ଶୋଇବାକୁ ଗଲେ । ନିଦ ହୋଇଯାଇଛି ରାତିର ଚତୁର୍ଥ ପ୍ରହରରେ ମହାରାଜାଙ୍କୁ ଠାକୁରଙ୍କ ସ୍ୱପ୍ନାଦେଶ ହେଲା ଆରେ ସେ ଦୁହେଁ ହେଉଛନ୍ତି ମୋର ପରମ ଭକ୍ତ । ସେମାନେ ଆଜି ଦିନ ସାରା ଉପବାସ ଥିବାରୁ ମୁ ନୈବଦ୍ୟ ଗ୍ରହଣ କରିନାହିଁ । ସେପରା ହେଉଛନ୍ତି ଭକ୍ତର ଭଗବାନ । ଭକ୍ତର ଦୁଃଖ ସହି ପାରନ୍ତିନି । ସେ ଭକ୍ତର ଡାକଶୁଣି ଭକ୍ତ ବଳରାମ ଦାସଙ୍କ ବାଲି ରଥରେ ବିଜେ ହୋଇଥିଲେ । ଭକ୍ତ ସାଲବେଗ ପାଇଁ ନନ୍ଦିଘୋଷ ରଥରେ ଅଟକି ରହିଥିଲେ । ଭକ୍ତ ଦାସିଆ ବାଉରୀ ହାତରୁ ନଡ଼ିଆ ନେଇଥିଲେ ଭକ୍ତ ବଂଧୁମହାନ୍ତିଙ୍କୁ କୋଳାଗ୍ରତ କରିଥିଲେ । ଭକ୍ତ ମନେଇ ସାହୁଙ୍କ ପ୍ରାର୍ଥନା ଯୋଗୁ ବଗ ତଣ୍ଟିରୁ କଣ୍ଟା କାଢ଼ି ବଞ୍ଚାଇଥିଲେ । ଯାହା ଆଜିବି ବ୍ରହ୍ମଗିରୀ ଅଞ୍ଚଳରେ ଲୋକମୁଖରୁ ଶୁଣିବାକୁ ମିଳେ – 'କାଣ୍ଡଗୋଦା ମନେଇ ସାହୁ ତଣ୍ଟିରୁ କଣ୍ଟା ଛାଡ଼ିଯାଉ' । ତାଙ୍କର ଭକ୍ତ ଦୁହେଁ ଯେତେବେଳେ କାରାଗାରରେ ଉପବାସ ପ୍ରଭୁ କେମିତିବା ନୈବେଦ୍ୟ ଗ୍ରହଣ କରିଥାନ୍ତେ ।

''ଯେ ଭକ୍ତ ଅଟେ ମୋ ଅଧିନ
ମୁଁ ତାର ରଖଇ ସମ୍ମାନ''

ଏଇତ ଜଗନ୍ନାଥ ସଂସ୍କୃତିର ଐତିହ୍ୟ, ମହାନତା ଓ ପରମ୍ପରା । ପ୍ରଭୁ ରାଜାଙ୍କୁ ନିର୍ଦ୍ଦେଶ ଦେଲେ ତୁରନ୍ତ ତାଙ୍କ ଦୁହିଁଙ୍କୁ କାରାଗାରରୁ ମୁକ୍ତି କରି ଖାଇବାକୁ ଦେଇ ଶ୍ରୀନଅରର ଅତିଥିଶାଳରେ ରାତ୍ରିଯାପନ କରିବାକୁ ଦିଅ ଏବଂ ପ୍ରଭାତରେ ତାଙ୍କୁ ଓଡ଼ିଆ ମଠରେ ସମ୍ମାନେ ଛାଡ଼ି ଦେଇଆସ । ରାଜା ତତ୍‌କ୍ଷଣାତ୍ ପ୍ରଭୁଙ୍କ ଆଦେଶ ପାଳନ ପୂର୍ବକ ତାଙ୍କୁ ମୁକ୍ତି କରି ତାଙ୍କୁ କ୍ଷମାପ୍ରାର୍ଥନା କଲେ । ରାତିରେ ଅତିଥି ଶାଳରେ ରଖି ତହିଁ ପରଦିନ ସସମ୍ମାନେ ଓଡ଼ିଆ ମଠରେ ତାଙ୍କୁ ଛାଡ଼ିଦେଇ ଆସିଲେ ।ଏହା ଦେଖି ପଣ୍ଡାମାନେ ହତ୍‌ଚକିତ ହୋଇଗଲେ । ଉପରୋକ୍ତ ବିବରଣୀ କୌଣସି କାଳ୍ପନିକ କଥା ବା ଗାଥା ନୁହେଁ କୌଣସି ଗଳ୍ପ ବା କମ୍ବଦନ୍ତୀ ନୁହେଁ । ଏହା ମାଦଳା ପାଞ୍ଜିରେ ଲିପିବଦ୍ଧ ହୋଇ ରହିଛି ।

କିଛିଦିନ ପରେ ଜଗନ୍ନାଥ ଦାସ ତାଙ୍କ ଗ୍ରାମକୁ ଫେରିଗଲେ ସେଠିବି ତାଙ୍କୁ ତାଙ୍କ ଭାଇ ବନ୍ଧୁଙ୍କ ଅତ୍ୟାଚାର ସହିବାକୁ

ପଡ଼ିଲା । ତାଙ୍କ ସ୍ଥାନୀୟ ବ୍ରାହ୍ମଣ ଶାସନକୁ ପୁରୀର ଖବର ଯାଇ ପହଞ୍ଚିଥିଲା । ତାଙ୍କୁ ଜାତିରୁ ବାସନ୍ଦ କରାଗଲା । ପରେ ରାଜକର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁଁ ତାଙ୍କ ଉପରୁ ବାସନ୍ଦ ଓ କଟକଣାକୁ ଉଠାଇ ଦିଆଯାଇଥିଲା ।

ଜଗନ୍ନାଥ ଦାସ ତାଙ୍କ ଗାଁକୁ ବାହୁଡ଼ି ଗଲା ପରେ ମନେଇ ସାହୁ ମଧ୍ୟ ତାଙ୍କ ଗ୍ରାମ କାଣ୍ଡଗୋଦାକୁ ଫେରିଯାଇଥିଲେ । ଘରେ ଯାଇ ସେ ଚିନ୍ତା କଲେ ଭଗବତ ଲେଖା ହେଲା । ଏହାର ପ୍ରଚାର ଓ ପ୍ରସାର ହେବ କେମିତି । ସେତେବେଳେ କାଗଜ ସ୍ୟାହିର ପ୍ରଚଳନ ନଥିଲା । ମୁଦ୍ରଣଯନ୍ତ୍ର ବାହାରି ନଥିଲା, ବେତାର ବି ଉଦ୍ଭାବନ ହୋଇ ନଥିଲା, ଏକମାତ୍ର ମାଧ୍ୟମ ଥିଲା ତାଳପତ୍ର ପୋଥି, ଉକ୍ତ ପୋଥିକୁ ମାଟିବଂଶ ଅବଧାନ ମାନେ ଲେଖୁଥିଲେ । ମାଟିବଂଶ ଅବଧାନ ମାନେ ଗାଁ'ରେ ଚାଟଶାଳୀ କରି ପାଠ ପଢ଼ାଉଥିଲେ । ଲେଖନି ଦ୍ୱାରା ତାଳପତ୍ର ପୋଥି ଲେଖୁଥିଲେ ଏବଂ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ ପୂର୍ବକ ଜଜମାନମାନଙ୍କୁ ତାଙ୍କ ରାଶିଚକ୍ରରେ ଥିବା ଗ୍ରହ ନକ୍ଷତ୍ର ସମ୍ବନ୍ଧରେ ଭଲମନ୍ଦ ଅବଗତ କରାଉଥିଲେ । ବର୍ତ୍ତମାନ ବି ସେମାନେ କୌଳିକ ବୃତ୍ତିରେ ନିୟୋଜିତ ଅଛନ୍ତି । ତାଙ୍କୁ ପୂର୍ବ ଓଡ଼ିଶାରେ ନାଆକ ବା ଅବଧାନ ଏବଂ ପଶ୍ଚିମ ଓଡ଼ିଶାରେ ଦୋଷୀ ଗୋସେଇଁ ବୋଲି କହିଥାନ୍ତି । ସେଇମାନଙ୍କ ଦ୍ୱାରା ମନେଇ ସାହୁ କିଛି ଭାଗବତ ପୋଥି ଲେଖାଇଲେ ।

ପୁରୀ ଆଖ ପାଖ ଅଞ୍ଚଳର ଆମ ଜାତିଭାଇମାନେ ମନେଇ ସାହୁଙ୍କୁ ଖୁବ୍ ଶ୍ରଦ୍ଧା ଓ ସମ୍ମାନ ଦେଉଥିଲେ । ଏଣୁ ମନେଇ ସାହୁଙ୍କର ସ୍ୱଜାତୀୟ ଭାଇମାନଙ୍କ ଉପରେ ଥିଲା ଅଖଣ୍ଡ ପ୍ରଭାବ । ମନେଇ ସାହୁ ଭାଗବତର ପ୍ରଚାର ଓ ପ୍ରସାର ପାଇଁ ପ୍ରଥମେ ପୁରୀରୁ ୧୦ କୋଶ ପରିଧିରେ ସ୍ୱଜାତୀୟ ଭାଇମାନଙ୍କର ଏକ ସହାସଭା ଡକାଇଲେ । ପୂର୍ବରୁ ଆମ ଜାତିର ସଭା ସମିତି ହେଲେ ଜଣେ ବ୍ରାହ୍ମଣ ଆସି ସଭାରେ ସଂସ୍କୃତ ଭାଗବତ ଅଧ୍ୟାୟେ ପାଠ କରୁଥିଲେ । କିନ୍ତୁ ଉକ୍ତ ସହାସଭାରେ ନିଜେ ମନେଇ ସାହୁ ଓଡ଼ିଆ ଭାଗବତ ପାଠକଲେ ଏବଂ ମହାସଭାରେ ଏକ ପ୍ରସ୍ତାବ ଗୃହୀତ ହେଲା ଯେ ଏଣୁ ଏଣିକି ପ୍ରତ୍ୟେକ ଜାତି ସଭାରେ ଓଡ଼ିଆ ଭାଗବତ ପାଠହେବ । ସେହି ଦିନଠୁ ଆମ ଜାତିସଭାରେ ଏ ପର୍ଯ୍ୟନ୍ତ ଓଡ଼ିଆ ଭାଗବତ ପାଠ ହୋଇଆସୁଛି । ଉକ୍ତ ସଭାରେ ମନେଇ ସାହୁ ବିଭିନ୍ନ ଜାଗାରୁ ଆସିଥିବା ସମ୍ଭ୍ରାନ୍ତ ଶ୍ରେଣୀର ଜାତିଭାଇମାନଙ୍କୁ ଖଣ୍ଡିଏ ଲେଖା ଭାଗବତ ପୋଥି ପ୍ରଦାନ କଲେ । ଜଗନ୍ନାଥଙ୍କ ଦ୍ୱାହି ଦେଇ କହିଲେ ଏ ପୋଥିକୁ ୫ଖଣ୍ଡ ଲେଖାଏଁ ପୋଥି ଲେଖାଇ ବନ୍ଧୁବାନ୍ଧବ ତଥା ଜାତିଭାଇମାନଙ୍କୁ ବାଣ୍ଟିବ । ଏ ଚିନ୍ତାଧାରା ଫଳପ୍ରଦ ହେଲା । କେତେକାଂଶରେ ଭାଗବତର ପ୍ରଚାର ପ୍ରସାର ସଫଳ ହେଲା । କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ହୋଇ ପାରିଲାନି । ଏତିକିରେ ମନେଇ ସାହୁ ଚୁପ୍ ହୋଇ ବସି ନଥିଲେ । ଏଥିପାଇଁ ଏକ ନୂତନ ଚିନ୍ତାଧାରା ମନକୁ ଆଣିଲେ ।

ଆଗେ ଉପକୂଳରେ ଥିବା ଆମ ଜାତିଭାଇ ମାନେ ସମୁଦ୍ର ପଥରେ ବୋଇତ ନେଇ ବିଦେଶକୁ ଯଥା ଜାଭା, ସୁମାତ୍ରା, ବାଲି ଦ୍ୱୀପ ପ୍ରଭୃତି ଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ । ସେମାନଙ୍କୁ ସାଧବ ବୋଲି ମଧ୍ୟ କୁହାଯାଉଥିଲା । ସେଥିପାଇଁ ବୋଇତ ଆମ ଜାତିର ପ୍ରତୀକ ହୋଇ ରହିଆସିଛି । ସେଇ ପରମ୍ପରାକୁ ମନେ ପକାଇବାକୁ କାର୍ତ୍ତିକ ପୂର୍ଣ୍ଣମୀ ଦିନ ବୋଇତ ବନ୍ଦାଣ ଉତ୍ସବ ପାଳିତ ହୋଇଆସୁଅଛି । କାଳକ୍ରମେ ବାଣିଜ୍ୟ ପାଇଁ ସମୁଦ୍ର ପଥରେ ଯାଉଥିବା ସାଧବମାନଙ୍କ ଉପରେ ଜଳଦସ୍ୟୁମାନେ ଆକ୍ରମଣ କଲେ । ଏଣୁ ସମୁଦ୍ରପଥର ବଣିଜରୁ ଆମ ଜାତିଭାଇମାନେ ମୁହଁ ଫେରାଇଲେ ଆଉ ଗଲେନି । ଏହାପରେ ଏମାନେ ନଦୀ ପଥରେ ଡ଼ଙ୍ଗାରେ ବ୍ୟବସାୟ ଆରମ୍ଭ କଲେ । ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଆଦି ନଦୀର ଅବବାହିକାରେ ଓଡ଼ିଶାର ଆଭ୍ୟନ୍ତରୀଣ ଓ ଉପାନ୍ତ ଅଞ୍ଚଳ ଯଥା - ସମ୍ବଲପୁର, ସୁନ୍ଦରଗଡ଼, ଫୁଲବାଣୀ, ବଲାଙ୍ଗିର, କଳାହାଣ୍ଡି, କେଉଁଝର, ମୟୁରଭଞ୍ଜ ଅଧୁନା ଝାଡ଼ଖଣ୍ଡ ଅଂଚଳର ଟାଟା, ସତ୍ରିଆ, ଚକ୍ରଧରପୁର, ଚାଇଁବସା ପ୍ରଭୃତି ଅଞ୍ଚଳକୁ ବ୍ୟବସାୟ ଉଦ୍ଦେଶ୍ୟରେ ଗଲେ । ସେତେବେଳେ ସେମାନେ ୮ମାସ ବ୍ୟବସାୟ କରି ୪ମାସ ବର୍ଷାଦିନେ ଘରକୁ ଫେରି ଆସୁଥିଲେ । ସେ ସମୟକୁ ଚତୁର୍ମାସ୍ୟା ବୋଲି କୁହାଯାଉଥିଲା ।

ଏହି ଚତୁର୍ମାସ୍ୟାରେ ଘରେ ଅବସ୍ଥାନ ସମୟରେ ସମ୍ଭ୍ରାନ୍ତ ଶ୍ରେଣୀର କିଛି ଆମ ଜାତିଭାଇ ତଥା ମାନସିକଧାରୀ ଜାତିଭାଇ

ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ପୁରୀ ଯାଉଥିଲେ । ସେତିକିବେଳେ ଗମନାଗମନର ବହୁ ଅସୁବିଧା ଥିଲା । ଏଣୁ କେହି କେହି ଚାଲିଚାଲି, କେହି ବା ଶଗଡ଼ ଗାଡ଼ିରେ, କେହି ଘୋଡ଼ାଗାଡ଼ିରେ ଯାଉଥିଲେ । ଆଜିକାଲି ରାସ୍ତା କଡ଼ରେ ଢ଼ାବା ଭଳି ସେତେବେଳେ ରାସ୍ତାକଡ଼ରେ ବିଶ୍ରାମ ପାଇଁ ଚଟିଘର ଥିଲା । ଉକ୍ତ ଚଟିଘରେ ରୋଷାଇବାସ କରି ଖାଇବାକୁ ସୁବିଧା ସୁଯୋଗ ଥିଲା । ଜଳଖିଆ ପାଇଁ ଚୂଡ଼ା, ଗୁଡ଼, ଭୁଜା, ହୁଡୁମ୍, ଦୁଧ, ଦହି, ଛେନା, ଗଜା ଓ ଫେଣି ଉପଲବ୍ଧ ହେଉଥିଲା । ଉକ୍ତ ବିଷୟରେ ଔପନ୍ୟାସିକ ସୁରେନ୍ଦ୍ର ମହାନ୍ତିଙ୍କ 'ନିଳଶୈଳ' ଉପନ୍ୟାସରେ ସରଦେଇ ଚଟିଘର ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା ଅଛି । ଜାତିଭାଇମାନେ ପୁରୀରେ ପହଞ୍ଚି ଓଡ଼ିଆ ମଠରେ ଅବସ୍ଥାନ କରୁଥିଲେ । କେହି କେହି ଅନ୍ୟାନ୍ୟ ମଠରେ ମଧ୍ୟ ରହୁଥିଲେ । ସେତେବେଳେ ପୁରୀରେ ଧର୍ମଶାଳା ବା ହୋଟେଲ ନଥିଲା ।

ମନେଇ ସାହୁ ଥିଲେ ବୈଷ୍ଣବ ଉପାସକ ତଥା ପ୍ରଭୁ ଜଗନ୍ନାଥଙ୍କର ପରମଭକ୍ତ । ପ୍ରତିଦିନ ସେ ତାଙ୍କ ଗ୍ରାମ କାଣ୍ଡଗୋଦାରୁ ୪ କୋଶ ବାଟ ଚାଲି ଚାଲି ଆସି ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କଲା ପରେହିଁ ଜଳ ତୁଳସୀ ଗ୍ରହଣ କରୁଥିଲେ । ଧିରେ ଧିରେ ବାର୍ଦ୍ଧକ୍ୟଜନିତ କରଣରୁ ମନେଇ ସାହୁ ଆଉ ଗାଁରୁ ଚାଲି ଚାଲି ପୁରୀ ଆସି ପାରିଲେନି । ଏଣୁ ଓଡ଼ିଆ ମଠରେ ଅବସ୍ଥାନ କରି ପ୍ରଭୁଙ୍କ ଭଜନ କିର୍ତ୍ତନରେ ସମୟ ଅତିବାହିତ କଲେ । ଭାଗବତର ବହୁଳ ପ୍ରସାର ଓ ପ୍ରଚାର ପାଇଁ ତାଙ୍କ ମନରେ ଯେଉଁ ଉଦ୍‌ବେଗ ଥିଲା ତାହାକୁ ପୁରଣ କରିବାକୁ ଯାଇ ସେ ଓଡ଼ିଆ ମଠରେ ଆସି ରହୁଥିବା ଜାତିଭାଇମାନଙ୍କୁ ଓଡ଼ିଆ ଭାଗବତ ବିଷୟରେ ପ୍ରବର୍ତ୍ତାଇଲେ । ସେମାନଙ୍କୁ ଭାଗବତ ପୋଥି ଦେଇ ତାଙ୍କୁ ୫ଖଣ୍ଡ ଲେଖାଇ ଜାତିଭାଇମାନଙ୍କୁ ବାଣ୍ଟିବାକୁ କହିଲେ । ଏହା ଏକ ଧାର୍ମିକ ଭାବନାର କାର୍ଯ୍ୟ ହୋଇଥିବାରୁ ଆମ ଜାତିଭାଇମାନେ ଗାଁ'କୁ ଫେରି ପାଞ୍ଚଜଣଙ୍କୁ ପୋଥି ବାଣ୍ଟିଲେ । ଯେଉଁମାନଙ୍କୁ ବାଣ୍ଟିଲେ ସେମାନଙ୍କୁ ମଧ୍ୟ ଅନୁରୁପ ଭାବେ ଆଉ ୫/୫ ଜଣଙ୍କୁ ବାଣ୍ଟିବାକୁ କହିଲେ । ଯାହାଫଳରେ ମନେଇ ସାହୁଙ୍କ ଚିନ୍ତାଧାରା ଫଳପ୍ରସୂ ହେଲା । ଫଳରେ ଆମ ଜାତିଭାଇମାନଙ୍କ ଭିତରେ ଭାଗବତର ବହୁଳ ପ୍ରଚାର ଓ ପ୍ରସାର ହେଲା । ଏଣୁକରି ଏବେ ମଧ୍ୟ ଦେଖାଯାଏ ଯେ, ଉପକୂଳ ଅଂଚଳ ତେଲି ବସ୍ତିମାନଙ୍କରେ ସାମୁହିକ ଭାବେ ଭାଗବତଗାଦି ପୂଜା ପାଏ । କେହି ବା ସମ୍ଭ୍ରାନ୍ତ ଶ୍ରେଣୀ ଜାତିଭାଇମାନେ ନିଜ ଘରେ ଭାଗବତ ଗାଦି ସ୍ଥାପନ କରି ପୂଜାର୍ଚ୍ଚନା କରନ୍ତି ।

ଆମ ଜାତିର ଦେଖା ଦେଖି ଅନ୍ୟ ବୈଶ୍ୟ ସମ୍ପ୍ରଦାୟର ଲୋକମାନେ ଅର୍ଥାତ ପାଟବୈଶ୍ୟ ପାଟରା, ମଧୁବୈଶ୍ୟ ଗୁଡ଼ିଆ, ତନ୍ତୁ ବୈଶ୍ୟ ତନ୍ତୀ ପ୍ରଭୃତି ଭାଗବତ ପ୍ରତି ଆକୃଷ୍ଟ ଓ ଅନୁଗାମୀ ହେଲେ । ଭାଗବତରେ ଶ୍ରୀକୃଷ୍ଣ ଚରିତାମୃତ ସରଳ ଓ ସାବଳିକ ଭାବେ ବର୍ଣ୍ଣନା ହୋଇଥିବାରୁ ଗୋପାଳ ଭାଇମାନଙ୍କ ଦ୍ୱାରା ବି ଆଦୃତ ହେଲା । ଧିରେ ଧିରେ ଏମାନଙ୍କ ଜାତି ସଭାରେ ଭାଗବତ ପଢ଼ା ଆରମ୍ଭ ହେଲା । ଏହାପରେ ମଧ୍ୟ ଭାଗବତ ପ୍ରଚାର ଓ ପ୍ରସାରକୁ ପ୍ରତିହତ କରିବାପାଇଁ ବ୍ରାହ୍ମଣମାନେ ଚେଷ୍ଟା ଚଳାଇ ତେଲି ଭାଗବତରୁ ଲୋକଙ୍କୁ ନିବୃତ୍ତ ରହିବା ପାଇଁ ତାଙ୍କ ବ୍ରାହ୍ମଣ ଶାସନମାନଙ୍କୁ ଖବର ଦେଲେ । ସେତେବେଳକୁ ଭାଗବତ ଏକ ଆନ୍ଦୋଳନରେ ପରିଣତ ହୋଇ ନଦୀର ପ୍ରଖର ସ୍ରୋତ ଭଳି ବୋହି ଚାଲିଥାଏ । ତାକୁ କ'ଣ ଏ ବ୍ରାହ୍ମଣଙ୍କ ବାଲିବନ୍ଧ ପ୍ରତିହତ କରିଥାନ୍ତା । କାଳକ୍ରମେ ବ୍ରାହ୍ମଣମାନେ ବାଧ ହୋଇ ଓଡ଼ିଆ ଭାଗବତକୁ ମାନିନେଲେ ଓ ସେଥିରେ ସାମିଲ ହେଲେ ।

ସେତେବେଳେ ଓଡ଼ିଆ ଭାଗବତ ଗ୍ରନ୍ଥଟି ଆମ ଜାତିଭାଇମାନଙ୍କୁ ତାଙ୍କ ବ୍ୟବସାୟ ବାଣିଜ୍ୟରେ ଅନେକାଂଶରେ ସାହାଯ୍ୟ କଲା । ସେତେବେଳେ ଶଗଡ଼ ଗାଡ଼ିରେ ବ୍ୟବସାୟ ପାଇଁ ବିଭିନ୍ନ ଗାଁକୁ ଯାଉଥିଲେ । ଯେଉଁ ଗାଁରେ ପହଞ୍ଚୁଥିଲେ ରାତିରେ ସେଠାରେ ସୁଲଳିତ କଣ୍ଠରେ ଭାଗବତ ଗାୟନ କରୁଥିଲେ । ଗାଁ'ଲୋକେ ଆକୃଷ୍ଟ ହୋଇ ଶୁଣିବାକୁ ରୁଣ୍ଡ ହେଉଥିଲେ, ଏଣୁ ବ୍ୟବସାୟ ପାଇଁ ସେ ଲୋକଙ୍କର ବିଶ୍ୱାସଭାଜନ ହୋଇ ନିଜର ବ୍ୟବସାୟକୁ ବୃଦ୍ଧି କରାଉଥିଲେ । ଏ ସମ୍ବନ୍ଧରେ ଔପନ୍ୟାସିକ ଫକିର ମୋହନ ସେନାପତିଙ୍କ ଏକ କିମ୍ବଦନ୍ତୀମୂଳକ ଗଳ୍ପ ଅଛି । ଚୌଦ୍ୱାର ଅଞ୍ଚଳର ଆମର ଜୈନିକ ଜାତିଭାଇ ଡ଼ଙ୍ଗାରେ ପଣ୍ୟଦ୍ରବ୍ୟ

ନେଇ ବ୍ୟବସାୟ ପାଇଁ ବୌଦରେ ମହାନଦୀ ଘାଟରେ ପହଞ୍ଚିଲେ । ଘାଟରେ ଡ଼ଙ୍ଗା ବାନ୍ଧି ରହିଲେ । ବୌଦର ମଧ୍ୟ ଆମ ଜାତିର ଜଣେ ଜାତିଭାଇ ବିଶିଷ୍ଟ ଧନୀ ବ୍ୟବସାୟୀ ଥିଲେ, ତାଙ୍କ ସହିତ ବନ୍ଧୁତା ସ୍ଥାପନ କରିବା ଥିଲା ଚୌଦାର ବ୍ୟବସାୟୀଙ୍କ ଲକ୍ଷ୍ୟ । ଏଣୁ ସେଇ ପରିବାରର ଲୋକେ ଯେତେବେଳେ ଘାଟକୁ ଗାଧୋଇ ଆସନ୍ତି ଇଏ ଉଚ୍ଚସ୍ୱରରେ ଭାଗବତ ଆବୃତ୍ତି କରନ୍ତି । ଏହାଶୁଣି ବୌଦ ବ୍ୟବସାୟୀଙ୍କ ଲୋକେ ତାଙ୍କୁ ଓଡ଼ିଆ ଭାଗବତ ଆବୃତ୍ତି କଥା କହିଲେ ଏବଂ ତାଙ୍କୁ ଘରକୁ ନିମନ୍ତ୍ରଣ କରିବାକୁ କହିଲେ । ସଙ୍ଗେ ସଙ୍ଗେ ବୌଦ ବ୍ୟବସାୟୀ ଚୌଦ୍ୱାର ବ୍ୟବସାୟୀଙ୍କୁ ଖବର ପଠାଇଲେ ଯେ ତାଙ୍କ ଘରକୁ ଆସି ତାଙ୍କ ଆରାଧ୍ୟ ଠାକୁର ରାଧାକୃଷ୍ଣଙ୍କ ମନ୍ଦିରରେ ଭଗବତ ପାଠ କରିବାକୁ । ଚୌଦ୍ୱାର ବ୍ୟବସାୟୀ ଏ ସୁଯୋଗ ଉଣ୍ଢୁଥିଲେ ଏ ପ୍ରସ୍ତାବକୁ କେମିତି ବା ହାତଛଡ଼ା କରିଥାନ୍ତେ । ସଙ୍ଗେ ସଙ୍ଗେ ସେଠାକୁ ଯାଇ ଭାଗବତ ପାଠକଲେ ଏବଂ ଧିରେ ଧିରେ ବନ୍ଧୁତା ନିବିଡ଼ କଲେ । ପରବର୍ତ୍ତୀ ସମୟରେ ତାଙ୍କ ପୁଅକୁ ବୌଦ ବ୍ୟବସାୟିଙ୍କ ଝିଅ ସହ ବିବାହ କରାଇଲେ ।

ଧିରେ ଧିରେ ଭାଗବତର ବହୁଳ ପ୍ରଚାର ଓ ପ୍ରସାର ହେତୁ ସର୍ବବ୍ୟାପୀ ହୋଇସାରିଥିଲା । କ୍ରମେ ପ୍ରତ୍ୟେକ ଗାଁ'ରେ ଭାଗବତ ଟୁଙ୍ଗୀ ସ୍ଥାପନ ହେଲା । ଏହା ବିଚାର ବିଭାଗର ବି ସ୍ଥାନ ନେଲା । ପ୍ରତିଦିନ ଭାଗବତ ଟୁଙ୍ଗିରେ ଭାଗବତ ପଢ଼ା ହେଲା । ଗାଁର ବିଭିନ୍ନ ସମସ୍ୟା, ଗଣ୍ଡଗୋଳ, ଝଗଡ଼ାଝାଟି, କଳି ତକରାଳର ସହଜ ଓ ସରଳ ଉପାୟରେ ସମାଧାନ କରାଗଲା । ଯାହା ଫଳରେ ଲୋକେ ରାଜା, ଜମିଦାରଙ୍କ ଦ୍ୱାରସ୍ଥ ହୋଇ ଅତ୍ୟାଚାରିତ ହେଲେନାହିଁ । ବର୍ତ୍ତମାନ ଭାଗବତ ଟୁଙ୍ଗୀର ପ୍ରାସଙ୍ଗିକତାକୁ ଉପଲବ୍ଧି କରି ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀର ପୁନଃରୁତ୍ଥାନ ପାଇଁ ପ୍ରୟାସ ପୂର୍ବକ ସରକାର ଅନୁଦାନ ଘୋଷଣା କରୁଛନ୍ତି ।

ଉପରୋକ୍ତ ବିବରଣୀ ସବୁ ଗଳ୍ପ କାହାଣୀ କିମ୍ବା କିମ୍ବଦନ୍ତୀ ନୁହେଁ, ଉକ୍ତ ବିବରଣୀ ତଥ୍ୟଭିତ୍ତିକ । ସତ୍ୟ ଓ ବାସ୍ତବତା ଭିତରେ ଆଧାରିତ । ଉପରୋକ୍ତ ବିଷୟବସ୍ତୁକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ଓଡ଼ିଆ ଭାଗବତର ସଂଶୋଧନ ସମ୍ପାଦନା ପ୍ରସାର ଓ ପ୍ରଚାର କ୍ଷେତ୍ରରେ ମନେଇ ସାହୁଙ୍କ ଅବଦାନ ଅବିସ୍ମରଣୀୟ । ପରବର୍ତ୍ତୀ ସମୟରେ ଆମ ଜାତିଭାଇମାନେ ଓଡ଼ିଆ ଭାଗବତକୁ ଶୀର୍ଷରେ ପହଞ୍ଚାଇ ଥିଲେ । ଏଥିପାଇଁ ମନେଇ ସାହୁଙ୍କ ପ୍ରେରଣା ସେମାନଙ୍କୁ ଉଦ୍‌ବୁଦ୍ଧ କରାଇଥିଲା । ଭାଗବତ ପାଇଁ ଆମ ଐତିହ୍ୟ, ସଂସ୍କୃତି, ପରମ୍ପରା ମହାନତାରେ ପରିଣତ ହୋଇଛି । ଯେପରି ହିନ୍ଦୁଧର୍ମର ଧର୍ମଗ୍ରନ୍ଥ ଗୀତା, ମୁସଲମାନମାନଙ୍କର କୋରାନ, ଖ୍ରୀଷ୍ଟିଆନମାନଙ୍କର ବାଇବେଲ, ବୌଦ୍ଧ ଧର୍ମର ତ୍ରିପିଟକ, ଶିଖଧର୍ମର ଗୁରୁଗ୍ରନ୍ଥ ସାହେବ । ସେହିପରି ଆମଜାତିର ଧର୍ମଗ୍ରନ୍ଥ ଓଡ଼ିଆ ଭାଗବତ ଆମର ଗର୍ବ ଗୌରବ । ଭାଗବତକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ଏଡ଼େବଡ଼ କୀର୍ତ୍ତିର ଅଧିକାରୀ ହୋଇ ବି ମନେଇ ସାହୁ ତାଙ୍କ ନାମକୁ କେଉଁଠି ପ୍ରତିପାଦନ କରିନାହାଁନ୍ତି ଯାହା ତାଙ୍କ ମହାନତାର ପରିଚୟ ଦିଏ ।

ଏଣୁ ଆପଣମାନଙ୍କୁ ଅନୁରୋଧ ଆପଣମାନେ ଭାଗବତର ଅନୁଗାମୀ ହୁଅନ୍ତୁ । ଭାଗବତକୁ ଯଥୋଚିତ ସମ୍ମାନ ଦିଅନ୍ତୁ । ପ୍ରତ୍ୟେକ ଜାତିଭାଇ ଭାଗବତ ଖଣ୍ଡେ ଘରେ ରଖନ୍ତୁ । ପ୍ରତ୍ୟେହ ଉକ୍ତ ଭାଗବତକୁ ଅନ୍ତତଃ ଫୁଲଟିଏ ଦେଇ ପୂଜା କରିବା ସଙ୍ଗେସଙ୍ଗେ ଘରେ ସମସ୍ତେ ବସି କିମ୍ବା ନିଜେ ଭାଗବତ ଅଧ୍ୟାୟେ ପାଠ କରି ନିଜକୁ ଗୌରବାନ୍ୱିତ କରିବା ସହ ଆମର ନିଜ ଐତିହ୍ୟ ଓ ପରମ୍ପରାକୁ ସମୃଦ୍ଧ ଓ ଅକ୍ଷୁର୍ଣ୍ଣ ରଖନ୍ତୁ । ବିଶେଷ କରି ଯୁବଗୋଷ୍ଠୀ ଏଥିରେ ଉଦ୍‌ବୁଦ୍ଧ ହୋଇ ଆଗକୁ ଆସନ୍ତୁ । ବଞ୍ଚିରହୁ ତେଲି ଭାଗବତ କାଳେ କାଳେ ।

''ପରମଶାସ୍ତ୍ର ଭାଗବତ ଅଭ୍ୟାସ କରୁଥିବ ନିତ୍ୟ ।''

**ସଂଗଠନ ସମ୍ପାଦକ, ୧ମ ମଣ୍ଡଳ,**
**୧୪ ସାହି ତୈଳିକ ବୈଶ୍ୟ ସଂଘ, ବ୍ରହ୍ମ ବରଦା**
**ଗ୍ରା-ନରସିଂହପୁର, ପୋ-ଦହଙ୍ଗାପାଟଣା,**
**ଭାୟା-ଧର୍ମଶାଳା, ଜି: ଯାଜପୁର,**

*With best compliments from*

# Sri Kaustuva Sahu

**Special Class Contractor**

At/PO. Mandosil

Dist. Bargarh (Odisha)

Cell. 9437122567



# Sneha Medical Store

At/PO. Mandosil

Dist. Bargarh (Odisha)

PIN - 768 050



# ସଂକଳ୍ପ

ଲକ୍ଷ୍ମଣ ସାହୁ

ଇତିହାସ ପୃଷ୍ଠାରୁ ଜାଣିବାକୁ ପାଇଲେ ଯେ ଆମର କୁବେର ସମାଜର ପୂର୍ବଜମାନେ ଅତୀତରେ ବୋଇତରେ ଯାଇ ସୁଦୂର ଜାଭା, ବାଲି ସୁମାତ୍ରା, ଲକ୍ଷାଦ୍ୱୀପ ଆଦି ପ୍ରାଚ୍ୟ ଦେଶଗୁଡ଼ିକରେ ନୌବାଣିଜ୍ୟ କରି ଆମ ଦେଶକୁ ଅପାର ଧନରତ୍ନ ତଥା ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ସବୁ ବୋହି ଆଣୁଥିଲେ । ସେତେବେଳେ ସେମାନେ ସାଧବ ନାମରେ ଖ୍ୟାତ ଥିଲେ । ତାଙ୍କରି ଚେଷ୍ଟାରେ ଆମଦେଶ ବିଶେଷକରି ଉତ୍କଳ ପ୍ରାନ୍ତ ଧନରତ୍ନରେ ପରିପୂର୍ଣ୍ଣ ଥିଲା । ସମଗ୍ର ଭାରତବର୍ଷରେ ଉତ୍କଳ ରାଜ୍ୟର ନାମ ଥିଲା । ସାଧବମାନଙ୍କ ସେ ପୂର୍ବଗୌରବ ଆଉ ନାହିଁ । ତାହା କେବଳ ଇତିହାସର ବିଷୟ ହୋଇଯାଇଛି । କାର୍ତ୍ତିକ ପୂର୍ଣ୍ଣମୀ ଦିନ ପାଳିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବ, ସେହି ନୌବାଣିଜ୍ୟ ପରମ୍ପରାର ସ୍ମାରକ ହୋଇରହିଛି ।

ପୁରାଣପୃଷ୍ଠାରୁ ମଧ୍ୟ ଜଣାପଡ଼େ ଯେ, ବୈଶ୍ୟ ଜାତିର ଲୋକେ ସମାଜର ଅନ୍ୟ ତିନିବର୍ଣ୍ଣର ଲୋକଙ୍କୁ ଖାଦ୍ୟ ବସ୍ତ୍ର ଆଦି ଯୋଗାଉଥିଲେ । ଯୁଗେ ଯୁଗେ ସାଧବମାନେ ସମାଜରେ ପ୍ରତିଷ୍ଠିତ ହୋଇ ଉଚ୍ଚ ସମ୍ମାନର ଅଧିକାରୀ ଥିଲେ ।

ଏହିପରି ଏକ ଗୌରବମୟ ଐତିହ୍ୟ ସମ୍ପନ୍ନ ସମାଜର ଦାୟାଦଭାବରେ ଜନ୍ମଲାଭ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରେଁ । ବଡ଼ ଦୁଃଖ ଲାଗେ, ଆଜି ଆମ ସମାଜର ଯୁବକଯୁବତୀମାନେ ନିଜର ସ୍ୱାଭିମାନକୁ ଭୁଲି ପାଶ୍ଚାତ୍ୟ ପରମ୍ପରା ଅନ୍ଧାନୁସରଣ କରି ନିଜକୁ ନ୍ୟୁନବୋଧ କରୁଛନ୍ତି ଓ ନିଜର ଗୌରବମୟ ପରମ୍ପରାକୁ ଭୁଲିବାକୁ ବସିଲେଣି । ଆମ୍ଭର ମାନସିକତା ପରିବର୍ତ୍ତନକରି ଆମେ ପୁର୍ନବାର ଜାଗ୍ରତ ହୋଇ ଆମ୍ଭର ପୂର୍ବଜମାନେ ପ୍ରତିଷ୍ଠା କରି ଯାଇଥିବା ଯଶ କୀର୍ତ୍ତିକୁ ମନେପକାଇ ତଦନୁଯାୟୀ ନିଜକୁ ପରିଚାଳିତ କରିବାର ସମୟ ଆଜି ଉପଗତ । ଏହା କରି ପାରିଲେ ଆମ୍ଭର ପୂର୍ବଜମାନଙ୍କ ପ୍ରତି ହେବ ଆମ୍ଭର ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ । ନଚେତ୍ ଆମ୍ଭ ସମାଜର ଅବକ୍ଷୟ ଘଟି ନିଶ୍ଚିତ ଭାବରେ ଏହା ରସାତଳଗାମୀ ହେବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଏଣୁକରି ଆମକୁ ଶାସ୍ତ୍ରସମ୍ମତ ମତେ ବେଳହୁଁ ଉପାୟ କରିବାକୁ ପଡ଼ିବ । ଅନ୍ୟଥା ପଶ୍ଚାତ୍ତାପ କରି କିଛି ଫଳ ହେବନାହିଁ ।

ଆମ୍ଭର ଦୂରଦ୍ରଷ୍ଟା ପୂର୍ବଜମାନେ ଉତ୍ତମ ସମାଜ ଗଠନରେ ପଥପ୍ରଦର୍ଶକ ଭାବରେ ମହାପୁରାଣ ଭାଗବତକୁ ଅନୁସରଣ କରି ଉପଯୁକ୍ତ ମାର୍ଗରେ ପରିଚାଳିତ ହେବାକୁ ପ୍ରେରଣା ଦେଇଛନ୍ତି । ପ୍ରତ୍ୟେକ ସାମାଜିକ ଅନୁଷ୍ଠାନରେ ସର୍ବପ୍ରଥମେ ଭାଗବତ ପୂଜନ ଓ ପଠନର ପରମ୍ପରା ଅନୁସରଣ କରାଯାଇ ଆସୁଛି । ମାତ୍ର ଭାଗବତ କେବଳ ପଠନ କରିଦେଲେ ସୁଫଳ ମିଳିବନାହିଁ । ତାକୁ ଶ୍ରବଣ, ମନନ ଓ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ କରିବାକୁ ପଡ଼ିବ । ତେବେ ଯାଇ ଆମ ସମାଜ ମହାନ୍ ହୋଇପାରିବ ।

ଆମ ସମାଜର ଅବକ୍ଷୟକୁ ଲକ୍ଷ୍ୟକରି ସମାଜର କେତେକ ଚିନ୍ତାଶୀଳ ବିଜ୍ଞବ୍ୟକ୍ତି ଅତିଶୟ ଚିନ୍ତିତ ଓ ବ୍ୟଥିତ । ସେମାନେ

ଏହି ଦିଗଭ୍ରଷ୍ଟ ଅସଂଗଠିତ ରଢ଼ିବାଦୀ, କୁସଂସ୍କାରାଛନ୍ନ ସମାଜକୁ ସୁସଂଗଠିତ ଓ ସୁସଂସ୍କାରିତ କରିବା ଲକ୍ଷ୍ୟରେ ଜାତି ସଂଗଠନ ଗଠନକରି ସେଥିରେ ସଂଶ୍ଲିଷ୍ଟ ହୋଇ ଆବାଳବୃଦ୍ଧ ବନିତା ନିଜ ଜାତିର ମହାନତା ଉପଲବ୍ଧି ପୂର୍ବକ ଆଗେଇ ଆସି ସମାଜକାର୍ଯ୍ୟରେ ସହଯୋଗ କରିବାକୁ ଆହ୍ୱାନ ଦେଉଛନ୍ତି । ଆମ୍ଭେ ଗର୍ବ ଅହଂକାର ତ୍ୟାଗ ପୂର୍ବକ ଭେଦଭାବ ରହିତ ହୋଇ ଦିଗଦ୍ରଷ୍ଟାମାନଙ୍କ ପ୍ରଦର୍ଶିତ ପଥରେ ଆଗେଇ ଯିବା । ଏଥିରେ ନିନ୍ଦା ମିଳୁ ବା ପ୍ରଶଂସା ମିଳୁ ତତ୍‌ପ୍ରତି କର୍ଣ୍ଣପାତ୍ କରବା ନାହିଁ । ଉଦ୍ଦେଶ୍ୟ ମହତ୍ ହେଲେ ଫଳ ମଧ୍ୟ ମହତ୍ ହେବ । ସଫଳତା ବା ବିଫଳତା ମିଳିବା ବଡ଼କଥା ନୁହେଁ । କାର୍ଯ୍ୟ ଆରମ୍ଭ କରିବାହିଁ ବଡ଼କଥା । ତାଠୁଁ ଆହୁରି ବଡ଼ କଥା ହେଉଛି, କାର୍ଯ୍ୟ ଆରମ୍ଭ କରି ଛାଡ଼ି ନଦେଇ ତାକୁ ବାରମ୍ବାର କରିଚାଲିବା ।

ସମାଜର ଆବଶ୍ୟକ ପରିବର୍ତ୍ତନ ଓ ପୁନର୍ଗଠନରେ ନାରୀ ସମାଜର ସହଭାଗିତାକୁ ଅଣଦେଖା କରାଯାଇ ପାରିବନାହିଁ । ଏ ଦିଗରେ ନାରୀ ସମାଜର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନାରୀ ହେଉଛି ପରିବାରର ପ୍ରକୃତ ପରିଚାଳିକା, ସେ ଯେମିତି ରହିବ ପରିବାର ସେପରି ପରିଚାଳିତ ହେବ । ପରିବାରର ବୟସ୍କ ପୁରୁଷ ତଥା ଅଳ୍ପ ବୟସ୍କ ସନ୍ତାନ ସନ୍ତତି ଓ ଉଭୟଙ୍କ ପ୍ରେରଣାର ଉତ୍ସ ହେଉଛି ମାଆଁ । ମାଆ ପରିବାରର ଅସମାନତାର ଆବଶ୍ୟକ ସଚେତନତା ସୃଷ୍ଟିକରି ସମାଜକୁ ପୁନର୍ଗଠନ କରିପାରିବ ।

ଏହାକୁ ଆଖି ଆଗରେ ରଖି ଆମ ମହାସଭାରେ ମାତୃମଞ୍ଚ ଗଠନ କରାଯାଇ ମା'ମାନଙ୍କୁ ଉତ୍ତମ ପରିବାର ତଥା ଆଦର୍ଶ ସମାଜ ଗଠନର ଦାୟିତ୍ୱ ଅର୍ପଣ କରାଯାଉଛି । ମାତୃଶକ୍ତି ଜାଗ୍ରତ ହେଲେ ସମାଜ ମଧ୍ୟରୁ କୁସଂସ୍କାର ତଥା ଅନେକ ସାମାଜିକ କଳଙ୍କ ଦୂରହୋଇ ଆମ ସମାଜ ହସି ଉଠିବ ଏଥିରେ ସନ୍ଦେହ ନାହିଁ ।

ଯୁବ ସମାଜ ହେଉଛି ସମାଜର ସବୁଠାରୁ ବଡ଼ ସମ୍ପତ୍ତି । ଯୁବଶକ୍ତି ହିଁ ଯୁଗେ ଯୁଗେ ସମାଜରେ କ୍ରାନ୍ତି ବା ପରିବର୍ତ୍ତନ ଆଣି ସମାଜକୁ ପୁନର୍ଗଠିତ କରିଥାଏ । ସମାଜରେ ଯୁବକମାନେ ଯେତେ ସୁସ୍ଥ, କର୍ମଠ ଓ ଶିକ୍ଷିତ ହେବେ ସମାଜ ସେହି ଅନୁସାରେ ପୁନର୍ଗଠିତ ଓ ବିକଶିତ ହୋଇପାରିବ । ବର୍ତ୍ତମାନ ଆମ କୁବେର ସମାଜରେ ଯୁବଶକ୍ତିର ସୁବିନିଯୋଗ ପାଇଁ ଯୁବକମାନଙ୍କ ମଧ୍ୟରେ ଆବଶ୍ୟକ ସଚେତନତା ସୃଷ୍ଟିକରି ସମାଜ ପୁନଃନିର୍ମାଣରେ ତାଙ୍କର ଯୋଗଦାନ ଉପରେ ଗୁରୁତ୍ୱଆରୋପ କରି ଯାଉଛି । ବିଭିନ୍ନ ସାଇରେ ଯୁବାମଂଚ ଗଠିତ ହୋଇ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ମାନ କରାଯାଉଥିବା ବଡ଼ ଆନନ୍ଦର ବିଷୟ ।

ଆସନ୍ତୁ ଆଜିକାର ଏହି ଶୁଭ ଅବସରରେ ଆବାଳବୃଦ୍ଧ ବନିତା ସମସ୍ତେ ସମସ୍ତ ପ୍ରକାର ଭେଦଭାବ ଭୁଲି ଏକାକାର ହୋଇ ନିଜ ନିଜର ଶକ୍ତି ଅନୁସାରେ ସମାଜ ସେବାରେ ନିୟୋଜିତ ହୋଇ ନିଜର ତଥା ନିଜ ସମାଜର ସର୍ବାଙ୍ଗୀନ୍ନ ଉନ୍ନତିରେ ଲାଗି ପଡ଼ିବାର ସଙ୍କଳ୍ପ ନେବା । ଏତିକି ହିଁ କାମନା ।

ଜୟ କୁବେର ବନ୍ଧୁଗଣ
ଆଜିର ସଂକଳ୍ପ
ଆମେ ସମସ୍ତେ ଏକ ହୋଇ
ଆମ ସମାଜକୁ ନେବା ଆଗେଇ
ସମସ୍ତେ ହୋଇ ଏକାକାର
କୁସଂସ୍କାରକୁ କରିବା ଦୂର ।

**ଗ୍ରା/ପୋ. - ପାଇକମାଳ,**
**ଜି - ବରଗଡ଼**

☆☆☆☆☆


मानकः पथप्रदर्शकः
Bureau of Indian Standards
Prop. Bimbadhar Sahu
Cell. 9438311067(O), 9937907425
Aanshuman Jewellery
All variety of Gold & Silver Ornaments,
New Designes Sale & Made Here ...
Kudasingha Main Road, Infront of Rana Pada



# ଯୋଗାଯୋଗ ବନାମ ପରିବେଶ

## - ମଣିଷ ସମାଜ ପାଇଁ ଏକ ଚେତାବନୀ

ଡା. ଲଳିତ କୁମାର ସାହୁ

ଗୋଟିଏ ଦେଶ ସମୃଦ୍ଧଶଳୀ ହେବା ପାଇଁ ଯୋଗାଯୋଗ ପ୍ରତ୍ୟକ୍ଷ ଭାବେ ଦାୟୀ ଅଟେ । ଉଭୟ ସ୍ଥଳ ଓ ଜଳପଥ ମାଧ୍ୟମରେ ସୁସଂଯୋଗ ହୋଇପାରୁଥିବା ଜନବସତି ପୃଥିବୀର ସମସ୍ତ ସଭ୍ୟତା ସହ ସୁସଂପର୍କରେ ଆସିବା ଦ୍ୱାରା ଶିକ୍ଷା ତଥା ବାଣିଜ୍ୟ କ୍ଷେତ୍ରରେ ଅଗ୍ରସର ହେବା ସହ ଅର୍ଥନୈତିକ ସ୍ତରରେ ଶକ୍ତିଶାଳୀ ହୋଇଥାଏ । ଆଧୁନିକ ଜୀବନଶୈଳୀରେ ମନୁଷ୍ୟ ପାଇଁ ଯାନବାହନ ଏକ ଅତ୍ୟାବଶ୍ୟକ ସାମଗ୍ରୀ । ଦୃତଗତିରେ ବଢ଼ିଚାଲିଥିବା ଜନସଂଖ୍ୟା ସାଙ୍ଗକୁ ନିଜର ଦୈନନ୍ଦିନ ଜୀବନଚାର୍ଯ୍ୟା ପାଇଁ ସମସ୍ତଙ୍କୁ ସଂଘର୍ଷ କରିବାକୁ ପଡୁଛି । ଶିକ୍ଷା, ବାଣିଜ୍ୟ ତଥା ସ୍ୱାସ୍ଥ୍ୟ ସମସ୍ୟା ପାଇଁ ମଣିଷମାନେ ପ୍ରତ୍ୟହ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯାତାୟତ କରୁଛନ୍ତି । ଯିବା ଆସିବା ତଥା ନିତ୍ୟବ୍ୟବହାର୍ଯ୍ୟ ଜିନିଷ ସବୁ ସ୍ଥନାନ୍ତରଣ ପାଇଁ ପ୍ରାୟତଃ ସ୍ଥଳପଥ ଉପରେହିଁ ନିର୍ଭରଶୀଳ ହେବାକୁ ପଡୁଛି । ସେଥିପାଇଁ ଦିନକୁ ଦିନ ଅଧିକ ନୂତନ ରାସ୍ତା ସହ ରାସ୍ତାମାନଙ୍କର ପ୍ରସସ୍ତିକରଣର ଆବଶ୍ୟକତା ବଢ଼ିଚାଲିଛି । ବର୍ତ୍ତମାନ ସ୍ଥିତି ଏହି ସ୍ତରରେ ପହଞ୍ଚିସାରିଛି ଆମେ ଚାହିଁଲେ ମଧ୍ୟ ଯାନବାହନର ସଂଖ୍ୟା କମ୍ କରିପାରିବାନାହିଁ କିମ୍ବା ରାସ୍ତା ନିର୍ମାଣକୁ ରୋକି ପାରିବାନାହିଁ । ସମସ୍ତେ କିନ୍ତୁ ଉପଲବ୍ଧି କରି ସାରିଲେଣି ଅତ୍ୟଧିକ ଯାନବାହନ ଆମକୁ ସୁସ୍ଥ ପରିବେଷ ପରିବର୍ତ୍ତେ ଧୂଳିଧୂଆଁମୟ ବିଷାକ୍ତ ପରିବେଶ ଆଡ଼କୁ ମୁହାଁଉଛି ।

ବୃକ୍ଷମାନଙ୍କଠାରୁ ଆମେ ଯାହାସବୁ ଲାଭପାଇଛୁ ଦୁର୍ମୁଲ୍ୟ । ପ୍ରଥମତଃ ରାସ୍ତାରେ ଯାତାୟତ ସମୟରେ ଗଛମାନଙ୍କ ଛାଇରେ ଆମେ ଏକ ଅଭୁତ ତୃପ୍ତିଲାଭ କରିଥାଉ । ବୃକ୍ଷମାନଙ୍କ ଦ୍ୱାରା ଯେଉଁ ସବୁଜିମା ସୃଷ୍ଟି ହେଉଛି ସେହି ସବୁଜ ରଂଗ ହେଉଛି ଶାନ୍ତିର ପ୍ରତିକ । ଏକ ଅନୁସଂଧାନରୁ ଜଣାପଡ଼ିଛି ସବୁଜ ରଂଗ ଆମକୁ ମାନସିକ ବିସାଦରୁ ଅନେକ ମାତ୍ରାରେ ଆରାମ ଦେଇଥାଏ । ବୃକ୍ଷମାନଙ୍କଦ୍ୱାରା ବାୟୁମଣ୍ଡଳର ତାପମାତ୍ରା ଅନେକ ମାତ୍ରାରେ କମ ହୋଇଥାଏ । କାରଣ ସୂର୍ଯ୍ୟ କିରଣକୁ ନିଜ ଆଡ଼କୁ ଆକର୍ଷିତ କରିବା ସହ ପତ୍ରରୁ ଜଳୀୟ ବାଷ୍ପ ତ୍ୟାଗ କରିଥାନ୍ତି । ଏକ ଆକଳନ ଅନୁସାରେ ଗୋଟିଏ ମହାଦୃମ ୧୦ଟି Room AC ସହ ସମାନ ଥଣ୍ଡା ପ୍ରଦାନ କରିଥାଏ ତେଣୁ ଏହା ଏକ ପ୍ରାକୃତିକ ଶୀତତାପ ନିୟନ୍ତ୍ରକ । ବୃକ୍ଷ ଅଙ୍ଗାରକାମ୍ଳ ସହ ଅନେକ ଅନ୍ୟାନ୍ୟ କ୍ଷତିକାରକ ଗ୍ୟାସ ଯେପରି ସଲଫର ଡ଼ାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼ ଆଦିକୁ ଗ୍ରହଣ କରିନିଏ । ପ୍ରତିବଦଳରେ ଆମକୁ ପ୍ରାଣବାୟୁ ଅମ୍ଳଜାନ ପ୍ରଦାନ କରିଥାଏ । ଆହୁରି ଆକଳନରୁ ଜଣାପଡ଼ିଛି ଗୋଟିଏ ବଡ଼ଗଛ ଦିନକୁ ଚାରିଜଣଙ୍କ ପାଇଁ ଆବଶ୍ୟକ ପଡୁଥିବା ପରିମାଣର ଅମ୍ଳଜାନ ପ୍ରଦାନ କରିଥାଏ । ଆହୁରି ମଧ୍ୟ ଗୋଟିଏ ବଡ଼ଗଛ ବର୍ଷସାରା ୧୩ ପାଉଣ୍ଡ କାର୍ବନ ଗ୍ରହଣ କରିପାରେ । ରାସ୍ତାକଡ଼ରେ ଥିବା ଗଛସବୁ ବର୍ଷାଦିନେ ମାଟି ଧୋଇ ହେବାକୁ ରୋକିବାରେ ସହାୟକ ହୋଇଥାନ୍ତି ।

ଅନ୍ୟପକ୍ଷରେ ମନୁଷ୍ୟ ତଥା ସମସ୍ତ ଜୀବଜଗତକୁ ଖାଦ୍ୟ ପ୍ରଦାନ କରିଥାନ୍ତି । ଯାହା ଜୀବଶକ୍ତିର ଅସ୍ତିତ୍ୱ ପାଇଁ ଅପରିହାର୍ଯ୍ୟ ।

ପୃଥିବୀରେ ଘଟୁଥିବା ସମସ୍ତ ବିନାସକାରୀ ପ୍ରଳୟ ଅନେକାଂଶରେ ବୃକ୍ଷହାନୀର ପ୍ରଭାବ ଅଟେ । ଅତଡ଼ା ଖସିବା ହେଉଛି ଏକ ବିପଜ୍ଜନକ ପ୍ରାକୃତିକ ବିପର୍ଯ୍ୟୟ । ୧୯୯୮ ମସିହାରେ ଉତ୍ତରାଖଣ୍ଡରେ ଘଟିଥିବା ଲେଣ୍ଡସ୍ଲାଇଡ଼ରେ ୩୮୦ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ମାଲପା ନାମରେ ଗୋଟିଏ ଗାଁ ସମ୍ପୂର୍ଣ୍ଣ ରୂପେ ମାଟିରେ ମିଶିଯାଇଥିଲା । କେରଳରେ ୨୦୦୧ରେ ଘଟିଥିବା ଲେଣ୍ଡସ୍ଲାଇଡ଼ରେ ପାଖାପାଖି ୪୦ ଜଣଙ୍କ ପ୍ରାଣହାନୀ ଘଟିଥିଲା । ୨୦୧୪ରେ ମହାରାଷ୍ଟ୍ରରେ ଘଟିଥିବା ଲେଣ୍ଡସ୍ଲାଇଡ଼ରେ ୧୫୧ ଜଣଙ୍କ ମୃତ୍ୟୁ ହେବା ସହ ପ୍ରାୟ ୧୦୦ ଜଣଙ୍କ ପତ୍ତା ମିଳି ନଥିଲା । ବନ୍ୟାପାଇଁ ମଧ୍ୟ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଜଙ୍ଗଲ ହିଁ ଦାୟୀ । ୨୦୧୪ କାଶ୍ମୀର ବନ୍ୟାରେ ଶ୍ରୀନଗର, ବାନ୍ଦିପୁର, ରାଜୌରୀ ଆଦି ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା ଏବଂ ଏଥିରେ ୫୦୦ରୁ ଅଧିକ ଲୋକଙ୍କ ପ୍ରାଣହାନୀ ହେବା ସହ ପ୍ରାୟ ୨୬୦୦ ଗାଁ ପ୍ରଭାବିତ ହୋଇଥଲା । ୨୦୧୩ରେ ଉତ୍ତରାଖଣ୍ଡରେ ବାଦଲ ଫାଟି ଅତି ପ୍ରବଳ ବର୍ଷା ହେବା ଯୋଗୁଁ ଗଙ୍ଗା ନଦୀରେ ହଠାତ୍ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ, ପାଣି ମାଡ଼ି ଆସି କେଦାରନାଥ ମନ୍ଦିର ସମେତ ସମସ୍ତ ତଳିଆ ଅଞ୍ଚଳ ଧୋଇନେଲା ।  ପ୍ରାୟ ଲକ୍ଷେ ଭକ୍ତ ପ୍ରଭାବିତ ହେବା ସହ ହଜାର ସଂଖ୍ୟାରେ ପ୍ରାଣହାନୀ ହେଲା । ଆଜି ମଧ୍ୟ ସମ୍ବଲପୁର ରାଠି ପରିବାରର ୧୭ ଜଣ ସଦସ୍ୟଙ୍କ ଅକାଳ ମୃତ୍ୟୁ କଥା ସମସ୍ତଙ୍କ ସ୍ମୃତିରେ ରହିଛି । ୨୦୧୪ରେ ହୁଡ଼ହୁଡ଼ ବାତ୍ୟା ଓଡ଼ିଶା ଅର୍ଥନୀତିକୁ ଦୋହଲାଇଦେଲା । ତା'ପୂର୍ବ ବର୍ଷ ୨୦୧୩ରେ ଫାଇଲିନ ଯୋଗୁଁ ଅନେକ କ୍ଷୟକ୍ଷତି ଓଡ଼ିଶାବାସୀଙ୍କୁ ସାମ୍ନା କରିବାକୁ ପଡ଼ଲା । ୧୯୯୯ର ମହାବାତ୍ୟା ସମଗ୍ର ଉପକୂଳ ଓଡ଼ିଶାରେ ଯେଉଁ ଧ୍ୱଂସଲୀଳା ରଚିଗଲା ପ୍ରାୟ ଏକଲକ୍ଷ ଲୋକଙ୍କ ସହ ଅନେକ ପଶୁପକ୍ଷୀ ଧ୍ୱଂସ ହୋଇଗଲେ । ତେଣୁ ଆମେ ଯତ୍ନବାନ ହେବା ଆବଶ୍ୟକ ଯେଉଁଳି ପ୍ରକୃତି ନଷ୍ଟ ନହୁଏ ନଚେତ ଆମେ ସମସ୍ତେ ଧ୍ୱଂସ ହୋଇଯିବା ।

ଆମେ ରାସ୍ତାର ପ୍ରଶସ୍ତୀକରଣକୁ ରୋକିପାରିବାନି କିମ୍ବା ନୂତନ ରାସ୍ତା ନିର୍ମାଣକୁ ବିରୋଧ କରି ଦେଶର ପ୍ରଗତିକୁ ଅବରୋଧ କରିବା ଯୁକ୍ତି ସଂଗତ ନୁହେଁ । ଆମେ କେବଳ ପରିବେଶକୁ କିପରି ସୁରକ୍ଷିତ ରଖିପାରିବା ତାର ବିକଳ୍ପର ରାସ୍ତା ବାହାର କରିବାକୁ ହେବ । ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ଆଦେଶ କରିଛନ୍ତି ଯେ ରାସ୍ତା ନିର୍ମାଣକାରୀ ସଂସ୍ଥା ମାନ ଗୋଟିଏ ବଡ଼ଗଛ କାଟିଲେ ୧୦ ଗୋଟି ନୂତନ ଗଛ ଲଗାଇବା ସହ ତାର ଯତ୍ନ ନେବେ । ଆମ ସମସ୍ତଙ୍କୁ ସଚେତନ ହେବାସହ ବୃକ୍ଷମାନଙ୍କର ସୁରକ୍ଷା ପ୍ରତି ସଂକଳ୍ପବଦ୍ଧ ହେବାକୁ ପଡ଼ିବ । ପରିବେଶ ସବୁଜ ସୁନ୍ଦର ରହିଲେ ଆମେ ସୁସ୍ଥ ରହିବା । ଯୁବକମାନେ ହେଉଛନ୍ତି ସବୁଠୁ ବେଶି ସମ୍ବେଦିନଶୀଳ ପ୍ରତିଭା ଏବଂ ସେମାନେ ଯତ୍ନବାନ ହୋଇ ପରିବେଶ ସୁରକ୍ଷା ଦିଗରେ ଗୁରୁଦାୟୀତ୍ୱ ବହନ କଲେ ଅଧିକ ପ୍ରଭାବଶଳୀ ହେବ । ଯୁବକମାନେ ନିଜେ ବୃକ୍ଷରୋପଣ କରିବା ସହ ବିଭିନ୍ନ ସଚେତନମୂଳକ ର୍‌ୟାଲି, ସଭା, ପ୍ରଶିକ୍ଷଣ ଶିବିର, ସାଂସ୍କୃତିକ କାର୍ଯକ୍ରମ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ସଚେତନା ଆଣିପାରିବେ, ଅନେକଗୁଡ଼ିଏ ସଂସ୍ଥା ଅଛନ୍ତି ଯେଉଁମାନେ ପରିବେଶ ସୁରକ୍ଷା ଦିଗରେ ବ୍ରତୀ ଅଛନ୍ତି, ଯେପରି NYCA, NTYEN, Plant for the Planet, GREEN 10 IOF, Youth Allience for Environment, YUVA ଏପରି ଅନେକ । ଆମ ବଲାଙ୍ଗିରରେ ଟଙ୍ଗିଆଜାମ୍ ନାମକ ଏକ ସଂସ୍ଥା ବୃକ୍ଷର ସୁରକ୍ଷା ପାଇଁ ହିଁ ମୁଖ୍ୟତଃ କାମ କରିଆସୁଛି । ଅନେକ ସାମାଜିକ ତଥା ସରକାରୀ ସ୍ତରରେ ଏହି ସଂସ୍ଥା ଉଚ୍ଚ ପ୍ରଶଂସିତ ହୋଇସାରିଛି  । ସେବା ନାମରେ ଆଉଏକ NGO ମଧ୍ୟ ବଲାଙ୍ଗିରରେ ସବୁଜ ପରିବେଶ ସୁରକ୍ଷା ଦିଗରେ କାମକରୁଛି । ଆମେ କୁବେର ସମାଜ ତରଫରୁ ଯେଉଁ ରକ୍ତଦାନ ଶିବିର ଆୟୋଜନ କରି ଆସୁଛେ ଏହା ଏକ ମହତ କାର୍ଯ୍ୟ । ଆମେ ରକ୍ତଦାନ କରି ଜଣେ ରୋଗୀକୁ ଜୀବନଦାନ ଦେଇପାରୁଛୁ । ମାତ୍ର ବୃକ୍ଷରୋପଣ ଦ୍ୱାରା

ପ୍ରତ୍ୟକ୍ଷ ତଥା ପରୋକ୍ଷରେ ଆମେ ଅନେକ ଲୋକଙ୍କ ଜୀବନ ବଞ୍ଚାଇ ପାରିବା । ପ୍ରାଣବାୟୁ ବା ଅମ୍ଳଜାନ ହେଉଛି ରକ୍ତକୋଷିକାର ମୂଳତତ୍ତ୍ୱ । ସେହି ଅପରିହାର୍ଯ୍ୟ ଅମ୍ଳଜାନର ପ୍ରାପ୍ତି ପାଇଁ ହେ ମୋର ଯୁବସମାଜ ବନୀକରଣ କାର୍ଯ୍ୟକୁ ହାତକୁ ନିଅନ୍ତୁ, ତ୍ୱରାନ୍ୱିତ କରି ସବୁଜ ପରିବେଶ ସୃଷ୍ଟି କରନ୍ତୁ ଏବଂ ତା'ର ଯତ୍ନ ଓ ରକ୍ଷଣାବେକ୍ଷଣରେ ବ୍ରତୀ ହୁଅନ୍ତୁ । ଏଣୁ ଏହି ସିଦ୍ଧାନ୍ତରେ ଆମେ ଉପନିତ ହେଉଛୁ ଯେ ମଣିଷ ଜୀବନରେ ତିଷ୍ଠି ରହିବା ପାଇଁ ଅତ୍ୟନ୍ତ ଜରୁରୀ ଖାଦ୍ୟ, ବସ୍ତ୍ର, ବାସଗୃହ ଆଦି ଆମେ ବୃକ୍ଷଠାରୁ ହିଁ ପାଉଛୁ । ତେଣୁ ଏହାର ଯତ୍ନ ଆମର ଧର୍ମ ଅଟେ ।

କେବଳ ଯୋଗାଯୋଗା ପାଇଁ ଆମେ ସବୁଜ ପରିବେଶକୁ ଜଳାଞ୍ଜଳି ଦେଇପାରିବା ନାହିଁ । ବେଳହୁଁ ସାବଧାନ ନହେଲେ ପ୍ରକୃତିର କରାଳଗ୍ରାସରେ ଆମେ ଦିନେ ଧ୍ୱଂସ ହୋଇଯିବା ।

**କୁଡ଼ାସିଂହା**





ଯଦା ସଦା ହି ଧର୍ମସ୍ୟ ଗ୍ଲାନିର୍ଭବତିଭାରତ
ଅଭ୍ୟୁତ୍ଥାନମ୍ଧର୍ମସ୍ୟ ତଦାତ୍ମାନମ୍ ସୃଜାମ୍ୟହମ୍

# ଶ୍ରୀକ୍ରିଷ୍ଣା ଟ୍ରେଡ଼ର୍ସ

**(ଚିନାବାଦାମ ଓ ଚିନାବାଦାମ ମଞ୍ଜି
ବ୍ୟବସାୟର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ)**

ନୃସିଂହନାଥ ମନ୍ଦିର ରୋଡ଼୍, ପାଇକମାଲ
ପୋ.ଅ.: ପାଇକମାଲ, ଜି. ବରଗଡ଼-୭୬୮୦୩୯

*କୁବେର ସମାଜର ସମସ୍ତ ଭାଇ ଭଉଣୀମାନଙ୍କ ସୁଖ ଓ
ସମୃଦ୍ଧି କାମନା କରି ଆଗାମୀ ନବବର୍ଷର
ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି । ଏହି ନବବର୍ଷ
ଆପଣ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହାହିଁ କାମନା*

**ପ୍ରଫୁଲ୍ଲ କୁମାର ସାହୁ**
*ମୋ: ୯୯୩୮୩୯୩୫୫୨*



# ସମାଜର ଉତ୍ଥାନରେ ଯୁବସମାଜର ଭୂମିକା

**ମନୋଜ କୁମାର ସାହୁ**

ଯୁବଶକ୍ତି ହେଉଛି ସମାଜର ଅମୂଲ୍ୟ ସମ୍ପଦ । ଯୁବଶକ୍ତିର ସକ୍ରିୟ ସହଯୋଗ ବିନା ସମାଜର ପରିବର୍ତ୍ତନ ବା ପ୍ରଗତି ହୋଇପାରେନାହିଁ । ଯେଉଁ ସମାଜର ଯୁବକମାନେ ଯେତେ ଶିକ୍ଷିତ ଓ ମାର୍ଜିତ ତଥା ସଂଗଠିତ ସେହି ସମାଜ ସେତିକି ଉନ୍ନତ ଓ ପ୍ରଗତିଶୀଳ । ଯୁବକମାନେ ଜାଗ୍ରତ ହୋଇ ସମାଜ ପ୍ରେମରେ ଉଦ୍‌ବୁଦ୍ଧ ହେଲେଯାଇ ସମାଜ ପାଇଁ କିଛି କରିପାରିବେ । ସେଇଥିପାଇଁ ତ ଯୁଗଜନ୍ମା ସ୍ୱାମୀ ବିବେକାନନ୍ଦ ଯୁବକମାନଙ୍କ ଉଦ୍ଦେଶ୍ୟରେ ଦୃପ୍ତ ଆହ୍ୱାନ ଦେଇ କହିଥିଲେ 'ଉତ୍ତିଷ୍ଠିତ, ଜାଗ୍ରତ, ପ୍ରାପ୍ୟ ବରାନ୍ ନିବୋଧତ ' । ହେ ଯୁବ ଭାଇଭଉଣୀମାନେ ଉଠ, ଜାଗ ଏବଂ ଲକ୍ଷପ୍ରାପ୍ତି ପର୍ଯ୍ୟନ୍ତ ଆଗେଇ ଚାଲ । ତୁମେ ଦିଅଁ ପୂଜାପାଇଁ ମନ୍ଦିର ଯିବା ଦରକାର ନାହିଁ । ସମାଜର ଦଳିତ ଉପେକ୍ଷିତ ବସ୍ତିକୁ ଯାଅ, ସେଇଠି ପ୍ରକୃତ ଦେବତାମାନେ ତୁମକୁ ଅପେକ୍ଷା କରିଛନ୍ତି । ତାଙ୍କର ସେବା କର । ଦରିଦ୍ର, ନିରନ୍ନ, ବୁଭୁକ୍ଷୁମାନଙ୍କ ମୁହଁରେ ମୁଠାଏ ଆହାର ଦିଅ, ନିରକ୍ଷରମାନଙ୍କୁ ଦୁଇ ଅକ୍ଷର ଶିଖାଅ । ତାହାହିଁ ହେବ ତୁମପାଇଁ ନର ରୂପୀ ନାରାୟଣଙ୍କ ସେବା ।

ଯୁବକମାନେ ଚାହିଁଲେ ସମାଜରେ କ୍ରାନ୍ତି ବା ପରିବର୍ତ୍ତନ ଆଣିପାରିବେ । ସେମାନେ ହିଁ ସମାଜରେ ବସା ବାନ୍ଧି ରହିଥିବା ରଢ଼ିବାଦ, କୁସଂସ୍କାରୂପୀ ଅନ୍ଧକାର ଦୂର କରିପାରିବେ । ସମାଜରେ ଥିବା ଭେଦଭାବ ଦୂର କରି ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା କରିପାରିବେ । ସେଥିପାଇଁ ତାଙ୍କୁ ଉତ୍ସର୍ଗୀକୃତ ତ୍ୟାଗ କରିବାକୁ ପଡ଼ିବ । ପ୍ରଥମେ ନିଜର ନିସ୍ୱାର୍ଥପର ସେବା ମାଧମରେ ସମସ୍ତଙ୍କୁ ନିଜର କରିବାକୁ ପଡ଼ିବ । ସେମାନେ ଶିକ୍ଷିତ, ମାର୍ଜିତ ଓ ସମାଜ ପ୍ରେମରେ ନିମଗ୍ନ ହେଲେଯାଇ ଏହା ସମ୍ଭବ ହୋଇପାରିବ ।

ସମାଜର ସାମଗ୍ରିକ ବିକାଶ, ଯୁବକମାନଙ୍କ ସକ୍ରିୟ ସହଯୋଗିତା ଓ ସହଭାଗିତା ବିନା ସମ୍ଭବ ନୁହେଁ । ଏହା ଉପଲକ୍ଷ୍ୟ କରି ଆମ୍ଭ କୁବେର ସମାଜ ସଂଗଠନରେ (ମହାସଭାରେ) ଯୁବାମଞ୍ଚର ପରିକଳ୍ପନା କରାଯାଇ ଶୀର୍ଷସ୍ତରରୁ ଆରମ୍ଭ କରି ତୃଣମୂଳସ୍ତର - ସାଇ ପର୍ଯ୍ୟନ୍ତ ଯୁବକମାନଙ୍କୁ ସମାଜ ସେବାରେ ସଂଶ୍ଳିଷ୍ଟ କରିବା ପାଇଁ ଯୁବାମଞ୍ଚ ଗଠନ କରାଯାଇଛି । ଯୁବାମଞ୍ଚ କହିଲେ କେବଳ ଯୁବକ ନୁହଁନ୍ତି । ଯୁବକଯୁବତୀ ଉଭୟଙ୍କୁ ବୁଝାଏ । ଅବଶ୍ୟ ପ୍ରାଥମିକ ଅବସ୍ଥାରେ କେବଳ ଯୁବକମାନଙ୍କୁ ନେଇ ଏହା ଆରମ୍ଭ କରାଯାଇଛି । ସମୟକ୍ରମେ ଯୁବତୀମାନଙ୍କୁ ମଧ ଏଥିରେ ସଂଶ୍ଳିଷ୍ଟ କରାଯିବାର କାର୍ଯ୍ୟକ୍ରମ ରହିଛି । ଯୁବାମଞ୍ଚ ବୋଇଲେ ୧୮ ବର୍ଷରୁ ଆରମ୍ଭ କରି ୫୦ବର୍ଷ ବୟସ ପର୍ଯ୍ୟନ୍ତ ଉଭୟ ଯୁବକଯୁବତୀମାନଙ୍କ ସଂଗଠନକୁ ବୁଝାଇବ ।

ସମାଜର ଉତ୍‌ଥାନ ପାଇଁ ଯୁବାମଞ୍ଚର ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ସମାଜର ଯୁବକଯୁବତୀମାନେ ନିଜର ଦୈନନ୍ଦିନ କାର୍ଯ୍ୟକ୍ରମରୁ ସମୟ ବାହାର କରି ନିଜର ରୁଚି ଅନୁସାରେ ଯେତିକି ସମ୍ଭବ ସେତିକି ସେବାମୂଳକ କାର୍ଯ୍ୟମାନ କରିପାରିବେ । ନିଃଶୁଳ୍କ ଔଷଧ ବିତରଣ, ରକ୍ତବର୍ଗ ଚିହ୍ନଟ ଶିବିର ଓ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ବୃକ୍ଷରୋପଣ ଓ ପରିବେଶ ପର୍ଯ୍ୟାବରଣ ସୁରକ୍ଷା, ସ୍ୱଚ୍ଛତା ଅଭିଯାନ ଆଦି କାର୍ଯ୍ୟକ୍ରମ ସବୁ ଆୟୋଜନ କରି ଲୋକଙ୍କ ସେବା କରିବା ସଙ୍ଗେ ସଙ୍ଗେ ତାଙ୍କୁ ସମାଜ ପ୍ରତି ଆକର୍ଷିତ କରି ତାଙ୍କ

ମଧ୍ୟରେ ସମାଜପ୍ରେମ ସୃଷ୍ଟିକରିପାରିବେ । ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକରେ ଅନ୍ୟ ସମାଜର ଲୋକଙ୍କୁ ସଂଶ୍ଳିଷ୍ଟ କରିପାରିଲେ ତାଙ୍କ ସହିତ ସାମାଜିକ ସମରସତା ସୃଷ୍ଟି ହୋଇପାରିବ । ମହିଳାମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ପାଇଁ ଝୋଟି, ରଙ୍ଗୋଲି, ଖାଦ୍ୟ ପ୍ରସ୍ତୁତି ଆଦି ପ୍ରତିଯୋଗିତା କରାଯାଇପାରେ ।

ଯୁବକଯୁବତୀମାନେ ନିଜ ସମାଜରେ ନିରକ୍ଷର ମହିଳା ଓ ପୁରୁଷମାନଙ୍କୁ ସ୍ୱତନ୍ତ୍ର ଶିକ୍ଷା ବ୍ୟବସ୍ଥା କରି ସାକ୍ଷର କରାଇ ପାରିବେ । ଶିକ୍ଷିତ ଯୁବକଯୁବତୀମାନେ ନିଜର ଫୁରସତ୍ ସମୟରେ ନିଜ ସାହିର ମହିଳାମାନଙ୍କୁ ଏକାଠି ବସାଇ ତାଙ୍କ ମଧ୍ୟରେ ଆଦର୍ଶ ପରିବାର ବ୍ୟବସ୍ଥା, ଶିଶୁମାନଙ୍କ ଉପଯୁକ୍ତ ଯତ୍ନ, ନିଜ ଗୃହ ତଥା ପରିବେଶର ପରିଷ୍କାର, ପରିଚ୍ଛନ୍ନତା, ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ଆର୍ଥିକ ସ୍ୱାବଲମ୍ବନଶୀଳତା ବୃଦ୍ଧି ତଥା ତାଙ୍କ ମଧ୍ୟରେ ଉପଯୁକ୍ତ ଜାଗରଣ ସୃଷ୍ଟି କରି ସମାଜର ଅଗ୍ରଗତିରେ ଭାଗୀଦାରୀକୁ ନିଶ୍ଚିତ କରିପାରିବେ । ମହିଳାମାନଙ୍କୁ ସିଲେଇକାମ, ଆଚାର, ବଡ଼ି, ପାମ୍ପଡ଼ ଆଦି ତିଆରି କରିବାର ତାଲିମ ଦେଲେ ସେମାନେ ନିଜେ ଅବସର ସମୟକୁ ବିନିଯୋଗ କରି ଦୁଇପଇସା ରୋଜଗାର କରି ନିଜର ଆତ୍ମପ୍ରତ୍ୟୟ ସୁନିଶ୍ଚିତ କରିପାରିବେ । ନାରୀମାନଙ୍କ ଜାଗରଣ ବିନା ସମାଜର ପ୍ରକୃତ ଉନ୍ନତି ହୋଇପାରିବ ନାହିଁ । ଏଣୁ ନିଜର କାର୍ଯ୍ୟକ୍ରମ ମାଧ୍ୟମରେ ନାରୀ ସମାଜକୁ ମଧ୍ୟ ସଂଗଠିତ କରିବାକୁ ପଡ଼ିବ ।

ନିଜ ସମାଜର ଶିକ୍ଷାରେ ଦୁର୍ବଳ ଛାତ୍ରଛାତ୍ରୀ ପାଇଁ ସୁବିଧାନୁସାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା କରି ଶ୍ରେଣୀ ଉପଯୋଗୀ କରିବା ସଙ୍ଗେ ସଙ୍ଗେ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା କରି ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରିଲେ ନିଜ ସମାଜରେ ଡାକ୍ତର, ଇଂଜିନିୟର ତଥା ଅନ୍ୟାନ୍ୟ ଉଚ୍ଚ ପଦପଦବୀ ପାଇଁ ଯୋଗ୍ୟ କରାଯାଇପାରିବ । ଏହାଦ୍ୱାରା ସମାଜର ଉନ୍ନତି ହେବ ତଥା ମାନସମ୍ମାନ ବୃଦ୍ଧି ପାଇବ । ଯଦି ଦରକାର ପଡ଼େ ଏପରି ଯୋଗ୍ୟ ଛାତ୍ରଛାତ୍ରୀମାନେ ଆର୍ଥିକ କାରଣରୁ ଉଚ୍ଚଶିକ୍ଷାରୁ ଯେପରି ବଂଚିତ ନ ହୁଅନ୍ତି ସେଥିପାଇଁ ଯୁବକମାନେ ସମାଜର ସାମର୍ଥ୍ୟବାନ ସଦସ୍ୟମାନଙ୍କ ଠାରୁ ଅର୍ଥ ସଂଗ୍ରହ କରି ତାଙ୍କୁ ଯୋଗାଇ ଦେଇପାରିଲେ ସେମାନେ ଉଚ୍ଚଶିକ୍ଷାରୁ ବଞ୍ଚିତ ହେବେନାହିଁ ।

ଶିଳ୍ପ ବାଣିଜ୍ୟରେ ପୂର୍ବେ ଆମ ସମାଜ ଯେପରି ଅଗ୍ରଣୀ ହୋଇ ଆର୍ଥିକ ସମ୍ପନ୍ନତା ଲାଭ କରି ପ୍ରତିଷ୍ଠା ଲାଭ କରିଥିଲା ତା'ର ପୁନରୁଦ୍ଧାର ପୂର୍ବକ ନିଜର ହୃତଗୌରବ ଫେରାଇ ଆଣିବାକୁ ପଡ଼ିବ । ଏଥିପାଇଁ ଉପଯୁକ୍ତ ଦିଗ୍‌ଦର୍ଶନର ଆବଶ୍ୟକତା ରହିଛି । ଆମ ସମାଜରେ ପ୍ରତିଷ୍ଠିତ ବ୍ୟବସାୟୀ ବା ଶିଳ୍ପପତିମାନେ ତଥା ଉଚ୍ଚ ବୈଷୟିକ ଜ୍ଞାନ ସମ୍ପନ୍ନ ଯୁବକମାନେ ସମାଜର ଆଗ୍ରହୀ ବ୍ୟକ୍ତିଙ୍କୁ ଏ ଦିଗରେ ଉପଯୁକ୍ତ ଦିଗ୍‌ଦର୍ଶନ ତଥା ସାହାଯ୍ୟ ଦେବାକୁ ପଡ଼ିବ । ସରକାରୀ ତଥା ବେସରକାରୀ ସ୍ତରରୁ କେଉଁ କେଉଁ ବିଷୟରେ କିଭଳି ସୁବିଧା ସୁଯୋଗ ରହିଛି ଏବଂ କିପରି ସେସବୁ ହାସଲ କରାଯାଇ ନିଜର କାର୍ଯ୍ୟକ୍ଷେତ୍ରରେ ବିନିଯୋଗ କରିପାରିବେ ସେ ବିଷୟରେ ଆଗ୍ରହୀ ବ୍ୟବସାୟୀ ତଥା ଶିଳ୍ପୋଦ୍ୟୋଗୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦେଲେ ସେମାନେ ସେ ଦିଗରେ ଆଗେଇ ଯାଇପାରିବେ ।

ମୋଟାମୋଟି ଭାବରେ ଆମର ସମାଜର ଯୁବକଯୁବତୀମାନେ ନିଜ ନିଜର ଉନ୍ନତି କରିବା ସଙ୍ଗେ ସଙ୍ଗେ ସମସ୍ତେ ମିଳିମିଶି ସମାଜର ସମସ୍ତଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ବାଣିଜ୍ୟ ତଥା ସାଂସ୍କୃତିକ ଓ ସାମାଜିକ ସବୁଦିଗରୁ ଉନ୍ନତରୁ ଉନ୍ନତତର ହୋଇପାରିବେ ଏବଂ ଆମ ଏ ସମାଜ ଦେଶର ଅନ୍ୟାନ୍ୟ ଉନ୍ନତ ସମାଜ ସହିତ ସମସ୍କନ୍ଧ ହୋଇ ନିଜକୁ ଏକ ସମୁନ୍ନତ ଜାତି ଭାବରେ ପ୍ରତିଷ୍ଠିତ କରିପାରିବ ତାହାହିଁ ଆମ କୁବେର ଯୁବାମଞ୍ଚର ପ୍ରତ୍ୟେକ ସଦସ୍ୟସଦସ୍ୟାଙ୍କର ପରମ ଓ ଚରମ ଲକ୍ଷ୍ୟ ହେବା ବିଧେୟ । ଆଜିକାର ଏହି ଶୁଭ ଅବସରରେ ମୁଁ ଆମ କୁବେର ସମାଜର ସମସ୍ତ ଯୁବ ଭାଇଭଉଣୀମାନଙ୍କୁ ଏହି ନିବେଦନ କରୁଛି ସେମାନେ ନିଜକୁ କେବଳ ଧନ ଉପାର୍ଜନରେ ଶତପ୍ରତିଶତ ସୀମିତ ନ ରଖି ନିଜ ସମାଜ ପାଇଁ ମଧ୍ୟ ନିଜ ନିଜ ସମୟ ଓ ଉପାର୍ଜିତ ଧନରୁ କିଛି ପ୍ରତିଶତ ଦାନ ଦେବାର ଅଭ୍ୟାସ କରନ୍ତୁ । ନିଜ ନିଜ ମଧ୍ୟରେ ରହିଥିବା ସମସ୍ତ ପ୍ରକାର ଭେଦଭାବକୁ ଭୁଲି ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଉଠି ତନମନଧନ ପ୍ରଦାନ ପୂର୍ବକ କାନ୍ଧକୁ କାନ୍ଧ ମିଳାଇ ସମାଜ କାମରେ ଲାଗିପଡ଼ନ୍ତୁ । ଦେଖିବେ ନିଶ୍ଚିତ ଭାବରେ ସଫଳତା ମିଳିବ ଓ ଆମ ସମାଜର ସର୍ବାଙ୍ଗୀନ ଉନ୍ନତି ହେବା ସଙ୍ଗେ ସଙ୍ଗେ ଏହା ଏକ ଉନ୍ନତ ସମାଜ ଭାବରେ ପ୍ରତିଷ୍ଠିତ ହେବ ।

**ସଭାପତି, କୁବେର ଯୁବାମଞ୍ଚ, ପଦ୍ମପୁର**

*With best compliments from*




Indane
SAFE.RELIABLE.CONVENIENT

# M/s. Uddipak Indane
# &
# M/s. Swasti Kitchen

**At. Padampur (Near P.W.D. IB)**
**PO. Rajborasambar, Padampur, Bargarh**

***Deals with all range of Cooking Ware***

*Conveys its best wishes to all the members, office bearers, well-wishers of Kuber Samaj, Paschimanchal, Odisha & Chhatishgarh on the auspicious occasion of 15th Annual General Meet to be held at Padampur, Dist. Bargarh*

Prop. *Rajesh Kumar Sahoo*

Cell. **9437538743**

# ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ତିନିଟି ଭୁଲ୍

ପ୍ରଦୀପ କୁମାର ସାହୁ

ଦ୍ୱାପର ଯୁଗର କଥା । ଗୁରୁ ଦ୍ରୋଣାଚାର୍ଯ୍ୟ ଥିଲେ କୌରବ ଓ ପାଣ୍ଡବମାନଙ୍କ ଶିକ୍ଷାଦାତାଗୁରୁ । ତାଙ୍କର ଜୀବନକାଳ ମଧ୍ୟରେ ସେ ତିନୋଟି ଭୁଲ୍ କରିଥିଲେ । ଯାହା ସୁଦୂରପ୍ରସାରୀ କୁପ୍ରଭାବ ସୃଷ୍ଟି କରିଥିଲା । ତାଙ୍କର ଏହି ଭୁଲ ଯୋଗୁଁ ମହାଭାରତର ଧାରା ବା ମାନକ ସମାଜର କ୍ରମବିକାଶ ବହୁଳ ଭାବରେ ପ୍ରଭାବିତ ହୋଇଥିଲା । ଗୁରୁ ଦ୍ରୋଣାଚାର୍ଯ୍ୟ ପାଣ୍ଡବ ଓ କୌରବମାନଙ୍କୁ ଉଭୟ ଶାସ୍ତ୍ରବିଦ୍ୟା ଓ ଶସ୍ତ୍ରବିଦ୍ୟା ଶିକ୍ଷା ଦେଉଥିଲେ । ତାଙ୍କ ଶିକ୍ଷାଦାନର ଉତ୍କର୍ଷତା ଉପଲବ୍ଧି କରି ତଥା ଏଥିରେ ଆକୃଷ୍ଟ ହୋଇ ଅରଣ୍ୟ ନିବାସୀ ଶବର ବଂଶଜ ଏକଲବ୍ୟ ଦିନେ ହସ୍ତିନାକୁ ଆସି ଗୁରୁ ଦ୍ରୋଣଙ୍କ ଠାରୁ ଶିକ୍ଷାଗ୍ରହଣ କରିବାକୁ ନିବେଦନ କଲେ । କିନ୍ତୁ ତାଙ୍କୁ ନୀଚ କୁଳ ସମ୍ଭୁତ ଅରଣ୍ୟ ନିବାସୀ ଅସ୍ପୃଶ୍ୟ ଶବର ସନ୍ତାନ ବୋଲି ଗୁରୁଦ୍ରୋଣ ତାଙ୍କୁ ସେଥିରୁ ବିରତ କଲେ । ତାଙ୍କର ଯୁକ୍ତିଥିଲା ଯେ ରାଜକୁମାରମାନଙ୍କ ସହିତ ଶିକ୍ଷାଲାଭ କରିପାରିବନାହିଁ । ସେଥିପାଇଁ ସେ ନିଜର ଅସହାୟତା ପ୍ରକାଶ କଲେ । ଯାହାକି ଗୁରୁଙ୍କ ପକ୍ଷେ ଉଚିତ ନଥିଲା । ଯାହାକି ଏକଲବ୍ୟ ପରି ଜଣେ ଅନନ୍ୟ ମେଧାସମ୍ପନ୍ନ ବ୍ୟକ୍ତିତ୍ୱର ପ୍ରତିଭା ହନନ ପରି ହୋଇଥିଲା । ଯେହେତୁ ଗୁରୁ ହେଉଛନ୍ତି ସଂସ୍କାରକ ଓ କ୍ରାନ୍ତିକାରୀ । ଗୁରୁମାନେ ସମାଜରେ ପରିବର୍ତ୍ତନ ଆଣି ସମତା ପ୍ରତିଷ୍ଠା କରିଥାନ୍ତି । ଏ କ୍ଷେତ୍ରରେ ଗୁରୁଦ୍ରୋଣଙ୍କ କର୍ତ୍ତବ୍ୟ ଥିଲା, ସେ ଏକଲବ୍ୟଙ୍କୁ ଶିଷ୍ୟ ରୂପେ ଗ୍ରହଣ କରିଥାନ୍ତେ । ଯଦି ହସ୍ତିନାରାଜ ଏପରି କରିବାରୁ ତାଙ୍କୁ ବାରଣ କରିଥାନ୍ତେ ତେବେ ସେ ରାଜଗୁରୁର ପଦ ମର୍ଯ୍ୟାଦା ତ୍ୟାଗ କରିଦେଇ ବିଶ୍ୱଗୁରୁର ସ୍ଥାନ ଗ୍ରହଣ କରିଥାନ୍ତେ । ଭାବନ୍ତୁ ଏପରି କରିବା ଦ୍ୱାରା ସମାଜ ତଥା ମହାଭାରତର ଧାରା କେଉଁ ଦିଗରେ ଗତି କରିଥାନ୍ତା ।

ଗୁରୁଦ୍ରୋଣଙ୍କ ଜୀବନରେ ଆଉ ଏକ ବ୍ୟତିକ୍ରମ ପରିଲକ୍ଷିତ ହୁଏ । ଯାହା ଉଲ୍ଲେଖ କରିବା ନିହାତି ଆବଶ୍ୟକ ମନେହୁଏ । ଯେଉଁଥିପାଇଁ ସେ ମହାନ୍‌ଗୁରୁ ହୋଇ ମଧ୍ୟ ସ୍ୱାର୍ଥପରତାର ମର୍ଯ୍ୟାଦାପ୍ରାପ୍ତ ହୋଇଥିଲେ । ଯୁଦ୍ଧବିଦ୍ୟାରେ ଏକଲବ୍ୟର ଦକ୍ଷତା ତଥା ପାଣ୍ଡବ ଓ କୌରବମାନଙ୍କଠାରୁ ତା'ର ଶ୍ରେଷ୍ଠତା ଅବଲୋକନ କରି ସେ ମନେମନେ ଲଜ୍ଜିତ ହୋଇଥିଲେ । ତାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ବିନା ବିଦ୍ୟାଲାଭ ପ୍ରତି ନିଷ୍ଠା, ଅଧ୍ୟବସାୟ ଓ ଗୁରୁଙ୍କ ପ୍ରତି ଅଚଳଭକ୍ତି ଏବଂ ଏକାନ୍ତ ଶ୍ରଦ୍ଧା ବଳରେ ସେ ଯୁଦ୍ଧବିଦ୍ୟାରେ ପାରଙ୍ଗମ ହୋଇପାରିଥିଲେ । ସେ କୌରବ ଓ ପାଣ୍ଡବମାନଙ୍କୁ ଯୁଦ୍ଧରେ ପରାସ୍ତ କରି ପାରିଥିଲେ । ଯାହାକି ଦ୍ରୋଣ ଗୁରୁଙ୍କୁ ଲଜ୍ଜିତ କରିଥିଲା । କୌରବ ଓ ପାଣ୍ଡବମାନଙ୍କ ପ୍ରତି ରହିଥିବା ତାଙ୍କ ଅହେତୁକ ମୋହ ଓ ପକ୍ଷପାତିତାଯୋଗୁଁ ସେମାନଙ୍କୁ ଶ୍ରେଷ୍ଠ ଯୋଦ୍ଧା ଭାବରେ ପ୍ରତିଷ୍ଠିତ କରିବା ପାଇଁ ଗୁରୁଦ୍ରୋଣ ଏକଲବ୍ୟ ଠାରୁ ତାର ଦକ୍ଷିଣ ବୃଦ୍ଧାଙ୍ଗୁଳି ଦାନ ନେଇ ତାକୁ ସବୁଦିନ ପାଇଁ ପଙ୍ଗୁ କରି ଦେଇଥିଲେ । ଯାହାକି ତାଙ୍କ ସ୍ୱାର୍ଥପରତାର ଚରମ ନିଦର୍ଶନ ଅଟେ । ମାତ୍ର ଏକଲବ୍ୟ ବିନା ଦ୍ୱିଧାରେ ନିଜର ବୃଦ୍ଧାଙ୍ଗୁଳି କର୍ତ୍ତନକରି ଦ୍ରୋଣାଚାର୍ଯ୍ୟଙ୍କୁ ଅର୍ପଣ ପୂର୍ବକ

ପୃଥିବୀରେ ଶ୍ରେଷ୍ଠ ଶିଷ୍ୟର ପରାକାଷ୍ଠା ତଥା ଗୁରୁଙ୍କୁ ମଧ୍ୟ ଶିକ୍ଷା ଦେବାର ସାମର୍ଥ୍ୟ ପ୍ରଦର୍ଶନ କରି ପାରିଥିଲେ । ତାଙ୍କର ଏତାଦୃଶ ମହାନ୍ କାର୍ଯ୍ୟର ସମ୍ମାନ ପାଇଁ ପୃଥିବୀ ଶ୍ରେଷ୍ଠ ନୋବେଲ ପୁରସ୍କାର ମଧ୍ୟ ଯଥେଷ୍ଟ ନୁହେଁ । ସେଦିନ ଗୁରୁ ଦ୍ରୋଣ ଯଦି ଏକଲବ୍ୟର ଦକ୍ଷିଣ ବୃଦ୍ଧାଙ୍ଗୁଳି ଦାନ ନେଇ ନଥାନ୍ତେ ତାହାହେଲେ ନିଶ୍ଚିତ ଭାବରେ ମହାଭାରତର ଧାରା ବଦଳି ଯାଇଥାନ୍ତା । ଏପରିକି ମହାଭାରତ ଯୁଦ୍ଧ ଭଳି ଏକ ଲୋକକ୍ଷୟକାରୀ ଘଟଣାରୁ ପୃଥିବୀ ରକ୍ଷା ପାଇଯାଇଥାନ୍ତା ।

ତାଙ୍କର ତୃତୀୟ ଭୁଲ୍‌ଟି ମଧ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଓ ବିଚାରଣୀୟ ଅଟେ । ତାଙ୍କପରି ଜଣେ ବରିଷ୍ଠ ଜ୍ଞାନୀ ଗୁରୁଙ୍କ ସାମନାରେ କୁରୁ ସଭାରେ ସମସ୍ତଙ୍କ ସାମନାରେ ଦ୍ରୌପଦୀଙ୍କ ପରି ଜଣେ ମହାନ୍ ନାରୀଙ୍କୁ ରାଜା ଦୁର୍ଯ୍ୟୋଧନଙ୍କ ନିର୍ଦ୍ଦେଶରେ ଉଲଗ୍ନ କରିବାର ଅପଚେଷ୍ଟା କରାଯିବା ଯେତିକି ଲଜ୍ଜାଜନକ, ତାହା ଦେଖି ଶୁଣି କୌଣସି ପ୍ରତିବାଦ ନ କରି ନୀରବ ରହିବା ଗୁରୁଦ୍ରୋଣଙ୍କ ପକ୍ଷେ ତଦୋଧିକ ନିନ୍ଦନୀୟ । କୁହାଯାଏ ଦୁର୍ଜନଲୋକେ ଅନ୍ୟାୟ କରିବା ଯେତିକି ଦୋଷାବହ ନୁହେଁ; ସୁଜନ ବା ଜ୍ଞାନୀଗୁଣୀ ଲୋକ ତା'ର ପ୍ରତିବାଦ ବା ପ୍ରତିରୋଧ ନକରିବା ତାଠୁଁ ବଳି ଅଧିକ ଦୋଷାବହ ଅଟେ । ଗୁରୁଦ୍ରୋଣ ଯଦି ସେଦିନ ଦୁର୍ଯ୍ୟୋଧନଙ୍କୁ ଏତାଦୃଶ କର୍ମ କରିବାରୁ ବାରଣ କରିଥାନ୍ତେ, ଭୀଷ୍ମ, ଦ୍ରୋଣ ଆଦି ସଭାସ୍ଥ ଅନ୍ୟାନ୍ୟ ବରିଷ୍ଠ ବ୍ୟକ୍ତି ମଧ୍ୟ ସ୍ୱର ଉତ୍ତୋଳନ କରିଥାନ୍ତେ ଏବଂ ଦୁର୍ଯ୍ୟୋଧନ ବାଧ୍ୟ ହୋଇ ସେଥିରୁ କ୍ଷାନ୍ତ ହୋଇଥାନ୍ତା ଏବଂ କୌରବ ପାଣ୍ଡବଙ୍କ ମଧ୍ୟରେ ତିକ୍ତତା ଏତେ ତୀବ୍ରରୁ ତୀବ୍ରତର ହୋଇ ନଥାନ୍ତା । ଯାହାକି ଉଭୟପକ୍ଷଙ୍କୁ ରକ୍ତସଂପର୍କ ଭୁଲି ମହାଭାରତ ଭଳି ଏକ ମହା ବିପଦକୁ ବରଣ କରିବାକୁ ବାଧ୍ୟ କରି ନଥାନ୍ତା ।

ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ରୁଦ୍ରଙ୍କର ପ୍ରତ୍ୟକ୍ଷ ଅବତାର । ସମାଜ ସର୍ବଦା ତାଙ୍କଠାରୁ ନ୍ୟାୟ, ଧର୍ମ ଓ ମଙ୍ଗଳ କାମନା କରେ । ଗୁରୁ ଜାଣତରେ ହେଉ ବା ଅଜାଣତରେ ହେଉ ଭୁଲ କରିବା ଉଚିତ ନୁହେଁ । ଏଣୁ କୁହାଯାଇ ପାରେ 'Guru can do no wrong' ଅର୍ଥାତ୍ ଗୁରୁ ଭୁଲ୍ କରିବାକୁ ସ୍ୱାଧୀନ ନୁହନ୍ତି । ଗୁରୁଦ୍ରୋଣ ଏହାର ବ୍ୟତିକ୍ରମ ଥିଲେ ଏବଂ ସେଥିପାଇଁ ବୋଧହୁଏ ପୃଥିବୀ ବିଖ୍ୟାତ ଧନୁର୍ଯୋଦ୍ଧା ହୋଇ ମଧ୍ୟ ମହାଭାରତ ଯୁଦ୍ଧରେ ତାଙ୍କୁ ପରାଜୟର ସ୍ୱାଦ ଚାଖିବାକୁ ପଡ଼ିଥିଲା ଓ ଧୃଷ୍ଟଦ୍ୟୁମ୍ନର ତରବାରୀ ଚୋଟରେ ତାଙ୍କର ମସ୍ତକ ଭୂଲୁଣ୍ଠିତ ହୋଇଥିଲା ।

**ପ୍ରାଣୀଧନ ନିରୀକ୍ଷକ,**
**ଭେଉଁରିଆ କେନ୍ଦ୍ର,**
**ଜି: ବରଗଡ଼, ଓଡ଼ିଶା**

*With best compliments from*

Prop. *Kailash Chandra Sahu*
9437188413

**Pinku Fabrication**

**Paikmal Jharbandh Road, Bargarh**

ଓଁ ଶ୍ରୀ ଶ୍ରୀ କୁବେରାୟ ନମଃ





# ସାହୁ ଟ୍ରାକ୍ଟର ଗ୍ୟାରେଜ ଏବଂ ଟ୍ରାକ୍ଟର ପାର୍ଟ୍ସ ବିକ୍ରୟ କେନ୍ଦ୍ର

**ରାଇସ୍ ମିଲ୍ ସାମନା, ଏନ୍‌ଏଚ୍ ୬, ହଳଦିପାଲି**

**ପୋ.ଅ. ସୋହେଲା, ଜି. ବରଗଡ଼**

*ଏଠାରେ ସମସ୍ତ ପ୍ରକାର ଟ୍ରାକ୍ଟର ମରାମତି ସହିତ*
*ସମସ୍ତ ପ୍ରକାର ଟ୍ରାକ୍ଟର ଯନ୍ତ୍ରାଂଶ ସୁଲଭ ମୂଲ୍ୟରେ ମିଳେ*



*ଆମ୍ଭର ଅନୁଷ୍ଠାନ ତରଫରୁ କୁବେର ସମାଜ ପଶ୍ଚିମାଞ୍ଚଳ ଓଡ଼ିଶା ଓ ଛତିଶଗଡ଼ ସାମାଜିକ ସଂଗଠନ ଅନ୍ତର୍ଭୁକ୍ତ ଯେକୌଣସି ସାଇର ୧୮ବର୍ଷରୁ ଉର୍ଦ୍ଧ୍ୱ ବୟସର ଆଗ୍ରହୀ କୁବେର ଯୁବକମାନଙ୍କୁ ମାଗଣାରେ ସମସ୍ତ ପ୍ରକାର ଟ୍ରାକ୍ଟରର ମରାମତି ତାଲିମ ପ୍ରଦାନ କରାଯିବ । ଯଦ୍ୱାରା ସେମାନେ ଭବିଷ୍ୟତରେ ଆତ୍ମନିଯୁକ୍ତିର ସୁଯୋଗ ଲାଭ କରିପାରିବେ । ଅନ୍ୟାନ୍ୟ ବିବରଣୀ ଜାଣିବା ପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ କିମ୍ବା ଆମ୍ଭ ଗ୍ୟାରେଜକୁ ଆସି ସାକ୍ଷାତ ଆଲୋଚନା କରିବାକୁ ଅନୁରୋଧ ।*

**ପ୍ରୋ: ବିନୋଦ କୁମାର ସାହୁ, ମୋ: ୯୮୬୧୨୭୩୬୧୧**



# ପିଲାଙ୍କ ଯତ୍ନ

**ସୋମନାଥ ସାହୁ**

ପୁଅ ହେଉ ବା ଝିଅ ହେଉ । ସନ୍ତାନ ହେଉଛି ପରିବାର ବା ସମାଜର ଅମୂଲ୍ୟ ସମ୍ପତ୍ତି, ଏହି ସମ୍ପତ୍ତିର ରକ୍ଷଣାବେକ୍ଷ ବା ସୁରକ୍ଷା ହେଉଛି ପରିବାରର ସମସ୍ତଙ୍କର ପରମ କର୍ତ୍ତବ୍ୟ । ଶିଶୁଟି ଭୂମିଷ୍ଠ ହେବା ପୂର୍ବରୁ ମାତୃଗର୍ଭରେ ଦଶମାସ ଅବସ୍ଥାନ କରିଥାଏ । ସେହି ସମୟରେ ଗର୍ଭସ୍ଥ ଶିଶୁର ଯେପରି ଉପଯୁକ୍ତ ବିକାଶ ହୋଇପାରିବ ତାହା ଦେଖିବା ମାଆର ପ୍ରଧାନ କାମ । ଗର୍ଭାଧାନ ସମୟରେ ମାଆ ଉପଯୁକ୍ତ ଖାଦ୍ୟପେୟ ଗ୍ରହଣ କରିବା ଉଚିତ୍ । ଯେପରି ମାତୃ ଗର୍ଭସ୍ଥ ଭୃଣ ସେଥିରୁ ଆବଶ୍ୟକ ସାର ଗ୍ରହଣ କରି ତା'ର ଶାରୀରିକ ବିକାଶ ହେବ ଓ ସେ ନିରୋଗ ରହିପାରିବ । ଗର୍ଭଧାରୀ ମାଆ ସଦାସର୍ବଦା ମନକୁ ପ୍ରଫୁଲ୍ଲ ରଖିବାକୁ ପଡ଼ିବ । ସେ ଅଯଥା କଥାରେ ମୁଣ୍ଡ ନ ପୂରାଇ, ଆନନ୍ଦଦାୟକ କଥା, ଗୀତ, ଗପ ଆଦି ଶୁଣିବାକୁ ଚେଷ୍ଟା କରିବା ଉଚିତ । ଏହି ସମୟରେ ହିଂସା, ଅହଂକାର ଆଦି ତ୍ୟାଗକରି ସଦାଚାରୀ ଜୀବନଯାପନ କରିବାକୁ ପଡ଼ିବ ।

ଶିଶୁଟି ଭୂମିଷ୍ଠ ହେଲାପରେ ତା'ର ଶାରୀରିକ ତଥା ମାନସିକ ବିକାଶ ଉପରେ ଉପଯୁକ୍ତ ଧ୍ୟାନ ଦେବାକୁ ପଡ଼ିବ । ମାତୃଦୁଗ୍ଧ ସହିତ ଆବଶ୍ୟକମତେ ଅନ୍ୟାନ୍ୟ ସୁଷମ ଖାଦ୍ୟ ଦେବାକୁ ହେବ । ତାକୁ ସର୍ବଦା ସ୍ନେହପୂର୍ଣ୍ଣ ବ୍ୟବହାର କରିବାକୁ ପଡ଼ିବ । ତା'ର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତା'ର ଦିନଚର୍ଯ୍ୟା ଉପରେ ଉପଯୁକ୍ତ ଧ୍ୟାନ ଦେବାକୁ ପଡ଼ିବ । ସେ ଯେପରି ସବୁବେଳେ ପରିଷ୍କାର ପରିଚ୍ଛନ୍ନ ରହେ, ଠିକ୍ ସମୟରେ ନିୟମିତ ଭାବରେ ତାର ନିତ୍ୟକର୍ମ କରେ, ଦରକାରମତେ ଖାଦ୍ୟ ଗ୍ରହଣ କରେ, ଅନ୍ୟଥା ଖାଦ୍ୟ ଅପଚୟ ନକରେ ତାହା ଦେଖିବାକୁ ପଡ଼ିବ । ପ୍ରତିଦିନ କିଛି ନା କିଛି ଖେଳ, ବ୍ୟାୟାମ, ଆସନ ପ୍ରାଣାୟାମ ଆଦି କରି ତା'ର ଶାରୀରିକ ସୁସ୍ଥତା ଓ ବିକାଶର ଧାରାକୁ ଅତୁଟ ରଖେ ତାହା ଦେଖିବାକୁ ପଡ଼ିବ । ଏଇଥିପାଇଁ କୁହାଯାଏ, "All work and no play makes Ram a doll boy".

ଶିଶୁଟି ତାର ବାଲ୍ୟକାଳରେ ଯେପରି ଆଚରଣ କରେ ପ୍ରାପ୍ତ ବୟସରେ ମଧ୍ୟ ସେପରି କରିଥାଏ । ବାଲ୍ୟ ଅବସ୍ଥାରେ ଯେପରି ସେ ଠିକ୍ ମାର୍ଗରେ ପରିଚାଳିତ ହୁଏ ଏବଂ ଉପଯୁକ୍ତ ଶିକ୍ଷା ଗ୍ରହଣ କରେ ତାହା ଦେଖିବା ହେଉଛି ମାଆବାପାଙ୍କ ପ୍ରଧାନ କର୍ତ୍ତବ୍ୟ । ଶିଶୁ କ'ଣ କରୁଛି, କେଉଁଠାକୁ ଯାଉଛି, କାହା ସାଙ୍ଗରେ ମିଶୁଛି ସେ ସବୁକୁ ଦୃଷ୍ଟି ଦେବାକୁ ପଡ଼ିବ । ଅନେକ ସମୟରେ ଶିଶୁ କୁସଙ୍ଗରେ ପଡ଼ି ନାନା ପ୍ରକାର ଖରାପ ଅଭ୍ୟାସରେ ଅଭ୍ୟସ୍ତ ହୋଇ ସେ କାହା ବାଡ଼ିରୁ ଫଳମୂଳ ଚୋରି କରିବା, ସାଙ୍ଗଦୋଷରେ ପଡ଼ି ବିଡ଼ି ଭାଙ୍ଗ, ପାନ ଇତ୍ୟାଦି ବ୍ୟବହାର କରିବା, କେତେବେଳେ ନିଶାଦ୍ରବ୍ୟ ଆଦି ସେବନ କରିବାରେ ଅଭ୍ୟସ୍ତ ହୋଇଯାଏ । ଅନେକ ସମୟରେ ପିଲାଙ୍କ ସାଙ୍ଗରେ ମିଶି ଅଯଥା କଳି କଜିଆ କରିବାରେ ମାତିଯାଏ । ଏସବୁ ବଦ୍‌ଗୁଣ ଧୀରେ ଧୀରେ ବୃଦ୍ଧିପ୍ରାପ୍ତ ହୋଇ ଶିଶୁଟି ପ୍ରାପ୍ତ ବୟସରେ ଜଣେ ଅସାମାଜିକ ବ୍ୟକ୍ତି ଭାବରେ ଗଣାହୁଏ । କୁଳ ଚନ୍ଦ୍ରମା କୁଳର

କଳଙ୍କ ଭାବରେ ଉଭା ହୁଏ । ପରିବାରର ମାନ ସମ୍ମାନ, ସବୁ ମାଟିରେ ମିଶିଯାଏ । ଏପରିକି ଘରର ଧନସମ୍ପତ୍ତି ମଧ୍ୟ କ୍ଷୟପ୍ରାପ୍ତ ହୋଇଯାଏ । ଏଇ କଥାକୁ ହୃଦୟଙ୍ଗମ କରି ନିଜର ଉଦାସୀନତାରୁ ହେଉ କିମ୍ବା ସମୟ ଅଭାବରୁ ହେଉ ପିଲାଙ୍କ ଉପରେ ସର୍ବଦା ସତର୍କ ଦୃଷ୍ଟି ରଖିବାରେ ପିତାମାତା କେବେ ବି ହେଳା କରିବା ଉଚିତ ନୁହେଁ । ସେ ଯେପରି ଜଣେ ଚରିତ୍ରବାନ ବ୍ୟକ୍ତି ଭାବରେ ସମାଜର ଉନ୍ନତିରେ ଲାଗିରହେ ତାହା ନିଶ୍ଚିତ କରିବାକୁ ପଡ଼ିବ, ଅନ୍ୟଥା ପରେ ପଶ୍ଚାତାପ କଲେ ମଧ୍ୟ କିଛି ବି ଫଳପ୍ରଦ ହେବନାହିଁ ।

**ସଭାପତି, ଟିଟିଲାଗଡ଼ ଯୁବାମଞ୍ଚ**


**ଶୁଭେଚ୍ଛା ସହ**



# ଶ୍ରୀମା ଜେନେରାଲ ଷ୍ଟୋର
# ଶ୍ରୀମା ଫେନ୍ସି ଷ୍ଟୋର

## ଶାନ୍ତିପୁର, ଧଣ୍ଡାମୁଣ୍ଡା, ବଲାଙ୍ଗୀର

ପ୍ରୋ: **ଭରତ ଚନ୍ଦ୍ର ସାହୁ**

ମୋ: ୯୯୩୭୬୪୯୬୯୩

ପ୍ରୋ: **ଆର୍ତ୍ତତ୍ରାଣ ସାହୁ**

ମୋ: ୯୯୩୮୫୬୧୨୩୩





ଓଁ ସାଇ ନମୋ ନମଃ ...

# ସାଇ ମେଡ଼ିକାଲ ଷ୍ଟୋର

**କେମିଷ୍ଟ୍ ଏଣ୍ଡ୍ ଡ୍ରଗିଷ୍ଟ୍**

*ସମସ୍ତ ପ୍ରକାର ଏଲୋପେଥିକ ଓ ଆୟୁର୍ବେଦିକ ଔଷଧର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ*

**ନୃସିଂହନାଥ ରୋଡ଼, ପାଇକମାଲ**

**ପୋ.ଅ. ପାଇକମାଲ, ଜି. ବରଗଡ଼-୭୬୮୦୩୯**

*କୁବେର ସମାଜ ସଂଗଠନର ସମସ୍ତ ସଦସ୍ୟ ସଦସ୍ୟା, ମହାସଭା ତଥା ସାଇ ସଭାର ସମସ୍ତ ପଦାଧିକାରୀ ଓ ଶୁଭେଚ୍ଛୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି*

**ପ୍ରୋ: ଲକ୍ଷ୍ମଣ ସାହୁ**

ମୋ: ୯୯୩୮୫୪୯୫୬୯



# ଶିଶୁର ସାମଗ୍ରିକ ବିକାଶରେ ମାତାର ଭୂମିକା

ଶ୍ରୀମତୀ ଲକ୍ଷ୍ମୀ ସାହୁ

ଶିଶୁ ସାମଗ୍ରିକ ବିକାଶରେ ଶିକ୍ଷକଙ୍କଠାରୁ ମାତାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଶିଶୁ ମାଆଠାରୁ ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷରେ ବହୁତ କିଛି ଶିଖିଥାଏ । ଶିଶୁର ଭବିଷ୍ୟତ ମାଆର ଚରିତ୍ର ଦ୍ୱାରା ବିଶେଷ ପ୍ରଭାବିତ ହୋଇଥାଏ । ଶିଶୁର ରୂପ, ରଙ୍ଗ, ତା'ର ଚାଲିଚଳନ ମାଆର ଚାଲିଚଳନ ଓ ଖାଦ୍ୟାଭ୍ୟାସ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଗର୍ଭାବସ୍ଥାରୁ ମାଆ ମାନେ ଶିଶୁର ଉପଯୁକ୍ତ ଶାରିରୀକ ବିକାଶ ପ୍ରତି ଧ୍ୟାନ ଦେବା ସଙ୍ଗେ ସଙ୍ଗେ ତା'ର ଚରିତ୍ର ସହିତ ନିଜର ଚରିତ୍ର ପ୍ରତି ମଧ୍ୟ ସର୍ବଦା ସଚେତନ ହୋଇ ସେଥିପ୍ରତି ସତର୍କ ଦୃଷ୍ଟି ରଖିବା ନିତାନ୍ତ ଜରୁରୀ ଅଟେ ।

ଆମ ଜାଣିବାରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ, ଭଗବାନ ଶ୍ରୀକୃଷ୍ଣ, ଜାତିର ଜନକ ଗାନ୍ଧିଜୀ, ଶିବାଜୀ ପ୍ରଭୃତିଙ୍କ ଜୀବନାଦର୍ଶ ତାଙ୍କ ମାଆମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲା । ଶିଶୁର ଶିକ୍ଷାଲାଭ ତଥା ଜୀବନ ଗଠନରେ ମାଆର ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏହା ପ୍ରତ୍ୟେକ ମାଆ ଉପଲବ୍ଧି କରିବା ଉଚିତ । ନିଜ ନିଜର ସନ୍ତାନ ସନ୍ତତିମାନେ ଉପଯୁକ୍ତ ଶିକ୍ଷାଲାଭ କରି ଜଣେ ଜଣେ ସଚ୍ଚା ମଣିଷ ହୋଇ ଯେପରି ନିଜର ତଥା ଦେଶ ଓ ସମାଜର ସେବାରେ ନିଜକୁ ନିୟୋଜିତ କରିପାରିବେ ସେଥିପାଇଁ ସତତ ଚେଷ୍ଟିତ ହେବା ଆବଶ୍ୟକ ।

ସାଧାରଣତଃ ଶିଶୁ ଅଧିକାଂଶ ସମୟ ମାଆ ପାଖରେ ରହେ । ସେ ହେଉଛି ଅନୁକରଣପ୍ରିୟ । ସେ ମାଆର ଚାଲିଚଳଣ, ବେଶଭୂଷା, କଥାବାର୍ତ୍ତା ଆଦି ଅବିକଳ ଅନୁକରଣ କରିଥାଏ । ଏଣୁ ମାଆମାନେ କେବେବି ଶିଶୁ ସାମନାରେ ଅଶାଳୀନ ଭାଷା ବା ଅଭଦ୍ରୋଚିତ ବ୍ୟବହାର କରିବା ଉଚିତ ନୁହେଁ । ଦେଖାଯାଏ ପ୍ରାପ୍ତବୟସରେ ଶିଶୁମାନେ ଏପରି କଦର୍ଯ୍ୟ ଭାଷା ଓ ଅଭଦ୍ରୋଚିତ ବ୍ୟବହାର କରନ୍ତି ଯାହା ସେମାନେ ନିଜ ପିତାମାତାଙ୍କ ଠାରୁ ଶିଖିଥାନ୍ତି । ମାଆ ହେଉଛି ଶିଶୁର ସ୍ନେହ ଓ ମମତାର ମୂର୍ତ୍ତିମନ୍ତ ପ୍ରତୀକ, ଅମୃତମୟୀ । ଶିଶୁ ମାଆଠାରୁ ସୁମିଷ୍ଟ ଭାଷା ଓ ସ୍ନେହପୂର୍ଣ୍ଣ ବ୍ୟବହାର ଆଶାକରେ । ମାଆର ସେଇ ବାତ୍ସଲ୍ୟମିଶା ସମ୍ବୋଧନ - ମୋ ସୁନାରେ ! ମୋ ଧନରେ ! ମୋ ବାପରେ ! ମୋ ମାଆରେ ! ଶୁଣିଲେ ତା'ର ପେଟ ପୁରିଯାଏ । ତାର ଅଶାନ୍ତ ମନ, ଶାନ୍ତିଲାଭ କରେ । ଦେଖାଯାଏ ଅନେକ ସମୟରେ ମାଆମାନେ ନିଜର ସନ୍ତାନସନ୍ତତିମାନଙ୍କ ପ୍ରତି ଉପଯୁକ୍ତ ସ୍ନେହ, ଶ୍ରଦ୍ଧା ବା ସହାନୁଭୂତି ପ୍ରଦର୍ଶନ କରନ୍ତି ନାହିଁ । ଯାହା ଫଳରେ ଶିଶୁର ଜୀବନ ଦୁର୍ବିସହ ହୋଇପଡ଼େ । ପ୍ରତ୍ୟେକ ଶିଶୁ ତା' ମାଆଠାରୁ ଅମୃତ ଆଶା କରିବା ସ୍ୱାଭାବିକ । ମାତ୍ର ପ୍ରତିବଦଳରେ ସେ ଯଦି ବିଷ ରୂପୀ ବ୍ୟବହାର ପାଏ ତେବେ ତା'ର ଭବିଷ୍ୟତ ନିଷ୍ଠୁରତାପୂର୍ଣ୍ଣ ଓ ଅମାନବୀୟ ହେବା ସ୍ୱାଭାବିକ । ଫଳତଃ ସେ ଭବିଷ୍ୟତରେ ଜଣେ ଅସାମାଜିକ ବ୍ୟକ୍ତିତ୍ୱ ଭାବରେ ଉଭା ହୁଏ । ଏହା ଯେପରି ନ ଘଟେ, ସେଥିପ୍ରତି ମାଆମାନେ ବେଳହୁଁ ସାବଧାନ ହେବା ଉଚିତ ।

ଶିଶୁ ହେଉଛି ଉଭୟ ଖେଳପ୍ରିୟ ଓ କଳହପ୍ରିୟ । ସେ ଅଧିକାଂଶ ସମୟରେ ଖେଳିବାକୁ ଓ ସାଙ୍ଗସାଥିଙ୍କ ସହିତ କଳିକଜିଆ କରିବାକୁ ଭଲପାଏ । ତାକୁ ବିଭିନ୍ନ ପ୍ରକାର ଖେଳ, ବ୍ୟାୟାମ, ଆସନ, ପ୍ରାଣାୟମ ଆଦିରେ ଅଭ୍ୟସ୍ତ କରାଇଲେ ତା'ର ସ୍ୱାସ୍ଥ୍ୟୋନ୍ନତି ହେବା ସଙ୍ଗେ ସଙ୍ଗେ ସମୟର ସଦୁପଯୋଗ ହେବ ଏବଂ ସେ ଆଉ ଅଯଥା କଳିକଜିଆ କରିବାର ସୁଯୋଗ ପାଇବନାହିଁ ।

ଶିଶୁପ୍ରତି ଉପଯୁକ୍ତ ଧ୍ୟାନ ନ ଦେଲେ ସେ କୁସଙ୍ଗରେ ପଡ଼ି ଚୋରି କରିବା, ନିଶା ସେବନ କରିବା, ଅଯଥା କଳହ କରିବା, ମିଛକଥା କହି ନିଜର ଦୋଷ ଲୁଚାଇବା ଆଦି ଅମାନବୀୟ ଗୁଣାବଳୀରେ ଅଭ୍ୟସ୍ତ ହୋଇଯାଏ । ତା'ର ପରିଣତ ବୟସରେ ଏସବୁ ଦୁର୍ଗୁଣ ପୂର୍ଣ୍ଣତାପ୍ରାପ୍ତ ହୋଇ ତାକୁ ଜଣେ କଳଙ୍କିତ ବ୍ୟକ୍ତିତ୍ୱ ଭାବରେ ସମାଜରେ ପରିଚିତ କରାଏ । କୁଳଚନ୍ଦ୍ରମା କୁଳର କଳଙ୍କ ରୂପେ ଉଭା ହୁଏ । ଏହା ଯେପରି ନ ଘଟେ ସେଥିପ୍ରତି ମାଆମାନେ ସଚେତନ ହୋଇ ସତର୍କ ଦୃଷ୍ଟି ଦେବା ଆବଶ୍ୟକ ।

ଶିଶୁର ଦିନଚର୍ଯ୍ୟା ପ୍ରତି ମାଆମାନେ ଉପଯୁକ୍ତ ଧ୍ୟାନ ଦେବାକୁ ପଡ଼ିବ । ଶିଶୁ ଘରେ ରହୁଥିବା ସମୟତକ ଯେପରି ରୁଟିନ୍ ବଦ୍ଧ ଭାବରେ କାର୍ଯ୍ୟବ୍ୟସ୍ତ ରହେ ? ଯେପରି ତା'ର ଶିକ୍ଷା ସମ୍ବନ୍ଧୀୟ ଗୃହକାର୍ଯ୍ୟରେ ଲାଗିରହେ ତାହା ଦେଖାଇବାକୁ ପଡ଼ିବ । ମାଆଙ୍କର ଯଦି ସମୟ ଥାଏ ଓ ସେ ନିଜେ ଯଦି ସକ୍ଷମ ତେବେ ଶିଶୁକୁ ତା'ର ପଢ଼ା ବିଷୟରେ ଉପଯୁକ୍ତ ମାର୍ଗଦର୍ଶନ ଦେଇପାରନ୍ତି । ନିଜେ ଯଦି ପଢ଼ିନାହାଁନ୍ତି ବା ନିଜର ଶିକ୍ଷଣ ସ୍ତର କମ୍ ତେବେବି ସେ ଏ ଦିଗରେ କିଛି କରିପାରିବେ । ଅନ୍ତତଃପକ୍ଷେ ସେଦିନ ସ୍କୁଲ୍‌ରେ ଗୁରୁଜୀ ତାକୁ କ'ଣ ସବୁ ପଢ଼ାଇଲେ, କେଉଁ ଗପ ବା ଗୀତ ଶୁଣାଇଲେ ସେସବୁ ବସି ଶୁଣାଇବାକୁ ନିଜର ଛୁଆକୁ ଆଗ୍ରହ କଲେ ଶିଶୁ ଭାବିବ ଯେ ତା'ର ମାଆ ତା'ର ପଢ଼ା ବିଷୟରେ ସଚେତନ ଅଛନ୍ତି ଓ ସେ ଅବହେଳା କଲେ ଧରା ପଡ଼ିବ ଓ ଗୁରୁଜୀଙ୍କ ଠାରେ ଦଣ୍ଡିତ ହେବ । ଏପରି ଭାବେ ପାଠପଢ଼ାରେ ଅବହେଳା କରିବ ନାହିଁ ।

ସମୟାନୁବର୍ତ୍ତିତା ମନୁଷ୍ୟର ସଫଳତାର ମାର୍ଗକୁ ପ୍ରଶସ୍ତ କରାଇଥାଏ । ଶିଶୁ ଯେପରି ସମୟ ଜାଣି ନିଜର ସମସ୍ତ କାର୍ଯ୍ୟ କରେ ସେଥିପ୍ରତି ସମ୍ୟକ୍ ଦୃଷ୍ଟି ଦେବାକୁ ପଡ଼ିବ । ପାଠପଢ଼ା ସଙ୍ଗେ ସଙ୍ଗେ ଯେ ଯେପରି ଗୀତ, ଅଭିନୟ ତର୍କ ଆଦି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନିଏ ସେଥିପ୍ରତି ତାକୁ ଉତ୍ସାହିତ କରିବାକୁ ପଡ଼ିବ । ଶିଶୁର ନୈତିକ ମୂଲ୍ୟବୋଧ ବିକାଶ ପାଇଁ ମାଆମାନେ ଘରେ ନୈତିକ ଶିକ୍ଷାର ବିକାଶ ପାଇଁ ସାମୁହିକ ପ୍ରାର୍ଥନା, ପୂଜା, ପୁରାଣ ପାଠ, ମହାପୁରୁଷମାନଙ୍କ ଜୀବନୀ ଆଲୋଚନା ଆଦିର ନିୟମିତ ବ୍ୟବସ୍ଥା କରିବାକୁ ପଡ଼ିବ । ଶିଶୁ ଯେପରି ଘରର ଗୁରୁଜନମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ କରି ତାଙ୍କର ଆଦେଶ ପାଳନ କରେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ । ସେ ଯେପରି ନିଜର ଭାଇ ଭଉଣୀମାନଙ୍କୁ ସ୍ନେହପୂର୍ଣ୍ଣ ବ୍ୟବହାର ଦେଖାଏ । ତାହା ଦେଖିବାକୁ ପଡ଼ିବ । ବିଦ୍ୟାଳୟରେ ତାର ସାଙ୍ଗସାଥୀମାନଙ୍କ ସହିତ ମିଳିମିଶି ଚଳିବାକୁ ଓ ନିଜ ଶିକ୍ଷକଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ ଉତ୍ସାହିତ କରିବାକୁ ପଡ଼ିବ ।

ଶିଶୁର ଯେପରି ଶୃଙ୍ଖଳା ଓ ଦାୟିତ୍ୱବୋଧର ବିକାଶ ହୁଏ ସେଥିପାଇଁ ତା'ର ଶିକ୍ଷଣ ସାମଗ୍ରୀ ଓ ବ୍ୟବହାର୍ଯ୍ୟ ପୋଷାକପତ୍ର, ବ୍ରସ୍ ଆଦି ଯେପରି ଯଥା ସ୍ଥାନରେ ସଜାଇ ରଖେ ମାଆମାନେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ଯେପରି ବିଦ୍ୟାଳୟରେ ସଫେଇ, ପ୍ରାର୍ଥାନା, ବଗିଚା କାମ ଆଦିରେ ନିୟମିତ ଭାଗ ନିଏ ସେଥିପାଇଁ ତାକୁ ଉତ୍ସାହିତ କରାଯିବ, ଖାଇବା ପିଇବା ସମୟରେ ଶିଶୁ ଯେପରି ପରିଷ୍କାର ପରିଚ୍ଛନ୍ନତା ପ୍ରତି ଉପଯୁକ୍ତ ଧ୍ୟାନ ଦିଏ ମାଆମାନେ ସେଥିପ୍ରତି ତାକୁ ଆଗ୍ରହୀ କରାଇବେ ।

ଘର ସଫେଇ, ଗାଁ ଦାଣ୍ଡ ସଫେଇ, ସାଙ୍ଗସାଥୀମାନଙ୍କୁ ସାହାଯ୍ୟ କରିବା, ଭିକାରୀକୁ ଭିକ ଦେବା, ଗାଈଗୋରୁ, କୁକୁର ଓ ଶୁଆଶାରୀ ପ୍ରଭୃତିଙ୍କ ପ୍ରତି ଅହିଂସ ବ୍ୟବହାର ଓ ତାଙ୍କୁ ଖାଇବାକୁ ଦେବା ଆଦି ସେବାମୂଳକ କାର୍ଯ୍ୟରେ ଅଭ୍ୟସ୍ତ କରାଇବାକୁ ପଡ଼ିବ । ଏତଦ୍ୱାରା ଶିଶୁ ଭବିଷ୍ୟତରେ ଜଣେ ସୁମଣିଷ ହୋଇପାରିବ ।

ଅନେକ ସମୟରେ ଶିଶୁ କଳିକଜିଆ କରିବା ହେତୁ ବା

ପଡ଼ିଶାଘର ବା ବାଡ଼ିରୁ କିଛି ଚୋରି କରିବା ହେତୁ ପଡ଼ୋଶୀ ଆସି ଶିଶୁର ମାଆ ପାଖରେ ଅଭିଯୋଗ କରନ୍ତି, ଦେଖାଯାଏ ଶିଶୁର ମାଆ ନିଜ ପରିବାରର ସମ୍ମାନ ରକ୍ଷା ଦୃଷ୍ଟିରୁ ଶିଶୁର ପକ୍ଷ ସମର୍ଥନ କରି ଅଭିଯୋଗକାରୀଙ୍କ ସହିତ ଓଲଟି କଳିକଜିଆ କରନ୍ତି । ଏପରିକି ବେଳେବେଳେ ହାତାହାତି ପର୍ଯ୍ୟନ୍ତ କଥାଯାଇଥାଏ । ଯାହାକି ଆଦୌ ସ୍ପୃହଣୀୟ ନୁହେଁ । ଏପରି କରିବା ଦ୍ୱାରା ଶିଶୁ ତା'ର ଭୁଲ କାମର ପୁନରାବୃତ୍ତି କରିବାକୁ ଉତ୍ସାହିତ ହୁଏ । ତା'ର ପରିଣତ ବୟସରେ ସେ ଲୁଣ୍ଠନ, ହତ୍ୟା ଭଳି ଜଘନ୍ୟ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦିଏନାହିଁ । ଶିଶୁକୁ ତା'ର ଦୁଷ୍କର୍ମ ପାଇଁ ସମର୍ଥନ କରିବା ଦ୍ୱାରା କାହାରି ତ ଆତ୍ମସମ୍ମାନ ରକ୍ଷା ହୁଏନାହିଁ ବରଂ ଶିଶୁର ସର୍ବନାଶ ହିଁ ହୋଇଥାଏ । ଏପରିସ୍ଥଳେ ମାଆର ସମୁଚିତ କର୍ତ୍ତବ୍ୟ ହେଉଛି ଅଭିଯୋଗକାରୀଙ୍କ ସାମନାରେ ଶିଶୁକୁ ଦିଉପୁଡ଼ା ଦେଇ ତା'ର ଭୁଲ ପାଇଁ ତାଗିତ କରି ଆଉ ଏପରି କାର୍ଯ୍ୟର ପୁନରାବୃତ୍ତି ନ କରିବାକୁ ସତର୍କ କରାଇବାକୁ ପଡ଼ିବ । ଏହାଦ୍ୱାରା ଶିଶୁ ନିଜର ଭୁଲ ବୁଝିପାରି ଧ୍ୱଂସମୁଖରୁ ରକ୍ଷା ପାଇଯିବ ।

ଦେଖାଯାଏ ଶିଶୁମାନେ ଶିକ୍ଷଣ ସାମଗ୍ରୀ ବା ପୋଷାକପତ୍ର ପାଇଁ ବାପା ମାଆଙ୍କ ଠାରେ ବାରମ୍ବାର ଦାବି କରନ୍ତି । ମାତ୍ର ନିଜର ଉଦାସିନତା ଯୋଗୁଁ ହେଉ ବା ଆର୍ଥିକ ଅସାମର୍ଥ୍ୟ ଯୋଗୁଁ ହେଉ ପିତାମାତା ତାକୁ ତାହା ଯୋଗାଇ ଦିଅନ୍ତି ନାହିଁ । ଏ ସମସ୍ୟା ସମାଧାନ କରିବାରେ ମାଆମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯଦି ଶିଶୁର ଦାବୀ ଯୁକ୍ତିଯୁକ୍ତ ତେବେ ଯେକୌଣସି ପ୍ରକାରେ ତାହା ପୁରଣ କରିବାକୁ ପଡ଼ିବ । ଯଦି ଶିଶୁର ଦାବୀ ମୁତାବକ ଜିନିଷ କିଣିବାକୁ ପଇସା ନାହିଁ ତେବେ ମାଆମାନେ ଘର ଖର୍ଚ୍ଚରୁ କାଟି ବା ନିଜର ପ୍ରସାଧନ ସାମଗ୍ରୀ ଖର୍ଚ୍ଚରୁ ଭରଣା କରିପାରିବେ । ଯଦି ମାସକୁ ଚାରିଖଣ୍ଡ ସାବୁନ କିଣୁଥାନ୍ତି ତିନି ଖଣ୍ଡ ସାବୁନ କିଣନ୍ତୁ । ଯଦି ଅଧିକ ପଇସା ଦରକାର ହେଉଥାଏ ତେବେ ନିଜପାଇଁ ତିନିହଜାର ଟଙ୍କାର ଶାଢ଼ୀ ନ କିଣି ଦୁଇହଜାର ଶାଢ଼ୀ କିଣି ଅବଶିଷ୍ଟ ପଇସାରେ ଶିଶୁ ପାଇଁ ଦରକାରୀ ଜିନିଷ କିଣିଦିଅନ୍ତୁ । ଏପରି କଲେ ନିଜର କିଛି ଅସୁବିଧା ହେବନାହିଁ । ଅଧିକନ୍ତୁ ନିଜ ସନ୍ତାନର ଭବିଷ୍ୟତ ଉଜ୍ଜ୍ୱଳ ହେବ ।

ମୋର ଅନୁଭବରୁ ମୁଁ ଉପଲବ୍ଧି କରିଛି ଯେ, ବିଦ୍ୟାଳୟଗାମୀ ଶିଶୁର ସର୍ବାଙ୍ଗୀନ ଉନ୍ନତିରେ ପରିବାର ଓ ବିଦ୍ୟାଳୟର ଅର୍ଥାତ୍ ଅଭିଭାବକ, ବିଶେଷକରି ମାଆ ଓ ଶିକ୍ଷକଙ୍କ ନିରବଚ୍ଛିନ୍ନ ସମ୍ପର୍କ ଏକ ଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ । ମାଆମାନେ ନିଜର ଅବସର ସମୟ ଦେଖି ବା ସମୟ ବାହାର କରି ମଝିରେ ମଝିରେ ବିଦ୍ୟାଳୟକୁ ଯାଇ ଶିକ୍ଷକଙ୍କ ସହିତ ଆଲୋଚନା କଲେ ଶିଶୁର ଭଲମନ୍ଦ ବାବଦରେ ଉଭୟଙ୍କ ମଧ୍ୟରେ ଭାବ ବିନିମୟ ହେବ ଓ ଉଭୟେ ଶିଶୁର ଭବିଷ୍ୟତ ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରିବେ ।

ମୋଟାମୋଟି ଭାବରେ ଦେଖିଲେ ନାରୀମାନେ ଶିଶୁର ଶିକ୍ଷା ବିକାଶ ତଥା ଚରିତ୍ର ନିର୍ମାଣରେ ବହୁତ କିଛି କରିପାରିବେ । ସେମାନେ ନିଜକୁ ଅକ୍ଷମ ବୋଲି ନ ଭାବି ଏହି କାମରେ ଲାଗିପଡ଼ିଲେ ତାଙ୍କର ଭବିଷ୍ୟନିଧିମାନେ ଆଗକୁ ଶାରୀରିକ ମାନସିକ ତଥା ଆଧାତ୍ମିକ ଉନ୍ନତି ପଥରେ ଅଗ୍ରସର ହୋଇ ଦେଶ ଓ ସମାଜର ସେବାରେ ନିଜକୁ ନିୟୋଜିତ କରି ଅମ୍ଳାନ ଯଶର ଅଧିକାରୀ ହୋଇପାରିବେ ଏଥିରେ ସନ୍ଦେହର ଅବକାଶ ନାହିଁ । ଆଜିକାର ଏହି ଶୁଭ ଅବସରରେ ମୁଁ ମୋର ଲେଖନୀ ମାଧ୍ୟମରେ ଆମ କୁବେର ଜାତିର ଭଉଣୀମାନଙ୍କୁ ଏହି ଆଲେଖ୍ୟରୁ କିଛି ଗ୍ରହଣ କରି ନିଜର ପ୍ରଚେଷ୍ଟା ଦ୍ୱାରା କୁବେର ସମାଜକୁ ସୁଯୋଗ୍ୟ ସନ୍ତାନ ପ୍ରଦାନ କରିବାରେ ବ୍ରତୀ ହେବାକୁ ଏକାନ୍ତ ନିବେଦନ କରି ରହୁଛୁ ।

**ଜୟ କୁବେର ଭଗବାନ**

**ମହଦା, ଉମରକୋଟ, ମହାସମୁନ୍ଦ (ଛ.ଗ.)**

☆☆☆☆

ଶୁଭେଚ୍ଛା ସହ

# ଏମ୍.ଏସ୍. ସ୍ନେହା ମେଡ଼ିକାଲ୍ ଷ୍ଟୋର

## କ୍ରାନ୍ତି ଛକ, ମାଣ୍ଡୋସିଲ

ପ୍ରୋ: **ଶ୍ରୀମତୀ ଜ୍ୟୋତି ସାହୁ**

(ମାଣ୍ଡୋସିଲ ଯୁବାମଞ୍ଚ ସଭାପତି

ଡ. ରାକେଶ କୁମାର ସାହୁଙ୍କ ସ୍ତ୍ରୀ)

ମୋ: ୯୯୩୮୫୦୮୬୭୫

*ଗଣ୍ଠିବାତ, ଶ୍ୱାସ ଓ କାଶ, ଭଗନ୍ଦର, ଫିସର,*
*ଅର୍ଶ, ମଧୁମେହ ରୋଗର ଚିକିତ୍ସା ସହ ନିଶାମୁକ୍ତ କେନ୍ଦ୍ର*

**ମଦ୍ୟପର ଅଜାଣତରେ ମଦ ଛଡ଼ାନ୍ତୁ**



# ଆଦର୍ଶ ଗୃହିଣୀ ଦ୍ରୌପଦୀ

ଶ୍ରୀମତୀ ତୃପ୍ତୀମୟୀ ସାହୁ

ପ୍ରାତଃ ସ୍ମରଣୀୟା ପଞ୍ଚକନ୍ୟାଙ୍କ ମଧ୍ୟରେ ଦ୍ରୌପଦୀଙ୍କ ସ୍ଥାନ ଯେ ଅଦ୍ୱିତୀୟ ଏହା ଅନସ୍ୱୀକାର୍ଯ୍ୟ । ସେ ନିଜର କର୍ତ୍ତବ୍ୟନିଷ୍ଠା ଓ ନିଃସ୍ୱାର୍ଥପର ସେବା ବଳରେ ପଞ୍ଚପତିଙ୍କୁ ସନ୍ତୁଷ୍ଟ କରିପାରିଥିଲେ । ସେ କିପରି ନିଜର ପଞ୍ଚପତିକୁ ଅତି ଘନିଷ୍ଠ କରିପାରିଥିଲେ ନିମ୍ନ ଉପାଖ୍ୟାନରୁ ତାହା ଜଣାପଡ଼େ ।

ପାଣ୍ଡବମାନେ ବନବାସ କରୁଥିବା ସମୟରେ ଦିନେ ଭଗବାନ ଶ୍ରୀକୃଷ୍ଣ ତାଙ୍କ ସହିତ ଭେଟ ହେବାକୁ ପତ୍ନୀ ସତ୍ୟଭାମାଙ୍କ ସହିତ ଅରଣ୍ୟକୁ ଯାଇଥିଲେ । ସେ ପାଣ୍ଡବଙ୍କ ସହିତ ସୁଖଦୁଃଖ ହେଉଥିବା ସମୟରେ ସତ୍ୟଭାମା ଦ୍ରୌପଦୀଙ୍କ ସହିତ କଥାବାର୍ତ୍ତାରେ ନିମଗ୍ନ ଥିଲେ । ସତ୍ୟଭାମା କହିଲେ ଭଉଣୀ ପାଞ୍ଚାଳୀ ! ତୁ କିପରି ନିଜର ପଞ୍ଚପତିଙ୍କୁ ଅଧୀନ କରିପାରିଛୁ । ଯଦିଓ ଆମେ ଅଷ୍ଟପାଟବଂଶୀ ଏକା ଶ୍ରୀକୃଷ୍ଣଙ୍କୁ ସନ୍ତୁଷ୍ଟ କରିପାରୁନାହୁଁ । ଭଉଣୀ ତୁ ନିଶ୍ଚିତ ଭାବରେ କୌଣସି ମନ୍ତ୍ର, ଜପ, ହୋମ କି କୌଣସି ବ୍ରତ ପାଳନ କରୁଥିବୁ କିମ୍ବା କୌଣସି ଔଷଧ ବା ଜଡ଼ିବୁଟି ବଳରେ ପଞ୍ଚପତିଙ୍କୁ ନିଜର ଅଧୀନ କରିପାରିଛୁ । ଦୟାକରି ତାହା ବତାଇଦେ । ଦ୍ରୌପଦୀ କହିଲେ ଭଉଣୀ ତୁମେ ଆଉ ଏ ନିକୃଷ୍ଟ କଥା କହନା । ଔଷଧ ବା ଜଡ଼ିବୁଟି ଦ୍ୱାରା ନିଜ ସ୍ୱାମୀଙ୍କୁ ବଶ କରିବାକୁ ଚେଷ୍ଟା କରିବା ଅତି ଘୃଣ୍ୟ କାମ ଅଟେ । ଏହା ଦୂରାଚାରିଣୀ ସ୍ତ୍ରୀମାନଙ୍କ କାମ ଅଟେ । ତୁମେ ଭଗବାନ କୃଷ୍ଣଙ୍କ ପତ୍ନୀ ହୋଇ କିପରି ଏପରି ଭାବନା ମନକୁ ନେଉଛ ? ଏପରି କଲେ ନିଶ୍ଚିତ ଭାବରେ ନିନ୍ଦିତ ହେବାକୁ ପଡ଼ିବ । ପତିପତ୍ନୀଙ୍କ ମଧ୍ୟରେ ବିଚ୍ଛେଦ ହେବାର ସମ୍ଭାବନା ମଧ୍ୟ ରହିଛି ।

ଯଶସ୍ୱିନୀ ସତ୍ୟଭାମା ! ମୁଁ ପାଣ୍ଡବମାନଙ୍କ ପ୍ରତି କିପରି ଆଚରଣ କରେ ତାହା ସତ ସତ କହୁଛି ଶୁଣ । ମୁଁ ଅହଙ୍କାର ତଥା କାମକ୍ରୋଧ ତ୍ୟାଗ କରି ସାବଧାନତାର ସହିତ ତାଙ୍କର ଅନ୍ୟ ପତ୍ନୀମାନଙ୍କ ସହିତ ମିଶି ନିସ୍ୱାର୍ଥ ସେବା କରେଁ । ମୁଁ ସର୍ବଦା ଈର୍ଷା ଠାରୁ ଦୂରରେ ରହି ମନକୁ ନିୟନ୍ତ୍ରଣରେ ରଖି କେବଳ ସେବା ପାଇଁ ହିଁ ପତିମାନଙ୍କ ମନଜାଣି କାମ କରେଁ । ସେମାନେ ମୋତେ ଭଲ ପାଇବେ ବା ମୋର ଅଧୀନ ହେବେ ଏପରି ଭାବନାକୁ କଦାପି ମନରେ ସ୍ଥାନ ଦିଏ ନାହିଁ । ଏସବୁ କରିବା ସତ୍ତ୍ୱେ ବି ମୁଁ କେବେ ଅଭିମାନକୁ ମନରେ ସ୍ଥାନ ଦିଏ ନାହିଁ । ମୁଁ କେବେବି ଅସଭ୍ୟ ଆଚରଣ କରେ ନାହିଁ । ମୁଁ ମୋର ସ୍ୱାମୀଙ୍କ ଇଚ୍ଛା ଅନୁସାରେ କାମ କରେ । କେବେବି ତାଙ୍କ ଇଚ୍ଛା ବିରୁଦ୍ଧରେ ଯାଏନାହିଁ । ପାଣ୍ଡବମାନଙ୍କୁ ଛାଡ଼ି ଅନ୍ୟ ପୁରୁଷ ସେ ଯେତେ ରୂପବାନ, ଧନବାନ, ବଳବାନ, ଦେବତା ବି ହୁଅନ୍ତୁ ନା କହିଁକି ତାଙ୍କ ପ୍ରତି ଆକର୍ଷିତ ହୁଏନାହିଁ । ମୋର ପତିମାନେ ସ୍ନାନ ଭୋଜନ କଲେ ଯାଇ ମୁଁ ସ୍ନାନ ଭୋଜନ କରେଁ । ସେମାନେ ନ ବସିବା ପର୍ଯ୍ୟନ୍ତ ମୁଁ ବସେନାହିଁ । ଯେତେବେଳେ ମୋର ସ୍ୱାମୀମାନେ ଘରକୁ ଆସନ୍ତି ମୁଁ ଜଳ ଓ ଆସନ ଦେଇ ତାଙ୍କର ସତ୍କାର କରେଁ । ମୁଁ ନିଜେ ଘରର ବାସନକୁସନ ମାଜି ସଫା କରି ରଖେଁ ।

ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତ କରି ଠିକ୍ ସମୟରେ ସ୍ୱାମୀଙ୍କୁ ଭୋଜନ କରାଏ । ଘର ମଧ୍ୟରେ ଭବିଷ୍ୟତ ପାଇଁ ଗୁପ୍ତ ଭାବରେ ଖାଦ୍ୟ ପଦାର୍ଥ ସଞ୍ଚିତ କରି ରଖେଁ । ଘରକୁ ନିଜ ହାତରେ ଝାଡ଼ି ପୋଛି ସଫା କରି ରଖେଁ । ମୁଁ କଥାବାର୍ତ୍ତାରେ କାହାରିକୁ କଷ୍ଟ ଦିଏନାହିଁ । ଦୁଶ୍ଚରିତ୍ରା ସ୍ତ୍ରୀମାନଙ୍କୁ ପାଖରେ ପୁରାଏ ନାହିଁ । ସର୍ବଦା ପତିମାନଙ୍କ ଅନୁକୂଳ ରହେଁ ଓ ଆଳସ୍ୟ ଠାରୁ ଦୂରରେ ରହେ । ସର୍ବଦା ସତ୍ୟକଥନ ଓ ପତିସେବାରେ ତତ୍ପର ଥାଏ । ପତି ଦେବତାଙ୍କୁ ଛାଡ଼ି ଏକାକୀ ରହିବା ମୋତେ ମୋଟେ ପସନ୍ଦ ଲାଗେନାହିଁ । ଯଦି କୌଣସି କାର୍ଯ୍ୟରେ ପତି ଅନ୍ୟତ୍ର ଯାଇଥାନ୍ତି ତେବେ ପୁଷ୍ପଚନ୍ଦନ ତ୍ୟାଗ କରି ବ୍ରତ ଆଚରଣ ପୂର୍ବକ ନିୟମ ପାଳନରେ ରତ ଥାଏଁ । ଯେଉଁ ଜିନିଷ ମୋ ପତି ଖାଆନ୍ତି ନାହିଁ କି ପିଅନ୍ତି ନାହିଁ କିମ୍ବା ସେବନ କରନ୍ତି ନାହିଁ, ମୁଁ ସେ ସବୁଥିରୁ ଦୂରରେ ରହେଁ । ଶାସ୍ତ୍ରରେ ସ୍ତ୍ରୀମାନଙ୍କ ପାଇଁ ଯେଉଁ ଯେଉଁ ନିୟମ ସବୁ ଦିଆଯାଇଛି ମୁଁ ସେ ସବୁକୁ ସର୍ବାନ୍ତକରଣରେ ପାଳନ କରେ । ପତି ଯେତେବେଳେ ଘରେ ଉପସ୍ଥିତ ଥାଆନ୍ତି ତାଙ୍କ ମନକୁ ପ୍ରସନ୍ନ ରଖିବା ପାଇଁ ଯଥାପ୍ରାପ୍ତ ବସନ ଭୂଷଣରେ ମୁଁ ନିଜକୁ ସଜ୍ଜିତ କରିଥାଏ ଏବଂ ଯାହା ପତିଦେବଙ୍କ ପାଇଁ ପ୍ରିୟ ସାବଧାନତା ପୂର୍ବକ ତାହା କରିଥାଏ । କେବେବି କାହାକୁ କଟୁ କଥା କହେ ନାହିଁ ।

ଶାଶୁ ଯେଉଁସବୁ ଧର୍ମ ଉପଦେଶ ଦିଅନ୍ତି ସେସବୁ ପାଳନ କରେ । ଭିକ୍ଷା ଦେବା, ପୂଜା କରିବା, ଶ୍ରାଦ୍ଧ ଉତ୍ସବାଦିରେ ରନ୍ଧା ଖାଦ୍ୟ ତିଆରି କରିବା, ପୂଜନୀୟ ଲୋକଙ୍କ ସତ୍କାର କରିବା ତଥା ଯେଉଁ ଯେଉଁ କାର୍ଯ୍ୟ ପାଳନୀୟ ସେସବୁକୁ ମୁଁ ସାବଧାନତାର ସହିତ ପାଳନ କରେଁ । ମୁଁ ବିନୟର ସହିତ ସବୁ ବିଷୟକୁ ପାଳନ କରେଁ । ମୋର ପତିମାନେ ନ୍ୟାୟବାନ, ଧାର୍ମିକ ଓ ଉତ୍ତମ ସ୍ୱଭାବର ଅଟନ୍ତି । ପତି ହେଉଛନ୍ତି ପତ୍ନୀର ଇଷ୍ଟଦେବ ଓ ଆଶ୍ରୟସ୍ଥଳ । ତାଙ୍କ ଅଧୀନରେ ରହିବା ପତ୍ନୀର ସନାତନ ଧର୍ମ । କେବେ ବି ପତ୍ନୀ ପତି ଠାରୁ ନିଜକୁ ଉଚ୍ଚ ଭାବିବା ଉଚିତ ନୁହେଁ, ମୁଁ ନିଜେ କେବେବି ପତିଙ୍କ ଠାରୁ ଉତ୍ତମ ଭୋଜନ ଗ୍ରହଣ କରେନାହିଁ । କେବେବି ଶାଶୁଙ୍କ ସହିତ ବାଦବିବାଦ କରେନାହିଁ । ବଡ଼ ତଥା ବୟସ୍କମାନଙ୍କ ସେବାରେ ଲାଗିରହେଁ । ଏତଦ୍ୱାରା ମୋର ପତିମାନେ ମୋର ଅନୁକୂଳ ରହନ୍ତି । ବୀରମାତା କୁନ୍ତିଙ୍କୁ ଯଥାଯୋଗ୍ୟ ଭୋଜନ, ବସ୍ତ୍ର ଓ ଜଳ ଦେଇ ସେବା କରେଁ । ଶାଶୁଙ୍କ ଅପେକ୍ଷା କୌଣସି ପ୍ରକାର ବିଶେଷ ଖାଦ୍ୟ ମୁଁ ଗ୍ରହଣ କରେନାହିଁ ।

ମହାରାଜ ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥର ଶାସକ ଥିଲାବେଳେ ପ୍ରତ୍ୟହ ଆଠହଜାର ବ୍ରାହ୍ମଣଙ୍କ ଭୋଜନ ବ୍ୟବସ୍ଥା ତଥା ଅଠାଶୀ ହଜାର ଜ୍ଞାନୀ, ଗୁଣୀ ବରିଷ୍ଠ ଗୃହସ୍ଥଙ୍କ ଭରଣପୋଷଣ ବ୍ୟବସ୍ଥା ସବୁ ମତେ ହିଁ ବୁଝିବାକୁ ପଡୁଥିଲା । ରାଜାଙ୍କ ଅଶ୍ୱ ତଥା ହାତୀମାନଙ୍କ ପାଳନପୋଷଣ ବ୍ୟବସ୍ଥା କଥା ବି ମତେ ବୁଝିବାକୁ ପଡୁଥିଲା ମହାରାଜାଙ୍କ ଆୟବ୍ୟୟ ତଥା ସଞ୍ଚୟ କଥା ବି ମୋ ଉପରେ ନ୍ୟସ୍ତ ଥିଲା । କୁଟୁମ୍ବର ସମସ୍ତ ବ୍ୟବସ୍ଥା ମଧ୍ୟ ମୋ ଉପରେ ନ୍ୟସ୍ତ ଥିଲା । ଗୁପ୍ତ ରାଜକୋଷର ଖବର କେବଳ ମୋତେ ହିଁ ଜଣାଥିଲା । ମୁଁ ଭୋକ ଉପାସକୁ ଖାତିର ନ କରି ନିରଳସ ଭାବରେ ଦିନରାତି ପାଣ୍ଡବମାନଙ୍କ ସେବାରେ ହିଁ ଲାଗିଥାଏ । ମୁଁ ପରିବାରର ସର୍ବାଗ୍ରେ ଆଗରୁ ଉଠେ ଓ ସର୍ବଶେଷରେ ଶୟନ କରିଥାଏ । ସମସ୍ତଙ୍କୁ ଖୁଆଇ ପିଆଇ ସାରି ଶେଷରେ ମୁଁ ଭୋଜନ ଗ୍ରହଣ କରିଥାଏ । ମୁଁ ପତିମାନଙ୍କ ସମସ୍ତ ପ୍ରକାର ସେବା ନିଜ ହାତରେ ନିଃସ୍ୱାର୍ଥ ଭାବରେ ଆନନ୍ଦ ମନରେ କରିଥାଏ । ପତିମାନଙ୍କୁ ସର୍ବଦା ସନ୍ତୋଷ ରଖିବା ମୋର ପରମ ସୌଭାଗ୍ୟ ବୋଲି ଭାବେ । ପତିମାନଙ୍କ ମନ କଷ୍ଟ, ଅସନ୍ତୋଷ କିମ୍ବା ବିରକ୍ତିଭାବ ଦେଖିଲେ ମୋ ମନରେ ଅପାର କଷ୍ଟ ଜାତ ହୁଏ ।

ଏ ସମସ୍ତ କଥା ଶୁଣିସାରି ସତ୍ୟଭାମା କହିଲେ – ଭଉଣୀ ତୁ ଯାହା କରୁଛୁ ନିଶ୍ଚିତ ଭାବରେ ସମସ୍ତ ନାରୀଜାତି ପାଇଁ ଅବଶ୍ୟ ପାଳନୀୟ ଓ ଶିକ୍ଷଣୀୟ । ନାରୀ ସମାଜ ତୁମର ପଦାଙ୍କ ଅନୁସରଣ କଲେ ପରିବାରରେ ପତିପତ୍ନୀ ମଧ୍ୟରେ ସଦ୍‌ଭାବ ବଜାୟ ରହିବ ଓ ପରିବାର ସ୍ଥାୟୀ ଶାନ୍ତି ପ୍ରତିଷ୍ଠିତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ । ଭଉଣୀ ଦ୍ରୌପଦୀ ତୁମେ ଆଜି ମୋର ଆଖି ଖୋଲିଦେଲ । ମୁଁ ଏଥିପାଇଁ ସବୁଦିନ ତୁମଠାରେ କୃତଜ୍ଞ ହୋଇ ରହିବି ।

**ରେଲୱେ କଲୋନୀ, ଟିଟିଲାଗଡ଼**

ଶୁଭେଚ୍ଛା ସହ



# ମଡ଼ର୍ଣ୍ଣ ଡେକୋରେଟର୍

ଛିନ୍ଦେଇକେଲା, ବରଗଡ଼ (ଓଡ଼ିଶା)

ପ୍ରୋ: ନିଳୟ କୁମାର ସାହୁ (ଜୁନା)

ମୋ: ୯୯୩୭୨୭୪୭୭୯



# ଯମ ବିଜୟିନୀ ସାବିତ୍ରୀ

**ଶ୍ରୀମତୀ ଲକ୍ଷ୍ମୀ ସାହୁ**

ସାବିତ୍ରୀ ଭାରତୀୟ ପତିବ୍ରତା ନାରୀମାନଙ୍କ ମଧ୍ୟରେ ଅଗ୍ରଣୀ ଥିଲେ । ସେ କେବଳ ପତିବ୍ରତା ମାତ୍ର ନଥିଲେ, ସେଥିଲେ ଅନନ୍ୟ ଅସାଧାରଣ ଧିଶକ୍ତି ସଂପନ୍ନା ବିଚକ୍ଷଣ ମହିଳା । ତାଙ୍କର ଦୃଢ଼ ଇଚ୍ଛା ଶକ୍ତି ଥିଲା । ନିଜର ସତୀତ୍ୱ ଓ ବିଚକ୍ଷଣ ବୁଦ୍ଧି ବଳରେ ଯମ ରାଜାଙ୍କୁ ପରାସ୍ତ କରି ନିଜର ମୃତ ସ୍ୱାମୀଙ୍କ ଜୀବନକୁ ତାଙ୍କଠାରୁ ଫେରାଇ ଆଣିବାକୁ ସମର୍ଥ ହୋଇଥିଲେ । ଯାହା କେବଳ ଭାରତୀୟ ନାରୀ ସମାଜ ପାଇଁ ନୁହେଁ ସମଗ୍ର ବିଶ୍ୱର ନାରୀ ସମାଜରେ ତାଙ୍କୁ ଅମ୍ଳାନ ଯଶର ଅଧିକାରିଣୀ କରି ପାରିଥିଲା ।

ସେ ରାଜ୍ୟହରା ରାଜା ଦ୍ୟୁମତସେନଙ୍କ ପୁତ୍ର ସତ୍ୟବାନଙ୍କୁ ପତିରୂପେ ବରଣ କରିଥିଲେ । ନାରଦ ଭବିଷ୍ୟତବାଣୀ କରି ଥିଲେ ଯେ ସତ୍ୟବାନ କେବଳ ଆଉ ଏକବର୍ଷ ମାତ୍ର ବଂଚିବେ । ଏହା ଜାଣିବା ପରେ ଏବଂ ପିତାଙ୍କ ବାରଣ ସତ୍ତ୍ୱେ ବି ସେ ନିଜ ସିଦ୍ଧାନ୍ତରୁ ଓହରି ନଥିଲେ ଓ ସତ୍ୟବାନଙ୍କୁ ବିବାହ କରିଥିଲେ । ଯାହା କି ତାଙ୍କ ଦୃଢ଼ ପ୍ରତିଜ୍ଞାର ସୂଚନା ଦିଏ ।

ସତ୍ୟବାନ ନିଜର ରାଜ୍ୟହରା ପିତାମାତାଙ୍କ ସହ ଅରଣ୍ୟରେ ରହି ଫଳମୂଳ ଓ କାଷ୍ଠ ଆଦି ସଂଗ୍ରହ କରି ନିଜର ପିତାମାତାଙ୍କ ପ୍ରତିପୋଷଣ କରୁଥିଲେ । ସାବିତ୍ରୀ ନିଜସ୍ୱାମୀଙ୍କ ଆସନ୍ନ ମୃତ୍ୟୁ ବିଷୟରେ ସର୍ବଦା ସତର୍କ ଓ ସଚେତନ ଥିଲେ । ଯେଉଁଦିନ ତାଙ୍କ ମୃତ୍ୟୁ ହେବା କଥା ତା'ର ପୂର୍ବ ତିନିଦିନ - ସେ ଅନ୍ନ ଜଳ ତ୍ୟାଗ ପୂର୍ବକ କଠୋର ବ୍ରତ ପାଳନ କଲେ । ଚତୁର୍ଥ ଦିନ ସ୍ନାନାଦି ସମାପନାନ୍ତେ ବ୍ରତ ଉଦ୍‌ଯାପନ ପୂର୍ବକ ସେ ନିଜର ଗୁରୁ ବ୍ରାହ୍ମଣ ଓ ଶାଶୁ ଶ୍ୱଶୁରଙ୍କ ପାଦ ପୂଜା ସାରି ଦେଖିଲେ ଯେ, ତାଙ୍କ ସ୍ୱାମୀ କାନ୍ଧରେ କୁରାଢ଼ି ଧାରଣ କରି ଫଳମୂଳ ଓ କାଷ୍ଠ ସଂଗ୍ରହ ପାଇଁ ଅରଣ୍ୟ ଅଭିମୁଖେ ବାହାରିଛନ୍ତି । ନିଜେ ମଧ୍ୟ ତାଙ୍କ ସାଥୀରେ ଯିବାକୁ ସେ ସତ୍ୟବାନଙ୍କୁ ଅନୁରୋଧ କଲେ । ସତ୍ୟବାନଙ୍କ ବାରଣ ସତ୍ତ୍ୱେ ସେ ଅରଣ୍ୟକୁ ଯିବାକୁ ନିଜ ଜିଦ୍‌ରେ ଅଟଳ ରହିବାରୁ ପିତାମାତାଙ୍କ ଠାରୁ ଅନୁମତି ଆଣିବାକୁ କହିଲେ । ସାବିତ୍ରୀଙ୍କ ଅନୁରୋଧ କ୍ରମେ ତାଙ୍କର ଶାଶୁ ଶ୍ୱଶୁର ଅନୁମତି ଦେବାରୁ ସେ ସତ୍ୟବାନଙ୍କ ସହିତ ଅରଣ୍ୟକୁ ଗଲେ । ସେଠାରେ ପତିପତ୍ନୀ କିଛି ଫଳମୂଳ ସଂଗ୍ରହ କଲାପରେ ସତ୍ୟବାନ କାଠ କାଟିବାରେ ଲାଗିଲେ । କାଠ କାଟୁଁ କାଟୁଁ ସେ ନିଜମୁଣ୍ଡରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ । ଏହା ଜାଣିପାରି ସାବିତ୍ରୀ ତାଙ୍କୁ କୋଳାଗ୍ରତ କରି ତଳେ ବସି ପଡ଼ିଲେ । ସତ୍ୟବାନ ଧୀରେ ଧୀରେ ସଂଜ୍ଞାହୀନ ହୋଇଗଲେ । ତାଙ୍କର ଚେତାହୀନ ଶରୀର ସାବିତ୍ରୀଙ୍କ କୋଳରେ ପଡ଼ିରହିଲା । ଇତ୍ୟବସରରେ ଯମରାଜ ସେଠାରେ ଆସି ଉପସ୍ଥିତ ହେଲେ । ସାବିତ୍ରୀ ଆଗନ୍ତୁକଙ୍କ ପରିଚୟ ତଥା ତାଙ୍କର ଆଗମନର ଅଭିପ୍ରାୟ ପଚାରିଲେ । ଆଗନ୍ତୁକ ନିଜକୁ ଯମରାଜା ବୋଲି ପରିଚୟ ଦେଲେ ଓ ସତ୍ୟବାନଙ୍କ ମୃତ୍ୟୁ ହୋଇଥିବାରୁ ତାଙ୍କୁ ଯମପୁରକୁ ନେବାକୁ ଆସିଛନ୍ତି ବୋଲି କହିଲେ । ସାବିତ୍ରୀ ପଚାରିଲେ ମହାରାଜ ଆପଣ ଯମଦୂତମାନଙ୍କୁ ନ ପଠାଇ ନିଜେ କାହିଁକି କଷ୍ଟକରି ଆସିଛନ୍ତି । ଯମରାଜା ଉତ୍ତର ଦଲେ "ସତ୍ୟବାନ ଜଣେ ସାମାନ୍ୟ ଲୋକ ନୁହଁନ୍ତି । ସେ ହେଉଛନ୍ତି ଗୁଣର ସାଗର ଓ ଜ୍ଞାନର ଭଣ୍ଡାର ତଥା ଜଣେ ଉଚ୍ଚକୋଟୀର

ଧାର୍ମିକ ବ୍ୟକ୍ତି, ତାଙ୍କପରି ଅନନ୍ୟ ଅସାଧାରଣ ବ୍ୟକ୍ତିଙ୍କୁ ଯମ ଦୂତମାନେ ସ୍ପର୍ଶ କରିବାର ଯୋଗ୍ୟ ନୁହଁନ୍ତି'' ତେଣୁ ସେ ନିଜେ ଆସି ଥିବା କଥା କହିଲେ । ଯମରାଜା ସତ୍ୟବାନଙ୍କ ଶରୀରରୁ ତାଙ୍କ ସୂକ୍ଷ୍ମ ଜୀବାତ୍ମାକୁ ବାହାର କରି ଯମପୁରକୁ ଯିବାକୁ ଉଦ୍ୟତ ହୁଅନ୍ତେ ସାବିତ୍ରୀ ମଧ୍ୟ ତାଙ୍କର ଅନୁଗମନ କରିବାରେ ଲାଗିଲେ । ଯମରାଜା ତାଙ୍କ ପଛେ ପଛେ ନ ଆସି ବରଂ ଘରକୁ ଫେରିଯାଇ ନିଜ ମୃତ ସ୍ୱାମୀଙ୍କ ଶେଷକୃତ୍ୟ ସମାପନ କରି ପତିସେବା ରୂପୀ ଋଣରୁ ମୁକ୍ତ ହେବାକୁ ସାବିତ୍ରୀଙ୍କୁ ଅନୁରୋଧ କଲେ । ସାବିତ୍ରୀ କହିଲେ ପତି ଯେଉଁଠି ପତ୍ନୀ ସେଇଠି । ଏହା ହେଉଛି ସନାତନ ଧର୍ମ । ମୁଁ ଦୃଢ଼ ନିଶ୍ଚିତ ଯେ ମୋର ତପସ୍ୟା, ଗୁରୁଭକ୍ତି, ପତିପ୍ରେମ ଓ ବ୍ରତାଚରଣର ପ୍ରଭାବ ଏବଂ ଆପଣଙ୍କ ପରି ସତ୍‌ପୁରୁଷଙ୍କ ସଙ୍ଗ ଲାଭଜନିତ କୃପାରୁ ମୋର ପତିଙ୍କୁ କେହି ମୋ ଠାରୁ ଛଡ଼େଇ ନେଇ ପାରିବେନାହିଁ । ଯମ କହିଲେ ମାଁ ସାବିତ୍ରୀ ତୋର ଅକାଟ୍ୟ ଯୁକ୍ତି ଓ ପତିବ୍ରତା ତଥା ଧର୍ମ ଜ୍ଞାନରେ ମୁଗ୍ଧ । ପ୍ରତିବଦଳରେ ସତ୍ୟବାନଙ୍କ ଜୀବନ ବିନିମୟରେ ମୁଁ ତୋର ସ୍ୱଇଚ୍ଛା ମତେ ଚାରିଟି ବର ଦେବାକୁ ଚାହୁଁଛି । ତୁ ତାହା ମାଗ । ସାବିତ୍ରୀ ମନେ ମନେ ଉଲ୍ଲସିତ ହୋଇ ଉଠିଲେ ଏବଂ ସେହି ବର ବାହାନାରେ ସେ କିପରି ନିଜର ପତିଙ୍କ ଜୀବନ ଲାଭ କରିବାର ସଫଳହେବେ ତାହା ଚିନ୍ତା କଲେ ଏବଂ ପର୍ଯ୍ୟାୟକ୍ରମେ ନିମ୍ନମତେ ଚାରିଟି ବର ମାଗିଲେ ।

ପ୍ରଥମ ବରରେ ତାଙ୍କ ଚକ୍ଷୁହୀନ ଶ୍ୱଶୁରଙ୍କ ନଷ୍ଟ ଦୃଷ୍ଟିଶକ୍ତି ଫେରାଇ ଦେବାକୁ କହିଲେ । ଦ୍ୱିତୀୟରେ ତାଙ୍କ ଶ୍ୱଶୁରଙ୍କ ହୃତ ରାଜ୍ୟ ଆପେ ଆପେ ତାଙ୍କ ପାଖକୁ ଫେରି ଆସିବାକୁ ବର ମାଗିଲେ । ତୃତୀୟରେ ତାଙ୍କର ପୁତ୍ରହୀନ ପିତାଙ୍କୁ ଏକଶତ ଗୁଣବନ୍ତ ପୁତ୍ର ଲାଭ ହେବାକୁ ପ୍ରାର୍ଥନା କଲେ । ଚତୁର୍ଥ ବରଟି ନିଜପାଇଁ ମାଗିଲେ । ଯେଉଁଥିରେ ପରୋକ୍ଷରେ ସତ୍ୟବାନଙ୍କ ଜୀବନ ମଧ୍ୟ ସଂଶ୍ଳିଷ୍ଟ ଥିଲା । ସେ କିଛି ସମୟ ଭାବିବାକୁ ଲାଗିଲେ । ଯମ କହିଲେ, ମାଆ ଆଉ ବିଳମ୍ବ କାହିଁକି ତିନୋଟି ବର ତ ମାଗିଲୁ ଚତୁର୍ଥ ବରଟି ମାଗିପକା । ଡ଼େରି ହେଉଛି ମୁଁ ମୃତ୍ୟୁଲୋକକୁ ଶୀଘ୍ର ଗମନ କରିବି । ନିର୍ଦ୍ଧାରିତ ସମୟ ଗଡ଼ିଯାଉଛି । ସାବିତ୍ରୀ କହିଲ ଧର୍ମାବତାର, ମୋର ଶେଷ ଇଚ୍ଛା ହେଉଛି ମୁଁ ଶହେ ପୁତ୍ରର ଜନନୀ ହେବାକୁ କଳ୍ପନା କରିଥିଲି, ଆପଣ ଦୟାକରି ତାହା ପୁରଣ କରନ୍ତୁ । ଯମରାଜା ତ ଫେରିଯିବାକୁ ତତ୍ପର ହେଉଥିଲେ । ସେ ସଙ୍ଗେ ସଙ୍ଗେ ତଥାସ୍ତୁ ବୋଲି କହି ସତ୍ୟବାନଙ୍କ ଜୀବାତ୍ମାକୁ ନେଇ ଯିବାକୁ ଉଦ୍ୟତ ହୁଅନ୍ତେ ସାବିତ୍ରୀ ତାଙ୍କ ସାମନାରେ ଯାଇ ବାଟ ଓଗାଳି ଛିଡ଼ା ହେଲେ । ଯମରାଜା ଆଶ୍ଚର୍ଯ୍ୟ ପ୍ରକଟ କରି କହିଲେ ମାଆ ତୋର ଇଚ୍ଛାମତେ ମୁଁ ଚାରିଟି ବର ପ୍ରଦାନ କଲି । ତୁ ଫେରି ନ ଯାଇ ପୁନର୍ବାର କାହିଁକି ମୋର ବାଟ ଓଗାଳୁଛୁ । ସାବିତ୍ରୀ କହିଲେ ମୁଁ ଭାବିଥିଲି ଯମରାଜା ହେଉଛନ୍ତି ସତ୍ୟର ଅବତାର ଯାହା କହନ୍ତି ତାହା ନିରାଟ ସତ । ମାତ୍ର ଦେଖୁଛି ମୋର ଭାବନା ସତ୍ୟ ନୁହେଁ । ଯମରାଜାଙ୍କ ପ୍ରତିଶୃତି ଅସତ୍ୟ ଅଟେ । ଯମରାଜା ଆଶ୍ଚର୍ଯ୍ୟ ପ୍ରକଟ କରି ପଚାରିଲେ, ତାହା କିପରି ? ସାବିତ୍ରୀ କହିଲେ ମହାରାଜ ! ଆପଣ ଦେଇଥିବା ପ୍ରଥମ ତିନୋଟି ବର ଅକ୍ଷରେ ଅକ୍ଷରେ ସତ୍ୟ ହେବ । ଏଥିରେ ତିଳେମାତ୍ର ସନ୍ଦେହ ନାହିଁ, ମାତ୍ର ଚତୁର୍ଥ ବରଟି ସତ୍ୟ ହେବନାହିଁ । ଆଉଯଦି ତାହା ସତ୍ୟ ହୁଏ ତେବେ ମୁଁ ଦୁନିଆଁରେ ଅସତୀ ହେବି । ଲୋକେ ମୋତେ ଅସତୀ ବୋଲି କହିବେ । ଯମରାଜା କିଛି ବୁଝି ନ ପାରି ଆହୁରି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସାବିତ୍ରୀ ତାଙ୍କ ସହିତ ଥଟ୍ଟା ନକରି କ'ଣ ଭାବୁଛନ୍ତି ଠିକ୍ କରି ପ୍ରକାଶ କରିବାକୁ କହିଲେ । ସାବିତ୍ରୀ କହିଲେ ଦେଖନ୍ତୁ ଯମରାଜା ! ମୁଁ ହେଉଛି ସତୀ । ବିନାସ୍ୱାମୀରେ ମୋର ବା କିପରି ଶହେ ପୁଅ ହେବେ ? ଆପଣ ଦୟାକରି ସତ୍ୟବାନଙ୍କ ଜୀବନ ଫେରାଇ ଦିଅନ୍ତୁ । ଯଦି ନ ଦିଅନ୍ତେ ତେବେ ମୋର ଶହେପୁଅ ହେବ ନାହିଁ ଏବଂ ଆପଣଙ୍କ ଚତୁର୍ଥ ବରଟି ସାର୍ଥକ ହେବ ନାହିଁ । ଯୁଗେ ଯୁଗେ ଲୋକେ ଆପଣଙ୍କୁ ଧର୍ମର ଅବତାର ନକହି ଅଧର୍ମର ଓ ଅସତ୍ୟର ଅବତାର ବୋଲି କହିବେ, ଯମରାଜା ନିଜର ଭୁଲ ବୁଝି ପାରିଲେ । ଚମକି ପଡ଼ିଲେ । ସେ ସାବିତ୍ରୀଙ୍କ ବିଚକ୍ଷଣ ବୁଦ୍ଧିକୁ ପ୍ରଶଂସା ନକରି ରହି ପାରିଲେ ନାହିଁ । ସେ କହିଲେ ଦେବୀ ସାବିତ୍ରୀ ଯମରାଜ ଆଜି ତୁମର ସତୀତ୍ୱ ଓ ବିଚକ୍ଷଣ ବୁଦ୍ଧି ନିକଟରେ ପରାଜିତ । ତୁମର ମାଗିଥିବା ଚତୁର୍ଥ ବର ସାକାର ହେବା ପାଇଁ ସତ୍ୟବାନଙ୍କ ଜୀବନ ଫେରାଇ ଦେଉଛି । ତୁମେ ଉଭୟ ପତିପତ୍ନୀ ଶହେ ପୁଅ ଲାଭକରି ଚାରିଶହ ବର୍ଷ ନିରାମୟ

ସୁଖୀ ଦାମ୍ପତ୍ୟଜୀବନ ଉପଭୋଗ କର । ଏହା କହି ଯମ ସେଠାରୁ ଅନ୍ତର୍ଦ୍ଧାନ ହୋଇଗଲେ ।

ଦେବୀ ସାବିତ୍ରୀ ନିଜର ସତୀତ୍ୱ ଓ ବିଚକ୍ଷଣ ବୁଦ୍ଧି ବଳରେ ନିଜର ମୃତ ସ୍ୱାମୀଙ୍କ ଜୀବନ ଫେରି ପାଇଲେ । ଯାହାକି ଭାରତୀୟ ନାରୀ ସମାଜ ପାଇଁ ଗର୍ବ ଏବଂ ଗୌରବର ବିଷୟ ଓ ଭାରତୀୟ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଲା । ଭାରତୀୟ ପତିବ୍ରତା ନାରୀମାନେ ନିଜନିଜ ସ୍ୱାମୀଙ୍କ ଦୀର୍ଘ ନିରାମୟ ଜୀବନ କାମନା ସହିତ ନିଜକୁ ବୈଧବ୍ୟ ଯୋଗରୁ ମୁକ୍ତ କରିବା ପାଇଁ ପ୍ରତିବର୍ଷ ଜ୍ୟେଷ୍ଠ ଅମାବାସ୍ୟା ଦିନ 'ସାବିତ୍ରୀ ବ୍ରତ' ପାଳନ କରନ୍ତି । ଏହି ବ୍ରତବିଧି ପାଳନ ସମୟରେ କେବଳ ପତ୍ର, ଫଳ ଓ ଫୁଲର ବ୍ୟବହାର କରାଯାଇଥାଏ । ଏଥିରେ ମିଷ୍ଟାନ୍ନ ଆଦି ବା କୌଣସି ଧାତବ ପାତ୍ର ମଧ୍ୟ ବ୍ୟବହାର କରାଯାଏ ନାହିଁ ।

**ମାର୍ଫତ-ସୁବାସ ଚନ୍ଦ୍ର ସାହୁ, ପାଇକମାଲ, ଜି-ବରଗଡ଼**


*With best compliments from*



# SAHU KIRANA STORE

**Deals in: All types of Kirana Items**

**Sunamudi, Patnagarh, Dist. Balangir**

**Cell. 9777486366**

Prop. *Sanjib Kumar Sahu (Jaga)*

*With best compliments from*







# DURGA

## AUTOMOBILES & FABRICATIONS

**Main Road, Udyanbandh**

Prop. *Nilakantha Sahoo*

Cell. 9938630162 / 9938163809



# ନାରୀ ନିର୍ଯ୍ୟାତନାକୁ ପରିଣାମ

ଶ୍ରୀମତୀ ମୀନତୀ ସାହୁ

ବିଭିନ୍ନ କାରଣରୁ ଆମ ସମାଜରେ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ିବାରେ ଲାଗିଛି । ନାରୀ ସମାଜ ପ୍ରତି ପୁରୁଷ ସମାଜର ଆଭିମୁଖ୍ୟ ଏହାର ଏକ ମୁଖ୍ୟ କାରଣ । ଅଧିକାଂଶ କ୍ଷେତ୍ରରେ ପୁରୁଷ ନାରୀକୁ ନିଜ ଠାରୁ ହୀନ ବୋଲି ଭାବେ । ତାକୁ ସେ ନିଜର ଦାସୀତୁଲ୍ୟ ବ୍ୟବହାର କରେ । ନାରୀର ସ୍ୱାଧୀନତା କିମ୍ବା ଆତ୍ମସଚେତନାକୁ ସେ ବରଦାସ୍ତ କରିପାରେ ନାହିଁ । ନାରୀ ଜାଗରଣକୁ ସେ ପ୍ରଶ୍ରୟ ଦେବାକୁ ପ୍ରସ୍ତୁତ ନୁହେଁ । ଏ ସବୁଥିପାଇଁ ସେ ତାକୁ ନାନା ପ୍ରକାର ନିର୍ଯାତନା ଦେବାକୁ କୁଣ୍ଠାବୋଧ କରେନାହିଁ । ଅନେକ କ୍ଷେତ୍ରରେ ଯୌତୁକ ସମସ୍ୟା ମଧ୍ୟ ନାରୀ ନିର୍ଯାତନାର ମୁଖ୍ୟ କାରଣ ହୋଇଥାଏ । ଯୌତୁକ କାରଣରୁ ବୋହୂ ଶାଶୁ ନଣନ୍ଦଙ୍କ ରୋଷର ଶିକାର ହୁଏ । ସବୁବେଳେ ତାଙ୍କର କଟାକ୍ଷ ଶୁଣିବାକୁ ବାଧ୍ୟ ହୋଇଥାଏ । ଏପରିକି ତା'ର ସ୍ୱାମୀ ମଧ୍ୟ ଯୌତୁକ ପାଇଁ ତା'ର ସ୍ତ୍ରୀକୁ ଅନ୍ୟମାନଙ୍କ ସହିତ ମିଶି ନାନା ପ୍ରକାର ଅତ୍ୟଚାର କରେ । ପରିବାର ସମସ୍ତଙ୍କ ଦ୍ୱାରା ନିର୍ଯାତିତ ହୋଇ ବୋହୁଟି ନିଜକୁ ଅତି ଅସହାୟ ମନେକରି ଶେଷରେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାଏ । ଯେକୌଣସି କାରଣରୁ ହେଉନା କାହିଁକି ପରିବାରରେ ନାରୀ ନିର୍ଯାତନା ଦେଖାଦେଲେ ତାହା ପରିବାରର ଅଶାନ୍ତି, ଅସନ୍ତୋଷ ଓ ବିଭେଦର କାରଣ ହୋଇଥାଏ ଏବଂ ପରିବାରଟି ଉନ୍ନତି ପରିବର୍ତ୍ତେ ଧ୍ୱଂସ ଆଡ଼କୁ ଗତିକରେ । ଯଦି ନିର୍ଯ୍ୟାତନା ସହି ନ ପାରି ବୋହୁଟି ଆତ୍ମହତ୍ୟା କରେ ତେବେ ନାରୀ ନିର୍ଯାତନା କେଶ୍‌ରେ ପଡ଼ି ପରିବାର ସମସ୍ତେ ଜେଲ୍ ଯିବାକୁ ବାଧ୍ୟ ହୋଇଥାନ୍ତି । ତାହାଦ୍ୱାରା ପରିବାରଟିର କି ଅବସ୍ଥା ହେବ ଭାବି ଦେଖନ୍ତୁ । ଏସବୁ ଜାଣି ମଧ୍ୟ ମଣିଷ କ୍ଷଣିକ ଉତ୍ତେଜନାର ବଶବର୍ତ୍ତୀ ହୋଇ କ'ଣ ଅବା କରି ନବସେ । ଏହା ଭାବିଲେ ବଡ଼ ଦୁଃଖ ଲାଗେ ।

ନାରୀ ନିର୍ଯାତନାର କୁପରିଣାମ ଯେ କେତେ ଭୟଙ୍କର ତଥା ସମାଜ ଧ୍ୱଂସର କାରଣ ତାହା ଆମେ ପୁରାଣ ପୃଷ୍ଠାରୁ ସ୍ପଷ୍ଟ ଭାବରେ ଉପଲବ୍ଧ କରିପାରୁଁ । ସୀତାଙ୍କ ପ୍ରତି ରାବଣର ଅସାମାଜିକ ବ୍ୟବହାର ଯୋଗୁଁ ରାମ ରାବଣ ଯୁଦ୍ଧ ଘଟି ସ୍ୱର୍ଣ୍ଣମୟୀ ଲଙ୍କା ଧ୍ୱଂସ ପାଇଗଲା ଏବଂ ରାବଣ ସବଂଶେ ବିନାଶପ୍ରାପ୍ତ ହେଲା । ତା'ର ଅମାପ ସଂପଦ, ଅପରିମେୟ ଶକ୍ତି, ବିଚକ୍ଷଣ ବୁଦ୍ଧି ସବୁ ଅକାରଣ ହୋଇଯାଇଥିଲା ।

ଦ୍ୱାପର ଯୁଗରେ ରାଜା ଦୁର୍ଯ୍ୟୋଧନ ଅମାନବୀୟ ଆଚରଣ ପ୍ରଦର୍ଶନ ପୂର୍ବକ ସତୀ ଦ୍ରୋପଦୀଙ୍କୁ ରାଜସଭା ମଧ୍ୟରେ ସମସ୍ତଙ୍କ ସମ୍ମୁଖରେ ଉଲଗ୍ନ କରିବାର ଅପଚେଷ୍ଟା କରି ଯେଉଁ ନିର୍ଯାତନା ଦେଇଥିଲେ ତା'ର କୁପରିଣାମରେ ମହାଭାରତ ଯୁଦ୍ଧ ଭଳି ଜନକ୍ଷୟକାରୀ ଘଟଣା ଘଟି ଅସଂଖ୍ୟ ଲୋକଙ୍କ ପ୍ରାଣହାନୀ ଘଟିଲା । କୌରବ ବଂଶ ଧ୍ୱଂସ ପାଇଗଲା । ଖାଲି କୌରବ ନୁହନ୍ତି, ପାଣ୍ଡବ ମଧ୍ୟ ପାଂଚ ଭାଇଙ୍କୁ ଛାଡ଼ି ଅନ୍ୟସମସ୍ତେ ନିହତ ହୋଇଗଲେ । ନାରୀ ନିର୍ଯାତନାର କୁପରିଣତି ଯେ କେତେ ଭୟଙ୍କର ମଣିଷ ସମାଜ ଏ ଉଭୟ ଘଟଣାରୁ ଶିକ୍ଷାଲାଭ କରିବା ଉଚିତ୍ ।

ନିଜ ଉପରେ ଘଟୁଥିବା ଏପରି ଅତ୍ୟଚାରକୁ ନାରୀ ଜାତି ମୁଣ୍ଡପାତି ସହି ନଯାଇ ତା'ର ପ୍ରତିରୋଧ କରିବାକୁ ପଡ଼ିବ, ନିଜେ ସଚେତନ ନ ହୋଇ ସଂଗଠିତ ନ ହେଲେ ଏପରି ଘଟଣା ଘଟି ଚାଲିଥିବ । ନାରୀମାନେ ନିଜକୁ ଅବଳା ଦୁର୍ବଳା ବୋଲି ନଭାବି ନିଜକୁ ଶକ୍ତିସ୍ୱରୁପିଣୀ ଦେବୀ ବୋଲି ଭାବି ସଂଗଠିତ ହେବାକୁ ପଡ଼ିବ, ଏବଂ ଦୃଢ଼ତାର ସହିତ ଏପରି ଅତ୍ୟାଚାର ପ୍ରତିରୋଧ କରିବାକୁ ପଡ଼ିବ । ବର୍ତ୍ତମାନ ଅନେକ କ୍ଷେତ୍ରରୁ ନାରୀ ନିର୍ଯାତନା ବିରୁଦ୍ଧରେ ସ୍ୱର ଉତ୍ତୋଳନ ହେଉଅଛି, ସରକାର ମଧ୍ୟ ଏଥିପାଇଁ କଠୋର ଆଇନ ସବୁ କରୁଛନ୍ତି । ନିର୍ଯାତିତ ନାରୀ ସମାଜ ନିଜର ସୁରକ୍ଷା ପାଇଁ ଏହିସବୁ ଆଇନର ଆଶ୍ରୟ ନେଇ ନିଜକୁ ସୁରକ୍ଷା ଦେବାକୁ ପଡ଼ିବ ।

ପରିଶେଷରେ ଏତିକି କୁହାଯାଇ ପାରେ ସମସ୍ତଙ୍କ ମିଳିତ ପ୍ରଚେଷ୍ଟାରେ ନାରୀ ନିର୍ଯାତନା ରୂପୀ କଳଙ୍କକୁ ଦୂର କରିବାକୁ ପଡ଼ିବ, ଅନ୍ୟଥା ଏସମାଜ ବହୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇ ଅବକ୍ଷୟ ମୁଖରେ ଧାବିତ ହେବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ଏହି ପରିପ୍ରେକ୍ଷୀରେ ମୁଁ ଆଜି ଆମର କୁବେର ସମାଜର ଭଉଣୀମାନଙ୍କୁ ଏକଜୁଟ ହୋଇ ଦୃଢ଼ତାର ସହିତ ଏହି କଳଙ୍କ କାଳିମାର ନିରାକରଣ ପାଇଁ ମାତୃମଂଚ ମାଧ୍ୟମରେ ସଫଳ ଉଦ୍ୟମ କରି ଆଗେଇ ଆସିବାକୁ ନିବେଦନ କରୁଛି ।

**ସଭାନେତ୍ରୀ, ମାତୃମଞ୍ଚ**
**କୁବେର ସମାଜ ପଶ୍ଚିମାଞ୍ଚଳ**
**ଓଡ଼ିଶା**




*With best compliments from*

# BASUDEV
## MEDICALS

*All kind of Medicines Available Here*

**BUS STAND, DHUMABHATA**

Prop: *Basudev Sahoo*

ADVISOR OF LIC

Phone: **9937682526**

भारतीय जीवन बीमा निगम
LIFE INSURANCE CORPORATION OF INDIA



*Zindegi Ke Saath Bhi Zindegi Ki Baad Bhi*



# ସମାଜରେ ନାରୀର ସ୍ଥାନ

ଶ୍ରୀମତୀ ସୁପ୍ରଭା ସାହୁ, ଗୃହିଣୀ

ନାରୀ ହେଉଛି ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ, ସେ ପୁରୁଷଠୁଁ କୌଣସି ଗୁଣରେ କମ୍ ନୁହେଁ । ଅଧିକନ୍ତୁ ସମାଜ ଗଠନରେ ପୁରୁଷଠାରୁ ନାରୀର ଗୁରୁଦାୟିତ୍ୱ ରହିଛି । ତାହାରି ସାହାଯ୍ୟ ସହଯୋଗବିନା ସମାଜର ବିକାଶ ହୋଇ ପାରିବ ନାହିଁ । ମାତ୍ର ଦୁଃଖ ଲାଗେ ଯେ, ସମାଜ ନାରୀ ଜାତି ପ୍ରତି ସେତେଟା ଗୁରୁତ୍ୱ ଦିଏନାହିଁ । ଆମ ସମାଜରେ ଧିରେ ଧିରେ ନାରୀ ଜାତିର ମାନ ସମ୍ମାନ କ୍ଷୟ ହେବାରେ ଲାଗିଛି । ପୂର୍ବ କାଳରେ ସମାଜରେ ନାରୀକୁ ଦେବୀର ସମ୍ମାନ ଦିଆ ଯାଉଥିଲା । ସେ ଥିଲା ସମାଜର ସମସ୍ତଙ୍କର ପୂଜ୍ୟା । ପୁରୁଷ ଅପେକ୍ଷା ସ୍ତ୍ରୀକୁ ଅଧିକ ସମ୍ମାନ ଦିଆଯାଉଥିଲା । ସେଥିପାଇଁ ତ କୁହାଯାଉଥିଲା ଲକ୍ଷ୍ମୀ ନାରାୟଣ, ସୀତାରାମ, ରାଧେକୃଷ୍ଣ ଇତ୍ୟାଦି ଇତ୍ୟାଦି । ପୁରୁଷର ନାମ ପୂର୍ବରୁ ସ୍ତ୍ରୀର ନାମ ଉଚ୍ଚାରଣ କରାଯାଉଥିଲା । ଏହାର ତାତ୍ପର୍ଯ୍ୟ କ'ଣ ? ବୈଦିକ ଯୁଗର ଗାର୍ଗୀ, ମୈତ୍ରୀ, ମଦାଳସା ପ୍ରଭୃତି ନାରୀ ମାନେ ସମାଜରେ ଆଦର୍ଶ ସ୍ଥାନୀୟା ଥିଲେ । ସେମାନେ ପୁରୁଷ ସହିତ ତାଳ ଦେଇ ସାମାଜିକ କାର୍ଯ୍ୟମାନ ସାଧନ କରୁଥିଲେ । ମାତ୍ର ଧୀରେ ଧୀରେ ସାମାଜିକ କ୍ଷେତ୍ରରେ ନାରୀକୁ ଉପଯୁକ୍ତ ସମ୍ମାନ ନଦେଇ ତାର ଅପମାନ କରାଗଲା ଯାହାଫଳରେ ଆମ ସମାଜ ପତନୋନ୍ମୁଖୀ ହେବାରେ ଲାଗିଲା । ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବରେ ଆମେ ନିଜ ସଂସ୍କୃତି, ପରମ୍ପରା ଆଦି ଭୁଲିବାରେ ଲାଗିଲୁ । ଯେଉଁ ପରିବାରରେ ନାରୀ ଥିଲେ ସର୍ବେସର୍ବା ସେହି ପରିବାର ବ୍ୟବସ୍ଥା ମଧ ପାଶ୍ଚାତ୍ୟ ପ୍ରଭାବରେ ପ୍ରଭାବିତ ହୋଇ ନିଜର ମୌଳିକତା ହରାଇଲା ।

ଆମ ଦେଶ ଦୀର୍ଘ ଦିନର ପରାଧୀନତା କାରଣରୁ ଆମେ ଶାସକମାନଙ୍କ ଦ୍ୱାରା ଆମ ଉପରେ ଜୋର ଜବରଦସ୍ତି ଲଦି ଦିଆଯାଉଥିବା ଅପ ସଂସ୍କୃତିକୁ ଆପଣାଇ ନେଲୁ । ଧୀରେ ଧୀରେ ଆମର ମହନୀୟ ସମାଜ ବ୍ୟବସ୍ଥା ଧ୍ୱଂସାଭିମୁଖୀ ହେବାରେ ଲାଗିଲା । ସମାଜରେ ନାରୀମାନଙ୍କୁ ପୁଣ୍ୟ ଦ୍ରବ୍ୟ ଭାବରେ ବ୍ୟବହାର କରାଗଲା । ବିଦେଶୀମାନେ ଏ ଦେଶର ସଂସ୍କୃତି, ସଭ୍ୟତାକୁ ଭାଙ୍ଗି ନିଜର ଅଭିଳାଷ ପୁରଣରେ ସଫଳ ହେଲେ ।

ଆମ ସମାଜର ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିଲା । ଲୋକେ ଝିଅ ଅପେକ୍ଷା ପୁଅ ଉପରେ ଅଧିକ ଗୁରୁତ୍ୱ ଦେଲେ । ପୁଅଟିଏ ହେଲେ ପରିବାରରେ ଆନନ୍ଦର ଲହରି ଖେଳିଯାଏ ଏବଂ ଝିଅଟିଏ ହେଲେ ମାଆ ଠାରୁ ଆରମ୍ଭ କରି ସମସ୍ତେ ଦୁଃଖରେ ଭାଙ୍ଗିପଡ଼ନ୍ତି । ଏହି ମାନସିକତା ଯୋଗୁଁ ସମାଜରେ ଦିନକୁ ଦିନ ଭ୍ରୁଣହତ୍ୟା, ଗର୍ଭପାତ ବଢ଼ିବାରେ ଲାଗିଲା । କନ୍ୟାର ବିବାହ ପାଇଁ ଯୌତୁକ ଅନିର୍ବାଯ୍ୟ ହୋଇ ପଡ଼ିଲା । ବିନା ଯୌତୁକରେ ଝିଅଟିଏ ବିବାହ କରିହେଉ ନାହିଁ । ପୁଅର ବାପା ମା ମାନେ ମାଲାମାଲ ହେଲା ବେଳକୁ ଝିଅର ବାପ ସର୍ବହରା ହେଲା । ଯୌତୁକ କାରଣରୁ ସମାଜରେ ନାରୀ ନିର୍ଯାତନା ବଢ଼ିବାରେ ଲାଗିଲା, ଏପରିକି ଯୌତୁକ କାରଣରୁ ପରିବାର ଲୋକେ

ବୋହୁକୁ ହତ୍ୟା ପର୍ଯ୍ୟନ୍ତ କରିବାରେ ସଙ୍କୋଚ କଲେନାହିଁ । ଅନେକ ସ୍ଥଳରେ ନିର୍ଯାତନା ସହି ନ ପାରି ବୋହୁମାନେ ଗଞ୍ଜଣାରୁ ମୁକ୍ତି ନିମନ୍ତେ ଆତ୍ମହତ୍ୟା କରିବାକୁ ବାଧ ହେଲେ । ଓଃ- ଏ ବିଜ୍ଞାନ ଯୁଗରେ ଏତେ ଉନ୍ନତି ସତ୍ତ୍ୱେ, ଏ କି ପ୍ରକାର ଅଗ୍ରଗତି ବା ବିକାଶ ?

ନାରୀ ଆଜି ଅସହାୟ, ସତେ ଯେମିତି ତାର ଆର୍ତ୍ତଚିତ୍କାର ଶୁଣିବାକୁ ଦୁନିଆଁରେ କେହିନାହାନ୍ତି । ସେ ବିପଦରେ ପଡ଼ିଲେ ସାହାଯ୍ୟ ସହଯୋଗର ହାତ ତା ଆଡ଼କୁ ଲମ୍ବି ଆସୁନାହିଁ । ଏପରି ସ୍ଥଳେ ସେ କିଂକର୍ତ୍ତବ୍ୟବିମୁଢ଼ ହୋଇ କେବଳ ଭଗବାନଙ୍କୁ ଭରସାକରି ନିରାଶ୍ରୟମାଂ ଜଗଦୀଶ ରକ୍ଷା ଡ଼ାକଦେବା ଛଡ଼ା ଅନ୍ୟଗତି ନାହିଁ । ନାରୀ ଜାତି ହେଉଛି ଶାନ୍ତିପ୍ରିୟ । ପରୋପକାରୀ ଦୟାଶୀଳା, ସେ କେବେ ପରର ଦୁଃଖ ସହି ପାରେନା ବୋଧହୁଏ ତାକୁ ପରୀକ୍ଷା କରିବା ପାଇଁ ଭଗବାନ ତା'ଉପରେ ପରୀକ୍ଷା ସଦୃଶ ଏହି ବ୍ୟବସ୍ଥା କରୁଛନ୍ତି ।

'ବିପଦ ପ୍ରଭୁଙ୍କ କଷଟି ପାଷାଣ
ପରଶନ୍ତି ତହିଁ ନରହୃଦ ଟାଣ ।'

ମାତୃଜାତି ଚେଷ୍ଟା କଲେ ଏହି ବିପଦରୁ ନିଜକୁ ଉଦ୍ଧାର କରିପାରିବ । ଅମା ଅନ୍ଧାରରୁ ଆଲୋକର ଜନ୍ମ । ଆଜି ସମୟ ଆସିଛି ମାଆମାନେ ନିଜକୁ ଅବଳା ଦୁର୍ବଳା ବୋଲି ନ ଭାବି, ଶକ୍ତିର ପ୍ରତିକ ମାଁ ଦୁର୍ଗା ବୋଲି ଭାବନ୍ତୁ । ମାତୃଜାତି ସଂଗଠିତ ହୋଇ ସଚେତନ ହୋଇ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରନ୍ତୁ । ସମସ୍ତେ ଶିକ୍ଷିତ ଓ ସଂସ୍କାରିକ ହୁଅନ୍ତୁ । ଆଜି ଧୀରେ ଧୀରେ ସମାଜର ପରିବର୍ତ୍ତନର ହାୱା ବହିବାରେ ଲାଗିଲାଣି, ସରକାର ମଧ୍ୟ ନାରୀ ଜାତିକୁ ସାମାଜିକ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଆଇନ ବାହାର କଲେଣି । ସର୍ବତ୍ର ନାରୀ ଜାଗରଣ ଅଙ୍କୁରିତ ହୋଇ ଶାଖା ପ୍ରଶାଖା ମେଲି ବୃଦ୍ଧିପାଇବାରେ ଲାଗିଛି । ଆଉ ନିରାଶ ନହୋଇ ମାଆ ମାନେ ସଚେତନା ହୋଇ ନିଜର ଅଧିକାର ଓ କର୍ତ୍ତବ୍ୟ କଥା ଚିନ୍ତା କରନ୍ତୁ ଓ ସେଇ ଅନୁସାରେ ଆଗେଇ ଚାଲନ୍ତୁ ସୁଖ ଦିନ ନିଶ୍ଚୟ ଆସିବ । ଆମର କୁବେର ସମାଜରେ ମାତୃଜାତିର ଉନ୍ନତି ପାଇଁ ମାତୃମଞ୍ଚ ଗଠିତ ହୋଇଛି । ମାଆମାନେ ସାଇସ୍ତରରୁ ଏଥିରେ ସମ୍ମିଳିତ ହୋଇ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗନେଇ ନିଜର ମାନସମ୍ମାନ ବୃଦ୍ଧିରେ ନିଜେ ସହାୟକ ହୁଅନ୍ତୁ ।

**ମାର୍ଫତ୍ - ଡ଼ାଃ ଶିବଶଙ୍କର ସାହୁ,**
**ପାଇକମାଲ, ବରଗଡ଼**


ଶୁଭେଚ୍ଛା ସହ



# ଗନ୍ଧମାର୍ଦ୍ଦନ ପାରମ୍ପରିକ ବୈଦ୍ୟ
**ଆୟୁର୍ବେଦ ଚିକିତ୍ସକ: ବିରେନ୍ଦ୍ର କୁମାର ସାହୁ**
**ଧଣ୍ଡାମୁଣ୍ଡା, ମୋ: ୯୫୫୬୬୩୫୫୯୧**



*With best compliments from*





**Debendra Kumar Sahu**

# GAYATRI

## CYCLE & ELECTRICALS

**Dhandamunda, Balangir - 767028**

Cell. 9777263494



# ନାରୀ ଓ ସମାଜ

ଶ୍ରୀମତୀ ଜ୍ୟୋତିର୍ମୟୀ ସାହୁ

ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜରେହିଁ ତାକୁ ସାରାଜୀବନ ବଞ୍ଚିବାକୁ ହୋଇଥାଏ । ମଣିଷ ସମାଜ ହେଉଛି ମଣିଷଦ୍ୱାରା ମଣିଷଙ୍କର ଓ ମଣିଷମାନଙ୍କ ପାଇଁ ଗଠିତ ଏକ ଅନୁଷ୍ଠାନ । ଉଭୟ ପୁରୁଷ ଓ ସ୍ତ୍ରୀ ସମାଜରେ ଗୋଟିଏ ଗୋଟିଏ ଘଟକ ଅଟନ୍ତି । ଏକ ସୁସ୍ଥ ତଥା ବିକଶିତ ସମାଜ ଗଠନ କରିବାରେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କ ଭୂମିକା ରହିଛି । ବରଂ ପୁରୁଷଠାରୁ ସ୍ତ୍ରୀ ର ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟେ ।

ସାମାଜିକ ଜୀବନ ଆରମ୍ଭ ହୁଏ ପରିବାରରୁ । ପରିବାରର ସଦସ୍ୟସଦସ୍ୟାମାନଙ୍କ ମଧ୍ୟରେ ସମନ୍ୱୟ, ସହଯୋଗ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର ହିଁ ହେଉଛି ସାମାଜିକ ଜୀବନର ପ୍ରାଥମିକ ଅବସ୍ଥା । ପରିବାରରେ ନାରୀର ସ୍ଥାନ ଉଚ୍ଚରେ । ସେ ହେଉଛି ପରିବାରର ପରିଚାଳକ । ସେ ଯେମିତି ରହିବେ ପରିବାର ସେମିତି ପରିଚାଳିତ ହେବ । ସେ ହେଉଛି ପରିବାରର କେନ୍ଦ୍ରବିନ୍ଦୁ । କହିବାକୁ ଗଲେ 'Mother is the pivot round which all the family reovolves' ଅର୍ଥାତ୍ ମାଆରୂପୀ ଅକ୍ଷର ଚତୁର୍ଦ୍ଦିଗରେ ପରିବାରରୂପୀ ଚକ ଘୁରିବାକୁ ବାଧ୍ୟ, ମାଆ ହେଉଛି ପରିବାରର ପ୍ରେରଣାର ଉତ୍ସ । ସେ ପରିବାରରେ କନ୍ୟା, ଭଗିନୀ, ଯାୟା, ଜନନୀ ଓ ମାଆ ପରି ଏକ ବହୁରୂପୀ ପ୍ରାଣୀ । ମାତ୍ର ସେଥିମଧ୍ୟରୁ ୨ଟି ରୂପର ପ୍ରାଧାନ୍ୟ ଅତି ଗୁରୁତ୍ୱପୂର୍ଣ୍ଣ । ସେ ଦୁଇଟି ହେଉଛି ଜନନୀ ଓ ମାଆ । ଜନନୀ ସମାଜକୁ ଏକ ସୁସ୍ଥସବଳ ସନ୍ତାନ ଦେଇପାରେ, ପ୍ରତ୍ୟେକ ଜନନୀର ପ୍ରଥମ ଏବଂ ପରମ କର୍ତ୍ତବ୍ୟ ହେଉଛି ଗର୍ଭସ୍ଥ ଶିଶୁ ଯେପରି ଶାରୀରିକ ଦୃଷ୍ଟିରୁ ସମାଜ ଉପଯୋଗୀ ହୋଇପାରିବ । ସେଥିପାଇଁ ଜନନୀକୁ ଗର୍ଭଧାରଣର ଦଶମାସ ତା'ର ଦିନଚର୍ଯ୍ୟାକୁ ସୁସଂହତ ଶୃଙ୍ଖଳିତ କରିବା ସହିତ ଉପଯୁକ୍ତ ଖାଦ୍ୟପାନୀୟ ଗ୍ରହଣକରି ସବୁବେଳେ ମନକୁ ଆନନ୍ଦିତ ରଖିବାକୁ ପଡ଼ିବ । ଜନ୍ମଦାତ୍ରୀ ଯେପରି ଖାଦ୍ୟ ଖାଇବ, ଯେପରି ଚାଲିଚଳନ କରିବ ଛୁଆର ଜୀବନ ସେଇ ଅନୁସାରେ ନିୟନ୍ତିତ ହେବ । ଏଣୁ ଜନ୍ମଦାତ୍ରୀ ମାନଙ୍କୁ ଦଶମାସ ସବୁବେଳେ ସତର୍କତା ଅବଲମ୍ବନ ପୂର୍ବକ ଗର୍ଭସ୍ଥ ଶିଶୁର ସାମଗ୍ରୀକ ବିକାଶ ଉପରେ ଦୃଷ୍ଟିରଖି ସମସ୍ତ କର୍ମ ସଂପାଦନ କରିବାକୁ ପଡ଼ିବ ।

ଗର୍ଭସ୍ଥ ସନ୍ତାନ ଭୂମିଷ୍ଠ ହେବାପରେ ପରେ ପରେ ଆରମ୍ଭ ହୋଇଯାଏ ମାଆର ଭୂମିକା । ଶିଶୁ ସର୍ବଦା ମାଆ ପାଖରେ ରହେ ଓ ମାଆର ଗୁଣାବଳୀ ପରୋକ୍ଷରେ ବା ପ୍ରତ୍ୟକ୍ଷରେ ଗ୍ରହଣ କରେ । ମାଆର ଅଜାଣତରେ ବି ଶିଶୁ ଅନେକ ମାନବିକ ଗୁଣାବଳୀ ତା'ଠାରୁ ଗ୍ରହଣ କରେ । ମାଆର ଦୁଗ୍ଧରୁ ପ୍ରାକୃତିକ ଉପାୟରେ ସ୍ନେହ, ଶ୍ରଦ୍ଧା, ଦୟା, କ୍ଷମା ପ୍ରଭୃତି ବହୁ ମାନବିକ ଗୁଣାବଳୀ ଶିଶୁକୁ ପ୍ରାପ୍ତ ହୋଇଥାଏ । ମାଆମାନେ ସଦାସର୍ବଦା ନିଜର ଚାଲିଚଳନ, କଥାଭାଷାରେ ଶାଳୀନତା ଅବଲମ୍ବନ କରି ତା'ସାମନାରେ କେବେବି ଅଭଦ୍ରୋଚିତ ବ୍ୟବହାର କରିବା ଉଚିତ ନୁହେଁ । କାରଣ ଶିଶୁ ତାହା ସହଜରେ ମାଆଠାରୁ ଗ୍ରହଣ କରିନିଏ ।

ମାଆ ସଦାସର୍ବଦା ଶିଶୁକୁ ସ୍ନେହପୂର୍ଣ୍ଣ ବ୍ୟବହାର କରିବା ଉଚିତ, ସେ ଯେପରି କୌଣସି ଅସାମାଜିକ କାର୍ଯ୍ୟ ନ କରେ, ତାହା ଦେଖିବା ମାଆର କର୍ତ୍ତବ୍ୟ । ମାଆ ଯେ ପରିବାରର ଗଠନରେ ଅହଂ ଭୂମିକା ନିଭାଏ ତାହା ନୁହେଁ । ସମାଜସ୍ତରରେ ମଧ୍ୟ ସେମାନେ ବହୁତ କିଛି କରିପାରିବେ । ଏଥିପାଇଁ ତାର ପ୍ରାଥମିକ ଆବଶ୍ୟକତା ହେଉଛି ଶିକ୍ଷା । ମାଆମାନେ ଶିକ୍ଷିତ ନ ନେଲେ ସମାଜ ଶିକ୍ଷିତ ହେବ ନାହିଁ । ମାଆମାନେ କର୍ତ୍ତବ୍ୟ ସଚେତନ ହେବା ସଙ୍ଗେ ସଙ୍ଗେ ନିଜର ନ୍ୟାର୍ଯ୍ୟ ଅଧିକାର ପ୍ରତି ମଧ୍ୟ ସଚେତନ ହେବାକୁ ପଡ଼ିବ ।

ଆମ ସମାଜ ହେଉଛି ପୁରୁଷ ପ୍ରଧାନ ସମାଜ । ସମାଜରେ ନାରୀ ଅପେକ୍ଷା ପୁରୁଷକୁ ଅଧିକ ଗୁରୁତ୍ୱ ଦିଆଯାଏ । ପୁତ୍ର ସନ୍ତାନଟିଏ ହେଲେ ପରିବାରଟି ଉତ୍ସବମୁଖର ହୋଇଉଠେ, ମାତ୍ର କନ୍ୟାଟିଏ ହେଲେ ପରିବାରରେ ଦୁଃଖର ଛାୟା ଖେଳିଯାଏ । ଏଥିପାଇଁ ବୋହୁକୁ ନାନା ଅପବାଦ ଓ ଗଞ୍ଜଣା ସହିବାକୁ ପଡ଼େ । ଆଜିକାଲି ଶିଶୁଭ୍ରୁଣ ହତ୍ୟା ଏକ ନିତିଦିନିଆ ଘଟଣାରେ ପରିଣତ ହେଲାଣି । ଯନ୍ତ୍ରଦ୍ୱାରା ଲିଙ୍ଗ ନିରୂପଣ କରି କନ୍ୟା ବୋଲି ଜଣାପଡ଼ିଲେ, ମାଆର ସମ୍ମତିରେ ବା ତାକୁ ବାଧ୍ୟକରି ଗର୍ଭପାତ କରାଯାଉଛି ଓ ଭ୍ରୁଣହତ୍ୟା କରାଯାଉଛି ।

ଦେଖାଯାଉଛି ସମାଜରେ ପୁରୁଷକୁ ନାରୀ ଯେତେଟା ସମ୍ମାନ ଦିଏ, ପୁରୁଷ ସ୍ତ୍ରୀକୁ ସେତିକି ସମ୍ମାନ ବା ସ୍ୱାଧୀନତା ଦିଏନାହିଁ । ଅଧିକାଂଶ କ୍ଷେତ୍ରରେ ପୁରୁଷ ନାରୀର ସ୍ୱାଭିମାନ, ତାର ଅଧିକାର ସଚେତନତା ତାର ସ୍ୱାଧୀନତା, ତାର ମତ ପ୍ରକାଶ କରିବାର ଅଧିକାରକୁ ବରଦାସ୍ତ କରି ପାରନ୍ତିନାହିଁ ।

ମାଆ ବା ନାରୀ ସମାଜ ପାଇଁ ବହୁତ କିଛି ସେବା, ବହୁତ କିଛି ତ୍ୟାଗ କରିପାରେ ମାତ୍ର ସମାଜ ତା'ପାଇଁ କିଛି କରିବାକୁ ପ୍ରସ୍ତୁତ ନୁହେଁ । ଅବଶ୍ୟ ଧୀରେ ଧୀରେ ମାତୃଜାତି ସଚେତନ ଓ ସଂଗଠିତ ହେବାରେ ଲାଗିଲେଣି । ପୂର୍ବର ସ୍ଥିତି ବଦଳିବାରେ ଲାଗିଛି । ସରକାରୀସ୍ତରରେ ମଧ୍ୟ ମାତୃଜାତିର ଉନ୍ନତିପାଇଁ ବିଭିନ୍ନ ଯୋଜନାମାନ କରାଯାଇ ତାଙ୍କର ବିକାଶ ପାଇଁ ଉଦ୍ୟମ କରାଯାଉଛି । ତାଙ୍କର ସାମାଜିକ ସୁରକ୍ଷା ପାଇଁ ମଧ୍ୟ ଅନେକ ନିୟମ କାନୁନ କରାଯାଉଛି । ସୁଖର କଥା ଯେ ଆମର ସାମାଜିକ ସଂଗଠନ, କୁବେର ସମାଜ ମହାସଭା ତରଫରୁ ମହିଳା ଶାଖା ''ମାତୃମଞ୍ଚ'' ଗଠନ କରାଯାଇ ଏ ଦିଗରେ ସଫଳ ଉଦ୍ୟମ କରାଯାଉଛି, ଆଶା ସମାଜର ସମସ୍ତେ ଏଥିରେ ସହଯୋଗ କରି ତାକୁ ସଫଳ କରିବାରେ ପ୍ରୟାସୀ ହେବେ ।

**କାନୁଟ**


*With best compliments from*





Prop: *Kirti Chandra Sahu*

**Cell. 8018215125**

**MAA TARINI JEWELLERS**

**CHAPURIA, KALAHANDI**

ଶୁଭେଚ୍ଛା ସହ



# ମହାଲକ୍ଷ୍ମୀ

## କୃଷିସେବା କେନ୍ଦ୍ର

इंडियनऑयल

IndianOil

**ମାଣ୍ଡୋସିଲ, ବରଗଡ଼, ଓଡ଼ିଶା**

**ପ୍ରୋ: ରୁଦ୍ରପ୍ରକାଶ ସାହୁ (ଯୁବାମଞ୍ଚ ସମ୍ପାଦକ)**

**ମୋ: ୯୯୩୮୩୦୭୧୨୧**

## ସଂସ୍କାର ମୂଳକ ରଚନା

# ଭୂତ୍‌ପେତେନ୍ କେତେ ସତ୍ କେତେ ମିଛ୍

**ସୁଶ୍ରୀ ଅନିତା ସାହୁ, ଶିକ୍ଷା ସହାୟିକା**

ଆମେ ସପ୍ତମ ଶ୍ରେଣୀ ପଢଲା ବେଲ୍‌କେ ଚୂଡ଼ାମଣି ଆଜ୍ଞା ଆମର୍ ହେଡ଼ମାଷ୍ଟର ଥିଲେ । ଆମର୍ ଭିତରେଁ ବସାବାନ୍ଧି ରହିଥିବା ଅନ୍ଧ ବିଶ୍ୱାସକେ ଦୂର୍ କର୍ବାର୍ ଲାଗି ସେ ଆଜ୍ଞା ସବୁବେଲେଁ ଚେଷ୍ଟା କରୁଥିଲେ । ଭୂତ୍‌ପେତେନ୍ ଦେ ଦେବ୍‌ତାକେ ବିଶ୍ୱାସ୍ ନାଇଁ କର୍ବ ବୋଲି କହୁଥିଲେ । ଦିନେ ଆମେ ପିଲା ଟୁକେଲ୍‌ମାନେ ବସିକରି ଭୂତ୍‌ପେତେନ୍ ବାବଦ୍‌ଥିଁ କଥା ହଉଥାଉଁ, କେନ୍ କେନ ଭୂତ୍‌ପେତେନ୍ ଆଉର ଦେବତା ବାହାର୍ସି ବଲି ଆଲୋଚନା କରୁଥାଉଁ । ଆଜ୍ଞା ଆଏଲେ ଆଉ ବଏଲେ ହଏବୋ ପିଲେ, ତୁମର୍ ଭିତ୍‌ରୁଁ କିଏ କିଏ ପେତେନ୍ ଦେଖିଛ କାଏଁ ? କିହେବି ଦେଖିଛୁଁ ବଲି ନାଇଁ କହେଲେ । ଆଜ୍ଞା ବଏଲେ ତୁମେ ତାହା ହେଲେଁ ପେତେନ୍ ଅଛେ ବଲି କେନ୍‌ତା କରିଜାନ୍‌ଲ । ସମସ୍ତେ ବଏଲେ ଅନ୍ୟମାନ୍‌କର ଠାନୁ ଶୁନିକରି ଜାନିଛୁଁ । ଅଜ୍ଞା ବଏଲେ ଯେ କହିଛେ ସେ ବି ନାଇଁ ଦେଖି । ହେନ୍ତା ବଏଲେ କିହେ ନାଇଁ ଦେଖି । ସଭେ ସୁନିକରି ଜାନିଛନ । ଦେଖ ଯେନ୍ କଥାକେ ଆଖିଁ ନାଇଁ ଦେଖିବ ସେଟାକେ ବିଶ୍ୱାସ୍ ନାଇଁ କର୍ବ, ଇଟା ଅନ୍ଧବିଶ୍ୱାସ ଆଏ । ଏନ୍ତା ଅନ୍ଧବିଶ୍ୱାସ କରି କରି ଲୁକେ ଅସୁବିଧାଥିଁ ପଡ଼୍‌ସନ୍ । ଭୂତ୍‌ପେତେନ୍ ସତ୍ ଆଏ କି ମିଛ ଆଏ ଇ ଗୁଟେ ସତ୍ ଘଟଣା ଶୁନ୍‌ଲେଁ ଜାନି ପାର୍ବ । କହୁଛେଁ ଶୁନ ।

ଚୁଡ଼ାମଣୀ ଆଜ୍ଞା ବଏଲେ ଗାଇସିଲେଟ୍ ପାଖେ କଲ୍‌ଗାଁପାଲି ବଲି ସାନ୍ ଗାଁଟେ । ୰ ଆର୍ତ୍ତତ୍ରାଣ ଦାଶ, ବି.ଏସ୍‌ସି., ବି.ଇଡ଼ି ସେନ ରହୁଥିଲେ । ସେ ଆଜ୍ଞା ଗାଏସିଲେଟ ହାଇସ୍କୁଲ୍‌ଥି ବିଜ୍ଞାନ ମାଷ୍ଟର୍ ଥିଲେ । ଦାଶ ଆଜ୍ଞା ଦିନେ ତାହାଁକର ଜୀବନର ଅନୁଭୂତି କହୁଥିଲେ । ଆଜ୍ଞା ଯାହା କହୁଥିଲେ ମୁଇଁ ସେଟାକେ କହୁଛେଁ ଶୁନ । ଦାଶ୍ ଆଜ୍ଞା ଦିନେ ବସ୍‌ଥିଁ ବଲାଙ୍ଗିରନୁଁ ଘରକେ ଫିରୁଥାନ୍ । ଭର୍‌ସୁଜା ପାଶେଁ ବସ୍ ଖରାପ ହେଇଗଲା । ବେଲ୍‌ବୁଡ଼ି ଅନ୍ଧାର ହେଇ ଆସୁଥାଏ । ଗାଏସିଲେଟ୍‌କେ ଆଏବାର ଲାଗି ଆଉର ଗାଡ଼ି ନାଇଁ ଥାଇ । ସେତେ ବେଲେଁ ଏଭର୍ ମେତାନ ମଟର୍ ସାଇକଲ୍ ନାଇଁ ଥାଇ କି ଖବର ଦେବାର ଲାଗି ମୋବାଇଲ୍ ଫୋନ୍ ନାଇଁ ଥାଇ । ଘର୍କେ ଯାଇ ନାଇଁ ହେଲା କି ଖବର୍ ବି ଦେଇ ନେଇଁ ହେଲା, ଆଜ୍ଞା କାଣା କର୍ସନ୍ । ଭର୍ସୁଜା ଗାଁ ଭିତରକେ ଆଏଲେ । ଭର୍ସୁଜାନ ଆଜ୍ଞାକର୍ ପଢ଼ାଲା ପିଲାମାନେ ଥିଲେ । ସେମାନେ ଆସିକରି ଆଜ୍ଞାକର୍ ସାଙ୍ଗେ ଭେଟ୍ ଘାଟ ହେଲେ ଆଉର୍ ଭଲ ମନ୍ଦ ପଚରାଲେ । ଆଜ୍ଞା ବଏଲେ ପିଲେ ମହାଁ ଅଡୁଆ ହେଲା । ବସ୍ ଖରାପ୍ ହେଇଗଲା, ଘର୍କେ ନାଇଁ ଗଲେଁ ଯେ ନାଇଁ ଚଲେ, କେନ୍ତା କର୍ମା । ପିଲାମାନେ ବଏଲେ ଆଜ୍ଞା ରାଏତ୍ ହେଇ ଗଲାନ । ଆପଣ୍ ଏକ୍‌ଲା କେନ୍ତା କରି ଯିବେ ? ଅସୁବିଧା ହେବା । ଆଜ୍ଞା ବଏେଲେ କିଛି ଅସୁବିଧା ନାଇଁ ହୁଏ ପିଲେ । କାଣା ବାଟେ ଚୋରି ଡ଼କାଏତି ହେସି କାଏଁ ? ଆର୍ ମୁଇଁ କେନ୍ ଟଙ୍କା

ପଏସା କି ସୁନା ରୂପା ଧରିଛେଁ ଯେ ମତେ କିଏ ଠେଁଟ୍ ପିଟ୍‌ବା । ପିଲାମାନେ ବଏଲେ ରେର ଡ଼କାଏତ୍ ନାଇଁ ନ ଯେ, .... । ଆଜ୍ଞା ବଏଲେ ଆଉର୍ କାଣା ସେ ବୋ । ପିଲାମାନେ ବଏଲେ ଆଜ୍ଞା, ହେ ଲେବଡ଼ି ନାଲାର ଆମ୍ ବୁରେଇ ଥିଁ ପେତେନ୍ ବାହାର୍ସି । ଆମେ ଜାନି ଜାନି ହେଲେଁ କେନ୍ତାକରି ଏନ୍ତା ବିପଦ୍‌ର୍ ମୁହୁଁକେ ଠେଲିଦେମୁଁ । ଆଜ୍ଞା ବଏଲେ ପିଲେ ଚିନ୍ତା ନି କର । ମତେ ଖାଲି ଟର୍ଚ୍ଚ ଲାଇଟ୍ ଟେ ଆରଉ ଭଲ ସାଏକଲ୍‌ଟେ ଦିଅ । ପିଲାମାନେ ଯେତେ ମନା କଲେଁ ବି ଆଜ୍ଞା ନାଇଁ ମାନ୍‌ଲେ ବେଲକେ ପିଲାମାନେ ଜଲିଆ ମହାଜନ ଘରୁ ଟର୍ଚ୍ଚ ଲାଇଟ୍‌ଟେ ଆଉର ନୂଆ ହମ୍ୱର ସାଇକେଲ୍ ଟେ ଆନିଦେଲେ । ଗାଁର୍ ଝନେ ଦୁଇଝନ୍ ଲୋକ ବି ଆଜ୍ଞାଙ୍କୁ ନେଇଛାଡ଼ମୁଁ ବଏଲେ କିନ୍ତୁ ଆଜ୍ଞା ତାହାଙ୍କୁଁ ମନା କରିଦେଲେ । ଆଉ ଆଜ୍ଞା ସାଇକଲ ବସି କରି ଗିତ୍ ଗାଇ ଗାଇ ଯାଉଥାଁନ୍ । ଯେନ୍ତା ସେ ଲେବଡ଼ି ଜୋର ଖଏଁଡ଼ ପାସକେ ଗଲେକି ସେ ଆମ୍ ବୁରେଇଥିଁ ଦପ୍ କରି ଉକିଆଟେ ଜଲିଗଲା । ଫେର୍ ସାଙ୍ଗେସାଙ୍ଗ୍ ଲିଭିଗଲା । ଆଜ୍ଞା ବଏଲେ, ଆରେ ଇଟା କାଣା ଆଏ । ସତେ ପେତେନ୍ ନୁହେସେ ତ ? ଆଜ୍ଞା ଗଛ୍‌ତଲ୍‌କେ ଯାଇକରି ଦେଖଲେ । ଆମ୍ ଡ଼ାଲ୍‌ଥି ଗୁର୍ଦୁଟେ ଜୁକ୍‌ଜୁକିଆ ପୋକ୍ ବସିଛନ । ଆର ସଭେ ଯେତେବେଲେଁ ତାକର ପଏଁକ୍‌ମାନ୍‌କୁ ମେଲେଇ ଦଉଛନ୍ ଦପ୍ କରି ଉକିଆ ଜଲିଯଉଛେ । ଆର ଯେତେବେଲେଁ ପଏଁକ ମାନକୁ ମୁଜି ଦଉଛନ୍ ଲିଭିଗଲା ମେତାନ୍ ଦିଶୁଛେ । ଧଏନ୍ ବଲବ ଆଜ୍ଞାକର ସାହସ୍‌କେ । ଦୁସ୍‌ରା ଲୋକ ହେଇଥିଲେଁ ଡ଼ରହେଁ ହେନ ନ ମୁର୍‌ଛା ହେଇ ଯାଇଥିତା । ଆଜ୍ଞା ସେନ ଘାଏ ମେତାନ୍ ଠିଆ ହେଲେ ।

କିଛି ସମିଆଁ ପରେଁ ଜୋର ଭିତରର ଜାମ୍ ବୁଟା ଉପରେଁ ବାଏଲ୍ ପଡ଼ିକରି ସର୍ ସର୍ ଆବାଜ ହେଲା । ଆଜ୍ଞା ବଏଲେ ଇଟା ସତେଁ ପେତେନ୍ ବାଏଲ୍ ନାଇଁ ମାର୍ବାର ତ ? ଘଟଣା କାଣା ଜାନ୍‌ବାର ଲାଗିର ଆଜ୍ଞା ଲାଇଟ ମାରି ମାରି ଜୋର୍ ଭିତରକେ ଗଲେ । ଦେଖିଲେ ଛୁଆ ଛୁଆ ଚେରେମାନେ ବାଏଲ୍ ଥି ଉଁଡ଼ଲି ଦଉଛନ୍ ଆଉର୍ ଭୁର୍ କରି ଉଡ଼ି ଯଉଛନ । ଉଡ଼ିଗଲା ବେଲ୍‌କେ ତାହାଁକର ପଏଁକ୍‌ଥି ଲାଗିଥିବାର ବାଏଲ ବିଛି ହଉଛେ ଆଉର୍ ସର୍ କରି ଆବାଜ ହଉଛେ । ଲୁକେ ତାର କାରଣ୍ ନାଇଁ ଜାନିକର ଇଟାକେ ପେତେନ୍ ବାଏଲ୍ ମାର୍ଲା ବଲି କହୁଥିଲେ ।

ଆଜ୍ଞା ସେନ ଠିଆ ହେଇକରି ଇ ଘଟଣା ଉପରେଁ ଭାବୁଛନ୍ କି ଟିକେ ଛାଡ଼ିକରି ଜୋର୍ ଭିତରେଁ ଛୁଆ କାନ୍ଦଲା ମେତାନ ଅଏଁ, ଅଏଁ...ଆବାଜ୍ ହେଲା । ଦାଶ ଆଜ୍ଞା ଭାବ୍‌ଲେ ଆରେ ଭାଇ ଇଟାଫେର୍ କାଣା ଆଏ ? ସତେଁ ପେତେନ୍ ଛୁଆ ନାଇଁ କନ୍ଦାବାର୍ ତ ? ହଉ ଯଉଁ ଦେଖମା ଇଟା ଫେର୍ କାଣା ଆଏ । ବଏଲେ ଆଉ ଯେନ୍ ଆଡୁଁ ସେ ଶବଦ୍ ଆସୁଥିଲା ସେ ଆଡ଼୍‌କେ ଜୋର୍‌ରେ ପଥରଟେ ଫିଙ୍ଗିଦେଲେ । ବୁଦା ଭିତରୁଁ ବଡ଼୍ ଚେରେଟେ ଭୁର କରି ଉଡ଼ି ପଲାଲା ।

ଆଜ୍ଞା ଆଉର ଗୁଟେ ଅଜବ୍ କଥା ଜୋର ଭିତ୍‌ରେଁ ଦେଖଲେ । ବାଏଲ୍ ଗଦାଥିଁ ନୀଲିଆ ରଙ୍ଗର ଉକିଆଟେ ଜଲୁଛେ ଆଉର୍ ଲିଭି ଯଉଛେ । ଏନ୍ତା ବାରମ୍ୱାର ହଉଥାଏ । ଆଜ୍ଞା ଭାବଲେ ଇଟା ଫେର କାଣା ଆଏ ? କେନ୍‌ସି ଅଲୌକିକ କଥା ନୁହେସେ ତ ବୋଲି ଭାବଲେ । ଦାଶ ଆଜ୍ଞା ଜୋର୍ ଭିତର୍‌କେ ସେ ଉକିଆ ପାଖକେ ଗଲେ, ଆରୁ ଦେଖଲେ ଯେ ବାଏଲ୍ ଗଦାଥିଁ ମୁନୁଷ ମୁଁଡ଼ର ଖପରି ହାଡ଼୍‌ଟେ ପଡ଼ିଛେ ଆରୁ ସେଥିଁ ସେ ଉକିଆ ବାହାରୁଛେ । ସେ ନିଜେ ପରୀକ୍ଷା କରି ଜାନିଛନ୍ ଆଉର ଛୁଆମାନକୁ ପଢ଼ଉଛନ୍ ଯେ, ହାଡ଼ୁ ଫସ୍‌ପିନ୍ ବଲି ଗୁଟେ ଗେସ୍ ବାହାର୍ସି । ପବନ୍ ବାଜ୍‌ଲେଁ ସେଟା ନୀଲିଆ ଉକିଆ ଦେଇକରି ଜଲସି । ପବନ ବାଜ୍‌ବାର୍ ବନ୍ଦ୍ ହେଲେଁ ଉକିଆ ବି ବନ୍ଦ ହେଇ ଯାଏସି । ଆମର ଗାଁ ଗଅଁଲିଥି ଖେତ୍ ଖଲା ମାନ୍‌କୁ ରାତିର୍‌ବେଲେଁ ହେନ୍ତା ଉକିଆମାନେ ଦଉଡ଼ିଲା ମେତାନ୍ ଦିସସି । ଲୁକେ ହେଟାକେ ଟଁଢ଼େଇ ଉକିଆ ବଲିକରି କହେସନ୍ । ପ୍ରକୃତ୍‌ରେ ହେଟା ଟଁଢ଼େଇ ନୁହେସେ । ରାତିର ବେଲେଁ କୁଲ୍‌ହିଆ ମାନେ ଚରି ବାହାର୍ସନ୍, ସେମାନେ ହାଡ଼ ମାନେ ଋବିଥିସନ୍ । ସେଟା ତାହାଁକର ମୁହୁଁ ଥି ଲାଗିଥିସି । ଯେତେବେଲେଁ ମୁହଁ ମେଲା କରି ଦୌଡ଼ିସନ୍ ଉକିଆ ଜଲ୍‌ସି ଆର ମୁହୁଁ ବନ୍ଦ କରିଦେଲେଁ ଉକିଆ ଲିଭି ଯାଏସି । ଲୁକେ ତାର କାରଣ୍ ଅନୁସନ୍ଧାନ ନାଇଁ କରି କରି ଟଁଢ଼େଇ ଉକିଆ ବଲିକରି କହେସନ୍ ।

ଆଏଜ୍ ବିଜ୍ଞାନ ବହୁତ ଉନ୍ନତି କଲାନ । ମୁନୁଷ ନାଇଁ ଜାନିଥିବାର ଆଲୋକିକ୍ କାମ୍ ମାନେ କଲାନ । ବିଜ୍ଞାନ ବଲେଁ ମୁନୁଷ ଚନ୍ଦ୍ରକେ ଗଲାନ । କେନସି ଘଟଣାଟେ ଘଟଲେଁ ଆମେ ତାର୍ କାରଣ ନାଇଁ ଖୁଜିକରି ଅନ୍ଧ ଭାବେଁ ଦେବା ଦେବୀ କି ଭୂତ୍ ପେତେନ୍ ହେନ୍ତା କରୁଛନ୍ ବଲିକରି ଭାବ୍ସୁଁ ।

ସେ ଦିନେ ଦାଶ ଆଜ୍ଞା ଯଦି ସେ ସବୁଥିର ରହସ୍ୟ ଉଦ୍‌ଘାଟନ୍ ନାଇଁ କରିଥିତେ ଆମେ ପ୍ରକୃତ କଥା ନାଇଁ ଜାନିପାରି ଥିତାଁ । ଧନ୍ୟ ତାହାଁକର ସତ୍ୟାନୁସନ୍ଧାନର ଆଗ୍ରହକେ, ଆଉର୍ ନିଷ୍ଠାକେ । ଆଉ ତତୋଧିକ ଧଏନ ତାଁକର ନିଡ଼ର ପନିଆଁ କେ । ଯେ ସତ୍ କଥା ଜାନିଥିସି ତାହାକେ ଡ଼ର୍ ଭଏ ବି ନାଇଁ ଲାଗେ । ଆମେ ସତ୍ କଥା ନାଇଁ ଜାନିଥାଉଁ ବଲିକରି ଆମ୍‌କୁ ଡ଼ର ଲାଗ୍‌ସି । ସେତେବେଲେଁ ଆମେ ଯେତକିଲୋକ୍ ଇସ୍କୁଲେଁ ପଢୁଥିଲୁଁ ଇ ଘଟଣା ଶୁନ୍‌ଲା ବେଲୁଁ ଭୂତ୍ ପେତେନ୍ ବାବଦ୍‌ଥି ଆମର ମନ୍ ଭିତରେଁ ବସା ବାନ୍ଧିଥିବାର ଅନ୍ଧବିଶ୍ୱାସ ଦୂର ହେଇଗଲା । ଇଥିର୍ ଲାଗିର୍ ଆମର ପ୍ରାତଃ ସ୍ମରଣୀୟ ସାହୁଆଜ୍ଞା ଆଉର୍ ଦାଶ ଆଜ୍ଞାଙ୍କର ଠାନେ ଆମେ ସବୁଦିନର୍ ଲାଗି ଋଣୀ ହେଇ କରି ରହେମୁଁ । ସେମାନଙ୍କର ପାଦ୍ ତଲେଁ ଭକ୍ତିର ପ୍ରଣତି ଜଣେଇ କରି ରହୁଛୁଁ । ଆଏଜ୍ ଇ କଥା ମନେ ପଡୁଛେ, ଯାହା ନଦେଖିବ ଦୁଇ ନୟନେ, ପରତେ ନଯିବ ଗୁରୁବଚନେ ।

**ରାଜବୋଡ଼ାସମ୍ବର ବ୍ଲକ୍,**
**ଜି- ବରଗଡ଼, ଓଡ଼ିଶା**

*With best compliments from*

# Sunil Digital World

**NUNHAD, BELPADA**

Prop. *Sunil Kumar Sahu*

**Cell. 9937271696 / 9853797941**

***Deals in HD Video Shooting, Photography, Drone Camera, Cren Shoot, Live Telecast in LCD Projector***












*With best compliments from*



Prop. *Prasanta Kumar Sahu*

# SHERAWALI
# *Jewellers*

Deals in: All kind of Gold, Silver Jewellers

**Sunamudi Chowk, Sarmuhan, Patnagarh**

Cell. 9937485623

ସତ୍ୟଘଟଣା ଉପରେ ଆଧାରିତ ହାସ୍ୟରସାତ୍ମକ ରଚନା

# ବୁଢ଼ା ଦଦା ଚ୍ଛଲିଗଲା

ସେବାରାମ ସାହୁ

ବୁଢ଼େନ୍ ଥାନାଥିଁ ବୁଢ଼ାଡ଼ଙ୍ଗର ତଲେଁ ଗାଁ ଟେ । ବେଶୀ ବଡ଼ ଗାଁ ନୁହେସେ । ଦୁଇଟା ୱାର୍ଡ଼ର ଗାଁ । ନା ଟା ତାର୍ ଅନ୍ତର୍ଲା । ସେ ଗାଁଥିଁ କୁମ୍ଭାର ଘରଟେ ରହୁଥିଲେ । ସେ ଘରେ ଅଜା ବୁଢ଼ାର୍ ସାଙ୍ଗେ ନାତି ପର୍ଶୁ ଆଉର ପର୍ଶୁର ମା ବୁଆ ରହୁଥିଲେ । ପର୍ଶୁ ଗଲା ଫଗୁନ୍ ମାସେଁ ଝାରବନ୍ଧ ଥାନାର ଭଏଁଷାଦର୍ହାଥି କାର୍ତ୍ତିକ ରଣାର ଝି ପାର୍ବତୀ କେ ବିହା ହେଇଥିଲା । ଏନ୍ତା ହେଇ ସେ ଘରେଁ ସଭେ ମିଶିକରି ପାଁଚ ପରାନି  ରହୁଥିଲେ । ପାର୍ବତୀ ମେଟ୍ରିକ୍ ପଢ଼ା ଟୁକେଲ ଆଏ । ତାର ଶାଶ ଘରର୍ ଚ୍ଛଲିଚଲନ୍ ତାର ମନ୍‌କେ ନାଇଁ ଆଏଲା । ହେଥିର୍ ଲାଗିର ସେ ତାର ଶାଶ ଘରେଁ ରହେବାକେ ନାଇଁ ଚ୍ଛହୁଁଥାଇ । ଖରାକେ ତାର ମାଁ ଘର୍କେ ଗଲା ଯେ ଆଉ ନାଇଁ ଫିର୍ଲାନ । ପର୍ଶୁର ମାଆବୁଆ ସେ ଟୁକେଲ୍‌କେ ଆନ୍‌ବାକେ ଗଲେ । ଥରେ ନୁହେଁ ସେ ଦୁଇ ତିନ୍‌ଥର୍ ଗଲେ । ତାହାକେ ଯେତେ ବୁଝେଇ କରି କହେଲେଁ ବି ନାଇଁ ଆଏଲା । ମୁଇଁ ତୁମର୍ ଘର୍‌କେ ଆଉର୍ ନାଇଁ ଯାଏଁ ବଏଲା । ଦିନେ ପର୍ଶୁର ଅଜାବୁଢ଼ା ନିଜେ ବି ଗଲା । ଘର ଯାକରକେ ବସେଇକରି ବୁଝେଇ ସୁଝେଇ କରି କହେଲା – ତାର ମାଆ ବୁଆ ଯିବା ହେଲେଁ ବଲୁଥିଲେ । ସେ ଟୁକେଲ ବିଲ୍‌କୁଲ୍ ନାଇଁ ଯାଏଁ ବଏଲା । ଯେତେ କହେଲେଁ ବି ଘୁମ୍ ନାଇଁ ଖାଏଲା । ବୁଢ଼ା ଶେଷକେ ବିରକ୍ତ ହେଇକରି ଫିରି ଆଏଲା । ଆଏଲା ବେଲ୍‌କେ ଲଭଡ଼ିଦର୍ହା ଗାଡ଼ି ପଲେଇ ଆସି ଥାଏନ । ଘର୍କେ ଆଏବାକେ ଆଉ ଗାଡ଼ି ନାଇଁ ଥାଇ, ବୁଢ଼ା ଆରୁ କାଣା କର୍ସି । ପଦମପୁର ବାଟେଁ ଚ୍ଛଲିଶ କିଲୋମିଟର ବାଟ ଚ୍ଛଲି ଚ୍ଛଲି ଘର୍କେ ଆଏଲା । ତାର ପରେଁ... ।

ପର୍ଶୁ ବୁଢ଼ାର ଫିରବାର ବାଟ୍‌କେ ଟାକିକରି ରହିଥିଲା । ବୁଢ଼ା କେତେ ବେଲେଁ ନାଇଁ ଫିରବାର ଶେଷକେ ସଂଜବେଲ୍‌କେ ବୁଢ଼ା ଘର୍କେ ଆଏଲା । ପର୍ଶୁ ବୁଢ଼ାକେ ପଚ୍ଛର୍ଲା ଦଦା କେନ୍ତା ହେଲାସେ ଆଉର ତୋର ନାଏତ୍‌ବହ କେନ୍ତା କଲା ? ବୁଢ଼ା ବଏଲା ଛାଡ଼୍, ଛାଡ଼୍, ଛାଡ଼୍ ତୋର ମାଁ ବୁଆ କାଣା ଦେଖିକରି ହେନ କନିଆଁ କରିଥିଲେ ଯେ କେଜାନେ । ମୁଇଁ ଯେତେ ବୁଝେଇ କରି କହିଲିଁ ସେ କାଣା ବୁଝଲା ବଲୁଛୁ । ବିଲ୍‌କୁଲ୍ ନାଇଁ ବଏଲା । ନାଇଁ ପଦ୍‌କେ ଉଷୋନି । ଶେଷକେ ମୁଇଁ ନିରାଶ ହେଇକରି ପଲେଇ ଆଏଲିଁ । ଆର୍ ଦୁଃଖର୍ କଥା କାଣା ଦେଖବୁ । ଆଏଲିଁ ବେଲ୍‌କେ ଇଆଡ଼େ ମଟର୍ ପଲେଇ ଆଇଛେ । ତୋର ଶାଶ୍ ଘର ଗାଁ ନୁ ଆମର ଗାଁ ତକ୍ ଚ୍ଛଲିଶ କିଲୋମିଟର ବାଟ୍ ଇ ବୁଢ଼ା ବଏସେଁ ମତେ ଚ୍ଛଲ୍‌ବାର୍‌କେ ପଡ଼ଲାରେ ନାତି । ନିକହନ ଯେନ୍ ଦୁଖ୍‌ଯେ । ଛାଡ଼୍ ଛାଡ଼୍ ଏନ୍ତା ମାଏଝିକେ..... ।

ଆର ଗୁଟେ ପଛେ କେନ ଦେଖୁଁ । ଆର୍ ହେତାକେ ନାଇଁ ଆନୁନ । ପର୍ଶୁ ବଏଲା, ଦଦା ମୁଇଁ ହେତାକେ ଛାଡ଼ିକରି ଆଉର ଉନ୍‌ଝା ମାଏଝି ବିହା ନାଇଁ ହୁଏଁ । ଯାହା ହଉ ମେଟ୍ରିକ୍‌ଟେ ପଢ଼ିଛେ । କିଛି ନାଇଁ ହେଲେଁ ଅଙ୍ଗେନ୍‌ବାଡ଼ି ମାଷ୍ଟ୍ରେନ୍‌ଟେ ତ ହେବା । ହେଲେ ତାର ଗୁରି ତକ୍‌ତକ୍ ଚେହେରା କେ ମୁଇଁ ଚେଷ୍ଟା କଲେଁ ବି ନାଇଁ ପାଶ୍ରି ପାର୍ବର ଦଦା । ବୁଢ଼ା ବଏଲା, ଦେଖ ସିନେ ଭାଇ । ତୁଇଁ ଯେନ୍ତା କର୍ବୁ କର, ମୁଇଁ ଆର ତାର କଥା ବିଲ୍‌କୁଲ ନାଇଁ ଜାନେଁ । ପର୍ଶୁ ବଏଲା ଦଦା ମୁଇଁ ଇ ଥରକର୍ ଲାଗିର ଯାଏସିଁ ଆଉର ଶେଷ ଚେଷ୍ଟା କରି ଦେଖିମିଁ । ନି ହେଲେଁ ପଛେ ଯେନ୍ତା କର୍ବାର୍

କଥା କର୍ମା ।

ପର୍ଶୁ ତାର ଶାଶ୍ ଘର୍କେ ଗଲା ତାର ମାଇକିନିଆଁ ଦେଖା ନାଇଁ ଦେଲା କି କଥା ନାଇଁ ହେଲା । ପର୍ଶୁ ତାର ଶାଶ୍ ଶଶୁର୍ନ ଯୁହାର୍ ଭେଟ୍ ହେଲା । ଯେତେବେଲେଁ ତାର ଶାଶ ଶଶୁର ଭଲମନ୍ଦ ପଋର୍ଲେ ପର୍ଶୁ ଗୁଟେ ହୁସିଆରି କଲା । ସେ ବଏଲା ନାଁଇଁ କହନ ମାଁ, ନାଇଁ କହନ ବୁଆ । ବଡ଼ା ଦୁଖର କଥା ବଏଲା ଆଉର୍ ଭୋ ଭୋ କାନ୍ଦି ପକାଲା । ତାର୍ ଶାଶ୍ ଶଶୁର ତାର ପାଶ୍‌କେ ଦଉଡ଼ି ଆଏଲେ । ଆଉର କାଣା ହେଲା ବଲି ପଋର୍ଲେ । ପର୍ଶୁ ବଡ଼ା କଷ୍ଟେଁ ବଏଲା କାଣା ଆଉର୍ କହେମିଗୋ । ଗଲା ଗୁର୍ବାର ଦିନେ ମୋର ବୁଢ଼ାଦଦା ଋଲିଗଲା । ତାର ଶାଶ୍ଁ ଶଶୁର ବଏଲେ ଇହେ ବୁଆ, ବୁଢ଼ାତ ହେ ଗୁର୍ବାରଦିନେ ଇନୁ ଯାଇଛନ୍ । ଆଉର୍ କାଣା ହେଲା ? ପର୍ଶୁ ବଏଲା ହେଟା ତଗୋ ହେ ଦିନେ ବୁଢ଼ା ଋଲିଗଲା । ହେଥିର୍‌ଲାଗି ତ ମୁଇଁ ଆଏଲିଁ । ନି ହେଲେଁ ନାଁଇଁ ଆସିଥିତିଁ । ଇ ଘାଏକର ଲାଗି ତୁମର ଝି ମୋର୍ ସଙ୍ଗେ ଯଉ । ହଉସିନେ, ଏନ୍ତା କଥାଥି ଆଉର ରାଗ୍ ରିଶ୍ଚି ହେଲେ ଚଲ୍‌ବା କାଏଁ, ନନୀ ଇଥରର୍କ ଯେନ୍ତା ହେଲେଁ ବି ତୁମର୍ ସାଙ୍ଗେ ଯିବା, ଆଉର କିଛି ଅସୁବିଧା କର୍ବ ବଏଲେଁ ଆମେ ଗଲେଁ ବୁଝମୁଁ । ଆଉର୍ ଆନି ପଲାମୁଁ ଯେ, ଆର୍ କେଭେଁ ନାଇଁ ଯାଇ ଦଉନ । ବୁଢ଼ାବୁଢ଼ୀ ତାକର୍ ଟୁକେଲ୍‌କେ ଡ଼ାକିକରି କହେଲେ 'ଏ ନନୀ ଇଆଡ଼କେ ଆତ ପୁତା ! ତୋର ଅଜା ଶଶୁର ପରେ ଗଲା ଗୁର୍‌ବାର ଦିନେ ଋଲିଗଲେ, କେଡ଼େ ଭଲ୍ ଲୋକ୍‌ଟେ ଥିଲେ ଆର କେଡ଼େ ବଡ଼ କଥାଟେ ଘଟିଗଲା । ଏନ୍ତା କଥାଥିଁ ନାଇଁ ଗଲେଁ ଲୁକେ ଆମକୁଁ କାଣା ବଲବେ, ଯାହା ହେଇଛେ ଛାଡ଼୍ ସେ ଗଲା କଁଥାକେ, ଇଥର୍‌କର ଲାଗିର ତୁଇ ଯାଆ । କପଡ଼ା ଲତା ଦେଇକରି ସେମାନେ ତାହାଁକର ଝି କେ ବଟାଲେଁ । ପର୍ଶୁ ଭୁଆସେନ୍‌କେ ଆନିକରି ଘର୍କେ ଆଏଲା । ଯେନ୍ତା ଘରର ବାଟ୍ ମୁହୁଁକେ ଆଏଲେ କି ଦେଖିଲେ ଯେ ଅଜା ବୁଢ଼ା ବାଟ୍ ମୁହେଁ ବସିକରି ଗୁନ୍ ଧରୁଛେ । ଭୁଆସେନ୍ ତାର ଅଜା ବୁଢ଼ା ସାଙ୍ଗେ ଜୁହାର ଭେଟ ନି ହେଇକରି ତାହାକେ ଦେଖିକରି ଭୁତ୍ ଭୁତ୍ ବଲିକରି ଗଗାନି କାଏଁ ।

କାଣା ହେଲାରେ ବଲିକରି ଅଜାବୁଢ଼ା ତାର୍ ପାଶକେ ଗଲା ବେଲ୍‌କେ ଟୁକେଲ ଆର୍ ଗଗେଇ କରି ପଲାନିକାଏଁ । ପର୍ଶୁ ଇ ସବୁ ଦେଖିକରି କିଛି ନିଜାନ୍‌ଲା ମେଟାନ ମୁଲ୍ ମୁଲ୍ ହସୁଥାଏ । ଭୁଆସେନ୍ ପର୍ଶୁକେ ଡ଼ାଁଟି କରି କହେଲା । ହଏଗୋ ତୁମେ ଏଡ଼୍‌କି ଅସିଡିଆ ଆଏ ଅଜାବୁଢ଼ା ଗଲା ଗୁର୍‌ବାର୍‌ଦିନେ କାଣା ହେଇଛେ ବଏଲ ଆଉର୍ ଦେଖିଲା ବେଲ୍‌କେ ବୁଢ଼ା ବଁଚିଛନ । ବୁଢ଼ା ବାଁଡ଼ିକେ ତଲେଁ କେଚ୍‌ରେଇ କରି ଜୋର ରାଗିକରି କହେଲା । ହଏରେ ନିର୍ବୁଦ୍ଧିଆ ମୁରୁଖ । ତୁଇଁ ହେଲେଁ ମତେ ଜୀଇଁ ଥଉନ୍ ଥଉନ୍ ମରିଗଲା ବଏଲୁରେ । ଛାର ମାଏଝିର୍ ଲାଗିର ତୁଇଁ ହେଲେ ମତେ ମାରି ଦେଲୁ କାଏଁରେ । ମାଏଝିମୁହାଁ ପର୍ଶୁ । ପର୍ଶୁ ବଏଲା ନାଇଁ ଦଦା ମୁଇଁ କେନ ହେନ୍ତା ବଏଲିଁ । ମୁଇଁ ତ ତତେ ମରିଗଲା ବଲି ନାଇଁ କହି । ତୋର ନାଏତ୍ ବହ ବୁଝବାର ଭୁଲ୍‌ଆଏ । ମତେ ଉଲ୍‌ଟା କାଣା ଦୋଷ ଦଉଛଗୋ । ମୋର ମାଆଁ ବୁଆର୍ ଆଗେଁ ହେଦିନ ତୁମେ କାଣା ବଏଲ ? ମୁଇଁ କାଣା ନାଇଁ ଶୁନି ବଲୁଛ ? ଗୁର୍‌ବାର ଦିନେ ମୋର ବୁଢ଼ାଦଦା ଋଲିଗଲା ନାଇଁ ବଲିଗୋ ? ଆର୍ ଇହାଦେ ନାଇଁ କହି ବଲୁଛୁ । ଅଜାବୁଢ଼ା ଯେ ରାଗେଁ କଡ଼୍‌କଡ଼େଇ ଯଉଛେ । ପର୍ଶୁକେ ଗାଲି ଦଉଛେ । ପର୍ଶୁ ବଏଲା ନାଇଁ ଦଦା । ମୁଇଁ ତ ତତେ ମରିଗଲା ବଲି ନାଇଁ କହି । ଇତାକର କଥା ଶୁନିକରି ପରା ପାଟ୍‌କର ସଭେ ଜମା ହେଇଗଲେ । ପର୍ଶୁ ବଏଲା ଦେଖ୍ ଦଦା ମୁଇଁ ଟିକେବି ଅସତ୍ ନାଇଁ କହି । ମୁଇଁ ଖାଲି କହେଲିଁ ମୋର ଦଦା ଗୁର୍‌ବାର୍ ଦିନ ଋଲିଗଲା ବଲି କରି । ବୁଢ଼ା ବଏଲା । ଶଲା ମୁରୁଖ ! ତୋର ମୁଣ୍ଡ୍ ବଏଲୁ । ହଏରେ ନିର୍ବୁଦ୍ଧିଆ ହେଟା ଫେର୍ କାଣା ଆଏ । ପର୍ଶୁ ବଏଲା ଦଦା ତୁଇଁ ହେଦିନ ମଟର ନାଇଁ ପାଇ ଯେ ଋଲି କରି ଆଏଲିଁ ବଏଲୁ କିନି ? ବୁଢ଼ା ବଏଲା ହଁ ତ, ମୁଇଁ ସତେ ତ ଋଲିକରି ଆଏଲିଁ, ମୁଇଁ ଯେନ୍ତା ଲଉଡ଼ିଦର୍ହା ଷ୍ଟେସନ୍‌କେ ଆଏଲିଁ କି ମଟର ଛୁ । ମୁଇଁ ଆରୁ କାଣା କର୍ତି, ଋଲିଋଲି ଘର୍କେ ଆଏଲି । ପର୍ଶୁ ବଏଲା ହଁ ତ ମୁଇଁ ମୋର ଅଜା ଋଲିଗଲା ବଲି କହେଲିଁ । ମୁଇଁ ମରିଗଲା ବଲି ନାଇଁ କହି । ତୁମର୍ ମାନ୍‌କର ବୁଝ୍‌ବାରଟା ଭୁଲ ଆଏ । ସେନ ଯେତେ ଲୋକ ଥିଲେ ହଁସି ହଁସି ଖିଲଖିଲେଇ ଗଲେ । ପର୍ଶୁର ମାଏକିନିଆଁ ଆଉର୍ ତାର୍ ଦଦା ବି ହଁସି ହଁସି ବେଦମ୍ । ପର୍ଶୁର ଅକଲ ମନ୍ଦିକେ ସଭେ ତାରିଫ୍ କଲେ । ସେ ଭୁଆସେନ୍ ବି ସେଦିନୁ ଘରଦୁଆର କରି କରି ଗୁହୁଡ଼େ ପୁଓ ଝି ଆରୁ ନାତି ନାତେନ୍ ଧରିକରି ସୁଖେଁ ଅଛେ ।

**ଡିଲେଇମାଲ, ଘେଁସ, ବରଗଡ଼**

*With best compliments from*



# PRAKASH
## ELECTRICAL & HARDWARE

**Near Daily Market, Sindhekela**

*Prakash Kumar Sahu*
Cell. 7750813586

*Pramod Kumar Sahu*
Cell. 9438380541

# ଜୀବନ୍

ଦିନେଶ କୁମାର ସାହୁ

ଶରୀର୍ ଆମର ତିଆର୍ ହେଇଛେ,
    ପାଁଚଟା ଜିନିଷକେ ନେଇ,
ଭଗ୍‌ବାନ୍ ତାହାକେ ଜୀବନ୍ ଦେଇଛନ୍
    ମୁନୁଷଟେ କରିଦେଇ । (୧)
ବସିକରି ଘାଏ ଭାବ୍‌ଲେଁ ଆମେ
    ଜାନ୍‌ମା ଜିବ୍‌ନର କଥା ।
ଜୀବନ୍‌ଟା ଆମର କେଡ଼େ ଦୁର୍‌ଲଭ୍
    ଭାବଲେଁ ଘୁରସି ମଥା ।
ହାତେଁ ଧରିକରି ବିଡ଼ି ସିଗ୍‌ରେଟ୍
    ପିଉ ଥିସନ ଛାଁକେ ଛାଁକେ
ସକାଲ ପାଏଲେଁ ପିଇ ଦଉଛନ୍
    ନିଶାଦରବ୍ କେତେ କେତେ ।
ଲାଭ୍ ନାଇଁ କି ଲବ୍‌ଦି ନାଇଁନ
    ଏନ୍ତା ଧନ୍ଦା କରି
ଇଜତ୍ ସାଙ୍ଗେ ଦୁର୍ଲଭ୍ ଜୀବନ୍
    କେତେବେଲେଁ ଯିବା ସରି ।
ମୁନୁଷ ଜନମ୍ ପାଇଛୁଁ ଆମେଁ
    ଏନ୍ତା କରମ୍ କର୍ମା
ନିଜର ନାଁ ରଖବାର ସାଙ୍ଗେ
    ସମାଜର ନା ରଖମା ।
ସେବା ବଲିକରି ନାମ୍‌ଟେ ଅଛେ
    ମୁନୁଷ ଜନମ୍ ଲାଗିର୍
ଗରିବ୍ ଦୁଖୀର୍ ସେବା କଲେ
    ଦୁନିଆଁ କର୍‌ବା ଖାତିର୍ ।
କର୍ତ୍ତବ୍ୟରୂପୀ ଘି'ଥି ଆମର୍
    ଜୀବନ୍ ଦୀପ କେ ଜଲାମା
ତେବେ ଯାଇକରି ଦୁନିଆଥି ଆମର
    ଜୀବନ୍‌କେ ସାର୍ଥକ କରମା ।

**ସୀମା ସୁରକ୍ଷା କର୍ମୀ, ଆସାମ**

# ଦାରୁବ୍ରହ୍ମ ମହିମା

ମିଲନ କୁମାର ସାହୁ



ଆମର୍ ଆଜ୍ଞା କହି ଦେଇଛନ୍
    ଗଛ ନାଇଁ କାଟ୍‌ବ ବଲି ।
ମନା କଲେଁ କେନ୍ତା ଗୋ ବୁଆ ଉଲ୍‌ଟା ଦେଶୁ ଗାଲି ॥
ଗଛ ଦଉଛେ ଅରନ୍ ବସ୍ତର ଆର ଦଉଛେ ପବନ୍
ଯେନ୍ ପବନ୍ ନାଇଁ ହେଲେଁ ନାଇଁ ରହେ ଜୀବନ୍ ॥
ଗଛର୍ ବିନା ଦୁନିଆଁ ଥି କିହେ ନାଇଁ ପାରନ୍ ଚଲି
ଗଛ ଦେଇକରି ଉଷୋ କଷା ରଖୁଛେ ଆମର୍ ଜୀବନ୍
ଗଛର ଲାଗିର ବର୍ଷା ହେସି କେନ୍ତା ନାଇଁ ଜାନ ।
ଗଛ୍ ନାଇଁ ଥିଲେଁ ମାଏଟ କେଭୁଁ ଯାଏତାନ ଉହୁଲି ।
ଘରେଁ ଦୁଆରେଁ ଲାଗସି ଗଛ କେତେ କାଣା ହଉଛେ
ଖଟ ପଲଁକ୍ ଚଉକି ଟେବୁଲ ଗନ୍‌ତି କିଏ କରୁଛେ ॥
କାଠ୍ ଖଁଡ଼େ ନାଇଁ ହେଲେ ଚୁଲିଲ୍ ନାଇଁ ପାରେ ଜଲି
ଗଛର ଗୁନ୍ କେତେ ଗାଏମିଁ ଆଉର ନାଇଁ ପାରେନ
ଇ ଗଛ୍‌ଥିଁ ତିଆରି ହେଇଛନ୍ ଜଗନ୍ନାଥ ଭଗବାନ ॥
ଜୁହାର ଜୁହାର ଦାରୁବ୍ରହ୍ମ ଘେନ ମୋର ଅଲି
ଖେତ୍ ବାଡ଼ିଥିଁ ଗଛ ଜଗେଇ କରି ତାର ଯତନ ନେମାଁ
ଆମେ ନିଜେ ବଁଚିକରି ଦୁନିଆଁକେ ବଁଚାମା ।
ଧରତୀ ମାତା ଶାଗୁଆ ହେଲେ ସୁଖେଁ ପାର୍ମା ଚଲି ।

**ଜି.ଓ.-୪**
**ରିଲାଏନ୍ସ ଇଣ୍ଡଷ୍ଟି, ନଭି ମୁମ୍ବାଇ**

# କୁବେର ଐତିହ୍ୟର ସିଂହାବଲୋକନ



ଚୂଡ଼ାମଣୀ ସାହୁ

ଧନାଧ୍ୟକ୍ଷାୟ ଦେବାୟ ନରଯାନୋ ପବେଶିନେ
ନମସ୍ତେ ରାଜରାଜାୟ କୁବେରାୟ ମହାସନେ ॥

ନନ୍ଦିଘୋଷ ତୋର ...... ବୃତ୍ତେ ।
ଧନାଧ୍ୟକ୍ଷ ଆହେ କୁବେର ଦେବ
ଘେନ ହେ ନମନ ।
ତୁମରି ଦାୟାଦ ଆମ୍ଭେ ସର୍ବେ ମିଶି,
କରୁଁ ତୁମ୍ଭ ଜୟଗାନ । କୁବେର ହୋ
ଆମେ ଅଟୁଁ ସାହୁ ଆମେ ସାହୁକାର
ଆମେ ତ ଅଟୁଁ ହେ ଜ୍ୟେଷ୍ଠୀ ।
ବଣିଜ ବେପାର କରିବାରୁ ଆମେ
ସୌଦାଗର ଆଉ ଶ୍ରେଷ୍ଠୀ ।
କୁବେର କୁଳରେ ଜନମ ଲଭିଣ
ହୋଇଅଛୁଁ ଆମେ ଧନ୍ୟ । (୧)
ଐତିହ୍ୟ ସମ୍ପନ୍ନ ଆମ୍ଭ ଏ ସମାଜ
ଅର୍ଜିଲା ଅକ୍ଷୟ କୀର୍ତ୍ତି ।
ନଉ ବାଣିଜ୍ୟରେ ଯାଇ ଦୂର ପ୍ରାଚ୍ୟେଁ
ଆଣିଲା ବହୁ ସମ୍ପତ୍ତି ।
ନହୋଇ କୃପଣ କରି ଧନଦାନ,
କରିଲା ରାଷ୍ଟ୍ର ନିର୍ମାଣ । (୨)
ଦେଶ ବିଦେଶରେ କରିଲା ପ୍ରଚାର
ଜଗନ୍ନାଥ ସଂସ୍କୃତିର ।
ଦୈବୀ ଦୁର୍ବିପାକ ସମୟରେ ସେତ
ସାହା ହେଲା ପ୍ରଜାଙ୍କର ।
ମନ୍ଦିର ନିର୍ମାଣ କରାଇ ସେ ପୁଣ
କରିଲା ପୁଣ୍ୟ ଅର୍ଜନ । (୩)
ସ୍ୱପ୍ନ ପରି ସବୁ ଅତୀତ ଗୌରବ
ହୋଇଯାଇ ଅଛି ଦୂର ।
ଭାବିଲେ ସେ ସବୁ ମନ ମଧ୍ୟେ ଆମ୍ଭ
ଜାତ ହୁଏ ଭାବାନ୍ତର ।
ହୁଅ ହେ ସହାୟ କୁବେର ଦେବତା
ଫେରିଆସୁ ସେ ସୁଦିନ । (୪)
ଆମ୍ଭ ଏ ଜାତିର ଉତ୍‌ଥାନ ନିମନ୍ତେ
ଗଢ଼ି ଜାତି ସଂଗଠନ ।
ଯୁବକ ଯୁବତୀ ବାଳବୃଦ୍ଧ ସର୍ବେ
ହୋଇ କରି ସଚେତନ ।
ଗୌରବ ଉଜ୍ଜ୍ୱଳ ଜାତି ଇତିହାସ
କରିବୁ ପୁନର୍ଲିଖନ । (୫)
ବୋଡ଼ାସମ୍ବରର ପବିତ୍ର ମାଟିରେ
ଡିସେମ୍ବରର ଶେଷରେ
ହୁଏ ଅନୁଷ୍ଠିତ ଜାତି ମହାସଭା
ପଦ୍ମପୁର ନଗରରେ ।
ହରିବୋଲ ହୁଳହୁଳି ଶବଦରେ
କମ୍ପେ ଗଗନ ପବନ । (୬)
ଏ ଶୁଭ ବେଳାରେ ସବୁଜାତିଭାଇ
ହୋଇକରି ଏକମନ ।
ଭେଦଭାବ ଭୁଲି ଭାଇଭାଇ ମିଳି
ଦେଇ ତନମନଧନ ।
ହୋଇ ସଂଗଠିତ ଆବର ଜାଗ୍ରତ ।
ରଖିବା ଜାତିର ମାନ । (୭)

# ସମାଜର ଖେଦ

ଲିଙ୍ଗରାଜ ସାହୁ, ପାଇକମାଲ



ମୁଁ ମଣିଷ
ତଥା କଥିତ ସାମାଜିକ ପ୍ରାଣୀ
ସମାଜରେ ମୋର ଆଦି ଓ ଅନ୍ତ
ତା'ର ସେବା ଯତ୍ନରେ ଆଜି ବପୁବନ୍ତ
ଶିକ୍ଷା ଦୀକ୍ଷା ସଂସ୍କୃତି ସଭ୍ୟତା
ସବୁକିଛି ତା'ର ଦାନ ଯା ପାଇଁ ମୁଁ ହୁଏ ଦିବ୍ୟଦ୍ରଷ୍ଟା
ମୁଁ ବିବେକ
ତୁମକୁ ସତ୍ୟ ଶିବ ସୁନ୍ଦରଙ୍କ ପଥେ
ନେବାରେ ପ୍ରୟତ୍ନ କରେ ନିଜ ସାଧ୍ୟମତେ ।
ସମୟ ବଡ଼ ମୂଲ୍ୟବାନ ଏ କଥା ବି ଜାଣେ
ତଥାପି ସମାଜ ପାଇଁ ସମୟ ଦେବାକୁ ବଖାଣେ ।
ସାଧ୍ୟମତେ ଅର୍ଥଦିଅ, ଶ୍ରମ ଦିଅ,
କରିବାକୁ ସମାଜର ହିତ
ସମାଜ ସତଚେଷ୍ଟିତ ତୁମପାଇଁ
ଗଢ଼ିବାକୁ ଭବ୍ୟ ଭବିଷ୍ୟତ ।
ନା, ମୁଁ ମଣିଷ,
ଦୁର୍ଲଭ ଏ ମଣିଷ ଜୀବନ ସମୟ ମୁଁ ଦେବି ନାହିଁ
ନିଜ ସ୍ୱାର୍ଥେ ବନ୍ଧା ମୁହିଁ କା'ପାଇଁ
ସମୟ ଦେବା ମତେ ଜଣାନାହିଁ ।
କଷ୍ଟୋପାର୍ଜିତ ଧନ ଓ ବିଭବ
ଅନ୍ୟପାଇଁ ଦେବା ସଦା ଅଟେ ଅସମ୍ଭବ
କାହିଁକି ମୁଁ ଦେବି ଅବା କାହାପାଇଁ ଦେବି
ସମାଜଠାରୁ କି ତା'ର ମୂଲ୍ୟ ମୁଁ ପାଇବି ।
ଶ୍ରମପୁଣି ଦେବା ମୋର ନୁହଇ ସମ୍ଭବ
ବନ୍ଧା ମୋ କର୍ମରେ ମୁହିଁ କିଏ ବା ବୁଝିବ ।
ମୁଁ ସମାଜ
ମୋର କ'ଣ ହେବ
ସମୟ ଧନ ଓ ବିଭବ
ତୁମ ଦେଇ ସୃଷ୍ଟି ମୁହି, ତୁମ ପାଇଁ ତୁମ ମାନଙ୍କର
ସ୍ରଷ୍ଟା ତୁମେ, ତୁମେ ନିୟନ୍ତ୍ରକ,
ତୁମେ ହିଁ ମାନକି ମୋହର
ତୁମରି ଏକତା ହିଁ କାମ୍ୟ ମୋର
ଏହା ଚିର ଧ୍ରୁବ
ତୁମପାଇଁ ତୁମେ କିଛି କର
ଯାବାବଳେ ସଂସାରରେ
ମରି ବି ହୋଇବ ତୁମେ ଅଜର ଅମର ।

# ମାତୃମଞ୍ଚ

**ଶ୍ରୀମତୀ ପିଙ୍କି ସାହୁ, ପାଇକମାଲ**



ଘର କୋଣରେ ରହିବା ପାଇଁ
ଜନମ ନୋହୁଁ ନାରୀ ।
ନୋହୁଁ ଖେଳଣା କାହା ହାତର
ନୋହୁଁ କାହା ବଇରୀ ।
ଶିକ୍ଷା ଦୀକ୍ଷା ସଭ୍ୟତାରେ
ଆମେରେ ଆଗୁସାର
ଡ଼ରିବୁ ନାହିଁ ମରିବୁ ପଛେ
ସାହା ଆମ କୁବେର
ଆମରି ହାତେ ମାତୃମଞ୍ଚ
ଗଢ଼ା ସାହି ସାହିରେ
ତାହାରି ଦାନ ଅତୁଳନୀୟ
ଆମରି ଜୀବନରେ ।
ତାହାରି ଆଗେ କହିବା ଆମେ
ଆମରୀ କଥା ବ୍ୟଥା ।
ଆମରି ହାତେ ଲେଖିବା ଦିନେ
ଜାତି ବିଜୟ ଗାଥା ।
ତ୍ୟାପପୂତ ମନୋଭାବରେ
ସମସ୍ତେ ଏକ ହୋଇ
ମାତୃମଞ୍ଚ ନାବକୁ ଆମ
ଆସ ନେବା ଆଗେଇ ।

# ଯୁବାମଞ୍ଚ

**ଦିଲିପ କୁମାର ସାହୁ, ଶିକ୍ଷକ**



ଜାଗହେ କୁବେର ସନ୍ତାନଗଣ
ଜାଗି ଉଠ ଆଜି ତୁମେ ।
ସମାଜର ହିତେ ମନପ୍ରାଣ ଦେଇ
ଲାଗି ପଡ଼ ନାନା କର୍ମେ । (୧)
କେତେ ଦିନ ଆଉ ଚେଇଁ ଶୋଇ ଥିବ
ସମାଜ କର୍ମ ଏଡ଼ାଇ ।
ଏଇ ସେ ସମାଜ ତୁମ ପରିଚୟ
ଜାଣ ହେ କୁବେର ଭାଇ । (୨)
ସମୟ ଆସିଛି ଦାୟିତ୍ୱ ନେବାକୁ
ନ କର ଆଉ ଉପେକ୍ଷା ।
ଏଇ ଘଡ଼ି ସନ୍ଧି ମୁହୂର୍ତ୍ତରେ ତୁମେ
ସମାଜକୁ କର ରକ୍ଷା । (୩)
ବରିଷ୍ଠଙ୍କୁ ଏବେ ଦେଇ ଅବ୍ୟାହତି,
ହୁଅ ତୁମେ ଆଗୁସାର ।
ସମାଜର ବୋଝ କାନ୍ଧରେ କାନ୍ଧେଇ
ସଂଗଠନ ଦୃଢ଼ କର । (୪)
ଯୁବକ ଜାଗିଲେ ସମାଜ ଜାଗିବ,
ଏଇ କଥା ମନେ ରହୁ ।
ମହାସଭା ଠାରୁ ସାଇ ସ୍ତର ଯାଏ,
ଯୁବାମଞ୍ଚ ଗଢ଼ା ହେଉ । (୫)
ନାରୀ ନିର୍ଯ୍ୟାତନା ସହିତରେ ଦୂର
ହେଉ ସବୁ କୁସଂସ୍କାର ।
କର୍ତ୍ତବ୍ୟ କର୍ମରେ ଲାଗିପଡ଼ ଭାଇ
କେହି ନ ରହ ବେକାର ।
ସମାଜର ଏହି ସଂକଳ୍ପକୁ ତୁମେ
ପହଞ୍ଚାଇ ଘର ଘର ।
ସବୁ ଯୁବବନ୍ଧୁ ଲାଗିପଡ଼ି ତାକୁ
କରିବା ଆସ ସାକାର

**ଗ୍ରା/ପୋ.ଅ.- ମହୁଲପାଲି, ଜି-ବରଗଡ଼**



# ଆହ୍ୱାନ

ଦୀପକ କୁମାର ସାହୁ

କୁବେର ଯୁବକ ସମାଜର ଡ଼ାକ
ଶୁଣ ହୋଇ ଏକ ମନହେ ।
ଯେଉଁ ସମାଜରେ ଜନମିଛ ଭାଇ
ହେଜ ମନେ ତାର ଋଣ ହେ
ମାଆ ଆଉ ନିଜର ଜାତି,
ସ୍ୱର୍ଗଠୁଁ ମହାନ ଅଟନ୍ତି ।
ଏଦୁହିଙ୍କ ସେବା କରି ପାରିଲେଟି
ଜୀବନ ହୋଇବ ଧନ୍ୟ ହେ । (୧)
ବହୁ ଆଶା କରି ତୋହର ସମାଜ
କରଇ ତୋତେ ଆହ୍ୱାନହେ,
ବିବେକାନନ୍ଦଙ୍କ ସେ ବିବେକ ବାଣୀ
କରଟିବାରେ ସ୍ମରଣ ହେ ।
ଉଠ ଜାଗ ତେଜ ଆଳସ୍ୟ
ଦୂର କରି ତନ୍ଦ୍ରା ସତତ ।
ସିଂହ ବିକ୍ରମରେ କର୍ତ୍ତବ୍ୟ ପଥରେ
କରଟି ତୁମେ ଗମନହେ । (୨)
ପ୍ରତାପ ଶିବାଜୀ ଭଗତ ନେତାଜୀ
ବିବେକାନନ୍ଦଙ୍କ ଦେଶରେ,
ବହୁ ପୁଣ୍ୟଫଳେ ଜନମିଛ ଭାଇ
ଭଗବାନଙ୍କ ଆଶିଷରେ ।
କରି ତାଙ୍କ ଗୁଣ ସ୍ମରଣ
ଚଳ ସେହି ପଥରେ ପୁଣ ।
ତୁମର ଭବିଷ୍ୟ କୁସୁମିତ କରୁ
ଆଜିର ଏ ଶୁଭଦିନ ହେ । (୩)
ଭାଇ ଭାଇ ମିଳି ଭେଦଭାବ ଭୁଲି,
ସମାଜ ପୁନଃ ନିର୍ମାଣ ହେ,
କରିବାକୁ ଭାଇ ଏକଜୁଟ ହୋଇ
କର ଏହି ଦୃଢ଼ ପଣ ହେ ।
ତ୍ୟାଗ କରି ହୀନ ମନ୍ୟତା ଜପିବାଟି ମନ୍ତ୍ର ଏକତା
ଏକତାର ବଳେ ଏହି ମହୀତଳେ
ଅସାଧ୍ୟ ହୁଏ ସାଧନ ହେ । (୪)
ବୃଦ୍ଧଙ୍କର ଦିନ ଯାଉଛିତ ଚଳି,
ଶିଶୁଙ୍କ ଆସିନି ପାଳିହେ
ସାହା ଭରସାର ଜ୍ୱଳନ୍ତ ପ୍ରତିମା
ତୁମେ ନପଡ଼ ଝାଉଁଳି ହେ ।
ଶୌର୍ଯ୍ୟ ବୀର୍ଯ୍ୟ କରି ସ୍ମରଣ
ଦୃଢ଼େ କର ପଦଚାରଣ,
ସେବା ସଂସ୍କାର ଓ ମୈତ୍ରୀର ପ୍ରତୀକ
ହେଉ ତୁମ୍ଭ ଆଚରଣ ହେ । (୫)

**ହାବିଲଦାର**
**ବି.ଟି.ଆଇ., ବୁର୍ଲା**

# ମୋହର ଶପଥ ଯେତେ

ସୁଶ୍ରୀ ନିକିତା ରୋଜାଲିନ ସାହୁ



ଶୁଣ ସୁଜନେ ମୋହର ଶପଥ ଯେତେ ।
ମନ ଦେଇଣ ପାଠ ମୁ ପଢ଼ିବି ସତେ ।
ନିଜକାମ ନିଜେ ମୁହିଁ କରିବି ଜାଣ
ସୁଜନେ କରିବି ଜାଣ, ସମୟାନୁବର୍ତ୍ତୀ ହୋଇ
ଚଳିବି ପୁଣ ।
ଏହା ମନରେ ରଖିମୁ ଚଳିବି ସତେ ।୦।
ସତକଥା କହିବି ମୁ ଜାଣ ନିରନ୍ତର ।
ଯାଉକି ରହୁ ଜୀବନ ନକରି ଖାତର ।
ନ କରିବି କେଭେଁ ମୁ ହିଁ ଅନ୍ୟାୟ କରମ ।
ସତ୍ୟ ପଥେ ସଦା ମୁହିଁ କରିବି ଗମନ ।
କହିବି ସଦା ବିନୟ ଅମୃତ ବଚନ ।
କାହାରି ମନରେ କଷ୍ଟ ନ ଦେବିଟି ପୁଣ ।
ଗୁରୁଜନଙ୍କୁ ଭକତି କରିବିଟି ମୁହିଁ ।
ସାନ ମାନଙ୍କର ଠାରେ ସ୍ନେହଭାବ ବହି ॥
ଗର୍ବ ଅହଙ୍କାର ସବୁ ମନୁ କରି ଦୂର ।
ସେବିବି ସତତ ପିତା ମାତାଙ୍କ ପୟର ॥
ହିଂସା ଆଚରଣ, ମୁହିଁ କେଭେଁ ନ କରିବି ହେ,
ସମସ୍ତ ପ୍ରାଣୀଙ୍କୁ ମୁହିଁ ନିଜ ପରି ବିଚାରଇ ।
ସମସ୍ତଙ୍କ ଠାରେ ଦୟା ଅହିଂସା ବହିବି ହୋ
ଆହେ ସୁଜ୍ଞଜନ ଏହି ମୋର ପଣ
ଯୋଗ୍ୟ ନାଗରିକ ମୁଁ ହୋଇବି ।
ଦେଶ ଜନନୀ ଓ ଜାତୀୟ ପତାକା
ମସ୍ତକ ମୁଁ ଉନ୍ନତ ରଖିବି ।
ଏହି ଶପଥ ମାନି ମୁଁ ଚଳିବି ଜାଣ ।
ଶୁଭାଶିଷ ଦିଅନ୍ତୁ ଆହେ ସୁଜ୍ଞଜନ

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପଦ୍ମପୁର

# ଭାରତବର୍ଷ

ଅମ୍ରିତା ଅବନ୍ତିକା ସାହୁ, କାନ୍ଟୁଟ



ପାଞ୍ଚଟି ଅକ୍ଷରେ ମୋହର ନାମ
ଦେଶ ମଧ୍ୟରେ ମୁଁ ପ୍ରାଚୀନତମ ।
ପ୍ରଥମ ଅକ୍ଷର ଦ୍ୱିତୀୟ ତୁଳେ
ଓଜନକୁ ତାହା ବୁଝାଏ ଭଲେ
ପ୍ରଥମ ସଙ୍ଗେ ମିଶଲେ ତୃତୀୟ
ଓଡ଼ିଆଙ୍କର ତା ପ୍ରଧାନ ଖାଦ୍ୟ ।
ଦ୍ୱିତୀୟ ସହିତ ତୃତୀୟାକ୍ଷର
ଲାଗି ରହିବାଟି ଅର୍ଥ ତାହାର
ଚତୁର୍ଥ ସହ ପଞ୍ଚମ ମିଶିଲେ
ବାର ମାସକୁଟି ବୁଝାଏ ଭଲେ ।
ଚତୁର୍ଥ ସହ ଦ୍ୱିତୀୟ ମିଶାଇ
ପତିର ଅର୍ଥକୁ ଦେବ ବୁଝାଇ ।
ଶେଷ ଅକ୍ଷର ପୂର୍ବରୁ ହ ମିଶିଲେ
ଆନନ୍ଦ ଅର୍ଥକୁ ବୁଝାଇବଟି ଭଲେ
ମୋହର ନାମଟି ଯିଏ କହିବ
ଜ୍ଞାନୀଙ୍କ ମଧ୍ୟରେ ଗଣା ହୋଇବ ।

# ମାଁ

ଶ୍ରୀମତୀ ରଶ୍ମିତା ସାହୁ, ଗୃହିଣୀ



କଣ୍ଟାଟିଏ ଫୁଟିଗଲେ ପାଦରେ ମୋର ।
ତୋ ଆଖିରୁ ଝରେ ମାଆ ଲୋତକ ଧାର ॥
ତୋ ପଣତ ଧରି ମୁଁ ଯେ ଶିଖିଛି ଚାଲି ।
ଦୁଷ୍ଟାମୀ କଲେ ତୋ ଠାରୁ ଖାଇଛି ଗାଳି ॥
ତୋ ପାଇଁ ଦୁନିଆ ମୋତେ ଲାଗେ ସୁନ୍ଦର ।
ଧନ ନଥାଇ ନିଜକୁ ଭାବେଁ କୁବେର ॥
ଦୁନିଆଁରେ ତୋ ସ୍ନେହର ନାହିଁ ତୁଳନା ।
ତୋତେ ଦେଖି ଭୁଲିଯାଏଁ ସବୁ ବେଦନା ।
ମହିୟଷୀ ମାଗୋ ତୁହି ମୋର ଜନନୀ ।
ତ୍ୟାଗର ସାଗର ସେନେହର ତଟିନୀ ॥
ସବୁ ଦୋଷକୁ ମୋହର କରୁ ତୁ କ୍ଷମା ।
କହି ବୁଲୁ ମୋ ଧନର ନାହିଁ ଉପମା ॥
ତୁ ତ ମୋର ଜୀବନର ପ୍ରଥମ ଦେବୀ ।
ତୋ ପୂଜା ଛାଡ଼ି ମୁଁ କିଆଁ ମନ୍ଦିର ଯିବି ॥
ତୋ କୋଳକୁ ଝୁରିହୁଏ ଆଜି ମୋ ମନ ।
ତୋ ସେନେହ ପାଇଁ ନେବି ସାତ ଜନମ ॥
ଆଜି ଏ ଶୁଭ ବେଳାରେ ମାଆ ଗୋ ମୋର ।
ଘେନ ତୋ ସନ୍ତାନର ଟିକି ନମସ୍କାର ॥

**-ମାର୍ଫତ ସୁରଥ ସାହୁ, ସାମ୍ବାଦିକ**
**ଗ୍ରା/ପୋ.ଅ.- ପାଇକମାଲ, ଜି-ବରଗଡ଼**

# ଗୋଟିକରୁ କୋଟିଏ

ସୁଶ୍ରୀ ଖୁସି ସାହୁ



ଗୋଟିଏ ମଞ୍ଜିରୁ ଗୋଟିଏ ଗଛ,
ଆଣେ କୋଟିଏ ଫଳ
ଗୋଟିଏ ମେଘ ବର୍ଷିଲେ
ଜଳ ନରହେ ଥଳକୂଳ ।
ଗୋଟିଏ ପକ୍ଷୀ ଗାଇଲେ ଗୀତ - ମନ ବଦଳିଯାଏ
ଗୋଟିଏ ଶିଶୁ ହସରେ ପୁଣି
କୋଟିଏ ମନ ମୋହେ ।
ଗୋଟିଏ ଛାତ ଆକାଶ ତଳେ
ରହିଛୁଁ ବିଶ୍ୱବାସୀ
ଗୋଟିଏ ସୂର୍ଯ୍ୟ କୋଟିଙ୍କ ପାଇଁ
ଅନ୍ଧାର ଦିଏ ନାଶି ।
ଗୋଟିଏ ଚନ୍ଦ୍ର କୋଟିଙ୍କ ମାମୁଁ
ପୃଥିବୀ କରେ ଶିତଳ ।
ଗାନ୍ଧିଜୀ ତୁମେ ତପସ୍ୟା ଫଳେ
ଭାରତ ସ୍ୱାଧୀନ କଲ ।
ଗୋଟିଏ ଦୀପ ଉଠିଲେ ଜଳି ଅନ୍ଧାର ନାଶ ହୁଏ ।
ସେହି ଦ୍ୱୀପରୁ କୋଟିଏ ଦୀପ ଅଗ୍ନିଶିଖା ପାଏ ।
ଗୋଟିଏ ସତ୍ୟ କୋଟିଏ ମିଥ୍ୟା କଥାକୁ ଦିଏ କାଟି ।
କୋଟି ସନ୍ତାନ କରି ଧାରଣ ରହିଛି ଜନ୍ମମାଟି ।
ଗୋଟିଏ ଗୁରୁ ବଇଠାଭଳି ଦ୍ୟନ୍ତି ଜ୍ଞାନ ଆଲୋକ ।
ଆମେ ସମସ୍ତେ ତାହାଙ୍କୁ ପୂଜି ରଖିବା ଦେଶ ଟେକ ।

ସପ୍ତମ ଶ୍ରେଣୀ ଛାତ୍ରୀ
ସରକାରୀ ନୋଡ଼ାଲ୍ ପ୍ରାଥମିକ ବିଦ୍ୟାଳୟ,
କୁଡ଼ାସିଂହା, ଜି-ବଲାଙ୍ଗିର



# Teacher (ଶିକ୍ଷକ) ଶବ୍ଦର ପରିଭାଷା

ସୁଶ୍ରୀ ସିମ୍ରନ୍ ସାହୁ, ଛାତ୍ରୀ

ସାତଟି ଅକ୍ଷରେ ନାମ ମୋହର ।
ଇଂରାଜୀରେ ମୁହିଁ ଅଟେଁ
ଟିଚର Teacher (ଶିକ୍ଷକ)
ପ୍ରତି ଅକ୍ଷରକୁ ଆଗରେ ରଖି,
ସାତଗୋଟି ଶବ୍ଦ ପରିବା ଲେଖି
ବତାଇବ ମୋର ସାତଟି ଗୁଣ,
ଅଟଇଟି ମୁହିଁ କେଡ଼େ ମହାନ
T-ପ୍ରଥମ ଅକ୍ଷର ଆଗରେ ଥୋଇ
Trainer ଶବ୍ଦ ଗଢ଼ା ହୁଅଇ
ତାଲିମ ଦାତାଟି ଅଟଇଁ ମୁହିଁ ।
ଜୀବନରେ ରାସ୍ତା ଦିଏଁ ବତାଇ ।
ଦ୍ୱିତୀୟ ଅକ୍ଷର E କୁ ନେଇ
Educator ଟି ଲେଖା ହୁଅଇ
ଶିକ୍ଷାଦାତାକୁ ତା ବୁଝାଏ ଜାଣ
ଶିକ୍ଷାଦାନ ଅଟେ ମହତପୁର୍ଣ୍ୟ
Advisor ତୃତୀୟ ଅକ୍ଷର A କୁ କରିଣ ଆଗ
(ଉପଦେଷ୍ଟା) ଶବ୍ଦ ଲେଖା ହୋଇବ ।
ଦେଇଥାଏଁ ଟି ମୁଁ ସୁ-ପରାମର୍ଶ ।
ସେହି ଅନୁସାରେ ଚଳିବା ଆସ ।
C ଅକ୍ଷରକୁ ମୂଳରେ ଥୋଇ
Character
ଶବ୍ଦ ଗଢ଼ା ହୁଅଇ ।
ଚରିତ୍ର ଅଟଇ ସଂସାରେ ସାର ।
ଜୀବନେ ଏହାକୁ ନ୍ୟୁନ ନକର ।
H କୁ ପ୍ରଥମେ କରିବା ଛିଡ଼ା
(ହେବିଟ୍) ଶବ୍ଦଟି ହୋଇବ ଗଢ଼ା
ସୁଅଭ୍ୟାସ ସବୁ କରାଏଁ ନିତି ।
ଯେଣୁ କରି ମୁହିଁ ଗୁରୁ ଅଟେ ଟି ।
E ଅକ୍ଷରକୁ ଆଗରେ ଥୋଇ
Eradicator of evil ହୁଅଇ
ଦୂର କରାଇଣ ସବୁ ଦୁର୍ଗୁଣ ।
ମଣିଷକୁ ମୁଁ କରାଏଁ ମହାନ ।
R ରେ ହୁଅଇ
Reformer
ଦୁର କରାଏଁ ମୁଁ କୁ-ସଂସ୍କାର
ହେଲେ ଯାଇକରି ସୁସଂସ୍କାରିତ
ମାନବ ହୁଏ ଜଗତେ ବିଖ୍ୟାତ ।
ଶିକ୍ଷକଙ୍କ ଗୁଣ ଦେଲି ବଖାଣି
ମନରେ ରଖ ହେ ଭାଇ ଭଉଣୀ ।

ଆଦର୍ଶ ବିଦ୍ୟାଳୟ, ବିରିପାଲି,
ରାଜବୋଡ଼ା ସମ୍ବର ବ୍ଲକ୍

# ମାଗୁଣି ମୋହର ଘେନ

**ଶ୍ରୀମତୀ ସୁଷମା ସାହୁ (ଝିଲି)**, ଗୃହିଣୀ



ଆହେ ଜଗତ କର୍ତ୍ତା ତୋହରି ଦୟାରେ
ଜନମିଲି ମୁହିଁ ମଣିଷ ରୂପରେ ।
ଭୋଗିବାକୁ ମୋର ପୂରୁବ କରମ ।
କୁଆଁ କୁଆଁ ରାବି ହୋଇଲି ଜନମ ।
ମାତୃଗର୍ଭ ଅଟେ ନରକର ପୁର ।
ରହିବାଟି ତହିଁ ବହୁକଷ୍ଟକର ।
ଘନ ଅନ୍ଧକାର ରହି ଅଛି ପୁରି ।
ମାତୃ ମଳମୂତ୍ର ରହିଲୁ ଆବୋରି ।
ସେ ମାତୃଗର୍ଭରେ ଥିଲି ଯେତେକାଳ ।
ଯୋଡ଼ ହସ୍ତେ ମୁହିଁ ମାଗୁଥିଲି ଫଳ ।
ପ୍ରଭୁ ତୋତେ ଭୁଲି ପାଇଲି ଏ ଦଶା ।
ସର୍ବଦା ତୋ ନାମ କରିବି ମୁଁ ଘୋଷା ।
ମାତ୍ର ଯେତେବେଳେ ମାତୃଗର୍ଭ  ଛାଡ଼ି ।
ପଡ଼ିଲି ଭୂମିରେ କୁଆଁ କୁଆଁ ରଡ଼ି ।
ପୂର୍ବ ପ୍ରତିଶ୍ରୁତି ଗଲି ମୁଁ ପାଶୋରି ।
ବିଷୟା ବିଷ ଯେ ଗଲା ମୋତେ ଘେରି ।
ଘେରିଗଲା ମୋତେ ମୋହ ମାୟାବନ୍ଧ
ଇନ୍ଦ୍ରିୟ ଲାଳସା କଲା ମୋତେ ଅନ୍ଧ ।
ଧନରତ୍ନ ଆଉ ପୁତ୍ର ଦାରା ସୁତ ।
ସମସ୍ତେ ମିଶିଣ କଲେ ମତେ ବ୍ୟସ୍ତ ।
ଦେଖୁଛି ସଂସାରେ ସବୁଦିନ ପାଇଁ ।
ବଂଚିବି ନାହିଁ ମୁଁ ଏସବୁକୁ ନେଇ ।
ଏତିକି ମାଗୁଣି ଘେନାକର ମୋର
ତୁମକୁ ଯେମିତି ନ ଭୁଲେଁ ଏଥର ।
ମଲାବେଳେ ତୁମ ନାମକୁ ଜପିବି ।
ଦୟାକର ଆଉ ଜନ୍ମ ମୁଁ ନହେବି ।

**ଗ୍ରା-ସୁନାମୁଦି, ଜି:-ବଲାଙ୍ଗିର**

# କାଳିଆର ବେଶ

**ସୌଦାମିନୀ ସାହୁ**, ଗୃହିଣୀ



ଜଗତର ଠାକୁର କାଳିଆ ଆମରି
ବିଭିନ୍ନ ବେଶ ହୁଅନ୍ତି ।
ରବିବାରେ ପିନ୍ଧି କାଳିରଙ୍ଗ ପାଟ
କେଡ଼େ ସୁନ୍ଦର ଦିଶନ୍ତି ।
ଧଳାରଙ୍ଗ ପରେ କଳାଛିଟ ଥାଇ
ପିନ୍ଧନ୍ତି ସୋମବାରରେ ।
ଆହା କି ସୁନ୍ଦର ଦିଶନ୍ତି ଠାକୁରେ
କହି ନୁହଇ ଭାଷାରେ ।
ପାଞ୍ଚରଙ୍ଗ ବସ୍ତ୍ର କେଡ଼େ ମନଲୋଭା
ମଙ୍ଗଳବାରେ ମଣ୍ଡନ ।
ଭୁଲି ହୋଇଯାଏ ଶୋକ ଦୁଃଖ ସବୁ
କରିଲେ ତାହା ଦର୍ଶନ ।
ନୀଳବର୍ଣ୍ଣ ପାଟ ବୁଧରେ ପିନ୍ଧନ୍ତି
ସରାଗେ ଚକା ଆଖିଆ
ଭକ୍ତଙ୍କ ଗହଳ ହୁଏ ସେହିଦିନ
ଜଗା ଦିଶନ୍ତି ବଢ଼ିଆ ।
ପାଟପୀତ ବାସ ଗୁରୁବାର ଦିନ
ପିନ୍ଧିଣ ହୁଅନ୍ତି ଖୁସି ।
ଧଳା ରଙ୍ଗଟିକୁ ଶୁକ୍ରବାରରେ
ପରିଧାନ କରିଥାନ୍ତି ।
ଶନିରେ ହୁଅନ୍ତି କୃଷ୍ଣ ଭଳି ବେଶ
ରାହୁ ଆସେ ନାହିଁ ପାଖ ।
ସାତବାରେ ସାତ ରଙ୍ଗ ଦେଖିକରି
ଦୂର ହୋଇଥାଏ ଦୁଃଖ ।

**ଗ୍ରା/ପୋ ଅ:- ସୁନାମୁଦି,  ଜି:- ବଲଙ୍ଗିର**

# ସାଇ ମୋଟର୍ସ



**ଚାରିଚକିଆ ଯାନ ଓ ସମସ୍ତ ଟ୍ରାକ୍ଟର ଯନ୍ତ୍ରାଂଶ**
**ମିଳିବାର ନିର୍ଭରଯୋଗ୍ୟ ଦୋକାନ**

**ପଦ୍ମପୁର ରୋଡ଼, ବସ୍‌ଷ୍ଟାଣ୍ଡ୍ ପାଖ, ପାଇକମାଲ**
**ପୋ.ଅ. ପାଇକମାଲ, ଜି. ବରଗଡ଼-୭୬୮୦୩୯**

*କୁବେର ସମାଜ ମହାସଭାର ପଞ୍ଚଦଶ ସାଧାରଣ ଅଧିବେଶନ ଉପଲକ୍ଷେ କୁବେର ଯୁବାମଞ୍ଚର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ସମାଜରେ କ୍ରାନ୍ତି ଓ ଶାନ୍ତି ପ୍ରତିଷ୍ଠା କରି କୁବେର ସମାଜକୁ ପ୍ରଗତି ପଥରେ ଆଗେଇ ନେବାକୁ କୁଳ ଦେବତା 'କୁବେର' ଯୁବ ସମାଜକୁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ, ଏହା ହିଁ କାମନା ।*

*ପ୍ରୋ: ସୁଧାଂଶୁ ଶେଖର ସାହୁ (ମାର୍ଫତ୍: ଲକ୍ଷ୍ମଣ ସାହୁ)*
*ମୋ: ୯୯୩୮୫୪୯୫୬୯*

# ସ୍ୱଜାତି ସ୍ମରଣେ



**ବିଜୟ କୁମାର ସାହୁ**

କୁବେର ସମାଜ ପ୍ରଥମ ବୈଠକ
(୨୬/୦୨/୨୦୦୧) ହୁଏ ଘୁନସର ଠାରେ
ଜାତିଭାଇ ମାନେ ମିଳିତ ହୁଅନ୍ତି ଅତି ଆନନ୍ଦ ମନରେ ।
ନେତୃତ୍ୱ ନିଅନ୍ତି ଭରତଚନ୍ଦ୍ର ପୃଷ୍ଟି ଅଚ୍ୟୁତାନନ୍ଦଙ୍କ ସାଥେ
ଜାତି ପ୍ରେମୀ ଭାଇ ସମାଜ ଗଠନେ ଏକ ହୁଅନ୍ତି ସମସ୍ତେ
ମହାନ୍ ତୀର୍ଥସ୍ଥାଳୀ ହରିଶଙ୍କର୍ ଠାରେ
ଦ୍ୱିତୀୟ ବୈଠକ (୨୮/୦୪/୨୦୦୧) ହୁଏ
କୁବେର ସମାଜ ଗଠନ ନିମନ୍ତେ ପଣ କରନ୍ତି ସଭିଏଁ ।
ଭରତ୍ ଚନ୍ଦ୍ର ପୃଷ୍ଟି ସଭାପତି ଭାବେ ଆସନ ଗ୍ରହଣ କଲେ
ବସନ୍ତ ଖୁଂଟିଆ ପୂର୍ଣ୍ଣ ସମର୍ଥନେ ଉପସଭାପତି ହେଲେ ।
ଂ ଅନିରୁଦ୍ଧ ସାହୁ ସମ୍ପାଦକ ହୋଇ ନିଅନ୍ତି ସର୍ବଦାୟିତ୍ୱ
ଉତ୍ତମ ସମାଜ ଗଢ଼ିତୋଳିବାକୁ ନିଅନ୍ତି ବଜ୍ର ଶପଥ ।
ପରଲୋକଗତ ଂ ଗୋପିନାଥ ସାହୁ ଆନନ୍ଦ ଉଲ୍ଲାସ ମନେ
ସମାଜ ଉତ୍‌ଥାନେ ପ୍ରେରଣା ଦିଅନ୍ତି ଗୀତ କବିତା ମାଧ୍ୟମେ ।
(୦୧.୦୩.୨୦୦୫) ଦୁଇ ହଜାର ପାଂଚ ମସିହାରେ
ହୁଏ ତୃତୀୟ ଅଧିବେଶନ
ସଭାସ୍ଥଳ ପାଇଁ ଧୁବଳପଡ଼ାକୁ ବାଛିଲେ ଉତ୍ତମ ସ୍ଥାନ ।
ଭରତ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ନାମ ହୋଇଲା ଘୋଷଣା
କୁବେର ସମାଜ ପଶ୍ଚିମାଂଚଳ ଓଡ଼ିଶା ଭାବରେ ଜଣା ।
ପରଲୋକଗତ ଂ ନବ ସାହୁଙ୍କର ଜାତି ପ୍ରୀତି ପଡ଼େ ମନେ ।
ତନମନ ଧନ ଅର୍ପଣ କରନ୍ତି ଜାତି ସମାଜ ଗଠନେ ।
ବୁରୋମୁଣ୍ଡା ଠାରେ ଚତୁର୍ଥ ବାର୍ଷିକ
(୦୧.୦୩.୨୦୦୬) ମହାସଭା ଅନୁଷ୍ଠିତ
ପରଲୋକଗତ ଂ ତରଣୀସେନଙ୍କ ଉଦ୍ୟମରେ ସମାପିତ ।
କୁବେର ସମାଜ କଳେବର ବଢେ ସାହି ଭାଇଙ୍କ ଚେଷ୍ଟାରେ
ବିଭିନ୍ନ ସ୍ଥାନରେ ମହାସଭା ହୁଏ ସାହିଭାଇଙ୍କ ଅର୍ଥରେ ।
ବିଜୟ ସାହୁଯେ ସଂପାଦକ ଭାବେ ତହୁଁ ହେଲେ ମନୋନୀତ

ସ୍ୱୀକାରୋକ୍ତି ଦେଲେ ସମାଜ ସେବାରେ ସଦା ହୋଇଥିବେ ରତ ।
(୦୧.୦୩.୨୦୦୭) ଦୁଇହଜାର ସାତ ମସିହାରେ
ଅଙ୍ଗ ନଦୀର କୂଳରେ
ମହା ଆଡ଼ମ୍ବରେ ମହାସଭା ହୁଏ ମାଣ୍ଡୋସିଲ୍ ସାହିରେ ।
ଖଇରପାଲି ସାହି ନିୟନ୍ତ୍ରଣ କ୍ରମେ
ସୋହେଲା ଝରଣା କୂଳେ (୦୧.୦୩.୨୦୦୮)
୬ଷ୍ଠ ବାର୍ଷିକ ମହାସଭା ହୁଏ ଦୁଇ ହଜାର ଆଠ ସାଲେ ।
ଯୋଗଦାନ କଲେ ସାବିତ୍ରୀ ଚୌଧୁରୀ ନିମନ୍ତ୍ରଣ ରକ୍ଷା କରି
ତାଙ୍କ ସଂଗେ ପୁଣି ସତ୍ୟନାରାୟଣ ସୁରେଶ ଚନ୍ଦ୍ର ରାମହରି ।
ସାହି ସଭାପତି, ସାହି ଭାଇମାନେ ପ୍ରକାଶନ୍ତି ନିଜ ମତ
ବାଧାବିଘ୍ନ ଏଡ଼ି ଆଗୁସାର ହେବା ଉଡ଼ାଇ ଜାତିର କେତ ।
କୁବେର ସମାଜ ମହାନ ସଂସ୍କୃତି ସଭାରେ ମଗ୍ନ ହୁଏ
ସାହି ଭାଇଙ୍କର ହୃଦୟ ମଧ୍ୟରେ ମହାନନ୍ଦ ଖେଳିଯାଏ ।
(୦୧.୦୩.୨୦୦୯) ଦୁଇ ହଜାର ନଅ
ମାର୍ଚ୍ଚ ମାସର ଏକ ଦୁଇ ତାରିଖରେ
ସପ୍ତମ ବାର୍ଷିକ ମହାସଭା ହେଲା ଟିଟିଲାଗଡ଼ ସହରେ ।
ସଭାଜନେ ମିଶି ନୂଆ କର୍ମକର୍ତ୍ତା ନିର୍ବାଚିତ କରିଥିଲେ
ନବ ସଭାପତି ବସନ୍ତ ଖୁଂଟିଆ ଜାତିର ମଙ୍ଗ ଧଇଲେ ।
ଆହ୍ୱାନ କରନ୍ତି ଯୁବକ ଯୁବତୀ ନେବାକୁ ଗୁରୁଦାୟୀତ୍ୱ
ଯୁବାମଞ୍ଚ ଆଉ ମାତୃମଞ୍ଚ ଗଢ଼ି ରଖିବାକୁ ଜାତି ଟେକ ।
ସମାଜ ପ୍ରେମରେ ଉଦବୁଦ୍ଧ ହୋଇ ଛତିଶଗଡ଼ ସାହି ଭାଇ
ପ୍ରସ୍ତାବ ରଖିଲେ ଚନ୍ଦ୍ରପୁର ଠାରେ ଅଷ୍ଟମ ସଭାର ପାଇଁ ।
ଜଗତ୍‌ଜନନୀ ମୋକ୍ଷ ଦାୟିନୀ ଚନ୍ଦ୍ରହାସିନୀ ପୀଠରେ
(୨୭.୧୨.୨୦୧୦)
ଅତି ଆଡ଼ମ୍ବରେ ମହାସଭା ହୁଏ ମାରୱାଡ଼ି ଧର୍ମଶାଳାରେ ।
ମାତୃମଂଚ, ଯୁବାମଂଚ ସଂଗେ କମିଟୀର ସଭ୍ୟବୃନ୍ଦ
ମୂଖ୍ୟ ଭୂମିକାରେ ଶ୍ରୀ ମଧୁସୁଦନ ହୋଇଣ ଅତି ଆନନ୍ଦ ।
ସହ ସଂପାଦକ ଚୂଡ଼ାମଣୀ ସାହୁ କଷ୍ଟ ସହି ରାତ୍ର ଦିନ
ଜାତି ସମ୍ବିଧାନ ପ୍ରକାଶ କରିଣ ରଖିଲେ ଜାତିର ମାନ ।
ଆବର ପ୍ରସ୍ତାବ କାର୍ଯ୍ୟାଳୟ ପାଇଁ ସଭାପତି ପ୍ରକାଶିଲେ
ପିତାଙ୍କ ସ୍ମରଣେ ଲକ୍ଷେ ଟଙ୍କା ଦାନ ଭରତ ସାହୁ ଯେ ଦେଲେ ।
ଶ୍ୟାମ ପୃଷ୍ଟିଙ୍କର ବହୁଳ ଉଦ୍ୟମେ ଉଦ୍ୟାନବନ୍ଧ ସାହିରେ
ନବମ ସଭାଟି ଅନୁଷ୍ଠିତ ହୁଏ (୨୭.୧୨.୨୦୧୧)

ଦୁଇ ହଜାର ଏଗାରରେ ।
ଯୁବ ଆଉ ମାତୃ ସମ୍ମିଳନୀ ପାଇଁ ପ୍ରସ୍ତାବ ହୁଏ ଗୃହୀତ
ସଫଳ ପ୍ରୟାସେ ଛତିଶଗଡ଼ ଭାଇ ନିଅନ୍ତି ଗୁରୁଦାୟୀତ୍ୱ ।
ଏପ୍ରିଲ ପନ୍ଦର ଦୁଇହଜାର ବାର
(୧୫.୦୪.୨୦୧୨) ଚନ୍ଦ୍ରହାସିନୀ ପୀଠରେ
ସମାପିତ ହୁଏ ଏହି ସମ୍ମିଳନୀ ଜୟ କୁବେର ଧ୍ୱନୀରେ
ଗୁରୁନାନକ ଧର୍ମଶାଳା ବସନାରେ
(୩୦.୧୨.୨୦୧୨) ଦଶମ ସଭାଟି ହେଲା
ଦୁଇ ହଜାର ବାର ଅନ୍ତିମ ଦି'ଦିନ ଜାତିର ନେତ ଉଡ଼ିଲା ।
ଅର୍ଥାଭାବ ହେତୁ ସହର ମଧ୍ୟରେ ଭୂମି ଠାବ ହେଲା ନାହିଁ
କର୍ମକର୍ତ୍ତାମାନେ ସଂକଳ୍ପ କରନ୍ତି କାର୍ଯ୍ୟାଳୟ ହେବା ପାଇଁ ।
ତାରାଚାନ୍ଦ ସାହୁ ଚାରି ଡ଼େସିମିଲ ଜମିଦାନ କଲେ ମହୁଲପାଲିରେ
ଜାତି ଭାଇ ମାନେ ପ୍ରଂଶସା କରନ୍ତି ତାଳିମାରି ଉଚ୍ଚ ସ୍ୱରେ ।
ପୂଜ୍ୟ ବିଧାୟକ ସତ୍ୟଭୂଷଣ ଦାନ କଲେ ଲକ୍ଷେ ଟଙ୍କା
ଜାତିର ଉତଥାନେ ପ୍ରତ୍ୟେକ ସଭାରେ ଦେଇଥାନ୍ତି କେତେ ଶିକ୍ଷା ।
ଜାତି ପ୍ରେମୀମାନେ ଅକୁଣ୍ଠ ଚିତ୍ତରେ ଯଥାଶକ୍ତି ଦାନ କଲେ
ଦାନ କଲେ ପୁଣି କୁନି ପୁଅ ଝିଅ କାର୍ଯ୍ୟାଳୟ ନିର୍ମାଣରେ ।
ଲକ୍ଷ୍ମଣ ସାହୁଙ୍କ ଅକ୍ଳାନ୍ତ ଉଦ୍ୟମେ ପାଇକମାଲ ସାଇ ଭାଇ
(୩୦.୧୨.୨୦୧୩) ଏକାଦଶ ସଭା
କରିଲେ ସମ୍ପନ୍ନ ସର୍ବେ ଏକାକାର ହୋଇ ।
କୁବେର ଦେବତା ଅନୁଗ୍ରହ କ୍ରମେ ବରଗଡ଼ ସହରରେ
(୨୩.୧୨.୨୦୧୪) ଦ୍ୱାଦଶ ସଭାଟି
ଅନୁଷ୍ଠିତ ହୁଏ ରାଣିସତୀ ଭବନରେ ।
ଧୁରିଣ ଓକିଲ ଶ୍ରୀଧର ସାହୁଙ୍କୁ ଧନ୍ୟବାଦ ଦିଏ ଜାତି
ତାଙ୍କ ପ୍ରେରଣାରେ ବରଗଡ଼ ସାହି ଖଟିଥିଲେ ଦିବା ରାତି ।
ମାତୃଶକ୍ତିଙ୍କର ଉପସ୍ଥାନ ଦେଖି ଆଶ୍ଚର୍ଯ୍ୟ ଅତିଥିଗଣ
ପଶ୍ଚିମ ଓଡ଼ିଶା କୁବେର ଭାଇଙ୍କୁ ସହୃଦୟେ କଲେ ଧନ୍ୟ ।
(ତା.୨୫.୧୨.୨୦୧୫) ତ୍ରୟୋଦଶ ସଭା
ଅନୁଷ୍ଠିତ ହୁଏ ସୁଦୂର ଜୁନାଗଡ଼ରେ
ମହା ଆଡ଼ମ୍ବରେ ସଭାକାର୍ଯ୍ୟ ହୁଏ ଉଦ୍ଧବଙ୍କ ନେତୃତ୍ୱରେ ।
ରକ୍ତ ଦାନ କଲେ ଔଷଧ ବାଣ୍ଟିଲେ କରିଲେ କମ୍ବଳ ଦାନ
ଯାତ୍ରୀମାନଙ୍କର ସୁବିଧା ନିମନ୍ତେ ଆଶ୍ରୟ ସ୍ଥଳ ନିର୍ମାଣ ।

ପାଟଣେଶ୍ୱରୀଙ୍କ ଆର୍ଶିବାଦ ହେତୁ ପାଟଣାଗଡ଼ ସହରେ
(୨୫.୧୨.୨୦୧୬) ଚତୁର୍ଦ୍ଦଶ ସଭା
ଅନୁଷ୍ଠିତ ହୁଏ ଭୋଲାନାଥ ମଣ୍ଡପରେ ।
ପାଟଣାଗ୍ରୁପ୍‌ର ସାହି ଭାଇମାନେ ବିଜୟ ସାହୁଙ୍କ ଡାକେ
ସମାପନ କଲେ ଦୁଇ ଦିନର କାର୍ଯ୍ୟ ସଫଳେ ଦିବସ ଏକେ ।
ନବ କର୍ମକର୍ତ୍ତା ନିର୍ବାଚିତ ହେଲେ ପାଟଣାଗଡ଼ ସଭାରେ
ରାମହରି ସାହୁ ସଭାପତି ପଦ ଗ୍ରହଣ କଲେ ଖୁସିରେ ।
କୁବେର ସମାଜ ଆଲୋକ ବର୍ତ୍ତିକା ଦ୍ୱିଗୁଣିତ ହୋଇଯିବ
ଜନହିତକର କାମ କରି ଦିନେ ଉଚ୍ଚ ସ୍ଥାନେ ପହଂଚିବ ।
ସୁଶିକ୍ଷିତ ପ୍ରହଲ୍ଲାଦ, ଲିଙ୍ଗରାଜ, ରମେଶ ଯୁବକ ଗଣ
ଆବେର ଶୁଶିଳ ଯୁବାମଂଚ କରି କଲେ କେତେ ରକ୍ତଦାନ ।
ବୋଇତ ବନ୍ଦାଣ ଉତ୍ସବ ପାଳନ୍ତି ପଦ୍ମପୁର ଯୁବାମଂଚ
ଜାଗ୍ରତ କରାନ୍ତି ସାଧବ ଜାତିର ପୂର୍ବ ସ୍ମୃତିକୁ ନିଶ୍ଚିତ ।
ମହୁଲପାଲି ଠାରେ କାର୍ଯ୍ୟାଳୟ ଗୃହ ଉଦଘାଟନ ହେଲା ଭାଇ
ନୂଆ ସଭାପତି ଉତ୍ସର୍ଗ କଲେ ତା ସମାଜ କଲ୍ୟାଣ ପାଇଁ ।
ଦାୟିତ୍ୱ ଅର୍ପଣେ ଖେଦ ନାହିଁ ମନେ ସଦା ସେବାରେ ମୁ ରତ
ଏନ୍ତୁଡ଼ିଶାଳରୁ ଶୈଶବ ଯାଏ ଚଲାଇଛି ଧରି ହାତ ।
(୨୪.୧୨.୨୦୧୭) ସ୍ଥିର ହୋଇଛି
ପଞ୍ଚଦଶ ସଭା ହେବ ପଦ୍ମପୁର ଠାରେ
ସାହି ଭାଇ ମାନେ ହୋଇ ଉପସ୍ଥିତ ସଫଳ କରିବେ ତାରେ ।
ବିଜୟ ଏ କହେ ବିଜୟ ନିର୍ଣ୍ଣୟେ ବିଜେତା ଏ ଜାତି ସଦା
ବିଜୟ ସମ୍ବର ଧରି ଆଗୁସାର ଯେତେ ଆସୁ ବିଘ୍ନ ବାଧା ।
ପଶ୍ଚିମାଞ୍ଚଳ କୁବେର ସମାଜ ହେବନାହିଁ ବାଟବଣା
ପୂର୍ବ ସଂପାଦକ ବିଜୟ ସାହୁଙ୍କ କୁବେର ପଦେ ପ୍ରାର୍ଥନା ।

**ପୂର୍ବତନ ସାଧାରଣ ସଂପାଦକ,**
